

ବିକାଶର ଅଧୁରା ସ୍ୱପ୍ନ ପୁରା ହେବ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବିଶ୍ୱର ଟପ୍-୧୦ ସୁନ୍ଦରୀରେ କ୍ରିତି |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୫ Vol. 22 No-135 14 AUGUST 2025 THURSDAY, BHUBANESWAR ଗୁରୁବାର, ୧୪ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଏନ୍‌କାଉଣ୍ଟରରେ ମାଓବାଦୀ ନିହତ

ବିଶ୍ରା,୧୩।୮(ଭାସ୍କର ନ୍ୟୁଜ): ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲା ଗୋଏଲକରା ଥାନା ପୋଷେଇତା ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ତା'ଠାରୁ ଏକ ଏସଏଲଆର ବନ୍ଧୁକ ଜବତ କରାଯାଇଛି। ସୁରକ୍ଷାକର୍ମୀଙ୍କୁ ଗୁଳିଚାଳନା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ପଳାଇ ଯାଇଥିବା ସୂଚନା ମିଳିଛି।

### ଚାଷୀ ଆତ୍ମହତ୍ୟା ଅଭିଯୋଗ

ଟିଟିଲାଗଡ଼,୧୩।୮(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ବ୍ଲକ କଣ୍ଡରା ଗାଁରେ ଜଣେ ଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଦିନିଆ ବର୍ଷାରେ କପା ଓ ଧାନ ଫସଲ ନଷ୍ଟ ହୋଇଥିବାରୁ ଋଣ ସୁଝିବା ଚିନ୍ତାରେ ସେ ଆତ୍ମହତ୍ୟା କରିଥିବା ପରିବାରବର୍ଗ କହିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା।


### ସ୍ୱାମୀର ତଣ୍ଟିଚିପି ମାରିଦେଲା ସ୍ତ୍ରୀ

ସୁନ୍ଦରଗଡ଼,୧୩।୮(ଭାସ୍କର ନ୍ୟୁଜ): ବୁଧବାର ସକାଳେ ସୁନ୍ଦରଗଡ଼ ଟାଉନଥାନା ଅଧୀନ ମିଶନ ରୋଡରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ପତ୍ନୀ ସ୍ୱାମୀର ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପତ୍ନୀକୁ ଅଟକ ରଖି ତଦନ୍ତ ଚଳାଇଥିବାବେଳେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି।

ସେନ୍‌ସେକ୍ସ: ୮୦,୫୩୯.୯୧
ସର୍ବାଧିକ: ୩୧.୨ ଡିଗ୍ରୀ
ସର୍ବନିମ୍ନ: ୨୭.୪ ଡିଗ୍ରୀ

**୧୩।୮।୨୦୨୫ ର ମତାମତ**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଲିସ ପଦକ୍ଷେପ ନେବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ଶ୍ରୀମନ୍ଦିର ସୁରକ୍ଷା ନେଇ ରାଜ୍ୟ ସରକାର କଠୋର ପଦକ୍ଷେପ ନେବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଅନ୍ତରାଷ୍ଟ୍ରୀୟ ସୀମାରେ ସୁରକ୍ଷା ବୃଦ୍ଧି

# ଘନେଇଲା ବଡ଼ ଯୁଦ୍ଧ ଆଶଙ୍କା





- ଅନ୍ତରାଷ୍ଟ୍ରୀୟ ସୀମାଠାରୁ ୨ କିମି ପର୍ଯ୍ୟନ୍ତ କର୍ଫ୍ୟୁ ଜାରି
- ଆତଙ୍କୀ ଗତିବିଧି ଉପରେ ରଖାଯାଇଛି କଡ଼ା ନଜର
- ସୁରକ୍ଷା ଏଜେନ୍ସି ସହ ଚାଲିଛି ଘନଘନ ବୈଠକ
- ଶାମ୍ବା ଜିଲ୍ଲାରେ ଅତିରିକ୍ତ ବିଏସ୍‌ଏଫ ଯବାନ ମୁତୟନ

ନୂଆଦିଲ୍ଲୀ/ଶ୍ରୀନଗର,୧୩।୮: ଉତ୍କଟ ଖାଦ୍ୟାଭାବ ଏବଂ ଆର୍ଥିକ ସଂକଟ ଦେଇ ଗତି କରୁଥିବା ପାକିସ୍ତାନର ମୁହଁଟାଣ କମୁନାହିଁ । ଅପରେସନ ସିନ୍ଦୂର ପରେ ଚୁପ୍‌ଚାପ୍ ବସିଥିବା ପାକିସ୍ତାନ ଏବେ ଭାରତ ବିରୋଧରେ ଅପପ୍ରଚାର କରିବା ଆରମ୍ଭ କରିଛି। ଏପରିକି ପରମାଣୁ ଯୁଦ୍ଧ ଧମକ ସହ ଆତଙ୍କୀ କାର୍ଯ୍ୟକଳାପ ବୃଦ୍ଧି ପାଇଁ ଧମକ ଦେଉଛି। ଯାହାକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ଆତଙ୍କବାଦର ଜନନୀ ପାଲଟିଥିବା ପାକିସ୍ତାନୀ ନେତାମାନେ ଭାରତ ଉପରେ ବିଳିବିଳେଇବା ଆରମ୍ଭ କରିଛନ୍ତି। ପ୍ରଥମେ ପାକ୍ ସେନାମୁଖ୍ୟ ମୁନୀର ଏବଂ ବିଲାୱାଲ ଭୁଟ୍ଟୋଙ୍କ ଧମକ ପରେ ଏବେ ଭାରତକୁ ଧମକ ଦେଇଛନ୍ତି ପାକ୍ ପ୍ରଧାନମନ୍ତ୍ରୀ ସହବାଜ ସରିଫ। ଯାହାକୁ ନେଇ ବଡ଼ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି। ତେଣୁ ସୀମାରେ ଭାରତ ପକ୍ଷରୁ ସୁରକ୍ଷା ବୃଦ୍ଧି କରାଯାଇଛି। ଜାମ୍ମୁକାଶ୍ମୀରର ଶାମ୍ବା ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଅତିରିକ୍ତ ବିଏସଏଫ ଯବାନଙ୍କୁ ସୀମାରେ ମୁତୟନ କରାଯାଇଛି। ଅନ୍ତରାଷ୍ଟ୍ରୀୟ ସୀମାଠାରୁ ୨ କିମି ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ହୋଇଛି। ଅନ୍ତର୍ଜାତୀୟ ସୀମାରେ ମଧ୍ୟ ଆତଙ୍କୀଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ସହ ସରକାର ଘନଘନ ଆଲୋଚନା ଜାରି ରଖିଛନ୍ତି। କୁହାଯାଉଛି, ପାକିସ୍ତାନର ବାରମ୍ବାର ଧମକ ପରେ ଭାରତ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଶାମ୍ବା ଜିଲ୍ଲା ଅନ୍ତର୍ଜାତୀୟ ସୀମା ନିକଟରେ ରାତି ୧୦ଟାରୁ ଭୋର ୫ଟା ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି। ଦୁଇମାସ ପର୍ଯ୍ୟନ୍ତ ଏହି ପ୍ରତିବନ୍ଧକ ଜାରି ରହିବ। କର୍ଫ୍ୟୁ ସମୟରେ ସୀମା ନିକଟରେ କାହାକୁ ଯିବାଆସିବା ନେଇ ଅନୁମତି ଦିଆଯିବ ନାହିଁ। କେବଳ ଜରୁରି କାମ ଥିଲେ ମୁତୟନ ଥିବା ଯବାନଙ୍କୁ ପରିଚୟପତ୍ର ଦେଖାଇ ଯା-ଆସ କରିପାରିବେ। କର୍ଫ୍ୟୁ ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନର ଚେତାବନୀ ଦିଆଯାଇଛି। • ପୃଷ୍ଠା ୫ ଦେଖନ୍ତୁ

## କମିବ କି ଟାରିଫ ଟେନ୍‌ସନ୍

# ଆସନ୍ତା ମାସରେ ମୋଦୀ-ଟ୍ରମ୍ପ ଭେଟ୍‌ଘାଟ୍!



ନୂଆଦିଲ୍ଲୀ,୧୩।୮: ଭାରତ-ଆମେରିକା ମଧ୍ୟରେ କମିବ କି ଟାରିଫ ଟେନ୍‌ସନ୍? ଟାରିଫ ଯୁଦ୍ଧ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଭେଟ୍‌ଘାଟ୍ ହେବାର ସମ୍ଭାବନା ରହିଛି। ଆସନ୍ତାମାସରେ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ଗସ୍ତ କରିବାର ସମ୍ଭାବନା ରହିଛି। ମିଳିତ ଜାତିସଂଘର ଏକ ସଭାରେ ଯୋଗଦେବା ପାଇଁ ସେ ୟୁଏସ୍ ଗସ୍ତ କରିପାରନ୍ତି। ଟାରିଫ ବିବାଦ ଭିତରେ ଟ୍ରମ୍ପଙ୍କୁ ଭେଟିପାରନ୍ତି ମୋଦୀ। ଦୁଇ ନେତାଙ୍କ ମଧ୍ୟରେ ଟାରିଫ ସମେତ ଅଟକିଥିବା ଟ୍ରେଡ୍ ଡିଲ ବାବଦରେ ଆଲୋଚନା ହେବାର ମଧ୍ୟ ସମ୍ଭାବନା ରହିଛି। ସେପ୍ଟେମ୍ବର ୨୩ରୁ ୨୭ ତାରିଖ ଯାଏ ନ୍ୟୁୟର୍କରେ ୟୁଏନଜିଏର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ୟୁଏନଜିଏର ୮୦ତମ ଅଧିବେଶନ ଆସନ୍ତା ସେପ୍ଟେମ୍ବର ୯ରୁ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ମୋଦୀ ଏହି ସାଧାରଣ ସଭାରେ ଯୋଗ ଦେବାପାଇଁ ଆମେରିକା ଗସ୍ତ କରିପାରନ୍ତି। ଉଚ୍ଚସ୍ତରୀୟ ଜେନେରାଲ ବିତର୍କ ସେପ୍ଟେମ୍ବର ୨୩ରୁ ୨୯ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ପାରମ୍ପରିକ ଭାବରେ ବ୍ରାଜିଲ ଅଧିବେଶନର ପ୍ରଥମ ବକ୍ତା ହେବ। ଏହାପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେପ୍ଟେମ୍ବର ୨୩ରେ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଭାରତ ସହିତ ଇସ୍ରାଏଲ, ଚୀନ୍, ପାକିସ୍ତାନ ଏବଂ ବାଂଲାଦେଶ ସରକାରର ପ୍ରମୁଖମାନେ ସେପ୍ଟେମ୍ବର ୨୬ରେ ଜାତିସଂଘ ସାଧାରଣ ସଭାର ସାଧାରଣ ବିତର୍କକୁ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୨୬ରେ ୟୁଏନଜିଏ ବକ୍ତା ତାଲିକାରେ ଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ସୂଚନାଯୋଗ୍ୟ ଯେ ଭାରତ ଓ ଆମେରିକା ମଧ୍ୟରେ ବ୍ୟବସାୟ ବୁଝାମଣାରେ ସବୁଠୁ ବଡ଼ ଅସୁବିଧା ରହିଛି। କୃଷି, ଦୁଗ୍ଧଜାତୀୟ ଉତ୍ପାଦକୁ ଆମେରିକୀୟ ବଜାର ଖୋଲିବା ପାଇଁ ଭାରତ ରାଜି ନାହିଁ। ଏହା ଭିତରେ ଟ୍ରମ୍ପ ୨୫ ପ୍ରତିଶତ ଟାରିଫ ସହିତ ରୁଷଠାରୁ ତେଲ କିଣିବା କାରଣରୁ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଫଳରେ ମୋଟ ଟାରିଫ ୫୦ ପ୍ରତିଶତ ରହିଛି। ଭାରତ ରୁଷଠାରୁ ତେଲ କିଣିବା ନେଇ ଆମେରିକା ଅସନ୍ତୋଷ ପ୍ରକାଶ କରୁଛି। ସୂଚନାଯୋଗ୍ୟ ଯେ ରୁଷଠାରୁ ଭାରତ ତେଲ ଆମଦାନୀ କରୁଥିବାରୁ ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଚଣ୍ଡ କ୍ଷୁବ୍ଧ ହୋଇଛନ୍ତି। ସେ ନିଜର କ୍ରୋଧ ଭାରତ ଉପରେ ସୁଝାଇବାରେ ଲାଗିଛନ୍ତି। ପ୍ରଥମେ ସାମଗ୍ରୀ ଉପରେ ୨୫ ପ୍ରତିଶତ ଟାରିଫ ଲଗାଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୨୫ ପ୍ରତିଶତ ଲଗାଇ ଭାରତର ଅର୍ଥନୀତିକୁ ଦୁର୍ବଳ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି।

## ଏମଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସମୟ ଉପଯୋଗୀ



ଭୁବନେଶ୍ୱର,୧୩।୮(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ 'ଏମ.ଏଲ.ଏ ଲ୍ୟାଡ଼' ଓ 'ସିଏମ୍-ଏସ୍.ଏ'ର ସରଳୀକୃତ ଗାଇଡଲାଇନ ଉନ୍ମୋଚିତ କରିବା ସହିତ ଏମ.ଏଲ.ଏ ଲ୍ୟାଡ ୱେବ୍ ପୋର୍ଟାଲର ମଧ ଶୁଭାରମ୍ଭ କରିଛନ୍ତି। କ୍ୟାବିନେଟ୍ ବୈଠକ ଆରମ୍ଭ ହେବା ପୂର୍ବରୁ ସମସ୍ତ କ୍ୟାବିନେଟ୍ ସହଯୋଗୀ ମାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀର ସରଳୀକରଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସରଳ ଓ ସମୟ ଉପଯୋଗୀ ହୋଇପାରିଛି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ନୂତନ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହିତ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମି ଗୁଡିକୁ ଶୀଘ୍ର ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ । ଏହି ନୂଆ ଗାଇଡଲାଇନରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ, ଅନାବଶ୍ୟକ ପ୍ରକଳ୍ପଗୁଡିକୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହା ସହିତ ପ୍ରକଳ୍ପର ସୁପାରିଶଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ (କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି । ସେହିପରି ସିଏମ-ଏସ.ଏ ଗାଇଡଲାଇନର ମଧ ସରଳୀକରଣ କରାଯାଇଛି । ଏହାଦ୍ୱାରା ପ୍ରକଳ୍ପ ଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଥିଲେ। ଏହି ନୂତନ 'ଏମ.ଏଲ.ଏ ଲ୍ୟାଡ଼ ୱେବ୍ • ପୃଷ୍ଠା ୫ ଦେଖନ୍ତୁ

## କ୍ୟାବିନେଟ୍ ବୈଠକରେ ୭ ପ୍ରସ୍ତାବକୁ ମୋହର

# ବିମାନସେବା କ୍ଷେତ୍ରରେ ଓଡ଼ିଶା ହେବ ଆଞ୍ଚଳିକ ହବ୍

- ସଂଗ୍ରହାଳୟଗୁଡ଼ିକର ସୁପରିଚାଳନା ପାଇଁ ହେବ ନିର୍ଦ୍ଦେଶାଳୟ
- ସମବାୟ ବିଭାଗ ପକ୍ଷରୁ ୩୮ଟି ମଣ୍ଡି ହେବ ମଡେଲ ମଣ୍ଡି
- ପ୍ରତିଷ୍ଠା ହେବ ଆଉ ୭ଟି ସରକାରୀ ନର୍ସିଂ କଲେଜ
- ସମ୍ବଲପୁରରେ ୨୪ ଘଣ୍ଟିଆ ପାଣି ପ୍ରକଳ୍ପକୁ ଅନୁମୋଦନ



ଭୁବନେଶ୍ୱର,୧୩।୮(ଭାସ୍କର ନ୍ୟୁଜ): ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ବୁଧବାର ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬ଟି ବିଭାଗର ୭ଟି ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି। ବୈଠକ ପରେ ମୁଖ୍ୟ ଶାସନସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଗୋଟିଏ, ସମବାୟ ବିଭାଗର ଗୋଟିଏ, ଅର୍ଥ ବିଭାଗର ଗୋଟିଏ, ଗୃହ ଓ ନଗର ଉନ୍ନୟନ ବିଭାଗର ଦୁଇଟି, ବାଣିଜ୍ୟ ଓ ପରିବହନ ବିଭାଗର ଗୋଟିଏ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଗୋଟିଏ, ଏହିପରି ୭ଟି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ବୈଠକରେ ରାଜ୍ୟରେ ୩୮ଟି ମଣ୍ଡିକୁ ମଡେଲ ମଣ୍ଡିରେ ପରିଣତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦ କୋଟି ଟଙ୍କା ବ୍ୟୟ କରାଯିବ। ଗୋଦାମ, ଶୌଚାଳୟ, ଟ୍ରକ୍ ପାର୍କିଂ ଆଦି ସୁବିଧା ରଖାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ୬୮ଟି ମଣ୍ଡିକୁ ମଡେଲ ମଣ୍ଡିରେ ପରିଣତ କରାଯିବ। ସେହିପରି ବିମାନସେବା କ୍ଷେତ୍ରରେ ଓଡ଼ିଶା ହେବ ଆଞ୍ଚଳିକ ହବ୍। ବିଶ୍ୱସ୍ତରୀୟ ରକ୍ଷଣାବେକ୍ଷଣ ବ୍ୟବସ୍ଥା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ କରାଯିବ। ବିମାନ ରକ୍ଷଣାବେକ୍ଷଣ ପାଇଁ ୪୦ ପ୍ରତିଶତ ସବ୍‌ସିଡିରେ ଜମି ରେଣ୍ଟ ଦେବେ ସରକାର। ଭୁବନେଶ୍ୱର ବିମାନବନ୍ଦର ଭିତରେ ସ୍ଥାନ ଦେବେ। ଏମ୍‌ଏସ୍‌ଏୟାର ୱାର୍କ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ କମ୍ପାନୀକୁ ଏଥିପାଇଁ ସରକାର ଚୟନ କରିଛନ୍ତି। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ସ୍ୱତନ୍ତ୍ର ସଂଗ୍ରହାଳୟ ଲାଗି ନିଯୁକ୍ତି ନିମନ୍ତେ କ୍ୟାଡର ଗଠନ କରାଯିବ। ଏହାର ମୁଖ୍ୟ ରହିବେ ଅତିରିକ୍ତ ସଚିବପାହ୍ୟା ଅଧିକାରୀ। ରାଜ୍ୟରେ ୧୭ଟି ମ୍ୟୁଜିୟମ ଥିବାବେଳେ ଆଗକୁ ଆଉ ୩୯ଟି ମ୍ୟୁଜିୟମ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପନିପରିବାର କଥା କୁହନାହିଁ
ଦର ବଢ଼ିଲେ ବି ଫିକର ଲେନ୍ଥୁ,
ନେତାମାନେ କିଛି ଶୁଣୁ ବି ନାହାଁନ୍ତି
ଆମ୍ଭକୁ ଦେଖିକି ଭାବନ୍ତି କେନ୍ଦୁ ।
ରାଜ୍ୟରେ ରହିଛି ସମସ୍ୟା ସିନ୍ଧୁ,
ପାରି ହେବାପାଇଁ ସର୍କାର ତତ୍ପର
ଆଖିରେ ମାଡ଼ିଛି ମୋତିଆବିନ୍ଦୁ ।

## ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ

# ଧମକପୂର୍ଣ୍ଣ ଲେଖା, ଜଣେ ଅଟକ




ପୁରୀ,୧୩।୮(ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଧମକପୂର୍ଣ୍ଣ ଲେଖା। ଶ୍ରୀମନ୍ଦିରକୁ ଆତଙ୍କବାଦୀ ଆକ୍ରମଣ ଧମକ ଚେତାବନୀ । ପରିକ୍ରମା ମାର୍ଗରେ ଥିବା ବୁଢ଼ୀ ମା' ମନ୍ଦିର କାନ୍ଥରେ ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ଲେଖାଯାଇଛି । ଏଥି ସହିତ ଫୋନ୍ ନମ୍ବର ମଧ ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ ଧମକ ଦିଆଯାଇଛି । ଯାହାକୁ ନେଇ ପୁରୀରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ସେପଟେ ଏହି ଘଟଣାରେ ଜଣଙ୍କୁ ଅଟକ ରଖିଛି ପୁରୀ ପୋଲିସ । ତେବେ ଅଟକ ଥିବା ବ୍ୟକ୍ତି ସାମାନ୍ୟ ମାନସିକ ଭିନ୍ନକ୍ଷମ ଥିବା ପୋଲିସ ପକ୍ଷରୁ କୁହାଯାଇଛି । ପୁରୀ ଜଗନ୍ନାଥ ମନ୍ଦିର ଦକ୍ଷିଣ ପାର୍ଶ୍ୱ ପରିକ୍ରମା ମାର୍ଗ ବୁଢ଼ି ମା' ମନ୍ଦିର ୨ଟି କାନ୍ଥରେ ଧମକପୂର୍ଣ୍ଣ ବାର୍ତ୍ତା ଲେଖାଯାଇଛି । • ପୃଷ୍ଠା ୫ ଦେଖନ୍ତୁ

## ଆଇଏମ୍‌ଡିର ଖୁଲାସା

# ୫୦ବର୍ଷ ହେବ ବଢୁଛି ବର୍ଷାଋତୁ ଅବଧି






ନୂଆଦିଲ୍ଲୀ,୧୩।୮: ଭାରତରେ ପ୍ରାୟ ୭୫ ପ୍ରତିଶତ ବର୍ଷା କରାଉଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅବଧି ଗତ ୫୦ବର୍ଷ ହେବ ବଢି ଚାଲିଛି। ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକମାନଙ୍କ ପକ୍ଷରୁ ପ୍ରକାଶିତ ଏକ ଗବେଷଣା ରିପୋର୍ଟରୁ ଏକଥା ସ୍ପଷ୍ଟ ହୋଇଛି। ଆଇଏମ୍‌ଡିର ମୌସମ ଜର୍ଣ୍ଣାଲରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତରେ ସାଧାରଣତଃ ବର୍ଷାଋତୁ ଜୁନ୍ ୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲୁ ରହିଥାଏ। କିନ୍ତୁ ୧୯୭୦ ମସିହାରୁ ୨୦୨୦ ମସିହା ଅର୍ଥାତ୍ ୫୦ ବର୍ଷ ମଧ୍ୟରେ ପ୍ରତି ଦଶନ୍ଧିରେ ଏହା ୧.୬ ଦିନ ହାରରେ ବଢିବାରେ ଲାଗିଛି। ବର୍ଷା ଋତୁରେ ଅବଧି ବଢିବା ଓ ଭାରତରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅପସାରଣ ହେବା ଭିତରେ ସଂପର୍କ ରହିଥିବା ଉକ୍ତ ଗବେଷଣାରେ କୁହାଯାଇଛି। କେରଳରେ ପ୍ରତିବର୍ଷ ମୌସୁମୀ ପ୍ରଥମେ ପ୍ରବେଶ କରିଥାଏ। ଅବଶ୍ୟ ଅଳ୍ପକିଛି ଦିନର ବ୍ୟବଧାନ ପରେ ଏହା ଉପକୂଳ ଛୁଇଁଥାଏ, ଯାହାକି ଗତ ୫୦ବର୍ଷ ହେବ ଦେଖିବାକୁ ମିଳୁଛି। ସେହିଭଳି ଦେଶରେ ଯେତିକି ବର୍ଷା ହୁଏ, ତାର ୭୫ ପ୍ରତିଶତ ମୌସୁମୀ ବର୍ଷା ହୋଇଥାଏ। ଅର୍ଥାତ୍ ବର୍ଷାଋତୁରେ ହିଁ ୭୫ ପ୍ରତିଶତ ବର୍ଷା ହୋଇଥାଏ। କିନ୍ତୁ ଏହି ପରିମାଣ ବିଗତ ବର୍ଷମାନଙ୍କରେ ବୃଦ୍ଧି ପାଇଛି। ବର୍ତ୍ତମାନ ଦେଶର ୭୯ ପ୍ରତିଶତ ବର୍ଷା ମୌସୁମୀ ଋତୁରେ ହିଁ ହେଉଛି। ସେହିଭଳି ପଶ୍ଚିମ ରାଜସ୍ଥାନରୁ ସେପ୍ଟେମ୍ବର ୧୭ ବେଳକୁ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିଥାଏ। ତେବେ ଗତ ୧୪ବର୍ଷ ହେବ ସେଥିରେ ଗୋଟିଏ ଦିନ ବୃଦ୍ଧି • ପୃଷ୍ଠା ୫ ଦେଖନ୍ତୁ

## କଣ୍ଟେନର-ପିକ୍‌ଅପ୍ ଭ୍ୟାନ ମୁହାଁମୁହିଁ ଧକ୍କା

# ୧୧ ମୃତ, ୨୦ ଗୁରୁତର



ଜୟପୁର,୧୩।୮: ରାଜସ୍ଥାନର ଦୌସାରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମନ୍ଦିର ଦର୍ଶନ ଶେଷରେ କାଳ ପାଲଟିଛି। ବାଟରେ ସତେ ଯେପରି ଜଗି ରହିଥିଲା ମୃତ୍ୟୁ ଦୂତ। ଏକ ପିକ୍‌ଅପ୍ ଭ୍ୟାନ ଓ କଣ୍ଟେନର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ୭ ଶିଶୁ ଓ ୩ ମହିଳା ରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସକାଳେ ୨୫ରୁ ଅଧିକ ଶ୍ରଦ୍ଧାଳୁ ଖାଟୁଶ୍ୟାମ ମନ୍ଦିରରୁ ଦର୍ଶନ ସାରି ଏକ ପିକ୍‌ଅପ୍ ଭ୍ୟାନରେ ଫେରୁଥିବାବେଳେ ସମ୍ମୁଖ ଦିଗରୁ ଆସୁଥିବା ଏକ କଣ୍ଟେନର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର • ପୃଷ୍ଠା ୫ ଦେଖନ୍ତୁ

ଓଡିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଟାଙ୍ଗି(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗି ବ୍ଲକ ଅଧିନସ୍ଥ କୁସୁପି ଜନତା ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପୁଷ୍ପଲତା ଦେଇ ଚାକିରୀ କ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍କର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ସଞ୍ଜୟ କୁମାର ମହାପାତ୍ର, ବିଶେଷ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ରଶେଖର ଦାଶ, ମୁଖବକ୍ତା ଭାବେ ବାଙ୍କୀ କଲେଜର ଅଧ୍ୟକ୍ଷ ଡ଼. ଲକ୍ଷ୍ମୀଧର ସୁବୁଦ୍ଧି, ସମ୍ମାନିତ ଅତିଥି ଭାବରେ ବାଳକୃଷ୍ଣ ମିଶ୍ର, ଅଶୋକ କୁମାର ବେହେରା, ରଶ୍ମିତା ଜେନା, ସ୍ୱାତୀ ସ୍ୱାଗତିକା ସାହୁ, କାର୍ତ୍ତିକ ବାରିକ, ଓ ଉତ୍ତମ କୁମାର ପାଇକରାୟ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ଶିକ୍ଷା ବିଭାଗ ଜନତା ଡିଗ୍ରୀ କଲେଜ ତରଫରୁ 'ଅଭିନନ୍ଦନିକା' ପତ୍ରିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଅତିଥି ପରିଚୟ କରିଥିଲେ ସୁରେନ୍ଦ୍ର କୁମାର ସ୍ୱାଇଁ ଓ ଅଧ୍ୟାପିକା ସୋନାଲି ଶ୍ରୀଚନ୍ଦନ । ଅବସର ଗ୍ରହଣ କରିଥିବା ଅଧ୍ୟାପିକା ପୁଷ୍ପଲତା ଦେଇ ହେଉଛନ୍ତି କର୍ତ୍ତବ୍ୟନିଷ୍ଠା, ନିଷ୍ଠାପର ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ସ୍ନେହ, କର୍ମଚାରୀଙ୍କ ପ୍ରତି ଥିବା ଉତ୍ତମ ସମ୍ପର୍କ ଓ ଉଚ୍ଚକୋଟୀର ବ୍ୟବହାର ଉପରେ ସମସ୍ତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏତଦବ୍ୟତୀତ ଅଧ୍ୟାପିକା ପୁଷ୍ପଲତା ଦେଇ ତାଙ୍କର ଶାନ୍ତ, ସରଳ ସ୍ୱଭାବ ଓ ପାଠପଢ଼ା ସ୍ୱତନ୍ତ୍ର ଶୈଳୀ ଥିଲା ବୋଲି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ ।



## ରଥଦାଣ୍ଡରେ ଛୋଟ ପିଚୁ ପ୍ୟାଚ୍ ପକାଇ ଠିକାଦାରଙ୍କୁ ପୋଷୁଛି ପୂର୍ତ୍ତ ବିଭାଗ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଇଚ୍ଛାପୁର ରଥଦାଣ୍ଡରେ ଛୋଟ ଛୋଟ ପିଚୁ ପ୍ୟାଚ ପକାଇ ଠିକାଦାରଙ୍କୁ ପୋଷୁଛି ପୂର୍ତ୍ତ ବିଭାଗ । ରଥଯାତ୍ରା ପୂର୍ବ ଏହି ରଥଦାଣ୍ଡର ଦକ୍ଷିଣ ପାର୍ଶ୍ୱରେ ମରାମତି କାର୍ଯ୍ୟ କରାଯାଇଥିବା ବେଳେ ରଥଯାତ୍ରା ପରେ ଏବେ ବାମ ପାର୍ଶ୍ୱ ରେ ପିଚୁର ପ୍ରଲେପ ଦିଆଯାଇ ଲକ୍ଷାଧିକ ଟଙ୍କା ପାଣିରେ ପକାଉଛି ବିଭାଗ । କେନ୍ଦ୍ରାପଡା ରାସ୍ତା ଓ ଗୃହନିର୍ମାଣ ବିଭାଜନ - ୧ କାର୍ଯ୍ୟାଳୟ ପକ୍ଷରୁ କରାଯାଉଥିବା ଏହି ଛୋଟ ଛୋଟ ପ୍ୟାଚ୍ କାର୍ଯ୍ୟ କେବଳ ଠିକାଦାର ଙ୍କୁ ପୋଷିବା ଉଦ୍ଦେଶ୍ୟ ରଖି କରାଯାଉଛି ବୋଲି ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି । କେବଳ ଆର୍ଥିକ ବର୍ଷ ୨୦୨୪-୨୫ ରେ ଏହି ରଥ ଦାଣ୍ଡ ରେ ବହୁ ବାର ଭଲ ଥିବା ପିଚୁ ରାସ୍ତା ରେ ଖାଲି ସଫା ସୁତର କରାଇ ପିଚୁ ପ୍ରଲେପ କରି ଲକ୍ଷାଧିକ ଟଙ୍କା ବାଟମାରଣା କରିଛି ବିଭାଗ । ତା - ୧୨/୦୮/୨୫ ରିଖ ରାତ୍ର ୮ ଘଟିକା ସମୟରେ ରଥଦାଣ୍ଡ ବାମପାର୍ଶ୍ୱ ଦେବୋତ୍ତର କାର୍ଯ୍ୟାଳୟ ସମ୍ମୁଖରେ ଭଲ ରାସ୍ତା ଉପରେ ପିଚୁର ପ୍ରଲେପ ଦିଆଯାଉଛି ଏବଂ ଏହି କାର୍ଯ୍ୟ ଅତି ନିମ୍ନମାନର ହେଉଛି । ତାହା ପୁଣି ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ । ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଚିଠା କାର୍ଯ୍ୟରେ ଏମିତି ଛୋଟ ମୋଟ ଭୁଲ ଭଟକା ହୋଇଥାଏ । ଏହିଭଳି କାର୍ଯ୍ୟରୁ ଯାହା ଜଣାପଡ଼େ ବିଭିନ୍ନ ଆର୍ଥିକ ବର୍ଷ ଗୁଡ଼ିକରେ ଛୋଟ ମୋଟ କାର୍ଯ୍ୟ ବିଭାଗ ତରଫରୁ କରାଇ କୁଳି କେତା ଓ ଠିକାଦାରଙ୍କୁ ଖୁସି କରୁଛି ବିଭାଗ ଏବଂ ଜନ ସାଧାରଣଙ୍କ ସୁବିଧା ଯୋଗାଇବା ନାଁରେ ଲକ୍ଷାଧିକ ଟଙ୍କା ପାଣିରେ ପକାଉଛି ବିଭାଗ । ତେବେ ଏଭଳି କାର୍ଯ୍ୟର ତଦନ୍ତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ନାଗରିକ କମିଟି ସଦସ୍ୟ ନଗେନ୍ଦ୍ର ଜେନା ।

## ଓଡିଶା କନିଷ୍ଠ ଶିକ୍ଷକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଓଡିଶା କନିଷ୍ଠ ଶିକ୍ଷକ ସଂଘ ଜଗତସିଂହପୁର ଜିଲ୍ଲା ଶାଖାର କର୍ମକର୍ତ୍ତା ମାନେ ଆଜି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ସେମାନେ ଦାବି କରିଛନ୍ତି ଯେ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟି ଶିକ୍ଷା ବିଭାଗର ଏକ ଐତିହାସିକ ପରିବର୍ତ୍ତନ ପାଇଁ ଗତ ୨ ଅଗଷ୍ଟ ୨୦୨୫ରେ ପତ୍ର ସଂଖ୍ୟା ୨୧୨୬୮ରେ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ (ଯୋଜନାଭିତ୍ତିକ) ମାନଙ୍କୁ ନିୟମିତ କରିବେ । ଶିକ୍ଷା ବ୍ୟବସ୍ଥାରେ ଆଗାମୀରୁ ନିୟମିତ ୪୪ ହଜାର ନୂତନ ଶିକ୍ଷକ ପଦବୀ ସୃଷ୍ଟି କରିବା ଏବଂ ପୁରୁଣା ଶିକ୍ଷକ ମାନଙ୍କର ଚୁକ୍ତିଭିତ୍ତିକ ସମୟକୁ ଚାକିରୀ ସମୟ ଅବଧି ଭିତରେ ଗଣନା କରିବା ନିମନ୍ତେ ସୁପାରିଶ କରିଥିଲେ । ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଅନୁମୋଦନ କ୍ରମେ ଗଣଶିକ୍ଷା ବିଭାଗ ଏକ ବିଜ୍ଞପ୍ତି ଜାରି କରିଥିଲା । ମାତ୍ର ଆକସ୍ମିକ ଭାବେ ଗତ ୭.୮.୨୦୨୫ ଦିନ ଗଣଶିକ୍ଷା ବିଭାଗ ଉକ୍ତ ଚିଠି ଉପଯୁକ୍ତ ସ୍ତରରେ ଅନୁମୋଦିତ ହୋଇପାରିନାହିଁ ବୋଲି ଦର୍ଶାଇ ପ୍ରତ୍ୟାହାର କରିନେଇଥିଲେ । ଏଭଳି ନିଷ୍ପତ୍ତି କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସାମ୍ବିଧାନିକ ଓ ମୌଳିକ ଅଧିକାର ପ୍ରତି କୁଠାରଘାତ । ମୁଖ୍ୟମନ୍ତ୍ରୀ ଏହି ପଦକ୍ଷେପକୁ ତୁରନ୍ତ ନିଷ୍ପତ୍ତି ନେଇ ମୋହର ଲଗାଇବା ପାଇଁ ଦାବି କରିଛନ୍ତି । ଅନ୍ୟଥା ସଂଘ ପକ୍ଷରୁ ରାଜରାସ୍ତାରେ ଆନ୍ଦୋଳନ ହେବାର ଧମକ ଦିଆଯାଇଛି ।



## କେନ୍ଦ୍ରୀୟ ଚଷା ସମାଜ ପକ୍ଷରୁ ଗୋପୂଜନ ଓ ବୃକ୍ଷରୋପଣ




ତାଳଚେର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ଚଷା ସମାଜ ତାଳଚେର ତରଫରୁ ପରାବିଲ ଗ୍ରାମ ଚଷା ସମାଜର ସଭାପତି ପ୍ରଶ୍ନ କୁମାର ପ୍ରଧାନଙ୍କ ଘରେ ଗୋପୂଜନ କରିବା ସହ ପବିତ୍ର ମୋହନ ଚଷା ଭବନ ଠାରେ ବୃକ୍ଷରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପୂଜନ କରିବା ସହ ବୃକ୍ଷରୋପଣ କରିଥିଲେ । କେନ୍ଦ୍ରୀୟ ଚଷା ସମାଜର ସଭାପତି ମୁକୁନ୍ଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଥିଲେ । କେନ୍ଦ୍ରୀୟ କମିଟି ଅଧିନରେ ଥିବା ୫ଟି ଅଂଚଳର ସଭାପତି ସମେତ ଶତାଧିକ ଚଷା ଭାଇ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ମହାନ୍ତି ସମାଜସେବୀ କ୍ଷୀରୋଦ ସାହୁ ଓ ସଫଳ ଚାଷୀ ଭାବେ ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂପାଦକ ରାମଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ବିନୋଦ କୁମାର ଜେନା, ତ୍ରିପୁରାରୀ ପ୍ରଧାନ, ବିନୟ କୁମାର ପ୍ରଧାନ, ସୁମନ୍ତ ପ୍ରଧାନ, ହିମାଂଶୁ ଶେଖର ସାହୁ, ଚିତରଂଜନ ପ୍ରଧାନ, ସନାତନ ସାହୁ, ଡମ୍ବରୁଧର ସାହୁ, ପରାବିଲ୍ ସରପଂଚଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ପ୍ରଧାନ, ନଦୀକୂଳ ଅଂଚଳ ସଭାପତି ବୃନ୍ଦାବନ ସାହୁ, ବଜ୍ରକୋଟ ଅଂଚଳ ସଭାପତି ଲିଙ୍ଗରାଜ ପ୍ରଧାନ, ଶତ୍ରୁଘନ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ବିଜୟ କୁମାର ସାହୁ, ରସାନନ୍ଦ ପ୍ରଧାନ, ରମେଶ ଚନ୍ଦ୍ର ଜେନା, ହର୍ଷବର୍ଦ୍ଧନ ପ୍ରଧାନ, ସିପୁନ୍ ବିଶ୍ୱାଳ, ଯୋଗେଶ୍ୱର ପ୍ରଧାନ, ପଙ୍କଜ ସାହୁ, ଫରେଷ୍ଟର, ସମସ୍ତ ହାତୀ ସ୍କ୍ୱାର୍ଡ, ମେଘମାଳ ସାହୁ, ଶିବ ପ୍ରଧାନ, କୁମର ସାହୁ, ମନୋଜ କୁମାର ବିଶ୍ୱାଳ, ଯୋଗେଶ୍ୱର ସାହୁ, ହୃଦାନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଆନନ୍ଦ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ ।

## ରାଜସ୍ୱ ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କଣିହାଁ (ଭାସ୍କର ନ୍ୟୁଜ୍): କଣିହାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ରାଜସ୍ୱ ଅମଲା ସଙ୍ଘ ତରଫରୁ ୧୦ ଦଫା ଦାବି ନେଇ ସୋମବାର ଠାରୁ ଅନିର୍ଦ୍ଦିଷ୍ଟକାଳ ଯାଏ କଲମଛାଡ଼ ଆନ୍ଦୋଳନ କରିଛନ୍ତି । ଆଜକୁ ଆନ୍ଦୋଳନ ୩ୟ ଦିନରେ ପହଂଚିଛି । କଣିହାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଣିହାଁ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଓ ସିଡିପିଓ କାର୍ଯ୍ୟାଳୟ ରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା କର୍ମଚାରୀ ମାନେ ସାମୁହିକ ଛୁଟିରେ ରହି ଆନ୍ଦୋଳନରେ ବସିଛନ୍ତି । ଦାବିମଧ୍ୟରେ ରାଜସ୍ୱ ଅମଲାଙ୍କ ମୂଳ ଦରମା ଲେଭଲ ୯କୁ ବୃଦ୍ଧି, ନୂତନ ପଦ ସୃଷ୍ଟି କରିବା ସହ ପଦବୀ ପୁନଃଗଠନ, କାର୍ଯ୍ୟରତ ଅମଲାଙ୍କ ସ୍ୱାସ୍ଥ୍ୟବୀମା ୨୦ ଲକ୍ଷକୁ ବୃଦ୍ଧି, ନୂତନ ପେନସନ ଯୋଜନା ରଦ୍ଦ କରି ପୁରାତନ ପେନସନ ଯୋଜନା ଲାଗୁ ଆଦି ଦଶ ଦଫା ଦାବି ଅନ୍ତର୍ଭୁକ୍ତ । ସୂଚନା ଯୋଗ୍ୟ ଯେ, ଗତ ମାସ ୭ ତାରିଖରେ ଅମଲା ସଂଘ ତରଫରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରାଯିବା ସହ ଦାବିପୂରଣ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଦାବିପୂରଣ ନହେବା ଯୋଗୁଁ ଏହି ଆନ୍ଦୋଳନ କରାଯାଇଛି । ଫଳରେ ସମସ୍ତ ଅଫିସ ଖୋଲା ଥିଲେ ମଧ୍ୟ କର୍ମଚାରୀ ନଥିବାରୁ ଶୂନ ରହିଛି । ଉକ୍ତ ଆନ୍ଦୋଳନରେ ସୁଦର୍ଶନ ନାୟକ, ଅମୀୟ ତ୍ରିପାଠୀ, ଶୁଭକାନ୍ତ ପ୍ରଧାନ, ଚୁମକି ଦଳବେହେରା, ଜ୍ଞାନ ରଂଜନ ପ୍ରଧାନ, ସୌମ୍ୟ ରଂଜନ ପ୍ରଧାନ, ଜାନକୀ ସାହୁ, ଚନ୍ଦ୍ରକାନ୍ତ ପ୍ରଧାନ, ମୁତୁରା ଶୁଣ୍ଢୀ, ଇତିଶ୍ରୀ ପ୍ରଧାନ, ଦମୟନ୍ତୀ ସାହୁ, ଦେବଦତ୍ତ ନାୟକ, ରିଙ୍କିନା ନାଥ, ବର୍ଷା ରାଣୀ ସାହୁ ପ୍ରମୁଖ କର୍ମଚାରୀ ସାମିଲ ଅଛନ୍ତି।

## ପୂର୍ବ ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣ

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ାରେ ପୂର୍ବ ବିବାଦକୁ କେନ୍ଦ୍ର କରି ଗ୍ରାମ ପଂଚାୟତ ବୈଠକରେ ତୁମୁଳକାଣ୍ଡ ସୃଷ୍ଟି ହୋଇଛି । ଜଣେ ମହିଳା ଓ ତାଙ୍କ ସ୍ୱାମୀ, ପୁଅକୁ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ୧୮ ଜଣଙ୍କ ନାମରେ ସଂଗୀନ୍ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, କବିତା ବେହେରା (୪୫) ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ପୂର୍ବ ବିବାଦକୁ କେନ୍ଦ୍ର କରି ତା.୧୧.୦୮.୨୦୨୫ରିଖ ସଂଧ୍ୟା ୫ଟା ସମୟରେ ଗ୍ରାମ କ୍ଷେତ୍ରପାଳି ମନ୍ଦିର ପରିସରରେ ପଞ୍ଚାୟତ ବସିଥିଲା । ଦ୍ୱିତୀୟ ପକ୍ଷ କସ୍ତୁରୀ ପ୍ରଧାନ, କାର୍ତ୍ତିକ ପ୍ରଧାନ, ଅର୍ନ୍ତଯ୍ୟାମୀ ସାମଲ, ଝୁନୁଲତା ନାୟକ ସେମାନଙ୍କ ସହଯୋଗୀ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଟଣା ଓଟରା କରି ମାଡ଼ ମାରିବା ସହ ମହିଳାଙ୍କ ମୋବାଇଲକୁ ଛଡ଼ାଇ ନେଇଥିଲେ। ସେଠାରେ ମହିଳାଙ୍କ ସ୍ୱାମୀ ଗାଣ୍ଡୁ ବେହେରା ଓ ତାଙ୍କର ଛୋଟ ପୁଅ ପହଂଚିବାରୁ ୧୮ ଜଣ ଅଭିଯୁକ୍ତ ମହିଳାଙ୍କ ସମେତ ତାଙ୍କ ପରିବାରକୁ ଆକ୍ରମଣ କରିଥିଲେ। କୌଶଳକ୍ରମେ ମହିଳା ଓ ତାଙ୍କ ପରିବାର ସେଠାରୁ ଖସି ଆସି ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଥାନାଧିକାରୀ ବାମଦେବ ସ୍ୱାଇଁ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/ ୧୧୫(୨)/ ୩୦୩(୨) ଥାନା କେସ୍ ନଂ- ୨୫୪/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି ।

## ସଂସ୍କୃତ ସପ୍ତାହ ପାଳିତ

ଭୁବନ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରିମାଳ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପୀତବାସ ମହାରଣାଙ୍କ ସଭାପତିତ୍ୱରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବର ମୁଖ୍ୟ ଅତିଥି ଭାବେ ପରିମାଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ସଂସ୍କୃତ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାଣି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଂସ୍କୃତ ଭାଷା ଓ ସଂସ୍କୃତ ସପ୍ତାହ ପାଳନର ମାହାତ୍ମ୍ୟକୁ ଉପଜୀବ୍ୟ କାବ୍ୟଚ୍ଛେଦ ଓ ନୀତିଶାସ୍ତ୍ରମାନ ଅବତାରଣ କରିବା ସହ ବହୁ ଉପାଦେୟ ତଥ୍ୟ ଉପସ୍ଥାପନା କରି ସଂସ୍କୃତ ଭାଷା କିଭଳି ମାନବର ଜୀବନ ଦର୍ଶନ କୁ ପ୍ରଭାବିତ କରୁଛି କହି ସଭାକୁ ମନ୍ତ୍ରମୁଗ୍ଧ କରିଥିଲେ। ଅଧ୍ୟକ୍ଷ ପୀତବାସ ମହାରଣା ସଂସ୍କୃତ ଭାଷା ମାନବର ଦିନଚର୍ଯ୍ୟାରେ କେତେ ଉପଯୋଗୀ ବର୍ଣ୍ଣନା କରିବା ସହିତ ସଂସ୍କୃତକୁ ଭଲପାଅ ବୋଲି ଆହ୍ୱାନ ଦେଇଥିଲେ। ରାଜନୀତି ବିଭାଗ ଅଧ୍ୟାପିକା ବିନୋଦିନୀ ବେହେରା ସୁନ୍ଦର ସାବଲୀଳ ଶବ୍ଦରେ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଂସ୍କୃତ ବିଭାଗ ଅଧ୍ୟାପିକା ଲୋପାମୁଦ୍ରା ଶରଣ ବେଦପାଠ କରି ସଂସ୍କୃତ ଭାଷା ସପ୍ତାହ ସମ୍ପର୍କରେ ମତବ୍ୟକ୍ତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

## ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ




ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଏହି ବ୍ଲକର ପଦିନାରାୟଣପୁର ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ଶିକ୍ଷାବିତ ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ, ଘନଶ୍ୟାମ ସ୍ୱାଇଁ, କବି ଜଗନ୍ନାଥ ନାୟକ, ସମାଜସେବୀ ଅକ୍ଷୟ କୁମାର ମହାନ୍ତି, ସୁରେଶ ଚନ୍ଦ୍ର ସ୍ୱାଇଁ, ଅତୁଲ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଗ୍ରନ୍ଥାଗାରର ଆବଶ୍ୟକତା ଓ ଉପଯୋଗୀତା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମାଞ୍ଚର ପାଠକମାନଙ୍କୁ ଉକ୍ତ ପାଠାଗାର ବିଭିନ୍ନ ପ୍ରକାର ବହି ଓ ଖବରକାଗଜ ଯୋଗାଇ ଦେଉଥିବାରୁ ଏହାର ଉଦ୍ୟମ ପ୍ରଶଂସନୀୟ ବୋଲି ମତପ୍ରକାଶ ପାଇଥିଲା। ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ମେଡିକାଲ କମିଟିର ତଦନ୍ତ ଶେଷ

### ଘରକଥା ଘରେ ରଖି ଗଣମାଧ୍ୟମକୁ ଏଡାଇବାକୁ ତାଗିଦ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ମିଳିତ ଅଭିଯୋଗର ତଦନ୍ତ ଶେଷ ହୋଇଛି। ମଙ୍ଗଳବାର ଅପରାହ୍ନ ୩ଟା ରେ ମେଡିକାଲର ସ୍ୱତନ୍ତ୍ର ଗଠିତ ତଦନ୍ତ କମିଟି ଅଧକ୍ଷା ତଥା ଜିଲ୍ଲା ପରିବାର କଲ୍ୟାଣ ଅଧିକାରୀ ଡା. କନକଲତା ସାହୁ, ସଦସ୍ୟ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବନହରି ମିଶ୍ର ଓ ଜିଲ୍ଲା ଯକ୍ଷ୍ମାରୋଗ ନିୟନ୍ତ୍ରଣ ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟି ଜିଲ୍ଲା ମେଡିକାଲ ସମ୍ମିଳନୀ କକ୍ଷରେ ମିଳିତ ଭାବେ ତଦନ୍ତ କରିଥିଲେ। ଆଜି ଅଧିକ୍ଷକ ଡା. ସ୍ୱାଇଁ ଓ ଅବଶିଷ୍ଟ ୧୩ ଜଣ ଅଭିଯୋଗକାରୀ ସି.ଏଚ.ଓ.ଙ୍କୁ ତଦନ୍ତ ପାଇଁ ଡକାଯାଇଥିଲା। ୨ ଘଣ୍ଟା କାଳ ତଦନ୍ତ ଶେଷରେ ଅଭିଯୋଗକାରୀଙ୍କୁ ଲିଖିତ ବୟାନ ଦେବା ପାଇଁ କମିଟି ପକ୍ଷରୁ କୁହାଯାଇଥିଲା। ଏହି ସମୟରେ ତଦନ୍ତ କମିଟିର ଜନୈକ ସଦସ୍ୟ ବାହାରକୁ ଆସି ଲିଖିତ ବୟାନ ପ୍ରସ୍ତୁତ କରୁଥିବା ଅଭିଯୋଗକାରୀଙ୍କୁ ତାଗିଦ କରି ଘରକଥା ଘରେ ରଖିବା ସହ ଗଣମାଧ୍ୟମକୁ ଏଡାଇବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ଅନ୍ୟଥା ଚାନ୍ଦବାଲି ନହେଲେ ବାସୁଦେବପୁର ବଦଳିର ରାସ୍ତା ଦେଖାଇ ଦିଆଯିବ ବୋଲି ସଂପୃକ୍ତ ତଦନ୍ତ ସଦସ୍ୟ କହିଥିଲେ। ତଦନ୍ତ କମିଟିର ସଦସ୍ୟଙ୍କ ଏଭଳି ପକ୍ଷପାତପୂର୍ଣ୍ଣ ଧମକ ଘଟଣାକୁ ନେଇ ଅଭିଯୋଗକାରୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଲିଖିତ ବୟାନ ଦାଖଲ କରିଥିଲେ। ଅଭିଯୋଗକାରୀମାନେ ପଛକୁ ଆଦୌ ହଟିବେ ନାହିଁ ଓ ଅଭିଯୋଗକୁ ନିର୍ଣ୍ଣାୟକ ସ୍ତରକୁ ନେବାକୁ ସଙ୍କଳ୍ପ କରିଥିଲେ। ଏବେ ତଦନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏହା ମିଳିବା ପରେ ପରବର୍ତ୍ତି ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଥିଲେ।

**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକଙ୍କ ବିରୋଧରେ ସିଏଚଓଙ୍କ ଅଭିଯୋଗ ଘଟଣା**

## ମହୁରୀ ହାଇସ୍କୁଲରେ ସଂସ୍କୃତ ସପ୍ତାହ ପାଳିତ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଏହି ବ୍ଲକର ମହୁରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣାଙ୍କ ପୌରହିତ୍ୟରେ ସଂସ୍କୃତ ସପ୍ତାହ ପାଳନ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିନେଇ ଅନୁଷ୍ଠିତ ଉତ୍ସବରେ ଶିକ୍ଷା ସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁ, ବରିଷ୍ଠ ଶିକ୍ଷକ ପ୍ରସନ୍ନ ମହାକୁଳ, ସୁକାନ୍ତ କୁମାର ଦାସ, ସୌମ୍ୟରଞ୍ଜନ ମଲ୍ଲିକ, ଆଶିଷ ସାହୁ, ମନୋସ୍ୱିନୀ ରାଉତ ଓ ସଙ୍ଗୀତା ବେହେରା ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାକୁ ଋଦ୍ଧିମନ୍ତ କରିଥିବା ମନୀଷି କାଳିଦାସ, ପାଣିନି, ଆଦିଶଙ୍କରାଚାର୍ଯ୍ୟ, ବିଷ୍ଣୁ ଶର୍ମା, ପତଞ୍ଜଳୀଙ୍କ ଅବଦାନକୁ ସ୍ମରଣ କରିବା ସହ ପିଲାମାନଙ୍କ ମଧ୍ୟରେ ସଂସ୍କୃତ ଶ୍ଳୋକ ଆବୃତ୍ତି ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଛାତ୍ରୀ ସଙ୍ଗୀତା ପାତ୍ର ଓ ସ୍ୱର୍ଣ୍ଣମ ରାଉତ ସଂସ୍କୃତରେ ବକ୍ତବ୍ୟ ରଖିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ଅମଲାଙ୍କ କଲମ ଛାଡ଼ ଆନ୍ଦୋଳନ



ବୋଲଗଡ(ଭାସ୍କର ନ୍ୟୁଜ): ଓଡିଶା ରାଜସ୍ୱ ଅମଲା ସଂଘ ଆହ୍ୱାନକ୍ରମେ ଓ ବୋଲଗଡ ବ୍ଲକ ବରିଷ୍ଠ ରାଜସ୍ୱ ସହାୟକ ଏବଂ ବୋଲଗଡ ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ପ୍ରମୁଖଙ୍କ ଆବାହକତ୍ୱରେ ସୋମବାର ୧୦ ଦଫା ଦାବିନେଇ ବୋଲଗଡ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି । ଏହି କଲମ ଛାଡ଼ ଆନ୍ଦୋଳନରେ କନିଷ୍ଠ ରାଜସ୍ୱ ସହାୟକ ଦିପୁ ନାୟକ, ସୂର୍ଯ୍ୟାନନ୍ଦ ହେମରମ, ସତ୍ୟବ୍ରତ ସ୍ୱାଇଁ, ଦେବାଶିଷ ଭୁଜବଳ, ସୁଲୋଚନା ନାୟକ, ପୂଜାରାଣୀ ସ୍ୱାଇଁ, ଭବାନି ଶଙ୍କର ସାହୁଙ୍କ ସମେତ ବହୁ ରାଜସ୍ୱ ସହାୟକ କର୍ମଚାରୀ ଯୋଗ ଦେଇଥିଲେ । ଏହି କର୍ମଚାରୀମାନେ ୧୦ ଦଫା ଦାବିନେଇ ଆଜିଠାରୁ ଅନିର୍ଦ୍ଧିଷ୍ଟ କାଳପର୍ଯ୍ୟନ୍ତ କଲମଛାଡ଼ ଆନ୍ଦୋଳନରେ ସାମିଲ ହୋଇଅଛନ୍ତି । ଫଳରେ ଲୋକମାନଙ୍କର ଦୈନିକ ସରକାରୀ କାର୍ଯ୍ୟରେ ନାନା ଅସୁବିଧାର ସମ୍ମୁଖୀନ ହୋଇଅଛନ୍ତି । ଜରୁରୀକାଳୀନ କାର୍ଯ୍ୟ ତଥା ପରିସ୍ଥିତି ପାଇଁ ଜନସାଧାରଣ, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ କୃଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଓକିଲ ମାନଙ୍କଦ୍ୱାରା ଶପଥ ପାଠ କରିପାରୁନାହାନ୍ତି । ଯଦ୍ୱାରା ସେମାନଙ୍କର ଜରୁରୀକାଳୀନ କାର୍ଯ୍ୟ ହୋଇପାରୁନାହିଁ । ଓଡିଶା ରାଜସ୍ୱ ଅମଲା ସଂଘର ଦାବିଗୁଡିକ ହେଲା ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କର ମୂଳଦରମା ଦୁଇ ହଜାରେ ସତର ମସିହା ନିୟମ ଅନୁସାରେ ଲେବୁଲ ୯କୁ ବୃଦ୍ଧି କରାଯାଉ, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପତ୍ର ସଂଖ୍ୟା ୬୯୮/ ତା ୦୬/୦୧/୨୪ ପତ୍ର ସଂଖ୍ୟା ୭୦୮ / ୬/୧/୨୪, ପତ୍ରସଂଖ୍ୟା ୮୮୯୮-/ ୧୫/୩/୨୪ ଅନୁଯାୟୀ ଜିଲ୍ଲପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁନର୍ଗଠନ କରାଯାଉ। ରାଜ୍ୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀମାନଙ୍କୁ ଓଡିଶା ରାଜସ୍ୱ ସେବା ପଦବୀରେ ଶତପ୍ରତିଶତ ପଦନ୍ନୋତି ଦିଆଯାଉ । ତହସିଲ କାର୍ଯ୍ୟାଳୟରେ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ମାମଲାକୁ ତ୍ୱରାନ୍ୱିତ କରାଯିବା ପାଇଁ ସେଠାରେ କାର୍ଯ୍ୟରତ ରାଜସ୍ୱ ସହାୟକଙ୍କୁ ଲାର୍ମସ ୟୁଜର ଆଇଡି ପ୍ରଦାନ କରାଯାଉ । ରାଜସ୍ୱ ବିଭାଗରେ ସମସ୍ତ କାର୍ଯ୍ୟରେ ସଂସ୍କାର ଆଣିବା ପାଇଁ ଏବଂ ନୂତନ ଭାବେ ନିଯୁକ୍ତି ପାଇଥିବା ରାଜସ୍ୱ ସହାୟକଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରବେଶ କାଳୀନ ତାଲିମ ପ୍ରଦାନ କରାଯାଉ । ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ କର୍ମଚାରୀ ମାନଙ୍କୁ ପୁରାତନ ପେନସନ ଯୋଜନା ଅନ୍ତର୍ଭୁକ୍ତ କରାଯାଉ ।

## ଆଇନ ସଚେତନତା ଶିବିର



କୋରେଇ(ଭାସ୍କର ନ୍ୟୁଜ୍): କୋରାଇ ଥାନା ପକ୍ଷରୁ ଦେଶରେ ପ୍ରଣୀତ ହୋଇଥିବା ନୂତନ ଆଇନ, ସାଇବର ଠକେଇ ଓ ନିଶା ନିବାରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କୋରେଇ କାହ୍ନୁ ଚରଣ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କୋରେଇ ଥାନାର ଭାରପ୍ରାପ୍ତ ଅଧିକାରୀ ରାକେଶ କୁମାର ତ୍ରିପାଠୀ ଯୋଗ ଦେବା ସହ ତାଙ୍କ ବକ୍ତବ୍ୟରେ ଦିନକୁ ଦିନ ସାଇବର ଠକେଇ ବଢୁଥିବା ବେଳେ ସେମାନେ ବିଭିନ୍ନ ଉପାୟ ଅବଲମ୍ବନ କରି ସାଧାରଣ ଲୋକଙ୍କୁ ଠକୁଛନ୍ତି। ଯୁବକଙ୍କ ଠାରୁ ଆରମ୍ଭ କରି ବୃଦ୍ଧମାନେ ଏହି ସାଇବର ଠକଙ୍କ ସଂସ୍ପର୍ଶରେ ଆସି ବିଭିନ୍ନ ପ୍ରକାରର ଠକାମିର ଶିକାର ହେଉଛନ୍ତି।ଏଥିପାଇଁ ଆମକୁ ସତର୍କ ରହିବାକୁ ପଡିବ। ଅଜଣା ନମ୍ବର, ସୋସିଆଲ ମିଡ଼ିଆ ଲିଙ୍କ୍ ଠାରୁ ଦୂରେଇ ରହିବା ଭଲ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ନୂତନ ଭାବେ ପ୍ରଣୀତ ହୋଇଥିବା ବିଭିନ୍ନ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଠକାମୀର ଶିକାର ହେଉଥିବା ବ୍ୟକ୍ତିଙ୍କୁ ପୋଲିସ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି। ପୋଲିସକୁ ସହଯୋଗ କଲେ ଅପରାଧ ହ୍ରାସ ପାଇବ। ଏକ ଶୃଙ୍ଖଳିତ ଜୀବନ ଯାପନ କରିବାକୁ ହେଲେ ପ୍ରଥମେ ଯୁବପିଢୀ ନିଶା ସେବନ ଠାରୁ ଦୂରେଇ ରହିବାକୁ ପଡିବ। ନିଶା ପରିବାରରେ ଅଶାନ୍ତି ସୃଷ୍ଟି କରିବା ସହ ବିପଦର କାରଣ ମଧ୍ୟ ହୋଇଥାଏ ବୋଲି କହିଥିଲେ। ଅଧ୍ୟକ୍ଷ ମୋହନ ଚରଣ ଖୁଣ୍ଟିଆ ତାଙ୍କ ସ୍ୱାଗତ ଭାଷଣରେ ପୋଲିସ ପ୍ରଶାସନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସାଇବର ଠକେଇରୁ ବର୍ତ୍ତିବା ପାଇଁ ପୋଲିସ ପ୍ରଶାସନ ତଥା ଅନ୍ୟାନ୍ୟ ସଂସ୍ଥା ଦ୍ୱାରା କରାଯାଉଥିବା ସଚେତନତାକୁ ଆମକୁ ଗ୍ରହଣ କରିବାକୁ ପଡିବ। ଯୁବ ସମାଜ ଆମ ଦେଶର ମେରୁଦଣ୍ଡ, ସେମାନେ ନିଶା ସେବନରୁ ନିବୃତ ରହିବା ସହ ଅନ୍ୟ ମାନଙ୍କୁ ଏଥିରୁ ଦୁରେଇ ରହିବା ପାଇଁ ପ୍ରବର୍ତ୍ତାଇବା ସହିତ ଏକ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏସ୍‌ଆଇ ବାସୁଦେବ ପରିଡା ଓ ପ୍ରଶାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମରେ କୋରେଇ ଥାନାର ଅନେକ କର୍ମଚାରୀଙ୍କ ସମେତ ମହାବିଦ୍ୟାଳୟର ୨୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।


## ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ

କୋଇଡା(ଭାସ୍କର ନ୍ୟୁଜ୍): କୋଇଡା ଭାରତୀୟ ଜନତା ପାର୍ଟି କୋଇଡା ମଣ୍ଡଳ ପକ୍ଷରୁ କୋଇଡାରେ ବୁଧବାର ଦିନ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବିଶାଳ ଶୋଭାଯାତ୍ରା କୋଇଡା ବସଷ୍ଟାଣ୍ଡ ରୁ ବାହାରି ଥାନା ଛକ, ଗୋପପୁର ସାହି, ଓଏମଏମ ଛକ, ଆଦି ସ୍ଥାନ ଦେଇ କୋଇଡା ପରିକ୍ରମା କରିବା ପରେ କୋଇଡା ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ଠାରେ ସମାପ୍ତ ହୋଇଥିଲା ଓ ଏହି ଶୋଭାଯାତ୍ରାରେ କୋଇଡା ମଣ୍ଡଳ ସଭାପତି ରାମଚନ୍ଦ୍ର ପଲେଇ ନେତୃତ୍ୱରେ ଶତାଧିକ କର୍ମୀ, ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ଜନସାଧାରଣ ସାମିଲ ହୋଇଥିଲେ ଓ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଦେଶବାସୀଙ୍କ ମଧ୍ୟରେ ଦେଶ ପ୍ରେମ ଜାଗ୍ରତ କରିବା ଲକ୍ଷ୍ୟ ନେଇ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରା ଯାଉଥିବା କୋଇଡା ମଣ୍ଡଳ ସଭାପତି ସୂଚନା ଦେଇଛନ୍ତି। ଏହି ତ୍ରିରଙ୍ଗା ଶୋଭାଯାତ୍ରା ରେ ବରିଷ୍ଠ ଭାଜପା ନେତା ମେଲେରି ବାରିକ, କୁନା ପୂଜାରୀ, ସନ୍ତୋଷ ବେହେରା, ସୁଶାନ୍ତ ଧଳ, ଯଶୋବନ୍ତ ବେହେରା ଙ୍କ ସମେତ ଦୀପକ ବାର୍ଲା, ରାଜେନ୍ଦ୍ର ରଣା, ବ୍ରଜବନ୍ଧୁ ରାଉତ, ରାମ ନାରାୟଣ ରାୟ, କପିଳେନ୍ଦ୍ର ଦାସ, ଆନନ୍ଦ ସିଂ, ମନୋଜ ବାରିକ, ସୋନୁ ଜୈଶ୍ୱାଲ, ଶାନ୍ତନୁ ବାରିକ, ସୂର୍ଯ୍ୟକାନ୍ତ ଜେନା, ରାଜା ଜୟଶ୍ୱାଲ, ଗୁଡୁଆ ଜୈଶ୍ୱାଲ, ସୁନିତା ସାହୁ ଓ ଭାରତୀୟ ଜନତା ପାର୍ଟିର ୬୦୦ରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## 'ରକ୍ତଦାନ ମହାପୂଣ୍ୟ' ଉପରେ ବକ୍ତୃତା ପ୍ରତିଯୋଗିତା

ବାରିପଦା:(ଭାସ୍କର ନ୍ୟୁଜ୍): ସ୍ୱାଧୀନତା ଦିବସ ପାଳନ ଅବସରରେ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନାରାୟଣ ସେବା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ 'ରକ୍ତଦାନ ମହାପୂଣ୍ୟ' ବିଷୟ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ଓ ୬ଷ୍ଠରୁ ୧୨ଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥିଲା ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ମୋଟ ୩୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ଷ୍ଠ ରୁ ୮ମ ଶ୍ରେଣୀ ବିଭାଗରେ ସେଣ୍ଟମେରି ବିଦ୍ୟାଳୟର ସମ୍ଭବ ମିଶ୍ର ୧ମ, ଓ ଏ ଭି, ରାଣୀଭୋଳର ତୃପ୍ତିମୟୀ ବିଶ୍ୱାଳ ୨ୟ, ସରସ୍ୱତୀ ବିଦ୍ୟା ମନ୍ଦିରର ଜ୍ୟୋତି କିରଣ ବାରିକ ୩ୟ, ୯ମ ଓ ୧୦ମ ଶ୍ରେଣୀ ବିଭାଗରେ ଓଏଭିର ଅରଜିତ ପ୍ରଧାନ ୧ମ, ଓଏଭି, ମୋରଡାର ପ୍ରଭୁପାଦ ନାୟକ ୨ୟ, ସାଇ ଆଦର୍ଶ ବିଦ୍ୟାମନ୍ଦିରର ତପସ୍ୱିନୀ ବେହେରା ଓ କିସ ରେସିଡେନ୍ସିଆଲର ଲକ୍ଷ୍ମୀପ୍ରିୟା ମୁର୍ମୁ ୩ୟ ଏବଂ ୧୧ଶ ଓ ୧୨ଶ ଶ୍ରେଣୀ ବିଭାଗରେ ସେଣ୍ଟ ମେରୀର ଆରୟାନ ଦାସ ୧ମ ଓ ସୁଜାଲ ସେନାପତି ୨ୟ, ତଥା ଶରତପାଲ ଉଚ୍ଚ ମାଧମିକ ବିଦ୍ୟାଳୟର ଦିବ୍ୟାଶ୍ରୀ ଦୀପ୍ତି ୩ୟ ସ୍ଥାନ ଅଧିକାର କରିଥିଲେ ଓ ସମସ୍ତଙ୍କୁ ଅଂଶ ଗ୍ରହଣକାରୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ବେଳେ ସ୍ୱାଧୀନତା ଦିବସ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ଜଣାଇଛନ୍ତି ଓ ପ୍ରଥମେ ବାରିପଦା ରକ୍ତଭଣ୍ଡାର ଅଧିକାରୀ ଡଃ ସୌମ୍ୟରଞ୍ଜନ ନାୟକ ରକ୍ତ ଓ ରକ୍ତଦାନ ଉପରେ ସବିଶେଷ ଆଲୋଚନା କରିଥିଲେ ଓ ଡଃ ନାୟକ, ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ମହାନ୍ତି, ଡଃ ନିରୋଜ କୁମାର ପୋଥାଳ ଓ ବସନ୍ତ କୁମାର ମହାପାତ୍ର ବିଚାରକ ଭାବେ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିବାବେଳେ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ଭାସ୍ୱତୀ ପଣ୍ଡା ଓ ଶୁଭସ୍ମିତା କାମିଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବିଆରସିସି ତପସ୍ୱିନୀ ଦାଶ ଓ ସିଆରସିସି ଧନଞ୍ଜୟ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।

## ଉଚ୍ଚ ଜୁଆରରେ ଖୋଲିଲା କେଲୁଣୀ ମୁହାଁଣ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ବଙ୍ଗୋପ ସାଗର ରେ ସୃଷ୍ଟି ହୋଇଛି ଲଘୁଚାପ। ପ୍ରଭାବରେ ସମୁଦ୍ର ଉଚ୍ଚ ଉଚ୍ଚ ଜୁଆର ରେ କ୍ରମଶଃ ଖୋଲିବାରେ ଲାଗିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ କେଲୁଣୀ ମୁହାଁଣ। ଯାହାଫଳରେ ନିକଟରେ ଥିବା ବେଲେଶ୍ୱର ଶୈବ ପୀଠ ପ୍ରତି ବିପଦ ବଢୁଛି। ରାଜ୍ୟରେ ପ୍ରବାହିତ ହେଉଛି ସର୍ବ ପୁରାତନ ପ୍ରାଚୀ ନଦୀ। କୁହାଯାଏ ଗଙ୍ଗା ନଦୀ ଠାରୁ ପୁରାତନ ନଦୀ ହେଉଛି ପ୍ରାଚୀ ନଦୀ। ପ୍ରାଚୀ ନଦୀର ଅବବାହିକାରେ ଅନେକ ମଠ ଏବଂ ମନ୍ଦିର ଗଢି ଉଠିଛି। ସେଥିମଧ୍ୟରୁ ଏକାଦଶ ମାଧବ ଏବଂ ଦ୍ୱାଦଶ ଶମ୍ଭୁ ପୀଠ ଏହି ନଦୀ ଅବବାହିକାରେ ଦେଖିବାକୁ ମିଳିଥାଏ। ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ କେଲୁଣୀ ମୁହାଁଣ ନିକଟରେ ରହିଥିବା ସର୍ବ ପ୍ରାଚୀନ ଶୈବ ପୀଠ ବେଲେଶ୍ୱର ଶୈବ ପୀଠ। ପ୍ରାଚୀ, ଦେବୀ ଏବଂ କାଦୁଆ ନଦୀର ସଙ୍ଗମ ସ୍ଥଳୀ କେଲୁଣୀ ମୁହାଁଣ ତ୍ରିକୋଣ ଭୂମିରେ ରହିଛି ବେଲେଶ୍ୱର ଶୈବପୀଠ। ଶ୍ରଦ୍ଧାଳୁମାନେ ଜୁଆର ଭଟା ସମୟରେ ଡ଼ଙ୍ଗା ପାରି ହୋଇ ଆସିଥାନ୍ତି ଏବଂ ଜୁଆର ଛାଡ଼ିଯିବା ପରେ ନଦୀର ପଠାରେ ଚାଲି ଚାଲି ଯାଇଥାନ୍ତି। ଏଠିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଶ୍ରଦ୍ଧାଳୁଙ୍କୁ ଏଠାକୁ ବାରମ୍ବାର ଆସିବାକୁ ଆକର୍ଷିତ କରିଥାଏ। ସମୁଦ୍ର, ପ୍ରାଚୀ, ଦେବୀ ଏବଂ କାଦୁଆ ନଦୀର ସଙ୍ଗମର ଦୃଶ୍ୟ ଶୈବପୀଠଟିକୁ ସ୍ୱତନ୍ତ୍ର ଭାବେ ଚିତ୍ରଣ କରିଛି। ହେଲେ ବେଲେଶ୍ୱର ପୀଠ ପାଇଁ କାଳ ସାଜିଛି କେଲୁଣୀ ମୁହାଁଣ ଓ ପ୍ରାଚୀ ନଦୀର ମୁହାଁଣ ଧାର। ହେଲେ ନଦୀର ପ୍ରଖର ସ୍ରୋତ ଶୈବପୀଠର ବାଲିବନ୍ତକୁ କ୍ଷୟ କରି ଚାଲିଛି। ଫଳରେ ଶୈବପୀଠ ପରିସରରେ ରହିଥିବା ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି। କେନ୍ଦ୍ରୀୟ ବଙ୍ଗୋପସାଗର ରେ ସୃଷ୍ଟି ହୋଇଛି ୧୩ତାରିଖ ରୁ ଲଘୁଚାପ। ଉତ୍ତର ପଶ୍ଚିମ ବଙ୍ଗୋପସାଗର ଲଘୁଚାପ ସୃଷ୍ଟି ଫଳରେ ସମୁଦ୍ର ଉଚ୍ଚ ଜୁଆର କୂଳ ଲଂଘୁଛି।ପ୍ରାଚୀ ନଦୀ ଏବଂ ଦେବୀ ନଦୀର ସଙ୍ଗମ ସ୍ଥଳରେ କେଲୁଣୀ ମୁହାଁଣରୁ ଆସୁଥିବା ଜୁଆର ଏବଂ ଭଟ୍ଟାର ସ୍ରୋତ ଦିନକୁ ଦିନ ବେଲେଶ୍ୱର ମନ୍ଦିରକୁ ନିଜ ଗର୍ଭରେ ଲୀନ କରିବାକୁ ଯେମିତି ପ୍ରତିଯୋଗିତା କରୁଛି। ନଦୀ ଠାରୁ ମାତ୍ର ଅଳ୍ପ କେତେ ମିଟର ଦୂରରେ ରହିଥିବା ମନ୍ଦିର, କେଲୁଣୀ ମୁହାଁଣ ଖୋଲିବା ପରେ କ୍ରମଶଃ ବଢ଼ୁଛି ବିପଦ। ପୂର୍ବରୁ ବେଲେଶ୍ୱର ଶୈବ ପୀଠକୁ ସୌନ୍ଦର୍ଯ୍ୟ କରଣ ପାଇଁ ୫ଟି ପକ୍ଷରୁ ୯ଲକ୍ଷ ଟଙ୍କାରୁ ଉର୍ଦ୍ଧ ଅନୁଦାନ ଆସିଥିଲେ ମଧ୍ୟ ଏହି ପୀଠଟି ଏବେ ମୁହାଁଣ ମୁହଁରେ ନିଶ୍ଚିହ୍ନ ହେବାକୁ ବସିଛି। ଯାହାକୁ ନେଇ ଚିନ୍ତାରେ ସ୍ଥାନୀୟ ଅଞ୍ଚଳବାସୀ। ମନ୍ଦିର ସୁରକ୍ଷା ପାଇଁ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱର ସହ ନେଉନଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅନେକ ସମୟରେ ନିଜେ ବାଲି ବସ୍ତା ପକାଇ ମନ୍ଦିର ସୁରକ୍ଷା ଦେବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ବର୍ତ୍ତମାନ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଉଚ୍ଚ ଜୁଆର ଯୋଗୁଁ ଖୋଲିଯାଇଛି କେଲୁଣୀ ମୁହାଁଣ। ଯାହାର ପ୍ରଭାବରେ ବେଲେଶ୍ୱର ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି। ଅନେକ ସମୟରେ ଉଚ୍ଚ ଜୁଆର, ନଦୀର ସ୍ରୋତ ବାଲି ବସ୍ତାକୁ ଭସାଇ ନେଇଯାଇଛି। ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ବହୁ ପୁରାତନ ଶୈବ ପୀଠ ପ୍ରତି ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଗୁରୁତର ସହ ନେଇ ସୁରକ୍ଷା ପାଇଁ ବନ୍ଦୋବସ୍ତ କରନ୍ତୁ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): 'ମା' ପାଇଁ ଗଛଟିଏ' ର ବାର୍ତ୍ତା କୁ ନଗର ବାସୀଙ୍କ ନିକଟରେ ପହଞ୍ଚାଇବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଆଉ ଏକ ମିଆୱାକି ଜଙ୍ଗଲ ସୃଷ୍ଟି କରାଯାଇଛି। ବିଏମ୍ ସି ଓ ଚନ୍ଦକା ବନଖଣ୍ଡର ମିଳିତ ସହଯୋଗରେ ବୁଧବାର ୬ ନମ୍ବର ୱାର୍ଡରେ ୧.୫ ଏକର ଜମିରେ ମିଆୱାକି ଜଙ୍ଗଲର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ , ଡେପୁଟି ମେୟର, କମିଶନର, ଅତିରିକ୍ତ କମିଶନର, ଚନ୍ଦକା ଡିଏଫଓ, ବହୁ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟରଙ୍କ ସମେତ ଟିମ୍ ବିଏମ୍ ସି ଓ ବନ ବିଭାଗ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀମାନେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଉଦ୍ୟମ ସହରୀକରଣ ଏବଂ ତାପମାତ୍ରା ବୃଦ୍ଧି ହେତୁ ଆବଶ୍ୟକ ପରିବେଶ ସନ୍ତୁଳନରେ ସହାୟକ ହେବ। ଏଠାରେ ଥିବା ସରକାରୀ ପଡିଆ ଜମିରେ ମିଆୱାକି ପଦ୍ଧତିରେ ୧୧ ହଜାର ବୃକ୍ଷ ରୋପଣ ପାଇଁ ଯୋଜନା କରାଯାଇଛି।

### ଶ୍ରୀଲ ପ୍ରଭୁପାଦଙ୍କ ଆବିର୍ଭାବ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ

# ଶ୍ରୀଲ ସେବା ଓ ମାନବତାର ଜୀବନ୍ତ ପ୍ରତୀକ





କଟକ(ଭାସ୍କର ନ୍ୟୁଜ): ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ ହେଉଛନ୍ତି ଶ୍ରୀଲ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଜୀ ଏବଂ ୧୦୦ ବର୍ଷ ଧରି କଟକର ଶ୍ରୀସଚ୍ଚିଦାନନ୍ଦ ମଠ ଆଧ୍ୟାତ୍ମିକ, ସାହିତ୍ୟିକ ଓ ସାମାଜିକ କାର୍ଯ୍ୟକଳାପ ଏକ ନୈତିକତାର ପ୍ରଦୀପ ପ୍ରଜ୍ୱଳିତ କରି ଆସୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜବାହରଲାଲ ଇଣ୍ଡୋର ଷ୍ଟାଡିଅମ ଠାରେ ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ ଓ କଟକର ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବ ଅବସରରେ କହିଛନ୍ତି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କାହିଥିଲେଯେ, ପରମପୂଜ୍ୟ ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଜୀ କେବଳ ଜଣେ ମହାନ ସନ୍ଥ, ଶିକ୍ଷକ କିମ୍ବା ଧର୍ମପ୍ରଚାରକ ନଥିଲେ, ତାଙ୍କର ଜୀବନ ଦର୍ଶନ, ଗୀତା ଓ ଭାଗବତର ଶାଶ୍ୱତ ସନ୍ଦେଶ, ଏବଂ 'ଜୀବନକୁ ଭଗବାନଙ୍କ ସେବାରେ ନିୟୋଜିତ କରିବା' ଏହି ମୂଲ୍ୟବୋଧ ସଦା ଆମ ପାଇଁ ପ୍ରେରଣା ସାଜିଛି। ଶ୍ରୀ ସଚ୍ଚିଦାନନ୍ଦ ମଠ ଜ୍ଞାନର ଦୀପ୍ତି ବାଂଟିବା ସହ କର୍ତ୍ତବ୍ୟବୋଧ ଓ ଆତ୍ମଚିନ୍ତନର ମାର୍ଗ ଦର୍ଶନ କରିଆସୁଛି। ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଏହି ଚେତନାର ଜାଗରଣ ଆମ ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ। ଗତ ୧୦୦ ବର୍ଷରେ ଏହି ମଠ କେବଳ ଧର୍ମଚେତନା ଜାଗୃତ କରିନାହିଁ, ବରଂ ଶିକ୍ଷା, ଦାନ, ସାଧୁସଙ୍ଗ, ସମାଜସେବା ଓ ଯୁବପିଢ଼ିକୁ ନୈତିକ ଦିଶା ଦେବାରେ ମହତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେଯେ, ଶ୍ରୀଲ ପ୍ରଭୁପାଦଙ୍କର ଅବଦାନ ମଧ୍ୟ ପ୍ରାସଙ୍ଗିକ, ଯାହାକୁ ଅନୁଶୀଳନ କଲେ, ଆଜିର ସମାଜ ବିଶ୍ୱଭାତୃତ୍ୱ ଭାବରେ ପ୍ରତିଷ୍ଠିତ ହୋଇ ଏକ ବାସ୍ତବ ସୁଖ, ସମୃଦ୍ଧ ଓ ଶାନ୍ତି ଲାଭ କରି ପାରିବ। ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ କେବଳ ଏକ ସ୍ମୃତି ଦିବସ ନୁହେଁ, ବରଂ ଆମ ପାଇଁ ଏକ ସଂକଳ୍ପ ଯେ, ଆମେ ତାଙ୍କର ଦେଇଯାଇଥିବା ଆଦର୍ଶ, ସେବାଭାବ ଓ ଭକ୍ତିର ପଥରେ ଅଟଳ ରହିବୁ। ଭକ୍ତିଭାବର ପ୍ରକୃତ ସଜ୍ଞା ଓ ଉଦ୍ଦେଶ୍ୟ ହେଉଛି ମାନବର ଅନ୍ତରାତ୍ମାକୁ ଶୁଦ୍ଧି କରିବା। ଏହି ଦିଗରେ ଶ୍ରୀ ଶିଳ ପ୍ରଭୁପାଦ ଆମକୁ ମାର୍ଗ ଦର୍ଶନ କରିଯାଇଛନ୍ତି। ତେଣୁ, ତାଙ୍କ ପ୍ରଦର୍ଶିତ ମାର୍ଗକୁ ଆମେ ଆମ ଜୀବନଶୈଳୀର ଅଂଶ ଭାବେ ଅନ୍ତର୍ଭୁକ୍ତ କରିପାରିଲେ, ଆମ ଜୀବନ ସାର୍ଥକ ହୋଇଯିବ। ତାଙ୍କରି ଦିଗଦର୍ଶନ ଓ ବାଣୀ ଆମ ପାଇଁ ଅମୃତର ଆଶ୍ଲେଷ ହେଇ ରହିବ ବୋଲି ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ। ଗୌଡୀୟ ମିଶନର ସଭାପତି ଶ୍ରୀମଦ୍ ଭକ୍ତି ସୁନ୍ଦର ସନ୍ୟାସୀ ଗୋସ୍ୱାମୀ ମହାରାଜ କହିଥିଲେ ଯେ, ଶ୍ରୀଲ ପ୍ରଭୁପାଦ ହେଉଛନ୍ତି ଜ୍ଞାନ ଆହୋରଣର ଏକ ଗ୍ରନ୍ଥ, ଯାହାକୁ ଜୀବନ ଭରି ଅଧ୍ୟୟନ କଲେ ମଧ୍ୟ ସରିବନି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଶ୍ରୀମଦ୍ ଭକ୍ତି ବିଚାର ଭାରତୀ ମହାରାଜ, ଗୌଡୀୟ ମିଶନର କମିଟି ମେମ୍ବର, ଶ୍ରୀଯୁକ୍ତ ଉମେଶ ଖଣ୍ଡେଲ୍ ୱାଲ୍ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଗୌଡିୟ ବୈଷ୍ଣବ ସମ୍ମିଳନୀର ସଭ୍ୟ ଭକ୍ତି ବୋଧାୟନ ବେଦାନ୍ତ ମହାରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭକ୍ତି ରୂପକ ରାଧାନ୍ତି ମହାରାଜ ଧନ୍ୟବାଦ ଦେଇଥିଲେ।

















































ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"

-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"

- ଉତ୍କଳମଣି ଗୋପବନ୍ଧୁ ଦାସ



## ବଢୁଛି ଆତ୍ମହତ୍ୟା ପ୍ରବଣତା

# ଚିନ୍ତାଜନକ ସରକାରୀ ତଥ୍ୟ

ଆଜିକାଲି ଖବରକାଗଜ ପୃଷ୍ଠା ଓଲଟାଇଲେ କିମ୍ବା ବୈଦ୍ୟୁତିକ ଗଣମାଧ୍ୟମର ପର୍ଦା ଖୋଲିବା ମାତ୍ରେ ଆତ୍ମହତ୍ୟାଜନିତ ଅପମୃତ୍ୟୁର ଅଜସ୍ର ସମ୍ବାଦ ନଜରକୁ ଆସୁଛି। କେଉଁଠି ଋଣବୋଝ ସହ୍ୟ ନକରିପାରି କୃଷକ ବିଷ ପିଇ ଜୀବନ ହରାଉଛି ତ ଅନ୍ୟ କେଉଁଠି ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ଛାତ୍ର ବା ଛାତ୍ରୀ ପଙ୍ଖାରେ ଝୁଲି ଆତ୍ମହତ୍ୟାର ପଥ ବାଛି ନେଉଛନ୍ତି। ପୁଣି ଏବେ କେଉଁଠି ବିଫଳ ପ୍ରେମିକ-ପ୍ରେମିକାଙ୍କ ଆତ୍ମହତ୍ୟାର କରୁଣ କାହାଣୀ ଆମ୍ଭମାନଙ୍କ ଆଖିରେ ଲୁହ ଆଣି ଦେଉଥାଏ। ମୋଟାମୋଟି ପରିସଂଖ୍ୟାନ ଉପରେ ଦୃଷ୍ଟିପାତ କଲେ ଅଧିକ ସଂଖ୍ୟାରେ ଯୁବବର୍ଗ ହିଁ ଆତ୍ମହତ୍ୟାର ଶିକାର ହେଉଥିବାର ଲକ୍ଷ୍ୟ କରାଯାଉଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ରିପୋର୍ଟରେ କେତେକ ଚିନ୍ତାଜନକ ତଥ୍ୟ ଦର୍ଶାଯାଇଛି। ବ୍ୟୁରୋର ସଦ୍ୟତମ ତଥ୍ୟ ଅନୁଯାୟୀ ଭାରତରେ ପ୍ରତିବର୍ଷ ୧ଲକ୍ଷ ୮୦ ହଜାର ଆତ୍ମହତ୍ୟା ଜନିତ ଅପମୃତ୍ୟୁ ଘଟୁଛି, ଯାହା କୌଣସି ଏକ ଜନମଙ୍ଗଳକାରୀ ରାଷ୍ଟ୍ରର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ। ସବୁଠାରୁ ବଡ଼କଥା ହେଉଛି, ପ୍ରତିବର୍ଷ ଆମ ଦେଶରେ ଆତ୍ମହତ୍ୟା ହାର ବୃଦ୍ଧି ପାଉଥିବାର ଦେଖାଯାଉଛି। ଉଦାହରଣ ସ୍ୱରୂପ ଗତ ୨୦୨୧ ମସିହାରେ ଭାରତରେ ଯେତିକି ସଂଖ୍ୟକ ଲୋକ ଆତ୍ମହତ୍ୟା କରିଥିଲେ, ୨୦୨୨ ମସିହାରେ ସେହିସଂଖ୍ୟା ୪.୨ପ୍ରତିଶତ ବଢ଼ିଥିଲା। ଆମ ରାଜ୍ୟ ଓଡ଼ିଶା ମଧ୍ୟ ଏ କ୍ଷେତ୍ରରେ କିଛି କମ୍ ପଛରେ ନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ମାର୍ଚ୍ଚ ମାସରେ ବିଧାନସଭାରେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ ବିଗତ ପାଞ୍ଚବର୍ଷ ମଧ୍ୟରେ ରାଜ୍ୟର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ୭୨ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା ଭଳି ଚରମ ପନ୍ଥା ବାଛି ନେଇଛନ୍ତି। ଏଇ ନିକଟରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଜନିତ ମୃତ୍ୟୁ ଏବଂ ପରେ ପରେ ବଙ୍ଗଳାରେ ନାବାଳିକା ଓ ବରଗଡ଼ ଜିଲ୍ଲାର ଗାଇସିଲଟରେ ଛାତ୍ରୀଙ୍କ ଆତ୍ମହତ୍ୟା ସାରା ରାଜ୍ୟରେ କମ୍ପନ ସୃଷ୍ଟି କରିଛି। ପରିସଂଖ୍ୟାନରୁ ଆହୁରି ଜଣାପଡିଛି ଯେ, ସମଗ୍ର ବିଶ୍ୱରେ ପ୍ରତିବର୍ଷ ୮ ଲକ୍ଷ ଲୋକ ଆତ୍ମହତ୍ୟା କରି ଜୀବନ ହରାଉଛନ୍ତି ଏବଂ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଏଭଳି ମୃତ୍ୟୁର ପଥ ବାଛି ନେଉଛନ୍ତି। ଭାରତରେ ରାଜସ୍ଥାନର କୋଟା ସହର ଆତ୍ମହତ୍ୟାଜନିତ ମୃତ୍ୟୁଯନ୍ତ୍ରା ପାଲଟି ଯାଇଥିବାର ଲକ୍ଷ୍ୟ କରାଯାଉଛି। 'ନିଟ୍' ଭଳି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ପାଇଁ କୋଟାରେ ପ୍ରଧାନକୋଚିଂ କେନ୍ଦ୍ର ଅବସ୍ଥିତ ଥିବାରୁ ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଏଠାକୁ ଆସି କୋଚିଂ ନେଉଥାନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ ଏଠାରେ ଆତ୍ମହତ୍ୟା ପ୍ରବଣତା ଏଭଳି ବୃଦ୍ଧି ପାଇଛି ଯେ, ଚଳିତବର୍ଷ ଜୁନ୍ ମାସ ସୁଦ୍ଧା ୧୪ଜଣ ଛାତ୍ରଛାତ୍ରୀ ବିଭିନ୍ନ କାରଣରୁ ଜୀବନ ହରାଇଛନ୍ତି। କୋଟା ସହରରେ ୨୦୨୩ ମସିହାରେ ୨୬ଜଣ ଓ ୨୦୨୪ରେ ୧୭ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ଚହଳ ସୃଷ୍ଟି କରିଥିବା ବେଳେ ଏହି ଧାରା ଏବେ ବି ଅବ୍ୟାହତ ରହିବା ସ୍ଥାନୀୟ ପ୍ରଶାସନର ନିଦ ହଜାଇ ଦେଇଛି। ଦୁର୍ବଳ ମାନସିକତା, ଅବସାଦ, ପାରିବାରିକ ଅଶାନ୍ତି, ପରୀକ୍ଷାଜନିତ ଚାପ, ଯୌନ ନିର୍ଯାତନା, ଘରୋଇ ହିଂସା, ବ୍ୟବସାୟିକ କ୍ଷତି, ବୃତ୍ତିଗତ କ୍ଷେତ୍ରରେ ସମସ୍ୟା ଆଦି ବହୁ କାରଣ ଯୋଗୁଁ ଆତ୍ମହତ୍ୟା ହାର ବଢୁଥିବାର ମନସ୍ତତ୍ତ୍ୱବିତ୍ ମାନେ ମତ ଦେଉଛନ୍ତି। ତେବେ କୌଣସି ଆଇନ ପ୍ରଣୟନ ଦ୍ୱାରା ଏହାର ନିରାକରଣ ସମ୍ଭବ ହୋଇନଥିବାରୁ ମାନସିକ ଚାପମୁକ୍ତ ରହିବା ପାଇଁ ସଚେତନତା ସୃଷ୍ଟିର ଅଧିକ ଆବଶ୍ୟକତା ରହିଛି।

# ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଭାବ ଓ ପ୍ରତିଷ୍ଠା



ଡ. ରାମଚନ୍ଦ୍ର ଦାଶ
ଅକରପଡା, ନଳୀପୁର, ବାଲିଚନ୍ଦ୍ରପୁର
କଟକ, ମୋ: ୭୭୮୯୮୩୨୫୭୭

"ଯେ ପର୍ଯ୍ୟନ୍ତ ସଚେତନତା ଭୋଟରମାନଙ୍କୁ ଉଜ୍ଜୀବିତ କରି ପାରିନାହିଁ ସେ ପର୍ଯ୍ୟନ୍ତ ସାଧାରଣତନ୍ତ୍ର ରାଷ୍ଟ୍ରର ମହତ୍ତ୍ୱ ପ୍ରତିପାଦନ ହୋଇପାରିବ ନାହିଁ"

ଭାରତୀୟ ସମ୍ବିଧାନର ମୁଖବନ୍ଧ ଭାରତୀୟ ଜନସାଧାରଣଙ୍କୁ ସମସ୍ତ ସାମ୍ବିଧାନିକ କ୍ଷମତାର ଉତ୍ସ ଭାବେ ଘୋଷଣା କରିଛି। ୨୬ ନଭେମ୍ବର ୧୯୪୯ ମସିହାରେ ଭାରତର ସାମ୍ବିଧାନିକ ସଭା ଭାରତକୁ ଏକ "ସାର୍ବଭୌମ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର" ରାଷ୍ଟ୍ର ରୂପେ ଘୋଷଣା କଲା ଓ ଭାରତର ନୂତନ ସମ୍ବିଧାନକୁ ଗ୍ରହଣ କଲା। କିନ୍ତୁ ଭାରତୀୟ ସମ୍ବିଧାନ ବିଧିବଦ୍ଧ ଭାବରେ ୨୬ ଜାନୁଆରୀ ୧୯୫୦ ମସିହା ଠାରୁ କାର୍ଯ୍ୟକାରୀ ହେଲା। ସେହିଦିନ ଠାରୁ ବ୍ରିଟେନର ରାଜା ବା ରାଣୀଙ୍କର ଭାରତ ଉପରେ କୌଣସି ଆଇନଗତ୍ ଓ ସାମ୍ବିଧାନିକ କ୍ଷମତା ରହିଲା ନାହିଁ ଓ ଭାରତର ନାଗରିକଗଣ ଇଂରେଜ ରାଜା ବା ରାଣୀଙ୍କର ଆନୁଗତ୍ୟରୁ ପୂର୍ଣ୍ଣ ଭାବରେ ମୁକୁଳିଲେ।

ଭାରତ ଏକ ସାଧାରଣତନ୍ତ୍ର ରାଷ୍ଟ୍ର। ଏହା କହିବାର ତାତ୍ପର୍ଯ୍ୟ – ଭାରତର ସର୍ବୋଚ୍ଚ ଶାସନ କର୍ତ୍ତା ଲୋକମାନଙ୍କ ଦ୍ୱାରା ନିର୍ବାଚିତ, ଲୋକମାନେ ହିଁ ସମସ୍ତ ଶକ୍ତିର ଆଧାର। ୧୯୪୭ ମସିହାର ସ୍ୱାଧୀନତା ପରେ ପାକିସ୍ଥାନ ୧୯୫୬ ମସିହା ପର୍ଯ୍ୟନ୍ତ ଇଂରେଜମାନଙ୍କ ଅଧୀନରେ ଉପନିବେଶ (ଡୋମିନିଅନ୍) ଭଳି ରହିଥିଲା। କିନ୍ତୁ ଭାରତ କ୍ଷେତ୍ରରେ ୨୬ ନଭେମ୍ବର ୧୯୪୯ ମସିହାରେ ସାମ୍ବିଧାନିକ ସଭା ଦ୍ୱାରା ପ୍ରସ୍ତୁତ ସମ୍ବିଧାନ ଗୃହୀତ ହେଲା ପରେ ଭାରତ ନିଜକୁ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଘୋଷଣା କଲା। ସାଧାରଣତନ୍ତ୍ର ଓ ଗଣତନ୍ତ୍ର ସଂଲଗ୍ନ ଶବ୍ଦ ଓ ପ୍ରାୟ ସମାର୍ଥବୋଧକ। ଉଭୟରେ ଜନସାଧାରଣ ହିଁ କ୍ଷମତାର କେନ୍ଦ୍ରବିନ୍ଦୁ ଓ ଉତ୍ସ। ସାଧାରଣତନ୍ତ୍ର ଓ ଗଣତନ୍ତ୍ର ଶାସନ ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ। ଏଠାରେ ସାଧାରଣଲୋକଙ୍କୁ ସର୍ବୋଚ୍ଚ କ୍ଷମତା ପ୍ରଦାନ କରାଯାଇଛି। ଆଜି ପୃଥିବୀର ଅଧିକାଂଶ ରାଷ୍ଟ୍ର ଗଣତାନ୍ତ୍ରିକ। ଗଣତନ୍ତ୍ର ଯେ ଶ୍ରେଷ୍ଠ ଶାସନ ବ୍ୟବସ୍ଥା ତାହା ବହୁ କ୍ଷେତ୍ରରେ ପ୍ରମାଣିତ ହୋଇସାରିଛି।

ଆଧୁନିକ ଯୁଗରେ ରାଷ୍ଟ୍ରର ଆୟତନ ଓ ଜନସଂଖ୍ୟା ହିସାବକୁ ନେଲେ ପ୍ରତ୍ୟକ୍ଷ ଗଣତନ୍ତ୍ର ସମ୍ଭବ ନୁହେଁ। ତେଣୁ ଜନସାଧାରଣ ଭୋଟ୍ ମାଧ୍ୟମରେ ସେମାନଙ୍କ ପ୍ରତିନିଧି ବାଛି ଶାସକଙ୍କୁ ନିର୍ବାଚିତ କରନ୍ତି। ସାର୍ବଜନୀନ ସାବାଳକ ଭୋଟପ୍ରଥା ମାଧ୍ୟମରେ ଗୋଟିଏ ଲୋକ, ଗୋଟିଏ ଭୋଟ ଦେଇ ଜନସାଧାରଣ ସେମାନଙ୍କ ଶାସକଙ୍କୁ ବାଛନ୍ତି। ସଂଖ୍ୟାଗରିଷ୍ଠତା ଭିତ୍ତିରେ ଶାସକ ବଛା ଯାଏ ଓ ଜନସାଧାରଣଙ୍କ ସାଧାରଣ ସ୍ୱାର୍ଥକୁ ଆଖି ଆଗରେ ରଖି ଆଇନ୍ କାନୁନ୍ ପ୍ରସ୍ତୁତ କରାଯାଏ। ଶାସକ ଯଦି ଜନବିରୋଧୀ କାର୍ଯ୍ୟକଳାପ ରେ ଲିପ୍ତ ରହନ୍ତି ତେବେ ନିର୍ବାଚନରେ ଜନସାଧାରଣ ତାଙ୍କୁ ଶାସନ ଗାଦିରୁ ହଟାଇ ନୂତନ ସରକାରକୁ କ୍ଷମତା ଅର୍ପଣ କରନ୍ତି। ସ୍ୱାଧୀନତା, ସମାନତା, ଭ୍ରାତୃତ୍ୱ ଓ ସର୍ବୋପରି ଜନସାଧାରଣଙ୍କୁ ନ୍ୟାୟ ଦେବା ସାଧାରଣତନ୍ତ୍ର ଓ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଧାନ ଉଦ୍ଦେଶ୍ୟ। ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ଓ ପ୍ରତିବାଦ କରିବାର ଅଧିକାର ଗଣତନ୍ତ୍ର ଶାସନର ବୈଶିଷ୍ଟ୍ୟ। ସମସ୍ତ ଜନସାଧାରଣ ଉନ୍ନତି ଓ ମଙ୍ଗଳ କରିବା ରାଷ୍ଟ୍ରର ଉଦ୍ଦେଶ୍ୟ। ସାଧାରଣତନ୍ତ୍ର ରାଷ୍ଟ୍ର ବ୍ୟକ୍ତିକୁ କେବଳ ରାଜନୈତିକ ସ୍ୱାଧୀନତା କି ଗଣତାନ୍ତ୍ରିକ ସରକାର ନୁହେଁ, ବରଂ ଏକ ଗଣତାନ୍ତ୍ରିକ ସମାଜ ଗଠନ କରିବା ପାଇଁ ଆହ୍ୱାନ କରେ। ବ୍ୟକ୍ତିକୁ ଅର୍ଥନୈତିକ ସ୍ୱାବଲମ୍ବୀ କରିବା, ବ୍ୟକ୍ତିର ସର୍ବନିମ୍ନ ଆବଶ୍ୟକତା ପରିପୂରଣ କରି ସମାଜରେ ନ୍ୟାୟ, ସ୍ୱାଧୀନତା ସମାନତା ଓ ଭାତୃତ୍ୱ ପ୍ରତିଷ୍ଠା କରିବା ଏକ ସାଧାରଣତନ୍ତ୍ର ରାଷ୍ଟ୍ରର ଲକ୍ଷ୍ୟ। ସାଧାରଣତନ୍ତ୍ର ରାଷ୍ଟ୍ର ବ୍ୟକ୍ତିର ସାର୍ବଭୌମ କ୍ଷମତାକୁ ସମ୍ମାନ ଦେଇ ରାଷ୍ଟ୍ରର କ୍ଷମତା ଓ ବ୍ୟକ୍ତିର ସ୍ୱାଧୀନତା ଭିତରେ ସନ୍ତୁଳନ ରକ୍ଷା କରେ। ଯେଉଁଠି ବ୍ୟକ୍ତି ସ୍ୱାଧୀନତା ଓ ସାମାଜିକ ସ୍ଥିରତା ରହେ ସେହିପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣତନ୍ତ୍ରର ମହତ୍ତ୍ୱ ପ୍ରତିପାଦନ ହୁଏ।

ରାଜନୀତିର ଦାର୍ଶନିକ ପ୍ଲାଟୋ ତାଙ୍କର 'ଦ ରିପବ୍ଲିକ୍' ପୁସ୍ତକରେ ଜଣେ ଆଦର୍ଶ ଓ ଅନାସକ୍ତ ଶାସକର ଅନ୍ୱେଷଣ କରିଛନ୍ତି ଯାହା ଏକ ସାଧାରଣତନ୍ତ୍ର ରାଷ୍ଟ୍ର ପାଇଁ ଅପରିହାର୍ଯ୍ୟ। କିନ୍ତୁ ବାସ୍ତବତା କ'ଣ? ଭାରତ ଭଳି ସାଧାରଣତନ୍ତ୍ର ରାଷ୍ଟ୍ରରେ ନିରକ୍ଷରତା ଓ ଗରିବ ଜନସାଧାରଣ ଭୋଟର୍ ମୂଲ୍ୟକୁ ଠିକ୍ ଭାବେ ବୁଝିପାରୁ ନାହାନ୍ତି। ବେଳେବେଳେ ସାମୟିକ ଉତ୍ତେଜନା ବା ପ୍ରଲୋଭନର ବଶବର୍ତ୍ତୀ ହୋଇ ନିଜ ସାର୍ବଭୌମ କ୍ଷମତାକୁ ଠିକ୍ ଭାବେ ଉପଯୋଗ କରିପାରୁ ନାହାନ୍ତି। କେତେକ ଭୋଟ୍‌କୁ ଜିନିଷ ଭଳି ବିକ୍ରୟ କରି ଦେଉଛନ୍ତି ତ ଆଉ କେତେ ଅଜ୍ଞତା ହେତୁ ଅନ୍ୟର ପ୍ରରୋଚନାରେ ପରିଚାଳିତ ହେଉଛନ୍ତି। ଯେ ପର୍ଯ୍ୟନ୍ତ ସଚେତନତା ଭୋଟର ମାନଙ୍କୁ ଉଜ୍ଜୀବିତ କରିପାରି ନାହିଁ ସେ ପର୍ଯ୍ୟନ୍ତ ସାଧାରଣତନ୍ତ୍ର ରାଷ୍ଟ୍ରର ମହତ୍ତ୍ୱ ପ୍ରତିପାଦନ ହୋଇପାରିବ ନାହିଁ। ଅଭାବ ଓ ଅଜ୍ଞତା ଏବେ ବି ସମାଜର କେତେକ ବର୍ଗଙ୍କୁ ଆଚ୍ଛାଦିତ କରି ରଖିଛି। ଯେ ପର୍ଯ୍ୟନ୍ତ ଆମେ ଗରିବର ଆଖିରୁ ଲୁହ ଝରିବା ବନ୍ଦ ନକରିବା, ପ୍ରତି ମଣିଷକୁ ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ଆଦିର ସର୍ବନିମ୍ନ ଆବଶ୍ୟକତା ପରିପୂରଣ ନ କରିବା ସେ ପର୍ଯ୍ୟନ୍ତ ସାଧାରଣତନ୍ତ୍ରର ସ୍ୱପ୍ନ ପରିପୂରଣ ହୋଇପାରିବ ନାହିଁ।

ନିର୍ବାଚନରେ ଅର୍ଥ ଓ ବାହୁବଳର ପ୍ରୟୋଗ ଆଜିର ନିର୍ବାଚନ ପ୍ରକ୍ରିୟାକୁ କଳୁଷିତ କରୁଛି। ଅବାଧ ଓ ମୁକ୍ତ ନିର୍ବାଚନ ପ୍ରକ୍ରିୟା ସୁସ୍ଥ ଗଣତନ୍ତ୍ର ପାଇଁ ନିହାତି ଆବଶ୍ୟକ। ସେଥିପାଇଁ ସୁପ୍ରିମକୋର୍ଟ ଏବେ ସ୍ପଷ୍ଟ ଭାବରେ କହିଛନ୍ତି – ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ସମ୍ପ୍ରଦାୟ ନାମରେ ଭୋଟ ଭିକ୍ଷା କରିବା ବେଆଇନ। ଆମ ଦେଶର ସମ୍ବିଧାନ ଆଇନ୍ କାନୁନ୍‌ର ମୌଳିକ ତଥ୍ୟକୁ ଲିପିବଦ୍ଧ କରିଛି। କିନ୍ତୁ ବେଳେ ବେଳେ ସମ୍ବିଧାନର ମୌଳିକ ଢାଞ୍ଚାରେ ପରିବର୍ତ୍ତନ ପାଇଁ ପ୍ରୟାସ ହୋଇଛି ଓ କ୍ଷମତାର ଯୁଦ୍ଧ ଲାଗିଛି ସଂସଦ ଓ ନ୍ୟାୟାଳୟ ମଧ୍ୟରେ। ସାଧାରଣତନ୍ତ୍ର ରାଷ୍ଟ୍ରରେ କ୍ଷମତାର ପୃଥକୀକରଣ କରାଯାଇ ଏହାକୁ ସାଧାରଣତଃ ତିନୋଟି ଅଙ୍ଗରେ ବିଭକ୍ତ କରାଯାଇଛି। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ଏହି ତିନିଗୋଟି ଅଙ୍ଗ ନିଜ ନିଜ କ୍ଷମତାର ପରିଧି ମଧ୍ୟରେ ରହି କାର୍ଯ୍ୟକଲେ ଜନସାଧାରଣ ତା'ର ସୁଫଳ ପାଇପାରିବେ। ଭାରତୀୟ ସାଧାରଣତନ୍ତ୍ରରେ ଏପରି ଘଟଣା ଘଟୁଛି ଯେ ନ୍ୟାୟାଳୟର କୌଣସି ଏକ ଆଇନ୍‌କୁ ଅସିଦ୍ଧ ଘୋଷଣା କଲା ପରେ ତାହା ବ୍ୟବସ୍ଥାପିକା ସଭାରେ ବିଧେୟକ ଭାବେ ଅଣାଯାଇ ଆଇନ୍ ସମ୍ମତ କରାଯାଇଛି। ବିଳମ୍ବିତ ନ୍ୟାୟ ଓ ଅପହଞ୍ଚ ନ୍ୟାୟ ସାଧାରଣ ମଣିଷକୁ ବ୍ୟଥିତ କରୁଛି। ସେ ନିଜକୁ ଅସହାୟ ମନେକରୁଛି। ଯେଉଁ ଅଳ୍ପ କେତେଜଣ ଏହାକୁ ପ୍ରକାଶ୍ୟରେ ବିରୋଧ କରୁଛନ୍ତି ସେମାନଙ୍କ କଣ୍ଠରୋଧ କରି ଦିଆଯାଉଛି। ପ୍ରଲୋଭନ ଦେଖାଯାଉଛି, ଆଇନ୍, ପୋଲିସ୍ , ଗୁଳି ଓ ନିର୍ଯାତନାର ଧମକ ଦିଆଯାଉଛି। ସଂରକ୍ଷଣ ରାଜନୀତି ଗଣତନ୍ତ୍ରକୁ କବଳିତ କରିଚାଲିଛି। ସାର୍ବଭୌମ କ୍ଷମତାର ଅଧିକାରୀ ସାଧାରଣ ଜନତା ଭୋଟ୍ ରାଜନୀତିରେ ପେଷି ହୋଇ ଯାଉଛି। ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧ ର ଅବକ୍ଷୟ ଘଟି ସମାଜ ପତନୋନ୍ମୁଖୀ ହେଉଛି। ଯେପର୍ଯ୍ୟନ୍ତ ସ୍ୱାଧୀନତା, ସମାନତା, ଭ୍ରାତୃତ୍ୱ ଓ ନ୍ୟାୟ ସମାଜରେ ପ୍ରତିଷ୍ଠା ହୋଇନାହିଁ ବା ପ୍ରତିଷ୍ଠାର ପ୍ରକୃତ ପ୍ରୟାସ ହୋଇନାହିଁ ସେ ପର୍ଯ୍ୟନ୍ତ ସାଧାରଣତନ୍ତ୍ର ରାଷ୍ଟ୍ରର ସ୍ୱପ୍ନ ଅଧୁରା ରହିବ। ଆମ ସାଧାରଣତନ୍ତ୍ର ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରିୟା ସାଧାରଣତଃ ପ୍ରତି ପାଞ୍ଚବର୍ଷରେ ଥରେ ଆସୁଥିବାରୁ ଲୋକମାନଙ୍କୁ ସେମାନଙ୍କ ମତ ସାବ୍ୟସ୍ତ କରିବା ପାଇଁ ପାଞ୍ଚବର୍ଷ ଅପେକ୍ଷା କରିବାକୁ ପଡ଼େ। ମଣିଷର ସାର୍ବଭୌମ କ୍ଷମତା ଭୋଟ୍ ବାକ୍ସ ମଧ୍ୟରେ ନିବଦ୍ଧ ହୋଇଯାଏ। ବହୁ ସମୟରେ ନିର୍ବାଚିତ ପ୍ରତିନିଧିମାନେ କ୍ଷମତାର ପର ଲାଗିଗଲା ପରେ ଜନସାଧାରଣଙ୍କୁ ଉପେକ୍ଷା କରିବା ଆରମ୍ଭ କରନ୍ତି ଯାହା ସାଧାରଣତନ୍ତ୍ର ରାଷ୍ଟ୍ରର ପରିପନ୍ଥୀ।

ପରିଶେଷରେ ଏତିକି କୁହାଯାଇପାରେ, ସୁସ୍ଥ ଦଳୀୟ ବ୍ୟବସ୍ଥା, ମୁକ୍ତ ଓ ଅବାଧ ନିର୍ବାଚନ, ନିରକ୍ଷରତାର ଅବସାନ, ରାଜନୈତିକ ସଚେତନତା, ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ସମ୍ପ୍ରଦାୟ ଭିତ୍ତିରେ ବିଭକ୍ତିକରଣର ଅବସାନ, ବ୍ୟକ୍ତିର ସର୍ବନିମ୍ନ ଆବଶ୍ୟକତାର ପରିପୂରଣ, ଗଣତାନ୍ତ୍ରିକ ମୂଲ୍ୟବୋଧର ବିକାଶ, ବୁଦ୍ଧିଜୀବୀ ମାନଙ୍କର ରାଜନୀତିରେ ଅଂଶଗ୍ରହଣ ଓ ସର୍ବୋପରି ସ୍ୱାଧୀନତା, ସମାନତା ଓ ନ୍ୟାୟ ପ୍ରତିଷ୍ଠା ପାଇଁ ଯତ୍ନବାନ ହେବା ଏବେ ଜରୁରି ହୋଇ ପଡ଼ିଛି। ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନ୍‌ଙ୍କ ଭାଷାରେ ଗରିବ ଓ ଭୋକିଲା ଲୋକ, ଯିଏ କାମ ବା ମଜୁରୀ ପାଏ ନାହିଁ ଓ ଯାହାର ଜୀବନ ଦୁଃଖ ଓ ଦାରିଦ୍ର୍ୟର ଅବିରତ ସଂଗ୍ରାମ, ସେ କେବେ ବି ସମ୍ବିଧାନ ବା ଆଇନ ପାଇଁ ଗର୍ବିତ ହୋଇ ପାରିବନାହିଁ।

# ସ୍ୱାଧୀନତା ଏକ ପର୍ବ ନୁହେଁ, ଏହା ଏକ ଦାୟିତ୍ୱ



ରେଣୁବାଳା ମହାପାତ୍ର
ଅନୁଗୋଳ

ବିବିଧତାରେ ଏକତା – ଭାରତବର୍ଷର ବିଶେଷତା। ବିଶ୍ୱରେ ଏକମାତ୍ର ମାତୃପ୍ରତିମ ଦେଶ। ଏକ ବିଶାଳ ସାଂସ୍କୃତିକ, ଐତିହାସିକ ଏବଂ ରାଜନୈତିକ ସମୂହ, ଯେଉଁଠାରେ କି ଏକ ସାଧାରଣ ଭାଷା, ଜାତୀୟତା, ଇତିହାସ, ସଂସ୍କୃତି, ପରମ୍ପରା, ବିଚାରଧାରା, ରୀତି-ନୀତି, ଆଚରଣ, ଅଭ୍ୟାସ ଓ ଆର୍ଥିକ ଜୀବନ ସହିତ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ର ମଧ୍ୟରେ ନିଜର ସ୍ୱତନ୍ତ୍ରତା, ଏକତା ଓ ବିକାଶର ଲକ୍ଷ୍ୟ ଉଦ୍ଦେଶ୍ୟରେ ସଚେତନ ରହି ନିଜ ଉପରେ ଶାସନ କରିବା ପାଇଁ ସ୍ୱୟଂ ଏକ ସରକାର ଗଠନ କରିଥାନ୍ତି, ୟେ ସେଇ ରାଷ୍ଟ୍ର ଭାରତ।

୧୯୪୭ ଅଗଷ୍ଟ ୧୫ ତାରିଖରେ ବ୍ରିଟିଶ୍ ଶାସନ କବଳରୁ ମୁକ୍ତ ହୋଇ ଭାରତ ସାର୍ବଭୌମ ରାଷ୍ଟ୍ର ଭାବେ ସଦର୍ପ ପ୍ରଗତି ଓ ବିକାଶର ଅଭିଯାତ୍ରା ଜାରି ରଖିଛି। ଭାରତବର୍ଷରେ ସ୍ୱାଧୀନତାର ସ୍ୱାଦ ତିକ୍ତ ଓ ମଧୁର ମଧ – ହେଲେ ବିବିଧତାରେ ଏକତା ବଜାୟ ରଖି ଯେପରି ବିଶ୍ୱର ସର୍ବ ବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଛି, ତାହା ସ୍ୱାଧୀନତା ପ୍ରାପ୍ତିର ସବୁଠାରୁ ବଡ଼ ଉପଲବ୍ଧି।

ଭାରତବର୍ଷ ଆଜି ପାଳନ କରୁଛି ୭୯ତମ ସ୍ୱାଧୀନତା ଦିବସ। ବିଶ୍ୱ ସମୁଦାୟ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛି ଭାରତକୁ। କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସବୁଠି ଉଡ଼ିବ ତ୍ରିରଙ୍ଗା ପତାକା। ଦିଲ୍ଲୀର ଲାଲକିଲ୍ଲା ଠାରେ ପ୍ରଧାନମନ୍ତ୍ରୀ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ। ଏହି ସ୍ୱାଧୀନତା ଦିବସ ଆତ୍ମୋତ୍ସର୍ଗ, ଆତ୍ମସମୀକ୍ଷା ନବନିର୍ମାଣର ସଂକଳ୍ପ ଦିବସ। ଇତିମଧ୍ୟରେ ଦେଶ ପାଳନ କରୁଛି 'ଆଜାଦି କା ଅମୃତ ମହୋତ୍ସବ'। ୨୦୪୭ ମସିହା ପର୍ଯ୍ୟନ୍ତ ଏହି ୨୨ବର୍ଷ ସମୟର ବ୍ୟବଧାନକୁ ସରକାର ଅମୃତକାଳ ଭବରେ ନାମିତ କରିଛନ୍ତି। ଲକ୍ଷ୍ୟ ହେଲା – ଭାରତକୁ ବିଶ୍ୱର ଅନ୍ୟତମ ବିକଶିତ ରାଷ୍ଟ୍ରରେ ପରିଣତ କରିବା। ଏହି ଆମୃତକାଳକୁ 'ନବ ଭାରତ ନିର୍ମାଣ ଯୁଗ' ଭାବରେ ନାମିତ କରାଯାଇଛି। ଆଜି ଦେଶର ପଡୋଶୀ ରାଷ୍ଟ୍ର ପାକିସ୍ଥାନ, ଶ୍ରୀଲଙ୍କା, ବାଂଲାଦେଶ ପ୍ରଭୃତିରେ ଅରାଜକତା ଓ ଅସ୍ଥିରତା ଦେଖା ଯାଉଥିବା ବେଳେ ଭାରତ ନିଜକୁ ବିଶ୍ୱ ଦରବାରରେ ପ୍ରମାଣିତ କରି ପାରିଛି। ଅଗ୍ନି ସିରିଜ୍ ଓ ପୃଥ୍ୱୀ କ୍ଷେପଣାସ୍ତ୍ର ପ୍ରତିରକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଚନ୍ଦ୍ରଯାନ – ୩ ର ସଫଳତା ପ୍ରମାଣ କରିପାରିଛି ଯେ, ଭାରତୀୟ ମାନଙ୍କର ଗବେଷଣା ଓ ପ୍ରଯୁକ୍ତିବିଦ୍ୟା କ'ଣ। ମହାକାଶ ଠାରୁ ଆଣବିକ ବିଜ୍ଞାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତର ସଫଳତା ବିସ୍ମିତ କରିଛି। ଶିକ୍ଷା କ୍ଷେତ୍ରରେ ୨୩୪ଟି ଦେଶ ତୁଳନାରେ ଭାରତ ୧୬୮ ସ୍ଥାନ ଅଧିକାର କରିଛି। ଅର୍ଥନୀତିର ବିକାଶ କ୍ଷେତ୍ରରେ ୧୮୧ଟି ଦେଶ ମଧ୍ୟରୁ ୧୧୧ତମ ସ୍ଥାନରେ ରହିଛି। ବିଜ୍ଞାନ, କାରିଗରୀ, ମହାକାଶ ଗବେଷଣା, କୃଷି, ପ୍ରଯୁକ୍ତି ବିଦ୍ୟା ଓ ବୈଦେଶିକ ନୀତି କ୍ଷେତ୍ରରେ ଭାରତର ପ୍ରଗତି ଯୋଗୁଁ ଆଜି ବିଶ୍ୱ ଦରବାରରେ ଏକ ସମ୍ମାନିତ ରାଷ୍ଟ୍ର ହୋଇପାରିଛି। ଭାରତ ଏବେ, ଏ-୨୦ର ଅଧିନାୟକତ୍ୱ ଗ୍ରହଣ କରିଛି। ମିଳିତ ଜାତିସଂଘର 'ସହସ୍ରାଦ ବିକାଶ ଲକ୍ଷ୍ୟ'ର ସବୁ ବିଭାଗରେ ଭାରତ ଅଗ୍ରଣୀ ରହିଛି ଏବଂ ସ୍ୱଳ୍ପ ବିକଶିତ ଦେଶ ପାଇଁ ଆଦର୍ଶ ପାଲଟିଛି।


କିନ୍ତୁ ସ୍ୱାଧୀନତାର ୭୯ ବର୍ଷ ପରେ ମଧ ଦେଶ ପାଇଁ ବହୁ କ୍ଷେତ୍ରରେ ଆହ୍ୱାନ ରହିଛି। ଦେଶର ଦାରିଦ୍ର୍ୟ ହାର ହ୍ରାସ ପାଇଥିଲେ ମଧ ଏକ ତୃତୀୟାଂଶ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି। ଅସହିଷ୍ଣୁତା ଓ ହିଂସା ଗଣତନ୍ତ୍ରର ଶତ୍ରୁ ହୋଇ ଠିଆ ହୋଇଛି। ସ୍ୱାଧୀନ ଭାରତରେ ସମ୍ପ୍ରତି ଏକ ନୂଆ ବିପଜ୍ଜନକ ଧାରା ହେଉଛି – ଭୋଟ୍ ବ୍ୟାଙ୍କ୍। ବିଭିନ୍ନ ରାଜନୈତିକ ଦଳ ସଂଖ୍ୟାଲଘୁ ପ୍ରଭୃତିଙ୍କ ସ୍ୱାର୍ଥର ଦ୍ୱାହି ଦେଇ ସେମାନଙ୍କୁ ଭୋଟ ବ୍ୟାଙ୍କ୍ ସାମଗ୍ରୀ ଭାବରେ ବ୍ୟବହାର କରୁଛନ୍ତି। ଅର୍ଥବଳ ଓ ବାହୁବଳରେ ବଳୀୟାନ ଅପରାଧୀ ମାନଙ୍କୁ ରାଜନେତା ମାନେ ଶରଣ ଦେଇ ଆସୁଛନ୍ତି। ଦେଶ ବିଭାଜନର ଯେଉଁ ଚାରାରୋପଣ କରଯାଇଥିଲା ଏଇ ୭୯ ବର୍ଷ ଭିତରେ ଶାସକ ମାନେ ତାକୁ ପାଣି, ପବନ ଯୋଗାଇ ବିଶାଳ ବୃକ୍ଷରେ ପରିଣତ କରି ସାରିଲେଣି। 'ବହୁ ଜନହିତାୟ, ବହୁ ଜନ ସୁଖାୟ' ସ୍ୱପ୍ନ ପରାହତ ହେଲାଣି। ରାଜନୀତି ଯେ ଦେଶ ସେବାର ମାଧ୍ୟମ ତାହା ଧୀରେ ଧୀରେ ଭୁଲ୍ ପ୍ରମାଣିତ ହେଉଛି। ଏହା ଏକ ଲାଭଜନକ ବ୍ୟବସାୟ ପାଲଟି ଗଲାଣି। ବହୁ ରାଜନେତା ଶିଳ୍ପପତି ଓ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କ ଠାରୁ ମୋଟାଅଙ୍କର ଚାନ୍ଦା ସଂଗ୍ରହ କରି ନିଜ କ୍ଷମତାର ଅପବ୍ୟବହାର କରୁଛନ୍ତି। ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଭାରତର ସାମାଜିକ ସ୍ଥିତିକୁ ବିପନ୍ନ କରିଛି। ଆତଙ୍କବାଦୀ ମାନଙ୍କର ଅମାନବୀୟ କାର୍ଯ୍ୟକଳାପ, ସୀମାନ୍ତ ପ୍ରଦେଶରେ ଗୁଳିକାଣ୍ଡ ଆଦି ଘଟଣାରୁ ଭାରତୀୟ ସାମାଜିକ ସ୍ଥିତିରେ ପ୍ରଶ୍ନବାଚୀ ଉଙ୍କି ମାରୁଛି। ପ୍ରାକୃତିକ ବିପର୍ଯ୍ୟୟ, ଜନ ବିସ୍ଫୋରଣ ଭାରତର ସାମାଜିକ ଓ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଇଛି। ସମାଜରେ ନୈତିକତା ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ ଘଟୁଛି। ଜାତିଆଣ ଭାବ, ଭେଦଭାବ ପ୍ରଥା, ସଂରକ୍ଷଣ ବ୍ୟବସ୍ଥା, ବେକାରୀ ସଂଖ୍ୟା ବୃଦ୍ଧି ଯୋଗୁଁ ସାମାଜିକ ସ୍ଥିରତା ରହିପାରୁନାହିଁ।

ବିଭିନ୍ନ ସମସ୍ୟାର ଜାଲରେ ଏବେ ଭାରତ ଶ୍ୱାସରୁଦ୍ଧ। ଭାରତର ଅର୍ଥନୀତି ବହୁ ପରିମାଣରେ ବିପର୍ଯ୍ୟସ୍ତ ହୋଇଛି। ଗୋଟିଏ ପରେ ଗୋଟିଏ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇ କମ୍ପାନୀ ହାତକୁ ଟେକି ଦିଆଯାଇଛି। ରେଳ ଷ୍ଟେସନ ଠାରୁ ଆରମ୍ଭ କରି ବିମାନବନ୍ଦର ପର୍ଯ୍ୟନ୍ତ ଘରୋଇକରଣ ପରିସ୍ଥିତି ଉପୁଜିଛି। ଦେଶରେ ଚାଷୀର ଦୁଃଖ କହିଲେ ନସରେ। ତାକୁ ତା' ଉତ୍ପାଦନର ଉଚିତ୍ ମୂଲ୍ୟ ମିଳିପାରୁନାହିଁ। ଆତ୍ମହତ୍ୟା, ନିଶାଦ୍ରବ୍ୟର କାରବାର ବଢ଼ି ଚାଲିଛି। ଏକ ପାର୍ଶ୍ୱରେ ଚୀନ୍ ଓ ଅପରପାର୍ଶ୍ୱରେ ପାକିସ୍ଥାନ ସହିତ ବର୍ଷ ବର୍ଷ ଧରି ସୀମା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରୁନାହିଁ।

ବିଭିନ୍ନ ସମସ୍ୟା ସତ୍ତ୍ୱେ ଭାରତବର୍ଷ ବିଶ୍ୱରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ସ୍ୱାଧୀନତା ପ୍ରାପ୍ତିର ୭୯ ବର୍ଷ ପରେ ଭାରତର ପ୍ରଗତି ବହୁମାତ୍ରାରେ ବୃଦ୍ଧି ପାଇଛି। ଗଣତନ୍ତ୍ର କିପରି ସୁଦୃଢ଼ ହେବ ତାହା ଆଜିର ବଡ଼ ଆହ୍ୱାନ। ଏଇ ଶତାବ୍ଦୀର ଭାରତ ତାର ଆଧ୍ୟାତ୍ମିକ ଚିନ୍ତାଧାରାର ପୁନଃ ଅଭ୍ୟୁଦୟ କରାଇ ସମଗ୍ର ବିଶ୍ୱକୁ ଗୋଟିଏ ଭାତୃତ୍ୱର ବନ୍ଧନରେ ବାନ୍ଧି ରଖିବା କ୍ଷେତ୍ରରେ ନେତୃତ୍ୱ ନେବ ବୋଲି ଆଶା। ବିଜ୍ଞାନ, ଆଧ୍ୟାତ୍ମିକ, ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ବିପ୍ଳବ ଆଣି ଭାରତ ହେବ ବିଶ୍ୱର ସବୁଠାରୁ ପ୍ରଗତିଶୀଳ ରାଷ୍ଟ୍ର। ଭାରତର ବୈଦେଶିକ ନୀତି ବିଶ୍ୱକୁ ନେତୃତ୍ୱ ଦେବ। ଯଦି ଆମ ଦେଶ ସଶକ୍ତ, ତେବେ ଆମେ ମଧ ସଶକ୍ତ। ଯଦି ଆମ ଦେଶ ଶକ୍ତିହୀନ, ଆମେ ମଧ ଶକ୍ତିଶାଳୀ ହୋଇ ପାରିବୁ ନାହିଁ।

'ବସୁଧୈବ କୁଟୁମ୍ବକମ୍ ଓ ସର୍ବେ ଭବନ୍ତୁ ସୁଖିନଃ'ର ବୈଶିଷ୍ଟ୍ୟ ସାରା ବିଶ୍ୱକୁ ଏକତାର ସୂତ୍ରରେ ବାନ୍ଧି ରଖିବ – ଏହି ଆଶା ଓ ବିଶ୍ୱାସ ନେଇ ଆମକୁ ଆଗକୁ ଅଗ୍ରସର ହେବାକୁ ପଡିବ।

# ଦେଶଭକ୍ତି ଓ ସାର୍ବଭୌମ ପରସ୍ପର ପରିପୂରକ



ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର
ମାନବତାବାଦୀ ଏବଂ ଆଧ୍ୟାତ୍ମିକ ଗୁରୁ
ତଥା ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା

ଆମେ ଗୋଟିଏ ବୃକ୍ଷକୁ ଦେଖିଲେ ତାହାର ଚେର ଆମକୁ ଦେଖାଯାଏ କି? ନା। ତେବେ ଦେଖାଯାଉନାହିଁ ବୋଲି ଯଦି ଆମେ ଉକ୍ତ ଚେରକୁ ଗୁରୁତ୍ୱ ନ ଦେବା, ତେବେ ସେହି ଗଛ କିଭଳି ବଞ୍ଚିବ! ବୃକ୍ଷର ସ୍ଥିତପ୍ରଜ୍ଞତା, ସାମର୍ଥ୍ୟ ଆଦି ମହାନ୍ ଗୁଣ ତାହାର ବଳିଷ୍ଠ ଚେର ବା ମୂଳରୁ ହିଁ ଆସିଥାଏ। ଯାହାର ମୂଳ ଯେତେ ଗଭୀର, ସେହି ବୃକ୍ଷ ସେତେ ସଶକ୍ତ। ଠିକ୍ ସେହିପରି କୌଣସି ଦେଶର ଇତିହାସ ଏବଂ ତାହାର ସାଂସ୍କୃତିକ ପରମ୍ପରା ହେଉଛି ତାହାର ମୂଳ ସଦୃଶ। ଅତଏବ ଆମେ ଆମ ମୂଳକୁ ସମ୍ମାନ ଦେବା ଆବଶ୍ୟକ। ତା' ସହିତ ବର୍ତ୍ତମାନକୁ ସମ୍ପୂର୍ଣ୍ଣ ସଚେତନ ଥାଇ ଜିଇଁବା ଆବଶ୍ୟକ। ଭବିଷ୍ୟତ ପ୍ରତି ଉଜ୍ଜ୍ୱଳ ଏବଂ ସକାରାତ୍ମକ ଦୃଷ୍ଟିଭଙ୍ଗୀ ମଧ୍ୟ ରଖିବା ଆବଶ୍ୟକ। ଦେଶଭକ୍ତି ଏବଂ ନିଜ ଗୌରବୋଜ୍ଜ୍ୱଳ ଅତୀତକୁ ନେଇ ଗର୍ବ କରିବା କୌଣସି ପ୍ରକାରେ ମଧ୍ୟ ସାର୍ବଭୌମ-ବିରୋଧୀ ନୁହେଁ, ହୋଇ ପାରିବ ନାହିଁ।

ଆଜି କ୍ଷୀପ୍ର ସୂଚନା ଓ ଯୋଗାଯୋଗ ଯୁଗରେ ସାରା ବିଶ୍ୱ ଗୋଟିଏ ଗାଁ'ରେ ପରିଣତ ହୋଇ ସାରିଛି। ତେଣୁ ଆମେ ବୈଶ୍ୱିକ ନାଗରିକ ହେବା ଏହା ନିଃସନ୍ଦେହ, ମାତ୍ର ଏହାର ଅର୍ଥ ନୁହେଁ ଯେ, ଆମେ ଆମ ମାତୃଭୂମି ପ୍ରତି ପ୍ରେମ ଓ ନିଷ୍ଠାକୁ ଜଳାଞ୍ଜଳି ଦେବା। ଦେଶଭକ୍ତିର ଅର୍ଥ ଅନ୍ୟ କୌଣସି ଦେଶ ପ୍ରତି ବିରୋଧ କିମ୍ବା ତିରସ୍କାର ପ୍ରଦର୍ଶନ କରିବା ନୁହେଁ। କିମ୍ବା ଦେଶପ୍ରେମ ଏସବୁ ଅବିଗୁଣରେ ପରିବର୍ତ୍ତିତ ହେବା ମଧ ଉଚିତ୍ ନୁହେଁ। କେତେକ ରାଷ୍ଟ୍ର ନିଜ ଲୋକଙ୍କ ମଧ୍ୟରେ ଦେଶଭକ୍ତିକୁ ପ୍ରୋତ୍ସାହନ ଦିଅନ୍ତି, ମାତ୍ର ଅନ୍ୟ ଦେଶର ଦେଶଭକ୍ତିକୁ ସହି ପାରନ୍ତି ନାହିଁ। ଏପରି ହେବା ଆଦୌ ଉଚିତ୍ ନୁହେଁ। ପ୍ରତ୍ୟେକ ଦେଶର ନାଗରିକ ଯେ ନିଜ ଦେଶକୁ ନେଇ ଗର୍ବ ଅନୁଭବ କରିବେ, ଏହା ସ୍ୱାଭାବିକ ଏବଂ ଆବଶ୍ୟକ ମଧ୍ୟ। ନିଜ ଭାଷା ପ୍ରତି ପ୍ରେମ ଏବଂ ଗୌରବ ତ ଆହୁରି ବେଶି ମହତ୍ତ୍ୱପୂର୍ଣ୍ଣ। ଉଦାହରଣସ୍ୱରୂପ ଓଡ଼ିଶାର ମାତୃଭାଷା ହେଉଛି ଓଡ଼ିଆ ଏବଂ ଏହାକୁ ନେଇ ପ୍ରତ୍ୟେକ ଓଡ଼ିଆ ଗର୍ବ କରିବା ଉଚିତ୍। ଠିକ୍ ସେହିପରି କର୍ଣ୍ଣାଟକବାସୀ ନିଜ ମାତୃଭାଷା କନ୍ନଡ଼ ପ୍ରତି, ଫ୍ରାନ୍ସ ବାସିନ୍ଦା ନିଜ ଫ୍ରେଞ୍ଚ ଭାଷା ପାଇଁ ଓ ରୁଷିଆର ବାସିନ୍ଦା ନିଜର ରୁଷୀୟ ଭାଷା ପାଇଁ ଗର୍ବ କରିବା ଉଚିତ୍, ନୁହେଁ କି? ଭାରତର ପ୍ରତ୍ୟେକ ଅଞ୍ଚଳରେ ରହିଛି ସେମାନଙ୍କ ନିଜ ନିଜ ସଂସ୍କୃତି, ଭୋଜନ, ସଂଗୀତ ଏବଂ ଲୋକ ପରମ୍ପରା। ଏସବୁ ଐତିହ୍ୟର ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ ହେଉଛି ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ, ଯେପରିକି ସେଗୁଡ଼ିକ କାଳର କରାଳ ଗର୍ଭରେ ଲୁପ୍ତ ହୋଇ ନ ଯାଏ।

ଦେଶଭକ୍ତି ଓ ସାର୍ବଭୌମିକତା ଉଭୟ ପରସ୍ପରର ପରିପୂରକ। ପାର୍ଥକ୍ୟ କେବଳ ଏତିକି, ଆମେ ଦେଶଭକ୍ତିକୁ କେଉଁଭଳି ପ୍ରଦର୍ଶନ କରି ସେଥିରେ ଜିଉଁଛୁ ଏବଂ ସାର୍ବଭୌମିକତାରେ ଆମର ଯୋଗଦାନ କିପରି ଓ କେତେ ପରିମାଣରେ ରହୁଛି। ଆଧ୍ୟାତ୍ମିକତା ହେଉଛି ଏହାର ଶ୍ରେଷ୍ଠ ଉଦାହରଣ, ଏ ସବୁକିଛି ମାନବତା ପାଇଁ ଉଦ୍ଦିଷ୍ଟ। ଆମେ ଏହାକୁ ସମଗ୍ର ବିଶ୍ୱରେ ବାଣ୍ଟି ପାରିବା, ଏହା ଯେଉଁଠାରୁ ଆସୁ ପଛକେ, ଖୋଲା ହୃଦୟରେ ଆମେ ଏହାକୁ ସ୍ୱାଗତ କରିବା ଆବଶ୍ୟକ। ଆମେ ଏଭଳି କେବେହେଲେ ଭାବିବା ଉଚିତ୍ ନୁହେଁ, ଯେହେତୁ ଆଧ୍ୟାତ୍ମିକତା ଭାରତରୁ ଆସିଛି, ସେଥିପାଇଁ ମୁଁ ଏହାକୁ ଆପଣେଇବି ନାହିଁ, କିମ୍ବା ଟେଲିଫୋନ୍ ଆମେରିକା ଉଭାବନ କରିଥିବାରୁ ମୁଁ ଏହାକୁ ଆପଣେଇବି ନାହିଁ କିମ୍ବା ମୋବାଇଲ୍ ଫୋନ୍ ଫିନଲ୍ୟାଣ୍ଡ ଉଭାବନ କରିଥିବାରୁ ମୁଁ ଏହାକୁ ବ୍ୟବହାର କରିବି ନାହିଁ। ପ୍ରଯୁକ୍ତି ବିଦ୍ୟାର ଯୁଗରେ ଜ୍ଞାନ ଏବଂ ଆବିଷ୍କାର ହେଉଛି ସମଗ୍ର ମାନବ ଜାତିର ଐତିହ୍ୟ। ଏହାକୁ ଏଡ଼ାଇ କିଭଳି ଚଳିପାରିବା ?

ଆଉ ଏକ ଉଦାହରଣ ଏହି କଥାକୁ ଅଧିକ ସ୍ପଷ୍ଟ କରିବ। ଯେଉଁଭଳି ମାଧ୍ୟାକର୍ଷଣ ଶକ୍ତି ବହୁ ପୂର୍ବରୁ ରହିଥିଲା, ମାତ୍ର ଏହାକୁ ଆବିଷ୍କାର କରିବାର ଶ୍ରେୟ ସାର୍ ଆଇଜାକ୍ ନିଉଟନଙ୍କୁ ହିଁ ମିଳିଲା ଏବଂ ସାରା ଦୁନିଆଁ ଏହାକୁ ସ୍ୱୀକାର କଲା – ଠିକ୍ ସେହିପରି ଯୋଗ ଏବଂ ଆୟୁର୍ବେଦ ହେଉଛି ବିଶ୍ୱକୁ ଭାରତବର୍ଷର ଅମୂଲ୍ୟ ଉପହାର। ଏହାକୁ ସମ୍ମାନ ପ୍ରଦର୍ଶନ କରିବା ସହ ମୁକ୍ତ ହୃଦୟରେ ସ୍ୱୀକାର କରିବା ହେଉଛି ସମଗ୍ର ବିଶ୍ୱର କର୍ତ୍ତବ୍ୟ। ଆମ ଦେଶର ମୁନିଋଷିମାନେ ଏହାକୁ ସନ୍ଧାନ କରିବା ସହ ଅଧିକ ପରିପୁଷ୍ଟ କଲେ, ସେଥିପାଇଁ ସେମାନଙ୍କୁ ଏହାର ସୃଜନକର୍ତ୍ତାର ମାନ୍ୟତା ମିଳିବା ଆବଶ୍ୟକ ନିଶ୍ଚୟ।

ଆମେ ବିବିଧତା ଉପରେ କଟକଣା ଜାରି କରିବା ନିଶ୍ଚିତ ଭାବରେ ସାର୍ବଭୌମର ଅର୍ଥ ନୁହେଁ। ନିଜ ମାତୃଭାଷାରେ ନିଶ୍ଚିତ ଭାବରେ ପିଲାମାନଙ୍କର ଜ୍ଞାନ ରହିବା ଉଚିତ୍, ଏଥିସହ ସେମାନେ ନିଜ ଭାଷାରେ ଅକ୍ଷର ଓ ସଂଖ୍ୟା ଗଣନା କରି ଶିଖିବା ଉଚିତ୍। ଭାରତର ପ୍ରତ୍ୟେକ ରାଜ୍ୟ ସ୍ଥାନୀୟ ଲୋକଗୀତ ତଥା ଦାର୍ଶନିକ ଲୋକକଥା ଭଳି ଅମୂଲ୍ୟ ନିଧିରେ ସମୃଦ୍ଧ। ବିଶ୍ୱର ଅନ୍ୟାନ୍ୟ ଦେଶରେ ମଧ ଏଭଳି ଅନେକ ଉଦାହରଣ ରହିଛି।

ସ୍ଥାନୀୟ ବ୍ୟଞ୍ଜନର ବିବିଧତା ମଧ ବଜାୟ ରହିବା ଆବଶ୍ୟକ। ଏଠାରେ ଗୋଟିଏ କଥା ମୋ ସ୍ମରଣକୁ ଆସୁଛି, ସତୁରି ଦଶକରେ ମୋର ଛାତ୍ରାବସ୍ଥାରେ ମୁଁ ଯେତେବେଳେ କେରଳ ଯାଇଥିଲି ସେତେବେଳେ ସେଠାରେ କେବଳ ପାରମ୍ପରିକ, ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ ହିଁ ଉପଲବ୍ଧ ଥିଲା। ଆଉ ଲୋକେ ବି ତାକୁ ଖୁବ୍ ଆନନ୍ଦ ସହକାରେ ଭୋଜନ କରୁଥିଲେ। ଆଜି ସେହି ବିବିଧତା ଲୁପ୍ତପ୍ରାୟ, ଭାବିଲେ ଦୁଃଖ ଲାଗେ।

ଏହିଭଳି, ସମୟ ଚକ୍ରରେ ଆମେ ଆୟୁର୍ବେଦର ଅନେକ ଜ୍ଞାନକୁ ମଧ ବିସ୍ମୃତ ହୋଇ ସାରିଲୁଣି। ଏହିସବୁ ପ୍ରାଚୀନ ପରମ୍ପରାକୁ ପୁନର୍ଜୀବିତ କରିବା ଏବଂ ତାହାକୁ ନିଜ ଜୀବନରେ ଆପଣେଇବା ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା। ପ୍ରତ୍ୟେକ ରାଜ୍ୟ ଓ ପ୍ରତ୍ୟେକ ଦେଶର ଲୋକେ ନିଜ ନିଜର ବିଶିଷ୍ଟ ସାଂସ୍କୃତିକ ଐତିହ୍ୟକୁ ନେଇ ଗର୍ବ କରିବାର ଆବଶ୍ୟକତା ରହିଛି। ତା' ସାଙ୍ଗକୁ ନିଜର ଶ୍ରେଷ୍ଠ ପରମ୍ପରାକୁ ମଧ କୌଣସି ଦ୍ୱେଷ ଓ ଦ୍ୱିଧା ବିନା ସମଗ୍ର ବିଶ୍ୱରେ ବିତରଣ କରିବା ଆବଶ୍ୟକ। ଖାଲି ସେତିକି ନୁହେଁ, ସେଗୁଡ଼ିକ ମଧ୍ୟରୁ ଯାହା ଶ୍ରେଷ୍ଠ ଓ ଜନ କଲ୍ୟାଣକାରୀ, ତା'କୁ ଆପଣେଇବା ମଧ ଉଚିତ୍।

ତେଣୁ ଅନ୍ତତଃ ଦୃଢ଼ତାର ସହ ଏତିକି କହିହେବ, ରାଷ୍ଟ୍ରୀୟ ଗୌରବ ଓ ବିଶ୍ୱ ଭ୍ରାତୃତ୍ୱ ପରସ୍ପର ପରିପୂରକ। ଏ ଉଭୟ ଚିନ୍ତାଧାରା ପ୍ରତ୍ୟେକ ସଚେତନ ନାଗରିକଙ୍କ ଚେତନା ସହ ସଂଶ୍ଳିଷ୍ଟ ରହିପାରିବ, ରହିବା ଆବଶ୍ୟକ ମଧ। ସ୍ୱାଧୀନତା ଦିବସ ପରି ଦେଶର ଏତେବଡ଼ ଉତ୍ସବରେ ତାହାର ଗୌରବ ଓ ସାର୍ବଭୌମତ୍ୱ ବଜାୟ ରଖିବା ନିମନ୍ତେ ଏହାଠାରୁ ଅଧିକ ଆଉ କ'ଣ କୁହାଯାଇପାରେ!

# ମନ

ମନୋଜ କୁମାର ବେହେରା
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ମନୁଷ୍ୟର ମନ ଗୋଟିଏ ଶକ୍ତିଶାଳୀ ଉପକରଣ ଭଳି, ଯାହା ଜୀବନକୁ ସକାରାତ୍ମକ ଅଥବା ନକାରାତ୍ମକ ଦିଶାରେ ନେଇଯାଇ ପାରିବ। ଯଦି ମନ ଉପରେ ନିୟନ୍ତ୍ରଣ ନ ରହିବ, ତା'ହେଲେ ସେ ଶତ୍ରୁ ପରି ବ୍ୟବହାର କରିଥାଏ। ମନର ପ୍ରକୃତି ଚଞ୍ଚଳ ଅଟେ। ସେ ଗୋଟିଏ କ୍ଷଣରେ ସୁଖକୁ ଉଚ୍ଚକୁ ନେଇଯାଇ ପାରିବ ଆଉ ଅନ୍ୟ ପଟେ ଦୁଃଖର ଗଭୀର ଗର୍ତ୍ତରେ ଠେଲିବି ଦେଇପାରେ। ଅନିୟନ୍ତ୍ରିତ ମନ ବିଚାରର ତୋଫାନ ଛିଡା କରିଥାଏ, ଯାହା ବ୍ୟକ୍ତିକୁ ଭଟକେଇବା, ଚିନ୍ତା ଆଉ ନିର୍ଣ୍ଣୟ ନେବାରେ ଅସମର୍ଥ ଆଡକୁ ନେଇଥାଏ। ମନକୁ ସ୍ଥିର ରଖିବା ପାଇଁ ଭଗବାନଙ୍କ ଠାରେ ପ୍ରାର୍ଥନ କରିବା ଉଚିତ୍। ଭଗବାନ କୁହନ୍ତି ସମୟ, ବିଶ୍ୱାସ, ସନ୍ତାନ ଏମାନେ ତିନି ପକ୍ଷୀ ପରି, ଉଡିଗଲେ କେବେ ଫେରନ୍ତି ନାହିଁ। ଉଦାହରଣ ପାଇଁ କ୍ରୋଧ, ଲୋଭ ଅଥବା ଭୟ ଆଦି ଯଦି ନିୟନ୍ତ୍ରିତ ନହେବ, ତା'ହେଲେ ମନୁଷ୍ୟକୁ ଏମିତି ପଥରେ ନେଇଯିବ, ଯେଉଁଠି ସେ ନିଜର ହିତର ବିରୁଦ୍ଧ କାର୍ଯ୍ୟ କରିଥାଏ। ଗୋଟିଏ ଅନିୟନ୍ତ୍ରିତ ମନ ର ବ୍ୟକ୍ତି ଛୋଟ ଛୋଟ କଥା ଉପରେ କ୍ରୋଧିତ ହୋଇପାରେ, ଯେଉଁଥିରେ ସମ୍ବନ୍ଧ ମଧ୍ୟ ଖରାପ ହୋଇଥାଏ। କିମ୍ବା ସେ ଲୋଭରେ ପଡିକରି ଭୁଲ୍ ନିର୍ଣ୍ଣୟ ନେଇପାରେ ଯାହା ଦୀର୍ଘ କାଳରେ ହାନିକାରକ ସିଦ୍ଧ ହୋଇଥାଏ। ମନକୁ ନିୟନ୍ତ୍ରିତ କରିବା କୌଣସି ସହଜ କାର୍ଯ୍ୟ ନୁହେଁ। ଏଥିପାଇଁ ଆତ୍ମ-ଜାଗୃତ ଆଉ ବହୁତ ଅଭ୍ୟାସର ଆବଶ୍ୟକତା ହୋଇଥାଏ। ଯୋଗ, ଧ୍ୟାନ ଆଉ ଆତ୍ମ-ଚିନ୍ତନ ଭଳି ଉପାୟ ମନକୁ ଶାନ୍ତ ଆଉ କେନ୍ଦ୍ରିତ କରିବାରେ ସହାୟକ ହୋଇଥାଏ। ଧ୍ୟାନର ମାଧ୍ୟମରେ ଶକ୍ତି ନିଜର ବିଚାରକୁ ନିରୀକ୍ଷଣ କରିବା ଶିଖେଇ ଥାଏ। ଆଉ ଧୀରେ ଧୀରେ ତାହାକୁ ନିୟନ୍ତ୍ରିତ କରିବା କ୍ଷମତା ବିକଶିତ କରିଥାଏ। ମନକୁ ନିୟନ୍ତ୍ରିତ କରିବାର ଗୋଟିଏ ଅନ୍ୟ ମହତ୍ତ୍ୱପୂର୍ଣ୍ଣ କଥା ହେଲା ସକାରାତ୍ମକୁ ଅପଣେଇବା। ନକାରାତ୍ମକ ବିଚାରକୁ ବାରମ୍ବାର ଭାବିଲେ ମନ ଦୁର୍ବଳ ହୋଇଥାଏ ଆଉ ସେ ଶତ୍ରୁର ପରି ବ୍ୟବହାର କରିବାକୁ ଲାଗିଥାଏ। ଏହାର ବିପରୀତ ଯଦି ବ୍ୟକ୍ତି ନିଜ ମନକୁ ସକାରାତ୍ମକ ବିଚାର, ଲକ୍ଷ୍ୟ ଆଉ ଆଭାର ଭାବନାରେ ଭରିଦେବ ତା'ହେଲେ ସେ ଗୋଟିଏ ମିତ୍ର ଭଳି କାମ କରିଥାଏ। ଜଣେ ଛାତ୍ର ଯିଏ ଅସଫଳତା ଭୟରେ ଘେରି ରହିଥାଏ, ସେ ମନକୁ ନିୟନ୍ତ୍ରିତ କରି ଆତ୍ମବିଶ୍ୱାସ ଆଉ ପରିଶ୍ରମ ଉପରେ ଧ୍ୟାନ ଦେଇପାରିବ। ଯେଉଁଥିରେ ତାହାର ପ୍ରଦର୍ଶନ ଆହୁରି ଭଲ ହେବ। ମନର ଅନିୟନ୍ତ୍ରିତ ହେବା କୌଣସି ବାହ୍ୟ ପରିସ୍ଥିତିରେ ମଧ୍ୟ ପ୍ରଭାବିତ ହୋଇଥାଏ। ଆଧୁନିକ ଯୁଗରେ ବ୍ୟସ୍ତ ଜୀବନ, ସୋସିଆଲ୍ ମିଡିଆର ଅତ୍ୟଧିକ ଉପଯୋଗ ଆଉ ତୁଳନାତ୍ମକ ଭାବନା ମନକୁ ଆହୁରି ଅଧିକ ଅସ୍ଥିର କରିଦିଏ। ଏଥିରେ ବ୍ୟକ୍ତିକୁ ସଚେତନ ରହି ସେହି ଗତିବିଧିକୁ କମ୍ କରିବା ଦରକାର ଯାହା ମନକୁ ଭଟକେଇ ଥାଏ। ସମୟ ପ୍ରବନ୍ଧନ, ସ୍ୱସ୍ଥ ଜୀବନଶୈଳୀ ଆଉ ସକାରାତ୍ମକ ଲୋକଙ୍କ ସଙ୍ଗ ମଧ ମନକୁ ନିୟନ୍ତ୍ରିତ କରିବାରେ ସହାୟକ ହୋଇଥାଏ। ମନ ଚଞ୍ଚଳ ହେଲେ ଭଗବାନଙ୍କୁ ସ୍ମରଣ କର। ଭଗବାନ କୁହନ୍ତି, 'ନାମ ମୋର ନୁହେଁ ସ୍ମରଣ ତୁମର...ଯାହା ତୁମକୁ ଭିତରକୁ ଟାଣେ ତାହା ମୋର ପରିଚୟ ଅଟେ'।



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କପିଳାସ ପ୍ରାଣୀଉଦ୍ୟାନ ପ୍ରାଙ୍ଗଣରେ ୧୪ ତମ ବିଶ୍ୱ ହାତୀ ଦିବସ ପାଳିତ ହୋଇଛି । ଏହି ଅବସର ରେ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ୬ଟି ହାତୀ ଥିବାବେଳେ ୨ଗୋଟି ବଡ ହାତୀ ଯାହାର ନାମ ରାକେଶ, ଟୁଙ୍ଗୁରୁ ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ ନିୟନ୍ତ୍ରଣକୁ ଆସିନଥିବାରୁ ଅନ୍ୟ ୪ହାତୀ ଯଥା ପଦ୍ମା, ଶ୍ୟାମା, ଶିବା, କପିଳିଙ୍କୁ ଚନ୍ଦନ, ସିନ୍ଦୁରରେ ଚିତା ଲଗାଇ ସେମାନଙ୍କ ଉପରେ ଚିତା ପକାଇ ପୂଜାର୍ଚ୍ଚନା କରି ପ୍ରାଣୀ ଉଦ୍ୟାନ ପରିସରରେ ବୁଲାଯାଇଥିଲା । ହାତୀମାନଙ୍କୁ କଦଳୀ, ସେଓ, ନଡ଼ିଆ ଆଦି ଖାଇବାକୁ ଦିଆଯାଇଥିଲା । ପ୍ରାଣୀ ଉଦ୍ୟାନ ପରିସରରେ ଆସିଥିବା ପର୍ଯ୍ୟଟକମାନଙ୍କ ପାଇଁ ଏହା ଆକର୍ଷଣୀୟ ହୋଇଥିଲା । ହାତୀ ମାନେ ମଧ୍ୟ ପର୍ଯ୍ୟଟକଙ୍କୁ ଉତ୍ସାହିତ କରିବାର ଦେଖାଯାଇଥିଲା । ପ୍ରାରମ୍ଭରେ କପିଳାସରେ ପରିସରରେ ଜିଲ୍ଲା ବନ ସଂରକ୍ଷକ ସୁମିତ କୁମାର କର, ସହକାରୀ ବନ ସଂରକ୍ଷକ ଶ୍ୟାମା ଭାରତୀ, ଅଧିକାରୀ ଗିରିଶ ନାୟକ, ଡାକ୍ତର ଅସିତ ଚକ୍ରବର୍ତ୍ତୀ, ବାୟୋଲୋଜି ଆଲୋକ ନାୟକ ଏବଂ ସମସ୍ତ ହାତୀ ସ୍କ୍ୱାର୍ଡ ଓ ବନକର୍ମଚାରି ପ୍ରମୁଖ ବିଶ୍ୱ ହାତୀ ଦିବସ ଅବସରରେ ନିଜ ନିଜର ମତବ୍ୟକ୍ତ କରିଥିଲେ ।

# ପାଣି ପଞ୍ଚାୟତ ବକେୟା ବିଲ୍ ପାଇଁ ଧାରଣା




ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜଳସେଚନ ବିଭାଗ ଅଧିନ ମହାକାଳେଶ୍ୱର ପାଣି ପଞ୍ଚାୟତର ପୂର୍ବତନ ସଭାପତି ବିରଞ୍ଚି ସ୍ୱାଇଁ ବକେୟା ବିଲ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେ ଉପସ୍ଥାପନ କରିଥିବା ତଥ୍ୟ ଅନୁସାରେ ତାଙ୍କର କାର୍ଯ୍ୟକାଳ ୩୦.୮.୨୦୦୮ ରେ ଶେଷ ହୋଇଯାଇଥିଲା। ତେବେ ମହାକାଳେଶ୍ୱର ପାଣି ପଞ୍ଚାୟତର ବକେୟା ଅର୍ଥ ୩ ଲକ୍ଷ ୯୩ ହଜାର ୩ଶହ ୯୮ ଟଙ୍କା ଉକ୍ତ ପାଣି ପାଞ୍ଚାୟତର ପୂର୍ବତନ ସଦସ୍ୟ ଅହଲ୍ୟା ସ୍ୱାଇଁ, ବାବୁଲି ଭୋଇ, ରଞ୍ଜନ କୁମାର ଦାସ, ମନୋରଞ୍ଜନ ଲେଙ୍କାଙ୍କୁ ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କ କୋର୍ଟ ମିସ କେସ ନଂ ୨୮/୨୦୨୨ରେ ଅଡର ହୋଇଥିଲା। ଦାଇତ୍ୱରେ ଥିବା ସହକାରୀ ଯନ୍ତ୍ରୀ ହିମାଂଶୁ ପଣ୍ଡା ଉକ୍ତ ଅର୍ଥ କାମ କରୁଥିବା ସଦସ୍ୟ ମାନଙ୍କୁ ନଦେଇ ନିଜେ ହଡ଼ପ କରିଥିବାର ଅଭିଯୋଗ ଆଣିଛନ୍ତି। ଗତ ୧.୧ ୨୦୨୫ ତାରିଖରେ ୩୪ନଂ କେସରେ ସହକାରୀ ଯନ୍ତ୍ରୀ ହିମାଂଶୁ ପଣ୍ଡା ୧ଲକ୍ଷ ୫୮ ହଜାର ଟଙ୍କା ଉଠାଇବା ସହିତ ୩.୪. ୨୦୨୫ ତାରିଖରେ ୩୫ ନଂ ଚେକ୍‌ରେ ୨ ଲକ୍ଷ ୮୦ ହଜାର ଟଙ୍କା ଆତ୍ମସାତ କରିବା ପରେ କାର୍ଯ୍ୟରୁ ଅବସର ନେଇଛନ୍ତି। ଜିଲ୍ଲାପାଳଙ୍କ କୋର୍ଟକୁ ଅବମାନନା କରି କାର୍ଯ୍ୟ କରିଥିବା ସଦସ୍ୟ ମାନଙ୍କୁ ଟଙ୍କା ନଦେଇ ସହକାରୀ ଯନ୍ତ୍ରୀ ଆତ୍ମସାତ କରିଥିବା ଟଙ୍କା ଫେରସ୍ତ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

# ବଳଙ୍ଗା ପରେ ନିମାପଡ଼ାରେ ନାବାଳିକାଙ୍କ ଆତ୍ମହତ୍ୟା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବଳଙ୍ଗା ପୀଡ଼ିତା ପୋଡ଼ି ଘଟଣା ନ ଲିଭୁଣୁ ନିମାପଡ଼ାରେ ୧୪ ବର୍ଷର ନାବାଳିକା ଆତ୍ମହତ୍ୟା କରିବା ଘଟଣାକୁ ନେଇ ବିରୋଧୀଙ୍କୁ ଆଲୋଚନାର ଖୋରାକ୍ ଯୋଗାଇଛି । ନାବାଳିକାଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଥିବା ବେଳେ ତାଙ୍କର ବାପା ସ୍ୱାସ୍ଥ୍ୟକେନ୍ଦ୍ରରେ ବସି କାନ୍ଦିବା ଛଡ଼ା କୌଣସି ଉପାୟ ପାଉ ନାହାନ୍ତି । ନାବାଳିକାଙ୍କର ଏପରି ମୃତ୍ୟୁ ଘଟିବ ତାଙ୍କର ପରିବାର ସହଜରେ ବିଶ୍ୱାସ କରିପାରୁନାହାନ୍ତି । ଘରେ କୌଣସି ଦ୍ୱନ୍ଦ୍ୱ ନଥିବା ବେଳେ ହଠାତ୍ ନାବାଳିକା କ'ଣ ପାଇଁ ଆତ୍ମହତ୍ୟା କଲେ ତାହାକୁ ନେଇ ସସପେନ୍ସ ଜାରି ରହିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଗଡ଼ତୋରିହଁ ଗ୍ରାମର ଦମ୍ପତି ଓ ତାଙ୍କର ଦଶମରେ ପାଠ ପଢୁଥିବା ଝିଅ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଣ୍ଡିଆ ସାହିରେ ଘର ଭଡ଼ା ନେଇ ରହୁଥିଲେ । ବୁଧବାର ଦିନ ୧୨ଟାରେ ନାବାଳିକାଙ୍କ ବାପା ମୂଲ ମଜୁରୀ ଲାଗିବା ପାଇଁ ଯାଇଥିବା ବେଳେ ମାଆ ବଜାରରୁ ପରିବା ଆଣିବାକୁ ଯାଇଥିଲେ । ଘରକୁ ଫେରି ଦେଖନ୍ତି ନାବାଳିକା ଆଜବେଷ୍ଟସ ଘର ସେଣୀରେ ଝୁଲୁଛନ୍ତି । ହୋହାଲ୍ଲା କରିବାରୁ ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚ ନାବାଳିକାଙ୍କୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ମାତ୍ର ଡ଼ାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିବା ପରେ ପୋଲିସ ପହଂଚି ଶବକୁ ଜବତ କରିଥିଲା । ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଏ ସଂପର୍କରେ ମୃତ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମୃତ୍ୟୁର କାରଣ ଖୋଜୁଥିବା ବେଳେ କୌଣସି ଦ୍ୱନ୍ଦ୍ୱ ନଥାଇ ନାବାଳିକା କ'ଣ ପାଇଁ ଆତ୍ମହତ୍ୟା କଲେ, ଏହା ପଛରେ କ'ଣ କାରଣ ରହିଛି ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି ।

# କଲେଜ ଛାତ୍ରୀ ଅପହରଣ ପରେ ଉଦ୍ଧାର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା କଲେଜକୁ ପାଠ ପଢ଼ିବାକୁ ଆସି ଛାତ୍ରୀ ଅପହରଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିବା ବେଳେ ୨୪ ଘଣ୍ଟା ନପୁରୁଣୁ ଆନ୍ଧ୍ରପ୍ରଦେଶରୁ ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ ନାବାଳିକାକୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି । ପୋଲିସର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ପୋଲିସ ତୁରନ୍ତ ପଦକ୍ଷେପ ନେବା କାରଣରୁ ନାବାଳିକା ଜଣଙ୍କୁ ତାଙ୍କ ପରିବାର ଲୋକେ ଫେରି ପାଇଛନ୍ତି । କିପରି ନାବାଳିକା ଆନ୍ଧ୍ରପ୍ରଦେଶ ଗଲେ ନା କେହି ଅପହରଣ କରି ନେଇଥିଲା ଏ ସଂପର୍କରେ ପୋଲିସର ଅଧିକ ତଦନ୍ତ ଜାରି ରହିଛି । ସୂଚନା ଅନୁଯାୟୀ, ଗୋପ ଥାନା ବଡ଼ତରା ପଞ୍ଚାୟତର ଜନୈକ ନାବାଳିକା ନିମାପଡ଼ା କଲେଜକୁ ଗତ ୧୨ରେ ପାଠ ପଢ଼ିବାକୁ ଆସିଥିଲେ । ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ସଂପର୍କୀୟଙ୍କ ଘର ଖୋଜ ଖବର କରିଥିଲେ । କୌଣସିଠାରେ ନାବାଳିକାଙ୍କ ପତ୍ତା ମିଳି ନଥିଲା । ପରେ ଏ ସଂପର୍କରେ ନିମାପଡ଼ା ଥାନାରେ ନାବାଳିକାଙ୍କ ଭାଇ ଅଭିଯୋଗ କରିବା ପରେ ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଥିଲା । କୌଣସି ସୂତ୍ରରୁ ଖବର ପାଇ ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ ଆନ୍ଧ୍ରପ୍ରଦେଶରେ ପହଞ୍ଚ ସେଠା ପୋଲିସ ସହାୟତାରେ ନାବାଳିକାକୁ ଉଦ୍ଧାର କରିଛନ୍ତି ।

# ନିଶା ମୁକ୍ତ ଭାରତ ଅଭିଯାନ ଓ ଆଲୋଚନାଚକ୍ର




ପାରାଦୀପ(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଦେଶବ୍ୟାପୀ ନିଶା ମୁକ୍ତ ଭାରତ ଅଭିଯାନର ଅଂଶ ଭାବରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ବୁଧବାର ଦିନ ଏକ ସ୍ୱତନ୍ତ୍ର ସପଥ ସମାରୋହ ଏବଂ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । ପ୍ରଶାସନିକ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ନିଶା ସେବନର ବିପଦ ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ କର୍ମଚାରୀ, ଅଂଶୀଦାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଏକ ସୁସ୍ଥ, ନିଶାମୁକ୍ତ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦଙ୍କ ଦ୍ୱାରା ପରିଚାଳିତ ଏକ ଗମ୍ଭୀର ସପଥପାଠ ସହିତ ଆରମ୍ଭ ହୋଇଥିଲା, ଯେଉଁଠାରେ ସମସ୍ତ ଅଂଶଗ୍ରହଣକାରୀ ସମସ୍ତ ପ୍ରକାରର ନିଶା ସେବନରୁ ଦୂରରେ ରହିବା ଏବଂ ସେମାନଙ୍କ ପରିବାର ଏବଂ ସମାଜକୁ ନିଶା ମୁକ୍ତ କରିବା ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଏହି ସାମାଜିକ ବିପଦର ମୁକାବିଲା ପାଇଁ ବ୍ୟକ୍ତିଗତ ପ୍ରତିବଦ୍ଧତାର ଗୁରୁତ୍ୱ ଉପରେ ଏହି ପ୍ରତିଜ୍ଞାରେ ଗୁରୁତ୍ୱ ଦିଆଯାଇଥିଲା। ପାରାଦୀପ ବନ୍ଦର ପ୍ରାଧିକରଣର ସମାଜ କଲ୍ୟାଣ ଶାଖା, ପାରାଦୀପ ସାକ୍ଷରତା ସମିତି, ବିଭିନ୍ନ ମହିଳା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କୁ ପ୍ରେରଣା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ନାଶା ମୁକ୍ତ ଭାରତ ଅଭିଯାନର ୫ମ ବାର୍ଷିକୀ ଉପରେ ଆଲୋଚନା, ସଚେତନତା ସୃଷ୍ଟି ଏବଂ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ସାକ୍ଷରତା ସମିତିର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ବନ୍ଦର ହସ୍ପିଟାଲର ବରିଷ୍ଠ ଚିକିତ୍ସା ଅଧିକାରୀ ଡା. ରୁନୁ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ପ୍ରୀତି ଆରତୀ ପରିଜା, ରଶ୍ମି ଆଚାର୍ଯ୍ୟ ଏବଂ ପ୍ରେମଲତା ବାରିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ନିଶା ସେବନର କ୍ଷତିକାରକ ପ୍ରଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା କିପରି ଆମର ସାମଗ୍ରିକ ସ୍ୱାସ୍ଥ୍ୟ, ସାମାଜିକ ଏବଂ ଆର୍ଥିକ ପରିସ୍ଥିତିକୁ ପ୍ରଭାବିତ କରେ ତାହା ଉପରେ ଆଲୋକପାତ କରିଥିଲେ। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଉପଯୁକ୍ତ ଚିକିତ୍ସା ଏବଂ ପୁନର୍ବାସ ପ୍ରଦାନ କରିବା ଏବଂ ନିଶା ଚୋରାଚାଲାଣକାରୀ ଏବଂ ପ୍ରଦାନକାରୀଙ୍କ ବିରୁଦ୍ଧରେ ଦୃଢ଼ ଆଇନ କାର୍ଯ୍ୟକାରୀ କରିବା,ଦେଶରେ ନିଶା ସେବନ ବନ୍ଦ କରିବା ପାଇଁ ପ୍ରମୁଖ ପଦକ୍ଷେପ ଗ୍ରହଣ ଉପରେ ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ସାକ୍ଷରତା ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ସଂଯୋଜନା କରିଥିଲେ। ବିଭିନ୍ନ ମହିଳା ସଂଗଠନର ବହୁ ସଂଖ୍ୟକ ମହିଳା ଏଥିରେ ଅଂଶଗ୍ରହଣ ଅଂଶଗ୍ରହଣ କରିଥିଲେ।

# ଜଗତସିଂହପୁର ଅବକାରୀ ବିଭାଗର କଟକଣା




ଜଗତସିଂହପୁର(ଭାସ୍କର ନ୍ୟୁଜ): ଅବକାରୀ କମିଶନର ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ଅବକାରୀ ଅଧିକ୍ଷୀକା ଅନିତା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ପୁଣିଥରେ ଚୋରା ମଦ ବ୍ୟବସାୟ ବିରୋଧରେ ଦୃଢ଼ ସଙ୍କଳ୍ପ ପ୍ରଦର୍ଶନ କରିଛି। ଗତକାଲି ଅବକାରୀ ମୋବାଇଲ୍ ୟୁନିଟ୍ ନିରୀକ୍ଷକ, ବାଲିକୁଦା ଓ ଜଗତସିଂହପୁର ଅବକାରୀ ଥାନା ସହ ମିଳିତ ଅଭିଯାନରେ ନାଉଗାଁ ଥାନା ଅଧୀନ ଜାମୁଗାଁରେ ଗୁରୁତ୍ୱପୂର୍ଣ୍ଣ ମାମଲା ଚିହ୍ନଟ କରାଯାଇଛି। ଅଭିଯାନ ସମୟରେ ୨୧ ଦେଶୀ ମଦ ପେଟି ତଥା ୧୦୫ ଲି ଦେଶୀ ଓ ୭.୨୦୦ଲି ବିଦେଶୀ ମଦ ବୋଝାଇ ନେଉଥିବା ଚାରିଚକିଆ ଯାନ ଯାହାର ରେଜିଷ୍ଟ୍ରେସନ ନଂ ଓଆର-୦୨ବିଏକ୍ସ-୦୯୮୯ ଜବତ କରାଯାଇଛି। ଅଭିଯାନରେ ନାଉଗାଁ ପୋଲିସ ପକ୍ଷରୁ ମଧ୍ୟ ଯଥେଷ୍ଟ ସହଯୋଗ ମିଳିଛି। କିନ୍ତୁ ଗାଡ଼ି ଚାଳକ ପ୍ରଶାନ୍ତ କୁମାର ସାହୁ ଅହଡା, ଯିଏ ପୂର୍ବରୁ ମଧ୍ୟ ଅନେକ ଅପରାଧରେ ଜଡିତ ଥିଲା ଘଟଣାସ୍ଥଳରୁ ଖସି ପଳାଇଛି। ତା ବିରୋଧରେ ଆବଶ୍ୟକୀୟ କାନୁନ ପ୍ରକ୍ରିୟା ଚାଲିଛି ଓ ତାଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଅତ୍ୟନ୍ତ ପ୍ରୟାସରତ ଜିଲ୍ଲା ଅବକାରୀ ବିଭାଗ।

# ନିଶାମୁକ୍ତ ସମାଜ ଗଠନ ନିମନ୍ତେ ଶପଥପାଠ



ପାରାଦୀପ(ଭାସ୍କର ନ୍ୟୁଜ): ସ୍ୱାଧୀନତା ସଂଗ୍ରାମର ଅନ୍ତୁଡ଼ିଶାଳ ତଥା ଓଡିଶାରେ ସାବରମତୀ ରୂପେ ପରିଚିତ ଜଗତସିଂହପୁର ଅଳକା ଆଶ୍ରମ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ କ୍ରାନ୍ତି ଦିବସରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଜାରି ରହିଥିବା ନିଶାମୁକ୍ତି, ଯୁବଶକ୍ତି ଅଭିଯାନ ପରିପ୍ରେକ୍ଷୀରେ ବନ୍ଦର ନଗରୀ ପାରାଦ୍ୱୀପର ପୁରାତନ ଶିକ୍ଷାନୁଷ୍ଠାନ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ବିଜୁ ମେମୋରିଆଲ ହସ୍ପିଟାଲର ଡାକ୍ତର ଆସିଫ ଇକବଲ, ଜଗତସିଂହପୁର ଜିଲ୍ଲା ନିଶା ନିବାରଣ ସମିତି ସଂଯୋଜକ କମ୍ରେଡ ବାବୁରାମ ଚୌଧୁରୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱାସ୍ଥ୍ୟ ସେବିକା ପ୍ରେମଲତା ବାରିକ ଛାତ୍ରଛାତ୍ରୀଙ୍କୁ ସାମ୍ପ୍ରତିକ ସମାଜରେ ନିଶା ସେବନର କୁପରିଣାମ ଓ ଭୟାଭୟତା ବିଷୟରେ ଅବଗତ କରାଇଥିଲେ। ନିଶା ନିବାରଣ ସଂପର୍କିତ ଆଲୋଚନା ଅଳକା ଆଶ୍ରମର କେନ୍ଦ୍ରୀୟ ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଦାଶ ଶତାଧିକ ଛାତ୍ରଛାତ୍ରୀଙ୍କୁ ଜୀବନରେ ନିଶା ସେବନରୁ ନିବୃତ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବାର ଶପଥ ପାଠ କରାଇଥିଲେ। ଶେଷରେ ଅଳକା ଆଶ୍ରମର ପାରାଦ୍ୱୀପ ସଂଯୋଜିକା ନଳିନୀ ପ୍ରଭା ସାହୁ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦାହରଣ ସାଜିଛି ପଢାଳ ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର



ଆସିକା(ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳ ପାଇଁ ବରଦାନ ସାଜିଛି ଜୟପୁର ପଂଚାୟତ ସ୍ଥିତ ପଢ଼ାଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର। ପ୍ରତିଦିନ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫୦ରୁ ୧୦୦ରୋଗୀ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ଆସିଥାନ୍ତି। ପ୍ରାଥମିକ ଚିକିତ୍ସାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସମ୍ବନ୍ଧୀୟୀ ଅନ୍ୟାୟ ପରୀକ୍ଷା ମଧ୍ୟ ଏଠାରେ କରାଯାଇ ସଠିକ ରିପୋର୍ଟ ପ୍ରଦାନ କରାଯାଉଥିବା ନେଇ ସ୍ଥାନୀୟ ଜନସାଧାରଣଙ୍କ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।ଡାକ୍ତରଙ୍କ ସଠିକ ପରାମର୍ଶ ଓ ବ୍ୟବହାର ସମସ୍ତଙ୍କୁ ବେଶ ପ୍ରଭାବିତ କରୁଥିବା ବେଳେ ଗ୍ରାମାଞ୍ଚଳର ସାଧାରଣ ଜନସାଧାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବସ୍ଥାକୁ ନେଇ ବେଶ ଖୁସିଥିବା ଜଣାପଡିଛି ।ଗ୍ରାମାଞ୍ଚଳରେ ଅଧିକାଂଶ ଚାଷୀ ପରିବାର ବସବାସ କରୁଥିବା ବେଳେ ଘର ପାଖରେ ମେଡିକାଲ ଓ ସ୍ୱାସ୍ଥ୍ୟ ସୁବିଧା ମିଳୁଥିବାରୁ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ। ସୁସ୍ଥ ପରିବେଶ ସାଙ୍ଗକୁ ସଠିକ ପରାମର୍ଶ କାରଣରୁ ରୋଗୀ ମାନଙ୍କ ପ୍ରଥମ ପସନ୍ଦ ହେଉଛି ପଢାଳ ସ୍ଥିତ ଆୟୁଷ ସ୍ୱାସ୍ଥ୍ୟ ମନ୍ଦିର। ସବୁଠାରୁ ବଡ଼କଥା ହେଉଛି ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରି ସେମାନଙ୍କୁ ୪୮ଘଣ୍ଟା ଭିତରେ ଶାରୀରିକ ସମସ୍ୟା ସମ୍ପର୍କରେ ରିପୋର୍ଟ ପ୍ରଦାନ କରାଯାଉଛି ।ଆଗରୁ ଆସିକା ଅଞ୍ଚଳର ଆୟୁଷ ସ୍ୱାସ୍ଥ୍ୟ ମନ୍ଦିର ଗୁଡିକରେ ଅବ୍ୟବସ୍ଥା ରହୁଥିବା ବେଳେ ବର୍ତମାନ ଆୟୁଷ ସ୍ୱାସ୍ଥ୍ୟ ମନ୍ଦିର ଗୁଡିକରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ଥିବା ଜଣାପଡିଛି। ଏହିଭଳି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ପ୍ରଦାନ କଲେ ସାଧାରଣ ଜନତା ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ବାଜି ରାଉତ କଲେଜରେ ନିଶା ମୁକ୍ତ ଭାରତ ଅଭିଯାନ




ଭୁବନ(ଭାସ୍କର ନ୍ୟୁଜ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ନିଶା ମୁକ୍ତ ଭାରତ ଅଭିଯାନ ଅଧ୍ୟକ୍ଷ ପ୍ରଭାତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଇତିହାସ ବିଭାଗ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ , ପ୍ରଭାତ କୁମାର ଜେନା, ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା ଉପସ୍ଥିତ ରହି ନିଜେ ନିଶାମୁକ୍ତ ହେବା ସହ ସାରା ଭାରତ ବର୍ଷକୁ ନିଶା ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ସମସ୍ତ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ, ଛାତ୍ରଛାତ୍ରୀମାନେ ଏଥିପାଇଁ ଶପଥ ଗ୍ରହଣ କରିଥିଲେ ।

# ବାଲିତୁଠ ମଣ୍ଡଳ ବିଜେପିର ତ୍ରିରଙ୍ଗା ଯାତ୍ରା




ଏରସମା(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ବାଲିତୁଠ ମଣ୍ଡଳ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଦାମେକା ଛକରୁ ବାହାରି ସମଗ୍ର ବାଲିତୁଠ ବଜାର ପରିକ୍ରମା କରିଥିଲା। ବଜାର ପରିକ୍ରମା ପରେ ବାଲିତୁଠ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ବାଲିତୁଠ ମଣ୍ଡଳ ବିଜେପି ସଭାପତି ବିକ୍ରମଜିତ୍ ସାମନ୍ତରାୟଙ୍କ ନେତୃତ୍ୱରେ ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ଚରଣ ସାହୁ, ମଣ୍ଡଳ ପ୍ରଭାରୀ ନିର୍ଲିପ୍ତ ଜେନା, ମଣ୍ଡଳ ସମ୍ପାଦକ ଶିବପ୍ରସାଦ ମଲ୍ଲ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନସୂୟା ଲେଙ୍କା, କ୍ଷେତ୍ରବାସୀ ସାହୁ, ବିଜୟ କୁମାର ଦାସ, ଜଗବନ୍ଧୁ ରାଉତ, ଅଜୟ ଦାସ, ନିତ୍ୟାନନ୍ଦ ସ୍ୱାଇଁ, କୁବେର ବେହେରା, ମଣ୍ଡଳ ବିଜେପିର ୭ ପଞ୍ଚାୟତର ପ୍ରମୁଖ ତପନ ପ୍ରଧାନ, ଶିବପ୍ରସାଦ ବେହେରା, ସଂଗ୍ରାମ କିଶୋର ବେହେରା, ଦିଲ୍ଲିପ ପ୍ରଧାନ, ସରୋଜ ଦାସ, ବିପିନ ନାୟକ ଓ ରମେଶ ଚନ୍ଦ୍ର ରାଉତ ପ୍ରମୁଖଙ୍କ ସମେତ ବିଜେପିର ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ଥିଲେ। ଏହି ଅବସରରେ ବାଲିତୁଠ ମଣ୍ଡଳ ବିଜେପି ପକ୍ଷରୁ ନୁଆଗାଁ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ପୁରୀରେ ଜାତୀୟ ପତାକା ଉତ୍ତୋଳନ କରିବେ ଆଇନ ମନ୍ତ୍ରୀ

ପୁରୀ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସ୍ୱାଧୀନତା ଦିବସ ଅର୍ଥାତ ୧୫ ଅଗଷ୍ଟ ଦିନ ପୂର୍ବାହ୍ନ ୯ ଘଟିକା ସମୟରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ଼ ପରିଦର୍ଶନ କରି ଉଦବୋଧନ ପ୍ରଦାନ କରିବେ। ପରେ ମାର୍ଚ୍ଚ ପାଷ୍ଟ ଅନୁଷ୍ଠିତ ହେବ। ବିଭିନ୍ନ କଳାକାର, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଅନୁଷ୍ଠାନ ଦ୍ୱାରା ଭାରତୀୟମ ନାମରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପରେ ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ବ୍ୟକ୍ତି ଶେଷଙ୍କୁ ସମ୍ବର୍ଦ୍ଧନା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ୟାରେଡ଼ର ଶ୍ରେଷ୍ଠ ଦଳଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବେ। ବନ ବିଭାଗ, ଉଦ୍ୟାନ ବିଭାଗ ଓ ସମ୍ପର୍କ ଅନୁଷ୍ଠାନ ସହଯୋଗରେ ପ୍ୟାରେଡ଼ ପଡିଆରେ ମୁଖ୍ୟ ଅତିଥି ଚାରାରୋପଣ କରିବା ପରେ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବେ। ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲା ରେଡକ୍ରସ ସମିତି ଓ ରୋଟାରୀ କ୍ଲବ ସହଯୋଗ କରିବେ। ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ ମାନଙ୍କୁ ଫଳ ବଣ୍ଟନ କରିବେ। ଜିଲ୍ଲା ରେଡକ୍ରସ ସମିତି, ମୁଖ୍ୟ ଚିକିତ୍ସାଳୟ, ରକ୍ତ ଭଣ୍ଡାର, ଭାରତ ବିକାଶ ପରିଷଦ ଓ ବଡଶଙ୍ଖ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ରକ୍ତ ଦାନ ଶିବିରକୁ ମୁଖ୍ୟ ଅତିଥି ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୩ ଘଟିକା ସମୟରେ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ପ୍ରଶାସନ ଏକାଦଶ ଓ ଗଣମାଧମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସେହିପରି ପ୍ରତ୍ୟୁଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯିବ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି କରାଯାଇ ଗାନ୍ଧୀ ଘାଟରେ ସର୍ବଧର୍ମ ପ୍ରାର୍ଥନା ସଭା, ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଢେଙ୍କାନାଳରେ ହର ଘର ତ୍ରିରଙ୍ଗା ପଦଯାତ୍ରା



ଢେଙ୍କାନାଳ(ଭାସ୍କର ନ୍ୟୁଜ): ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ଦିଏ ଭାରତବର୍ଷ । ଏଠି ବିଭିନ୍ନ ପ୍ରକାରର ଜାତି, ଧର୍ମ, ବର୍ଣ୍ଣ, ଭୌଗଳିକ ପରିବେଶର ଲୋକମାନେ ବସବାସ କରୁଛନ୍ତି । ମାତ୍ର ସମସ୍ତେ ଗୋଟେ ଏକତାର ମନ୍ତ୍ର ରେ ବନ୍ଧା ଯାହାକି ସେମାନଙ୍କୁ ଭାରତୀୟ ଭାବେ ପରିଚୟ ପ୍ରଦାନ କରେ । ଏହି ମହାନ ଚିନ୍ତାଧାରାର ନିଦର୍ଶନ ସ୍ୱରୂପ ବର୍ତ୍ତମାନ ସାରା ଭାରତରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଚାଲୁରହିଛି । ଏହି କେବଳ ଏକ କାର୍ଯ୍ୟକ୍ରମ ନୁହେଁ ଏହା ଆମ ବ୍ୟକ୍ତିତ୍ୱ ଏବଂ ପାରଦର୍ଶିତାର ପ୍ରତିଫଳନ । ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଆରମ୍ଭ ହେଇଥିବା ଏହି ଅଭିଯାନରେ ସମଗ୍ର ଭାରତର ନାଗରିକଙ୍କୁ ସାମିଲ କରି ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେବା ହିଁ ଏହି ଅଭିଯାନର ମୂଳ ମନ୍ତ୍ର । ପୂର୍ବାହ୍ନରେ ଜିଲ୍ଲା ସଦର ମହକୁମାର ବାଜିଚୌକଠାରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖସ୍ଥ ମିନି ଷ୍ଟାଡିଅମ ପର୍ଯ୍ୟନ୍ତ ଏକ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜନ କରାଯାଇଥିଲା । ଶହ ଶହ ସଂଖ୍ୟାରେ ଛାତ୍ର ଛାତ୍ରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିର ମା'ମାନେ, ଜିଲ୍ଲାର କଳାକାର ଗୋଷ୍ଠି, ସହରର ବୁଦ୍ଧିଜୀବୀ, ଜନ ପ୍ରତିନିଧି, ସାମାଜିକ ଅନୁଷ୍ଠାନ, ପ୍ରଶାସନିକ ଅଧିକାରୀଗଣ ଓ ଗଣମାଧ୍ୟମର ପ୍ରତିନିଧି ବୃନ୍ଦ ଉତ୍ସାହ ଓ ଗର୍ବର ସହିତ ଜାତୀୟ ପତାକା ଧରି ଏବଂ ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ । ଏହି ତ୍ରିରଙ୍ଗା ଯାତ୍ରାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ପୌରାଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠି, ଜିଲ୍ଲା ସ୍ତରୀୟ ଅଧିକାରୀ, ସହରର ବୁଦ୍ଧିଜୀବୀ, ବିଭିନ୍ନ ବର୍ଗର ଜନସାଧାରଣ ଓ ଗଣମାଧମ ପ୍ରତିନିଧି ଯୋଗ ଦେଇଥିଲେ ।

# ଯୋଡ଼ା ଓମେନ୍ସ କଲେଜରେ ନାରୀ ସୁରକ୍ଷା ସଚେତନତା ଶିବିର



ଯୋଡ଼ା(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ା ମ୍ୟୁନିସିପାଲଟି ଅନ୍ତର୍ଗତ ଓମେନ୍ କଲେଜରେ ଯୋଡ଼ା ଥାନା ତରଫରୁ ନାରୀ ସୁରକ୍ଷା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ଦିବା ୧୨ ଘଟିକାରୁ ଆରମ୍ଭ ହୋଇ ଦିବା ୨ ଘଟିକାରେ ଶେଷ ହୋଇଥିଲା। ଏଥିରେ କଲେଜର ସମସ୍ତ ଛାତ୍ରୀ ଏବଂ ଅଧକ୍ଷାମାନେ ଯୋଗ ଦେଇଥିବା ବେଳେ ଯୋଡ଼ା ଥାନା ଆଇଆଇସି ସୁଶାନ୍ତ କୁମାର ପ୍ରଧାନ, ବଡବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ ଏବଂ ଥାନାର ସହକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଶିବିରକୁ ଉଦବୋଧନ ଦେଇ ଶ୍ରୀ ପୀଙ୍ଗୁଆ କହିଥିଲେ ଯେ ଆଜିକାଲି କଲେଜରେ ଯେଉଁ ସବୁ ଆତ୍ମ ଦାହ ଆତ୍ମହତ୍ୟା ମାନ ହେଉଛି ତାହା ହେବା କଥା ନୁହେଁ। ପ୍ରତ୍ୟେକ ଛାତ୍ରୀ ସେହି ଘଟଣାଠାରୁ ଦୂରେଇ ରହିବା ସହିତ ନିଜକୁ ସତର୍କ ରଖିବା ଉଚିତ୍। ଏଥିରେ ଛାତ୍ରୀମାନେ ନ ବୁଝିପାରି ପ୍ରତାରଣାର ଶିକାର ହେଉଛନ୍ତି। ପ୍ରଥମେ ସେମାନେ ନିଜ ପାଖରେ ଥିବା ଥାନାରେ ଜଣାଇବା ଦରକାର। ଯାହା କି ବର୍ତ୍ତମାନ ସରକାର ଏହା ପାଇଁ ନୂତନ ନିୟମ ମାନ ଲଗୁକରିଛନ୍ତି। କେବଳ କଲେଜରେ ନୁହେଁ ରାସ୍ତାରେ ଯାତାୟାତ ସମୟରେ, ନିଜ ଘରେ ଘରୋଇ କଳହରୁ, ଯେକୌଣସି କାମ କରୁଥିବା ସ୍ଥାନରେ, ଗ୍ରାମ ମାନଙ୍କରେ ଯେ କୌଣସି ପ୍ରାଇଭେଟ୍ ସ୍ଥାନରେ ଏବଂ କୌଣସି ଅଫିସ ରେ ମଧ୍ୟ ହୋଇପାରେ। ଏହିସବୁ ଘଟଣା ପାଇଁ ସଙ୍ଗେ ସଙ୍ଗେ ନିକଟବର୍ତ୍ତୀ ଥାନାର ଆଶ୍ରୟ ନେବା ଦରକାର। ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ କହିଥିଲେ ଯେ ଆତ୍ମ ରକ୍ଷା ପ୍ରତ୍ୟେକ ଛାତ୍ରୀଙ୍କର ଆବଶ୍ୟକ। ଆତ୍ମହତ୍ୟା ନୁହେଁ। ଏହା ଏକ ସଙ୍ଗୀନ ଅପରାଧ। ତେଣୁ ଏହାପାଇଁ ସରକାର ସେକ୍ସୁଆଲା ହାରା ସ ମେଣ୍ଟ, ଟ/୫୬୭୫ ବି ଅନ ଏସ,କିଡ ନପିଂଟ/ସ୍ୱ୧୩୭/୮୭ବି ଅନ ଏସ, ରାଗିଂ ଟ/ସ୍ୱ୭ ୪ବି ଅନ ଏସ, ଇଭି ଇ ଟିଟିଂ ୟୁ/ଏସ ୭୯ ବି ଅନ୍ ଆସ,ବ୍ଲାକ ମେଲିଂ ୟୁ/ଅସ ୩୦୮/୩୫୧(୧)/୭୪ବି ଅନ୍ ଏସ ୬୬(ର)/୬୭ଆଇ ଟି ଧାରା, ଫିଯିକଲ ରିଲେସନ ସିପ ପ୍ରଭୃତି ଧାରା ମନ୍ ଲାଗୁ ହୋଇ ପାରିବ ବୋଲି କହିଥିଲେ। ଯଦି ଏପରି ଘଟଣା ଘଟେ ତେବେ ୧୧୨ କିମ୍ବା ପାଖରେ ଥିବା ଥାନାରେ ଜଣାଇବା ଆବଶ୍ୟକ ବୋଲି କହି ତାଙ୍କ ମୋବାଇଲ ନମ୍ବର, ଏସପିଙ୍କ ନମ୍ବର ଦେଇ ଯୋଗଗୋଗ କରିବାପାଇଁ କହିଥିଲେ ।

ପୋଲିସ-ମାଇନ୍ସ ବିଭାଗର ଚଢଉ

# ବେଆଇନ ବାଲିଘାଟରୁ ଜେସିବି ଜବତ, ୪ ଲକ୍ଷ ଜୋରିମାନା





କଣ୍ଟାପଡ଼ା (ଭାସ୍କର ନ୍ୟୁଜ): କଟକ ଜିଲ୍ଲା କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ଦେବୀ ଓ କନ୍ଦଳ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ବାଲି ଚୋରା ଚାଲାଣ ସମ୍ପର୍କିତ ଖବର ଲଗାତାର ଖବର ପ୍ରସାରଣ ପରେ ବାଲି ମାଫିଆମାନେ ପୋଲିସ ଓ ମାଇନ୍ସ ବିଭାଗ ସହିତ ଲୁଚକାଳି ଖେଳର ଅନ୍ତ ହୋଇଛି । ବୁଧବାର ଭୋର ସମୟରେ ବ୍ରାହ୍ମଣବାଟି ପଞ୍ଚାୟତ ବଡ଼ବିଲରେ ବେଆଇନ ବାଲି ଘାଟରୁ ଜେସିବି ମେସିନ୍ ସାହାଯ୍ୟରେ ବାଲି ଉଠୁଥିବା ଖବର ପାଇ ଗୋବିନ୍ଦପୁର ପୋଲିସ ଜେସିବି ମେସିନ୍‌କୁ ଜବତ କରିଛି । ସେପଟେ ପୋଲିସ ଗାଡି ଦେଖି ହାଇୱା ଡ୍ରାଇଭରମାନେ ଚମ୍ପଟ ମାରିଥିଲେ । ମାଇନ୍ସ ବିଭାଗ ପକ୍ଷରୁ ଗୋବିନ୍ଦପୁର ଥାନାରେ ଏକ ଏତଲା ହୋଇଥିବା ନେଇ ସୂଚନା ମିଳିଛି । ଚୋରା ବାଲିଘାଟ ଉପରେ ସଦର ଉପଖଣ୍ଡ ଅଧିକାରୀ କିରଣ ହ୍ରେମମ, ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଓ ଗୋବିନ୍ଦପୁର ଥାନା ଅଧିକାରୀଣୀ ସୋନାଲି ଆନନ୍ଦ କଡା ନଜର ରଖିଥିଲେ । ବୁଧବାର ପୋଲିସକୁ ବଡ ସଫଳତା ମିଳିଛି । ଜେସିବି ମେସିନ୍ ଜବତ ସହ ଚାରି ଲକ୍ଷ ଟଙ୍କାର ଫାଇନ ମାଇନ୍ସ ବିଭାଗ ଲଗାଇଥିବା ସୂଚନା ମିଳିଛି । ଅଭିଯୋଗ ଅନୁସାରେ କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ଦେବୀ ନଦୀର ଝାରପଡ଼ା, ଅଣ୍ଡେଇସାହି ଓ ବଡବିଲଠାରୁ ଗତ କିଛି ଦିନ ହେବ ବେଆଇନ ବାଲିଘାଟ ନିର୍ମାଣ କରି ଲକ୍ଷ ଲକ୍ଷ ଟଙ୍କାର ବାଲି ଚୋରା ଚାଲାଣ ହୋଇଥିବା ନେଇ ଜଣାପଡିଛି । ସ୍ଥାନୀୟ ସରପଞ୍ଚଙ୍କ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଏବଂ ଗଣମାଧମର ଖବର ପ୍ରସାରଣ ପରେ ଗୋବିନ୍ଦପୁର ପୋଲିସ ଓ କଟକ ଜିଲ୍ଲା ମାଇନ୍ସ ବିଭାଗ ଯଦିଓ ପେଟ୍ରୋଲିଂ କରୁଥିଲେ ମଧ୍ୟ ବାଲି ମାଫିଆଙ୍କ ପାଇଁ ସେତେଟା ଭୟ ନଥିଲା। ବାଲି ଚୋରିରେ ସାମିଲ ଯୁବକମାନେ ରାତିତମାମ ରାସ୍ତାରେ ପଇଁତରା ମାରିବା ସହ ପୋଲିସ ଓ ମାଇନ୍ସ ବିଭାଗଙ୍କ ଗତିବିଧି ଉପରେ ନଜର ରଖି ବାଲି ଚୋରି କରିବାରେ ସଫଳ ହେଉଥିଲେ । ଏ ନେଇ ବାରମ୍ବାର ଖବର ପ୍ରସାରଣ ପରେ ପ୍ରଶାସନ ଉପରେ ଏକ ପ୍ରକାର ଚାପ ସୃଷ୍ଟି ହୋଇଥିଲା । ଗତକାଲି ରାତି ୩ଟା ପର୍ଯ୍ୟନ୍ତ ମାଇନ୍ସ ବିଭାଗ ପାଟ୍ରୋଲିଂ ପରେ ପଳାଇଥିଲା । ପରେ ବାଲି ଚୋରି ଆରମ୍ଭ ହୋଇଥିଲା । ଅତି ଚତୁରତାର ସହ ଗୋବିନ୍ଦପୁର ପୋଲିସ ପହଞ୍ଚି ବେଆଇନ ବଡ଼ବିଲ ବାଲିଘାଟ ଉପରେ ଚଢ଼ାଉ କରିଥିଲେ । କିନ୍ତୁ ହାଇୱା ଡ୍ରାଇଭର ମାନେ ଚତୁରାତର ସହ ଖସି ଯିବାରେ ସଫଳ ହୋଇଥିବା ବେଳେ ପୋଲିସ ଜେସିବି ମେସିନ ଧରିଥିଲା । ବେଆଇନ ବାଲିଘାଟ ଉପରେ ପୋଲିସ ରେଡ୍ ପରେ କଟକ ଜିଲ୍ଲା ମାଇନ୍ସ ବିଭାଗ ଅଧିକାରୀଙ୍କୁ ଖବର ଦେବା ପରେ ନଦୀ ପଠାରୁ ଜବତ ଜେସିବି ମେସିନ୍ ନିଜ ଅକ୍ତିଆରକୁ ନେଇଛି ମାଇନ୍ସ ବିଭାଗ । ବଡ଼ବିଲ, ଝାରପଡା ଓ ଅଣ୍ଡେଇସାହି ଠାରେ କୁଜି ନେତାଙ୍କ ପ୍ରରୋଚନାରେ ବେଆଇନ ବାଲି ଘାଟ ଚାଲୁଥିବା ନେଇ ସୂଚନା ମିଳିଛି । ଜବତ ଜେସିବି ମେସିନ୍ ସଦର ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ରହିଥିବା ନେଇ ସୂଚନା ମିଳିଛି ଏବଂ ଚାରି ଲକ୍ଷ ଟଙ୍କା ଫାଇନ ଲଗାଇଛି ମାଇନ୍ସ ବିଭାଗ।




ଶୁଳିଆପଦା, (ଭାସ୍କର ନ୍ୟୁଜ) : ଶିଶୁ ଶୈଶବ ଅବସ୍ଥା ଯଦି ମଜବୁତ ହୁଏ ତେବେ ଶିଶୁଟିର ଭବିଷ୍ୟତ ତଥା ସର୍ବାଙ୍ଗୀନ ଉନ୍ନତି ଅତି ଉତ୍ତମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଓଡିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଓମ୍ୱାଡସି ସହାୟତରେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକରେ ୪୧ଟି ଗ୍ରାମରେ ନିୟତି ଫାଉଣ୍ଡେସନ ତରଫରୁ୬ ମାସ ରୁ ୩ ବର୍ଷର ଶିଶୁ ମାନଙ୍କ ପାଇଁ କଳିକା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କଳିକା କେନ୍ଦ୍ରରେ ଗ୍ରାମର ଦୁଇଜଣ ଅନୁଭବି ମହିଳାମାନଙ୍କୁ କଳିକା କେନ୍ଦ୍ର ପରିଚାଳନା ପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି ଏବଂ ଶିଶୁଙ୍କୁ ଦୈନିକ ପୋଷଣ ଖାଦ୍ୟ ଖୁଆଇବା କାର୍ଯ୍ୟକ୍ରମ ପାଇଁ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ କରାଯାଇଛି,ଆଜି ଶୁଳିଆପଦା ବ୍ଲକ ଅଧିନସ୍ଥ ଅଁଳାକୁଡା ଗ୍ରାମ ପଞ୍ଚାୟତ ଅଁଳାକୁଡା ଗ୍ରାମରେ ନିୟତୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଆମ କଳିକା କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି ଶୁଳିଆପଦା ବ୍ଲକ ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ, ତହସିଲଦାର ନାରାୟଣ ମାଝୀ, ସିଡିପିଓ ତନୁଶ୍ରୀ ମିଶ୍ର, ସରପଞ୍ଚ ଜ୍ୟୋତି ସୋରେନ, ପଞ୍ଚାୟତ ସମିତି ସଭ୍ୟା ଆରତୀ ସି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୋନାଲି ମହାନ୍ତ, ୱାର୍ଡମେମ୍ବର କଳ୍ପନା ଦେଓ କଳ୍ପନା ପ୍ରଧାନ ପ୍ରୋଜେକ୍ଟ ଲିଡ଼, ଆଶିଷ କୁମାର ମହାନ୍ତ ପ୍ରଗ୍ରାମ କୋଡିନେଟର, ପଙ୍କଜିନୀ ନାୟକ ଏମ ଆଇ ଏସ ପ୍ରମୁଖ କଳିକା କେନ୍ଦ୍ରକୁ ପରିଦର୍ଶନ କରିଥିଲେ । କଳିକା କେନ୍ଦ୍ର ପରିଚାଳନା କରୁଥିବା ରଶ୍ମିତା ଦେଓ, ସବିତା ଦେଓ ଉପସ୍ଥିତ ଥିଲେ।

# ଅଙ୍ଗଦାନ କରି ପ୍ରେରଣା ସୃଷ୍ଟି କଲେ ସୁରଜ



ମାଲକାନଗିରି/କାଲିମେଳା, (ଭାସ୍କର ନ୍ୟୁଜ୍) : ଆମ ଶାସ୍ତ୍ରରେ ଦାନର ମହତ୍ତ୍ୱ ଅନନ୍ୟ। ଜଳଦାନ, ବସ୍ତ୍ରଦାନ ଓ ଗୋ-ଦାନ ପରି ପାରମ୍ପରିକ ଦାନ ଆମ ସଂସ୍କୃତିରେ ସ୍ଥାନ ପାଇଥିବା ବେଳେ, ଆଧୁନିକ ଚିକିତ୍ସା ବିଜ୍ଞାନରେ ଅଙ୍ଗଦାନ ଓ ରକ୍ତଦାନ ଜୀବନ ରକ୍ଷାର ଏକ ଅନୁପମ ମାଧ୍ୟମ ହୋଇଛି। ଏହି ମହାନ କାର୍ଯ୍ୟରେ ଏକ ପ୍ରେରଣାଦାୟୀ ଉଦାହରଣ ସୃଷ୍ଟି କରିଛନ୍ତି ମାଲକାନଗିରି ଜିଲ୍ଲାର ଏମଭି ୭୯ ରାମନଗର ଯୁବକ ସୁରଜ କୁମାର ବେହେରା। ୨୬ ବର୍ଷୀୟ ସୁରଜଙ୍କ ଅଙ୍ଗଦାନ ପାଇଁ ସତ୍ୟପାଠ ସମାଜରେ ଏକ ନୂଆ ଆଲୋକ ସୃଷ୍ଟି କରିଛି। ସେ 'ଭାରତ ଶରୀର ଓ ଅଙ୍ଗଦାନ ସମିତି' (ଏନ୍‌ଓଟିଟିଓ)ରେ ଅନଲାଇନ ମାଧ୍ୟମରେ ଅଙ୍ଗଦାନ ପାଇଁ ନିଜକୁ ନିବେଶ କରିଛନ୍ତି। ସୁରଜ କହିଛନ୍ତି, "ଜୀବନଥାଉଁ କି ମୃତ୍ୟୁ ପରେ, ଯଦି ଆମ ଶରୀରର କୌଣସି ଅଙ୍ଗ ଅନ୍ୟର ଜୀବନ ବଞ୍ଚାଇ ପାରେ, ତାହା ଏକ ନୈସର୍ଗିକ ଆନନ୍ଦ।" ଅଙ୍ଗଦାନ ଜଣେ ବ୍ୟକ୍ତିଙ୍କୁ ନୂଆ ଜୀବନ ଦେଇ ଅନେକ ପରିବାରକୁ ଖୁସି ଫେରାଇ ଆଣିଥାଏ, ଯାହା ଏକ ବିରଳ ପୁଣ୍ୟ କାର୍ଯ୍ୟ। ଏହାଛଡ଼ା, ସୁରଜ ଗତ ୮ ବର୍ଷରେ ୨୦ ଥର ରକ୍ତଦାନ କରି ଅନେକ ରୋଗୀଙ୍କ ଜୀବନ ରକ୍ଷା କରିଛନ୍ତି। ୨୦୧୮ ଜାନୁଆରୀ ୬ରେ ପ୍ରଥମ ଥର ରକ୍ତଦାନ କରିଥିବା ସୁରଜ ପ୍ରତି ୩ ମାସରେ ଗୋଟିଏ ୟୁନିଟ୍ ରକ୍ତଦାନ କରିଥାନ୍ତି। ଥାଲେସେମିଆ, ଆନେମିଆ, ଡେଙ୍ଗୁ ଓ କିଡ୍‌ନୀ ରୋଗୀଙ୍କ ପାଇଁ ରକ୍ତ ଏକ ଜରୁରୀ ଆବଶ୍ୟକତା। ସେ ବିଭିନ୍ନ ରକ୍ତଦାନ ଶିବିରରେ ସହଯୋଗ କରି ସାମାଜିକ ଦାୟିତ୍ୱ ନିର୍ବାହ କରୁଛନ୍ତି। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଗଣମାଧ୍ୟମ ଓ ଗଣ ଯୋଗାଯୋଗରେ ସ୍ନାତକୋତ୍ତର ଶେଷ କରି ଢେଙ୍କାନାଳ ଆଇଆଇଏମ୍‌ସିରେ ଓଡ଼ିଆ ସାମ୍ବାଦିକତାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ସୁରଜଙ୍କୁ ନୂଆଦିଲ୍ଲୀରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଆଇଆଇଏମ୍‌ସି ସମ୍ମାନରେ ସମ୍ମାନିତ କରାଯାଇଛି। ସୁରଜଙ୍କ ଏକ ବାକ୍ୟ, "ଯିଏ ଦୁଃଖ ଜାଣେ, ସେହି ଅନ୍ୟକୁ ସାହାଯ୍ୟ କରେ," ସମାଜରେ ମାନବିକତାର ଆଲୋକ ଜାଳିବାକୁ ପ୍ରେରଣା ଦେଇଛି। ସେ ସମସ୍ତ ସୁସ୍ଥ ବ୍ୟକ୍ତିଙ୍କୁ ଅଙ୍ଗଦାନ ଓ ରକ୍ତଦାନ ପାଇଁ ଆଗେଇ ଆସିବାକୁ ଅନୁରୋଧ କରିଛନ୍ତି। ଅଙ୍ଗଦାନ ସମ୍ପର୍କରେ ଅଧିକ ଜାଣିବା ଓ ନିବନ୍ଧନ ପାଇଁ ଏନ୍‌ଓଟିଟିଓ ୱେବସାଇଟ (ଡବ୍ଲୁଡବ୍ଲୁଡବ୍ଲୁ.ଏନ୍‌ଓଟିଟିଓ.ଜିଓଭି.ଇନ୍) ପରିଦର୍ଶନ କରନ୍ତୁ। ସୁରଜଙ୍କ ପରି ଆସନ୍ତୁ ଆମେ ସମସ୍ତେ ଜୀବନଦାନର ଏହି ମହାନ ଅଭିଯାନରେ ସାମିଲ ହେବା।

# ୩୦୦ମିଟର ତ୍ରିରଙ୍ଗା ପଦଯାତ୍ରା



ଗୁଣୁପୁର, (ଭାସ୍କର ନ୍ୟୁଜ୍): ସ୍ୱାଧିନତା ଦିବସ ପରିପ୍ରେକ୍ଷୀରେ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଗୁଣୁପୁର ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶଭାଯାତ୍ରା ଅନୁଷ୍ଠିତ ହଇଯାଇଛି ।ଏହି ଶଭାଯାତ୍ରାକୁ ଗୁଣପୁର ଉପଜିଲ୍ଲାପାଳ ଅଭିଷେକ ଦିଲ୍ଲୀପ ଦୁଧାଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ମହାବିଦ୍ୟାଳୟ ଅଧକ୍ଷ ଶଶିଭୂଷଣ ମହାନ୍ତି, ପ୍ରାଧାପକ ଜବାହର ଚ?ଧରୀ, ଅଧାପକ ପ୍ରସନ୍ନ ମିଶ୍ର, ଅଧପିକା ଦିଟପିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୮ ଫୁଟ ଓସାର ୩୦୦ ମିଟର ର ତ୍ରିରଙ୍ଗା ପତାକାକୁ ଶତାଧିକ ଛାତ୍ରଛାତ୍ରି ଧରି ସହର ପରିକ୍ରମା କରିଥିଲେ। ଦେଶ ସ୍ୱାଧିନତା ପାଇଁ ବଳିଦାନ ଦେଇଥିବା ମହାପୁରୁଷ ମାନଙ୍କ ନାମରେ ସ୍ଲୋଗାନ ଦେଇ ଦେଶ ମାତୃକାର ପରିଚୟ ଦେଇଥିଲେ। ଗୁଣୁପୁର ମହାବିଦ୍ୟାଳୟ ଠାରୁ ଏହି ଶୋଭାଯାତ୍ରା ବାହାରି ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ପହଞ୍ଚିଥିଲା। ସହର ପରିକ୍ରମାପରେ ଗୁଣୁପୁର ମହାବିଦ୍ୟାଳୟକୁ ଛାତ୍ରଛାତ୍ରୀ ମାନେ ଫେରିଥିଲେ। ଗୁଣୁପୁର ମହାବିଦ୍ୟାଳୟର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁଣୁପୁର ପୋଲିସ୍‌ର ସୁରକ୍ଷା ଭିତରେ ଏହି ଶୋଭାଯାତ୍ରାଟି ହୋଇଥିଲା।

## ୨୬୫ ୟୁନିଟ୍ ରକ୍ତ ସଂଗୃହୀତ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବେତନଟୀ ରୋଗୀ କଲ୍ୟାଣ ସମିତିପକ୍ଷରୁ ଏକ ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ସିପୁନ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ଶିବିରକୁ ଉଦ୍‌ଘାଟନ କରିବା ସହ ନିଜେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ଓ ବେତନଟୀ ଡାକ୍ତରଖାନାରେ ଏକ ରକ୍ତଭଣ୍ଡାର ଖୋଲିବା ପାଇଁ ପ୍ରତିଶୃତି ଦେଇଥିଲେ। ଏହି ଶିବିରରୁ ୨୬୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଆତ୍ମାହୁତି ବିରୁଦ୍ଧରେ ପୋଲିସ୍‌ର ସଚେତନତା କାର୍ଯ୍ୟକ୍ରମ



ଗୁଣୁପୁର(ଭାସ୍କର ନ୍ୟୁଜ୍): ଦିନକୁ ଦିନ ସାରା ରାଜ୍ୟରେ ବିଭିନ୍ନ କାରଣରୁ ଛାତ୍ରଛାତ୍ରି ମାନେ ଆତ୍ମହୁତି ଦେବା ଭଳି ଚରମ ନିଷ୍ପତି ନେବା ଭଳି ଘଟଣା ଘଟିଚାଲିଛି। ଏହାକୁ ରୋକିବା ନେଇ ପୋଲିସ୍‌ର ତତ୍ପରତା ଦେଖାଦେଇଛି। ଗୁଣୁପୁର ଆଦର୍ଶ ଥାନା ପକ୍ଷରୁ ସ୍ଥାନୀୟ ସହିଦ୍ ଲକ୍ଷ୍ମଣ ନାୟକ ସ୍ମାରକୀ ଉଚ ବିଦ୍ୟାଳୟରେ ଛାତ୍ରଛାତ୍ରି ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଆଦର୍ଶ ଥାନା ଅଧିକାରି କେକେବିକେ କଁଅର ବିଦ୍ୟାଳୟ କାର୍ଯ୍ୟକ୍ରମ ରେ ଯଗଦେଇ ଛାତ୍ରଛାତ୍ରୀଙ୍କୁ କୌଣସି କଠିନ ପରିସ୍ଥିତି ସମୟରେ ନିଜ ମଧ୍ୟରେ ସାହାସ ସଞ୍ଚୟ କରିବା ସହ ଆତ୍ମହୁତି ଭଳି ଚରମ ନନେଇ ମୁଲ୍ୟବାନ ଜିବନ ମଧ୍ୟରେ ଉଜ୍ୱଳ ଭବିଷ୍ୟତ ଗଠନ କରିବା ଓ ଜିବନର ଲକ୍ଷପୁରଣ ଦିଗରେ ମନୋନିବେଶ କରିବା ପାଇଁ ଉପସ୍ଥିତ ଛାତ୍ରୀଙ୍କ ମଧ୍ୟରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାହୁ ପରିଚାଳନା କରିଥିବା ବେଳେ ଆଦର୍ଶ ଥାନା ଏସଆଇ ରଂଜିତ ତ୍ରୀପାଠୀ, ଶିକ୍ଷକ ସୂର୍ଯ୍ୟ ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀ ଉପସ୍ଥିତ ଥିଲେ।

# ଅଶୋକ ହେଲେ ମାଣ୍ଡୁକା ପଞ୍ଚାୟତ ବିଜେଡ଼ି ସଭାପତି



ବଡ଼ଚଣା, (ଭାସ୍କର ନ୍ୟୁଜ୍) : ମାଣ୍ଡୁକା ପଞ୍ଚାୟତର ସମସ୍ତ ବଶିଷ୍ଠ କର୍ମକର୍ତ୍ତା ମାନଙ୍କୁ ନେଇ ବଡ଼ଚଣା ବିଜେଡ଼ି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇ ମାଣ୍ଡୁକା ପଞ୍ଚାୟତର ଯୁବ ଛାତ୍ର ବରିଷ୍ଠ କର୍ମକର୍ତ୍ତା ମାନଙ୍କୁ ଏକାଠି ହୋଇ ପ୍ରତ୍ୟୋକ ପରିସ୍ଥିତିକୁ ସାମ୍ନା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଉକ୍ତ ପଞ୍ଚାୟତର ସମସ୍ତ କର୍ମକର୍ତ୍ତା ମାନଙ୍କ ସହମତି ଓ ସମର୍ଥନ ପାଇ ଅଶୋକ କୁମାର ବିଶ୍ୱାଳଙ୍କୁ ପଞ୍ଚାୟତର ସାଂଗଠନିକ ସଭାପତି ଓ ଭଗ୍ୟଧର ବେହେରାଙ୍କୁ ପଞ୍ଚାୟତ ଉପସଭାପତି ଭାବେ ବିଧିବଦ୍ଧ ଘୋଷଣା କରିଛନ୍ତି ବ୍ଲକ ବିଜେଡ଼ି ସଭାପତି ତାପସ ଚନ୍ଦ୍ର ରାୟ। ବିଜେଡ଼ି ନେତା ଶ୍ରୀଯୁକ୍ତ ମହାପାତ୍ର ଦଳୀୟ ଉତ୍ତରୀୟ ଦେଇ ଉଭୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉକ୍ତ ବୈଠକରେ ଜିଲ୍ଲାପରିଷଦ ଉପାଦକ୍ଷ ଗଣେଶ୍ୱର ବରାଳ, ଅମର ମହାନ୍ତି, ଜ୍ଞାନ ରଞ୍ଜନ ସାହୁ, ନିରଞ୍ଜନ ବିଶ୍ୱାଳ, ନିରଞ୍ଜନ ସିଂ, କାର୍ତ୍ତିକ ଚନ୍ଦ୍ର ମହାନ୍ତି, ଅଶୋକ କୁମାର ଜେନା, ପ୍ରଶାନ୍ତ କୁମାର ମହାନ୍ତି, ଗଣପତି ଦାସ, କାର୍ତ୍ତିକ ଦଳେଇ, କାମଦେବ ଦାସ, ନିଗମାନନ୍ଦ ବଳ, ଅଭିନ୍ନ ମଲିକ, ଉମାକାନ୍ତ ରାଉତ, କିଶୋର ଚନ୍ଦ୍ର ରାଉତ, ନୃସିଂହ ଚନ୍ଦ୍ର ବଳ, ଉମାକାନ୍ତ ପରିଡା, ମଧୁସୂଦନ ଦଳେଇ, ମନ୍ମଥ କର, ଅଶୋକ ମିଶ୍ର, ସୁଶାନ୍ତ ରାଉତ, କାଳନ୍ଦୀ ଦାସ, ନାରାୟଣ ବିଶ୍ୱାଳ, ଦୁର୍ଲ୍ଲଭ ବାରିକ, ରଶ୍ମି ରଞ୍ଜନ ମହାନ୍ତିଙ୍କ ସମେତ ଅନେକ ବିଜେଡ଼ି କର୍ମକର୍ତ୍ତା ଉପସ୍ଥିତ ଥିଲେ। ମାଣ୍ଡୁକା ପଞ୍ଚାୟତରେ ବିଜୁ ଜନତା ଦଳର ସଙ୍ଗଠନକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ନୂତନ ସଭାପତି ମତବ୍ୟକ୍ତ କରିଥିଲେ।

# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା




ମୁରିବାହାଲ (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଡିଗ୍ରୀ କଲେଜରେ ସ୍ୱାଧୀନତା ଦିବସ ଉପଲକ୍ଷେ ହର ଘର ତ୍ରିରଙ୍ଗା, ଘରଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟରୁ ଫରେଷ୍ଟ ଅଫିସ ପର୍ଯ୍ୟନ୍ତ ଏକ ବିଶାଳ ରାଲି ରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଏହି ରାଲିରେ ଯୋଗ ଦେଇଥିଲେ। ଡିଗ୍ରୀ କଲେଜର ଅଧକ୍ଷ ସରୋଜ କୁମାର ନାୟକ, ଓଡ଼ିଆ ବିଭାଗ ଅଧ୍ୟାପକ ଦିଲୀପ କୁମାର ପଶାୟତ, ଇଂରାଜୀ ବିଭାଗ ଅଧ୍ୟାପକ ସୋମେଶ ଦତ୍ତ ହୋତା, ବାଣିଜ୍ୟ ବିଭାଗର ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ପଧାନ ଇତିହାସ ବିଭାଗ ଅଧ୍ୟାପକ ଗୁଣସାଗର ମେହେର, ଖେଳଶିକ୍ଷକ ଶରତ ଚନ୍ଦ୍ର ପଧାନ, ଡମ୍ବୁରୁ ରାଣା, ଶଶିଭୂଷଣ ପଶାୟତ, ପୁରୁନ୍ଦର ପଧାନ, ପଙ୍କଜିନୀ ମିଶ୍ର, ଅଧ୍ୟାପିକା ମୀରା ବାଇ ଗଡତିଆ, ଶୈଳିକା ନାୟକ, ସରିତା ରଣା, ଯଶସ୍ମିତା ବେହେରା, ଅଧ୍ୟାପକ ଘନଶ୍ୟାମ ଖମାରୀ, ଛନ୍ଦା ଚରଣ ଖୁଣ୍ଟିଆ, ପ୍ରେମଚାନ୍ଦ ତାଣ୍ଡି, ଭିଙ୍ଗରାଜ ରଣା, ପର୍ଶୁରାମ ବାଗ, ବାବୁଲା ନାୟକ, ଅନିରୁଦ୍ଧ ପଧାନ, ଲଳିତ ବଘାର, ଅଭୟାନନ୍ଦ ଦାସ, ବିଜୟ କଲତା, ସମାଜ ସେବୀ ରମେଶ ବାଗ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।



ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍) : ନନ୍ଦାହାଣ୍ଡି ବ୍ଲକର ଦୁଇ ଗୋଟି ଜୋନରେ ପର୍ଯ୍ୟାୟକ୍ରମେ ମଙ୍ଗଳବାର ଓ ବୁଧବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସମସ୍ତ ଜନସାଧାରଣଙ୍କୁ ରାଷ୍ଟ୍ର ଭାବ ଉଦଜୀବିତ କରିବା ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ଆୟୋଜକ ମଣ୍ଡଳୀ ଜଣାଇଥିଲେ। ଏହି ତ୍ରିରଙ୍ଗା ଯାତ୍ରାରେ ଶ୍ରମିକ, ଚାଷୀ, ବ୍ୟବସାୟୀ, ବୁଦ୍ଧିଜୀବୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ଏବଂ ସମସ୍ତ ଜନସାଧାରଣଙ୍କୁ ସାମିଲ ହେବା ପାଇଁ ଅନୁରୋଧ କରାଯାଇଥିଲା। ମଙ୍ଗଳବାର ଜୋନ ନଂ -୧ରେ ନିଶ୍ୱାହାଣ୍ଡିରୁ ଜାତୀୟ ପତାକା ଧରି ଏକ ଶୋଭାଯାତ୍ରା ବାହାରି ନନ୍ଦାହାଣ୍ଡି, ବି.ମାଳୀଗୁଡା, ସିନ୍ଧିଗୁଡା ଓ ପୋଡାଲ ଗୁଡା ପଞ୍ଚାୟତର ସଦମହକୁମା ଏବଂ ବିଭିନ୍ନ ଗ୍ରାମରେ ପରିକ୍ରମା କରିଥିଲେ। ବୁଧବାର ଦିନ ଡଙ୍ଗରଭେଜାସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନର ସଫେଇ କାର୍ଯ୍ୟ କରି ଏକ ଶୋଭାଯାତ୍ରା ବାହାରି ଥିଲା । ଜାତୀୟ ପତାକା ଧରି ବାଇକ୍ ଯୋଗେ ଡଙ୍ଗରଭେଜା, ଧଣ୍ଡରା, ମେର୍ଣ୍ଣି, ଝାଡ଼ବନ୍ଧଗୁଡା, ଜଗନ୍ନାଥପୁରା ଓ ଦହଣା ପଞ୍ଚାୟତର ଗ୍ରାମ ସମୂହରେ ଭ୍ରମଣ କରିଥିଲେ। ଶୋଭାଯାତ୍ରାରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ବିଜେପି ମଣ୍ଡଳ ସଭାପତି ଭାବଗ୍ରାହୀ ବେନ୍ୟା ଓ ଲକ୍ଷ୍ମଣ ନାୟକ ସାମିଲ ହୋଇଥିଲେ। ବିଜେପି ଜିଲ୍ଲା ଉପସଭାପତି ସନାତନ ତ୍ରିପାଠି ଓ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ତାଲିମ୍‌ପ୍ରାପ୍ତ ଡ୍ରିଲ୍ କମାଣ୍ଡରଙ୍କ ବିନା ଚାଲିଛି ପରେଡ ଅଭ୍ୟାସ

ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢାଖୋଲ ଉପଖଣ୍ଡ ସ୍ୱାଧୀନତା ଦିବସ ପାଇଁ ବର୍ତ୍ତମାନ ୩ଦିନ ଧରି ଉପଖଣ୍ଡ ସ୍କୁଲ, କଲେଜ ଓ ଏନ୍‌ସିସି କ୍ୟାଡେଟ୍‌କୁ ନେଇ ସ୍ଥାନୀୟ ରେଢ଼ାଖୋଲ ମିନି ଷ୍ଟାଡିୟମରେ ଚାଲିଛି ପରେଡ୍ ଅଭ୍ୟାସ। ହେଲେ ଦୁଃଖର ବିଷୟ ପରେଡ୍ ଅଭ୍ୟାସକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ଆଗରୁ ସମ୍ବଲପୁର ଏସ୍‌ପି ଓ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଣେ ଦକ୍ଷ ତାଲିମ ପ୍ରାପ୍ତ ଡ୍ରିଲ୍ ଏଏସ୍‌ଆଇଙ୍କ ଉପସ୍ଥିତିରେ ସ୍ୱାଧିନତା ଦିବସ ଆଗରୁ ତିନି ଦିନ ଧରି ପଡ଼ିଆରେ ପ୍ୟାରେଡ୍ ଅଭ୍ୟାସ କରାଯାଇଥାଏ । ଏବଂ ଏହା ଆଗରୁ ହୋଇ ଆସୁଥିଲେ ସୁଧା କିଛି ବର୍ଷ ହେବ ରେଢ଼ାଖୋଲ ଉପଖଣ୍ଡ ସ୍ୱାଧୀନତା ଦିବସରେ ଓ ସାଧାରଣ ତନ୍ତ୍ର ଦିବସରେ ସ୍ଥାନୀୟ ପୋଲିସ ବିଭାଗ ଦ୍ୱାରା ଜଣେ ହୋମଗାର୍ଡ କମାଣ୍ଡରଙ୍କ ଦ୍ୱାରା କାମସାରି ପ୍ରଶାସନ ଓ ଜନସାଧାରଣଙ୍କ ଗୃହିତ ପ୍ରସ୍ତାବକୁ ଅଣଦେଖା କରୁଛି ପୋଲିସ ବିଭାଗ ବୋଲି ସାଧାରଣରେ ଅଭିଯୋଗ ହେଉଛି । ଯାହାଫଳରେ ବିଗତ କିଛି ବର୍ଷ ପୂର୍ବେ ଏହି ଦିବସ ଗୁଡ଼ିକରେ ସ୍ୱତନ୍ତ୍ର ତାଲିମ୍ ପ୍ରାପ୍ତ ଡ୍ରିଲ୍ ଏଏସ୍‌ଆଇ ଓ ଜଣେ ହୋମଗାର୍ଡ କମାଣ୍ଡରଙ୍କ ଦ୍ୱାରା ପ୍ୟାରେଡ୍ ସୁଚାର ରୁପେ ହୋଇ ଆସୁଥିବା ବେଳେ ବର୍ତ୍ତମାନ ତାଲିମ୍ ପ୍ରାପ୍ତ ପ୍ରଶିକ୍ଷକ ନହେବାରୁ ପ୍ୟାରେଡ୍ ସମୟରେ, କମଣ୍ଡ୍ ଦେବା ସମୟରେ ଅନିୟମିତତା ତଥା ଠିକ୍ ଭାବରେ ପରିଚାଳନା ନହେବାକୁ ନେଇ ବିଭିନ୍ନ ସ୍କୁଲ ପିଇଟି, ପ୍ୟାରେଡ୍ ପ୍ରଶିକ୍ଷକ ଓ ପ୍ୟାରେଡ୍‌ରେ ଭାଗନେଇଥିବା କିଛି ଛାତ୍ରଛାତ୍ରୀ ସମେତ ସାଧାରଣ ଜନତା ଅଭିଯୋଗ ଆଣିଛନ୍ତି। ଏନେଇ ପ୍ରଶାସନ ଓ ପୋଲିସ ବିଭାଗ ଏହା ଉପରେ ଗୁରୁତ୍ୱଦେବା ସହିତ ଜଣେ ତାଲିମ ପ୍ରାପ୍ତ ଡ୍ରିଲ୍ ଏଏସ୍‌ଆଇଙ୍କ ଦ୍ୱାରା ପ୍ୟାରେଡ୍ ପ୍ରଶିକ୍ଷଣ ତଥା ନିୟୋଜିତ ହେଲେ ଏହି ଦିବସ ଗୁଡ଼ିକୁ ସୁଚାରୁରୂପେ ପାଳନ ହୁଅନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

## ତୁଳସୀ ପାହାଡ଼ରେ ବେଆଇନ କ୍ରସର ଚାଲିବା ମାମଲା
# ଠିକା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ

ମାଥିଲି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଟେମୁରୁପାଲ୍ଲୀ ପଞ୍ଚାୟତର ତୁଳସୀ ଘାଟି ରେ ରାସ୍ତା କାମ ନାମରେ ବେଆଇନ ଭାବରେ କ୍ରସର ବସାଇବା ଘଟଣାକୁ ନେଇ ପ୍ରଦୁର୍ଷଣ ବୋର୍ଡ ପକ୍ଷରୁ ସଂପୃକ୍ତ ଠିକା ସଂସ୍ଥା କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ଅଧିନରେ ଥିବା ଦୁର୍ଗମ ତୁଳସୀ ଅଞ୍ଚଳକୁ ରାସ୍ତା ନିର୍ମାଣ ପାଇଁ ହାଇଗ୍ରିବା ନାମକ ଏକ କମ୍ପାନୀ ଟେଣ୍ଡର ପାଇଥିବା ବେଳେ ଏହି କମ୍ପାନୀ ରାସ୍ତା କାମ ନାମରେ ବେଆଇନ ଭାବେ କ୍ରସର ସ୍ଥାପନ କରି ପଥର ଖନନ ଆରମ୍ଭ କରିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ ସହ ପ୍ରଦୂଷଣ ବୋର୍ଡ ପକ୍ଷରୁ ତଦନ୍ତ ହୋଇ ଉକ୍ତ କମ୍ପାନୀ କୁ ନୋଟିସ କରାଯାଇଅଛି।୧୫ ଦିନ ଭିତରେ ଏହି ନୋଟିସ ର ଉତ୍ତର ରଖିବାକୁ ଉକ୍ତ କମ୍ପାନୀକୁ ଉଲ୍ଲେଖ ରହିଥିବା ଜଣା ପଡ଼ିଛି।

# ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ବ୍ରଜରାଜନଗର (ଭଜ୍ର ନ୍ୟୁଜ୍): ଭାରତର ୭୯ତମ ସ୍ୱାଧିନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦିଆଯାଇଥିବା ଘର ଘର ତିରଙ୍ଗା ଅଭିଯାନକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟ ତଥା ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଅନୁଯାୟୀ ବ୍ରଜରାଜନଗର ମହାବିଦ୍ୟାଳୟରେ ଏକ ଭବ୍ୟ ଏବଂ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ପ୍ରାଧ୍ୟାପକ ବିଜୟ କୁମାର ସାହୁଙ୍କ ନେତୃତ୍ୱ ତଥା ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ଖଲିଆକାନୀ ଖେଳ ପଡିଆ ଦେଇ ଖଲିଆକାନୀ ଗ୍ରାମ ପରିକ୍ରମା କରିବା ସହ ମୁଖ୍ୟ ମାର୍ଗ ଦେଇ ମହାବିଦ୍ୟାଳୟ ସମ୍ମୁଖରେ ସମାପନ ହେଇଥିଲା। ହାତରେ ତ୍ରିରଙ୍ଗା ପତାକା ନେଇ ଏହି ଶୋଭାଯାତ୍ରାରେ ଉପସ୍ଥିତ ଥିବା ଶତାଧିକ ଛାତ୍ରଛାତ୍ରୀଙ୍କ ମନରେ ବ୍ୟାପକ ଉତ୍ସାହ ଏବଂ ଦେଶ ଭକ୍ତି ଦେଖିବାକୁ ମିଳିଥିଲା ଏବଂ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ମାନେ ଭାରତ ମାତା କୀ ଜୟ, ବନ୍ଦେ ମାତରଂ ସ୍ଲୋଗାନ ଦେଇ ଚାଲିଥିଲେ। ଶୋଭାଯାତ୍ରା ସମାପନ ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଗ୍ଲୁକୋଜ, ପାଣି ଏବଂ ଜଳପାନ ବଣ୍ଟନ ମଧ୍ୟ କରାଯାଇଥିଲା।


# ଆଇନଜୀବୀ ପ୍ରଦୀପ ପଣ୍ଡାଙ୍କ ବିୟୋଗରେ ଶୋକସଭା

ବଡ଼ଚଣା, (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ କୋର୍ଟର ପ୍ରଥମ ଏଜିପି ତଥା ଯାଜପୁର ଜିଲ୍ଲାର ବରିଷ୍ଠ ଆଇନଜୀବୀ, ଜିଲ୍ଲା କ୍ରିମିନାଲ ବାର ଆସୋସିଏସନର ପୂର୍ବତନ ସଭାପତି ଏଜିପି ଆଇନଜୀବୀ ପ୍ରଦୀପ କୁମାର ପଣ୍ଡାଙ୍କର ଆକସ୍ମିକ ବିୟୋଗରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତଃ ପଣ୍ଡାଙ୍କର ଅମର ଆତ୍ମାର ସଦାଗତୀ କାମନା ପାଇଁ ବାର ସଭା ଗୃହରେ ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସମ୍ପାଦକ ପ୍ରକାଶ କୁମାର ଦାଶ ଆଗତ ଶୋକ ପ୍ରସ୍ତାବ କ୍ରମେ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ଶୋକସଭାରେ ସ୍ୱର୍ଗତ ପଣ୍ଡାଙ୍କ ବହୁମୂଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେ ଜଣେ ମିଷ୍ଟଭାଷୀ, ଆଇନଜୀବୀ ବନ୍ଧୁ ମାନଙ୍କର ଦୁଃଖ ସୁଖ ସାଥୀ ଥିବା ବେଳେ ତାଙ୍କ ବିୟୋଗରେ ଜିଲ୍ଲାରେ ଆଇନଜୀବୀ ସାମାଜ ପାଇଁ ଅପୂରଣୀୟ କ୍ଷତି ଘଟିଲା ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ବାର ଆସୋସିଏସନର ପୂର୍ବତନ ସଭାପତି ଶରତ ଷଡଙ୍ଗୀ, ପ୍ରତାପ ଦାସ, ଦେବରାଜ ବେହେରା, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ପୂର୍ବତନ ଉପସଭାପତି ପ୍ରେମାନନ୍ଦ ବେହେରା, କୈଳାସ ସାମଲ, ପବିତ୍ର କର, ଜିତେନ୍ଦ୍ର ତ୍ରିପାଠୀ, ଖଗେଶ୍ୱର ରାଉତ, ଉଦୟନାଥ ସାହୁ, ପ୍ରଦୀପ୍ତ କର, ପୁରୁଷୋତ୍ତମ ନାୟକ, ଯତୀନ ସାମଲ, ବିନୋଦ ରଥ, ଅବିନାଶ ବଳ, ନଳିକା କାନ୍ତ ମିଶ୍ର, ନଳିନୀ ମୋହନ ନନ୍ଦ, ପବିତ୍ର କର, ଶିରିଷ ସାମଲ, ବୀରେନ୍ ବିଶ୍ୱାଳ, ପ୍ରତିମା ସାହୁ, ଲୋଭାରାଣୀ ନାୟକ, ସୀମାରାଣୀ ସାମଲ, ଇନ୍ଦିରା ପ୍ରିୟଦର୍ଶନୀ ଜେନା, ଲିଜା ଦାସ, ଜ୍ୟୋତି ମହାପାତ୍ର ପ୍ରମୁଖ ଆଇନଜୀବୀ ଯୋଗଦେଇ ଥିଲେ ।

## ଗ୍ରୁପ ଲୋନ୍ ନାଁରେ ଅଧିକାରୀଙ୍କ ଠକେଇ ଅଭିଯୋଗ

କୋରୁକୋଣ୍ଡ, (ଭାସ୍କର ନ୍ୟୁଜ୍) : ଗ୍ରୁପ୍ ଲୋନ କରି ଦେବା ନାଁରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଏକ ଘରୋଇ ବ୍ୟାଙ୍କ କର୍ମଚାରୀ ଠକେଇ କରିଥିବା ଅଭିଯୋଗ ହୋଇଛି। ଏସଏସଜି ସଦସ୍ୟାଙ୍କ ଅଗୋଚରରେ ୬ ଲକ୍ଷ୍ୟ ଟଙ୍କା ଉଠାଇ ବ୍ୟାଙ୍କ କର୍ମଚାରୀ ଚୁପ୍ ରହିଯାଇଥିବା ଜିଲ୍ଲାପାଳଙ୍କ ନିକଟରେ ମହିଳାମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ଏସପିଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ମହିଳାଙ୍କ କହିବା ପ୍ରକାରେ ବ୍ୟାଙ୍କର ଜଣେ ମ୍ୟାନେଜର ଋଣ ପ୍ରଦାନ ଆଳରେ ୨୫ରୁ ଅଧିକ ଗ୍ରୁପର ଲକ୍ଷାଧିକ ଟଙ୍କା ହଡ଼ପ କରିଛନ୍ତି। ଗତ ଜୁଲାଇ ୨୮ ତାରିଖରେ ଏହାର ପ୍ରତିବାଦରେ ବ୍ୟାଙ୍କରେ ବା ତାଲା ପକାଯାଇ ଧାରଣା ଦିଆଯାଇଥିଲା। ଜୁଲାଇ ୧୬ରେ ମା' କାଳୀ ଏସ୍‌ଏଚ୍‌ଜି ଏବଂ ଜୟଗୁରୁ ଏସ୍‌ଏଚ୍‌ଜି ୩ ଲକ୍ଷ ଟଙ୍କା ଲେଖାଏଁ ଋଣ ବ୍ୟାଙ୍କରୁ ଉଠାଇଥିଲେ। କିନ୍ତୁ ଋଣ ଟଙ୍କା ଆକାରରେ ଜମା ହୋଇ ନଥିଲା। ସଦସ୍ୟାମାନେ ପଚାରିବାରୁ ବିଭିନ୍ନ ଆଳ ଦେଖାଇ ମ୍ୟାନେଜର ଜଣକ ସମୟ ଗଡ଼ାଇ ଚାଲିଥିଲେ। ଏସ୍‌ଏଚ୍‌ଜିକୁ ମିଳିଥିବା ୬ଲକ୍ଷରୁ ୩ଲକ୍ଷ ପ୍ରଦାନ କରି ବାକି ଟଙ୍କା ଦେଇ ନଥିଲେ। ମିଳିଥିବା ୩ଲକ୍ଷ ଟଙ୍କା ଏସ୍‌ଏଚ୍‌ଜି ପରିଶୋଧ କରିଥିଲେ। ବାକି ଟଙ୍କା ପାଇଁ ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ ଦିଆଯାଇଥିଲା। ପାସ୍ ବୁକ୍, ମାଗିବା ପରେ ୬ଲକ୍ଷ ଟଙ୍କା ଉଠାଇ ୩ଲକ୍ଷ ଦିଆଯାଇ ନଥିବା ଜଣାପଡ଼ିଥିଲା। ବର୍ଷେ ହେଲା ସମାଧାନ ଲାଗି ବ୍ୟାଙ୍କକୁ ମହିଳାମାନେ ଦୌଡ଼ୁ ଥିଲେ ସୁଦ୍ଧା ପଦକ୍ଷେପ ନିଆଯାଉ ନଥିବା ସୂଚନା ମିଳିଛି ।

# ଅଞ୍ଚଳବାସୀଙ୍କୁ ଘାରିଛି ବୁଲା କୁକୁର ଭୟ



ଆସିକା, (ଭାସ୍କର ନ୍ୟୁଜ୍) : ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରଭୁକ୍ତ ଅଞ୍ଚଳରେ ଗତ କିଛି ଦିନ ହେଲା ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି। ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ପ୍ରାତଃ ଭ୍ରମଣରେ ଯାଉଥିବା ନାଗରିକ ମାନଙ୍କୁ ପଲପଲ ହୋଇ ବୁଲୁଥିବା ବୁଲା କୁକୁରଙ୍କ ଭୟ ଘାରୁଥିବା ଲକ୍ଷ୍ୟ କରାଯାଇଛି। କିଏ କେତେବେଳେ ବୁଲାକୁକୁରଙ୍କ କାମୁଡାର ଶିକାର ହେବ ତାହା କହି ହେବ ନାହିଁ। ମାଳମାଳ ହୋଇ ବୁଲାକୁକୁର ବୁଲୁଥିବା ବେଳେ ଭୋର ସମୟରେ ଲୋକଙ୍କୁ ଦେଖୁଲେ ଭୁକିବା ସହ ଲୋକଙ୍କ ପାଖକୁ ଦୌଡି ଆସୁଥିବା ଦେଖିବାକୁ ମିଳୁଛି ଏପରିକି ବିଭିନ୍ନ ସମୟରେ ବୁଲା କୁକୁର ମାନେ ମୁଖ୍ୟ ରାସ୍ତାକୁ ଅବରୋଧ କରି ରଖୁଥିବା ଯୋଗୁଁ ବିଭିନ୍ନ ଦୁର୍ଘଟଣାର ସମ୍ମୁଖିନ ମଧ୍ୟ ହେଉଛନ୍ତି।ସାହିବସ୍ତି ଗୁଡିକରେ ବିଭିନ୍ନ ସମୟରେ ପିଲାଙ୍କ ଠାରୁ ଆରମ୍ଭ କରି ବରିଷ୍ଟ ନାଗରିକ ମାନେ ମଧ୍ୟ କୁକୁର କାମୁଡାର ଶିକାର ହେଉଥିବା ଅଭିଯୋଗ ହେଉଛି ବୁଲା କୁକୁରଙ୍କ ସଂଖ୍ୟା ସାହିବସ୍ତି ଗୁଡିକରେ ଦିନକୁ ଦିନ ବଢି ବଢି ଚାଲିଥିଲେ ମଧ୍ୟ ଏ ନିୟନ୍ତ୍ରଣ କରିବା ଦିଗରେ ଏନଏସି କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅଞ୍ଚଳ ବାସୀ ଦାବୀ ହେଉଥିବା ନଜର କୁ ଆସୁଛି। ସାହିବସ୍ତି ଗୁଡିକରେ ଦଳଦଳ ହୋଇ ବୁଲା କୁକୁର ବୁଲୁଥିବା ଯୋଗୁଁ ବହୁ ଅଭିଭାବକ ସେମାନଙ୍କ ସନ୍ତାନ ସନ୍ତତିଙ୍କୁ କୁକୁର କାମୁଡିବା ଭୟରେ ଘରୁ ବାହାରକୁ ଛାଡିବାକୁ ନିରାପଦ ମଣୁନଥିବା ଦେଖୁବାକୁ ମିଳୁଛି ରାତ୍ରରେ ବାଇକରେ ଯିବା ବେଳେ ହେଉ ବା ଚାଲିଚାଲି ଯିବା ବେଳେ ହେଉ ବୁଲା କୁକର ଗୋଡାଉଛନ୍ତି ଆଉ ବେଳେ ବେଳେ ବାଇକ୍ ଭିତରକୁ ପଶି ଆସିବା ଫଳରେ ଦୁର୍ଘଟଣା ମଧ୍ୟ ଘଟୁଛି ଯାହାରି ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ବୁଲାକୁକୁରଙ୍କ ଉପଦ୍ରବରୁ ଆସିକା ସହରବାସୀଙ୍କୁ ରକ୍ଷା କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢଦାବୀ ହେଉଥିବା ଲକ୍ଷ୍ୟ କରାଯାଇଛି

# ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ




ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢାଖୋଲ ସହର କଦମ୍ବ ପଡିଆ ଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆୟୋଜିତ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଆମ ସରକାର ଜମିଜମା ସଂକ୍ରାନ୍ତୀୟ ସମାଧାନ କରିବା ସହିତ ପ୍ରତ୍ୟେକ ଗରିବ ପରିବାରଙ୍କୁ ଜମିପଟ୍ଟା ଯୋଗାଇ ଦେବାକୁ ଅଙ୍ଗିକାର୍ ବଧ ଅଟେ। ଆମ ସରକାର କାହାକୁ ହେଲେ ଭୁମିହୀନ କରିବାକୁ ଦେବେନାହିଁ ବୋଲି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବନ୍ଦର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଧାଂଶୁ କୁମାର୍ ଭୋଇ, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହାନ୍ତ, ଏନ୍‌ଏସି ଅଧକ୍ଷ ଶିବରାମ ସାହୁ, ରେଢ଼ାଖୋଲ ବ୍ଲକ୍ ଅଧକ୍ଷ ପ୍ରଦିପ ପ୍ରଧାନ, ନାକଟିଦେଉଳ ବ୍ଲକ୍ କଧକ୍ଷା ସ୍ୱରୁପାରାଣୀ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ନାକଟିଦେଉଳ ତହସିଲଦାର ଅମରଜେ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନଙ୍କ ଦ୍ୱାରା ବସୁନ୍ଧରା ଯୋଜନାରେ ମୋଟ୍ ରେଢ଼ାଖୋଲ ବ୍ଲକ୍ ରେ ୧୯୪ଜଣ ଓ ନାକଟିଦେଉଳ ବ୍ଲକ୍ ରେ ୭୪ଜଣ, ଜଙ୍ଗଲ ଜମି ପଟ୍ଟା ରେ ରେଢ଼ାଖୋଲ ବ୍ଲକ୍ ରେ ୧୯୨ଜଣ, ନାକଟିଦେଉଳ ବ୍ଲକ୍ ରେ ୪୧ଜଣ, ସ୍କୁଲ ଓ କଲେଜ ମାନଙ୍କୁ ରେଢ଼ାଖୋଲ ବ୍ଲକ୍ ରେ ୯୨, ନାକଟିଦେଉଳ ରେ ୩୯ ମୋଟ୍ ୬୩୩ ଜଣଙ୍କୁ ଜମିପଟ୍ଟା ପ୍ରଦାନ। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତି କରଣ ବିଭାଗ ପକ୍ଷରୁ ମଧୁବାବୁ ଯୋଜନାରେ ଭତ୍ତା ଓ ଅନ୍ୟାନ୍ୟ ସହାୟତା ରାଶି ଏବଂ ଭିନ୍ନକ୍ଷମ ଉପକରଣ ବଣ୍ଟାଯାଇଥିଲା। ଏଥିରେ ମୋଟ ରେଢ଼ାଖୋଲ ବ୍ଲକ୍ ର ୬୦ଜଣ ଓ ନାକଟିଦେଉଳ ବ୍ଲକ୍‌ର ୩୫ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ସେହିପରି ୪ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର, ୩ଜଣଙ୍କୁ କାନଯନ୍ତ୍ର ବଣ୍ଟନ କରାଯାଇଛି। ଏଥିସହ ୪ଜଣଙ୍କୁ ଇଣ୍ଟରକାଷ୍ଟ ମେରେଜ ପାଇଁ ୨ଲକ୍ଷ ୫୦ହଜାର ଅନୁକମ୍ପା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍କୁଲକୁ ଜମି ଦାନ ପାଇଁ ଦାନେଇ ତାଣ୍ଡିଆ ଓ ପ୍ରକୃତି ପ୍ରେମୀ ଶିବରାମ ସାହୁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।



ବୋଲଗଡ଼, (ଭାସ୍କର ନ୍ୟୁଜ୍) : ବୋଲଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଓ ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁ ଏବଂ ସଂକୁଳ ସଂଯୋଜକ ବିଚିତ୍ର କୁମାର ରଥ ପ୍ରମୁଖଙ୍କ ମିଳିତ ଆବାହକତ୍ୱରେ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ମଙ୍ଗଳବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଜ୍ଞାନ ବିଜ୍ଞାନ ମେଳାକୁ ସ୍କୁଲ ପରିଚାଳନା କମିଟିର ସଭାପତି ଅଧାପକ ଗାନ୍ଧୀ କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ବାସୁଦେବ ବେହେରା ଓ ସମ୍ମାନୀତ ଅତିଥି ଭାବେ ସଂକୁଳ ପ୍ରମୁଖ ସାନନ୍ଦ କୁମାର ସାହୁ ଯୋଗ ଦେଇଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ୧୦ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗରେ ସମୁଦାୟ ୧୭୪ଜଣ ଶିଶୁ ବୈଜ୍ଞାନିକ ମାନେ ଅଂଶ ଗ୍ରହଣ କରି ନିଜସ୍ୱ ନିର୍ମିତ ୫୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାକୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମସ୍ତ ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ଓ ଅଭିଭାବକମାନେ ଯୋଗଦେଇ ବିଜ୍ଞାନ ପ୍ରକଳ୍ପ ଗୁଡିକୁ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ୧୦ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ପ୍ରଧାନ ଆଚାର୍ଯ୍ୟ ଓ ବିଜ୍ଞାନ ଶିକ୍ଷକ ମାନେ ସହଯୋଗ କରି ପରିଚାଳନା କରିଥିଲେ।ଉଦ୍‌ଯାପନ ଦିବସରେ ଶିକ୍ଷା ଅନୁଷ୍ଠାନର ସମ୍ପାଦକ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ନିରଞ୍ଜନ ନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଶିକ୍ଷାବିତ ପ୍ରଭାକର ସାହୁ, ଗୌର ଚରଣ ସାମନ୍ତସିଂହାର, ମଞ୍ଜୁବାଳ ସରଙ୍ଗୀ, ଗୋପୀନାଥ ପ୍ରଧାନ, ଅଧାପକ ଅଭିଳାଷ ପଟ୍ଟନାୟକ, ପରେଶ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ଚୟନ କରିଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ଘର ଅଳ୍ପକେ ବର୍ତ୍ତିଲେ ପରିବାର



**ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) :** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୮ନଂ. ୱାର୍ଡ଼ ସ୍ଥିତ ମୁଣ୍ଡାସାହିରେ ଗତକାଲି ବିଳମ୍ବିତ ରାତ୍ରିରେ ସର୍ଟସର୍କିଟ ଯୋଗୁଁ ରତ୍ନାକର ସେଠୀଙ୍କ ଘର ଜଳି ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଥାଉକି, ରତ୍ନାକରଙ୍କ ପରିବାର ରାତିରେ ଘରେ ଶୋଇ ଥିବାବେଳେ ହଠାତ୍ ଘରର ଚାଳ ଛପର ଜଳୁଥିବା ଦେଖି ଜୀବନ ବଞ୍ଚାଇବା ପାଇଁ ଘରୁ ବାହାରକୁ ଚାଲି ଆସିଥିଲେ। ସ୍ଥାନୀୟ ବସ୍ତି ବାସିନ୍ଦା ଘରଟି ଜଳୁଥିବାର ଦେଖି ଚୌଦ୍ୱାର ଦମକଳ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ଘରେ ଥିବାସମସ୍ତ ଆସବାପତ୍ର, ଲୁଗାପଟା, ଧାନଚାଉଳ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ରତ୍ନାକର ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ତ୍ରିରଙ୍ଗା ଶୋଭାଯାତ୍ରା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ୨୪ନମ୍ବର ଜିଲ୍ଲାପରିଷଦ ଜୋନ୍‌ରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତଥା ଓଡିଶା ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ କରାଯାଉଛି। ତଦନୁଯାୟୀ ଏହି ବ୍ଲକର ୨୪ ନମ୍ବର ଜୋନରେ ସଞ୍ଜୟ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବଡଖିର ପଞ୍ଚାୟତ ତାରିଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ନିଶ୍ଚିନ୍ତକୋଇଲି ନତକାଇ, ରାମକୃଷ୍ଣପୁର, ଜୟରାମପୁର, ଫୋଗଳ, ଜିଗ୍ନିପୁର ବରାଦ ଦେଇ କେନ୍ଦୁପାଟଣା ବଜାର ନିକଟରେ ଶେଷ ହୋଇଥିଲା।



## ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଫୁ

# ଆର୍ଥିକ ଅନିୟମିତତା ପ୍ରତିବାଦରେ ବ୍ଲକ ସମ୍ମୁଖରେ ଧାରଣା

ଚାନ୍ଦବାଲି, (ଓଡିଶା ଭାସ୍କର )ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମାନୁ ନାହାଁନ୍ତି ଚାନ୍ଦବାଲି ବିଡ଼ିଓ, ଶାସକ ଦଳ ଚାପରେ ରାତାରାତି ବଦଳାଇ ଦେଉଛନ୍ତି ମହାସଂଘର ସମ୍ପାଦିକା ଓ ସଭାନେତ୍ରୀ। ଏମିତି କିଛି ଅଭିଯୋଗ ଆଣି ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି ବ୍ଲକସ୍ତରୀୟ ମହିଳା ମହାସଂଘର କାର୍ଯ୍ୟକର୍ତ୍ତା। ସୂଚନା ମୁତାବକ ଚାନ୍ଦବାଲି ବ୍ଲକ ସମ୍ମୁଖରେ ଥିବା ମିଶନ ଶକ୍ତି କାଫେରେ ଆର୍ଥିକ ଅନିୟମିତତା ଦର୍ଶାଇ, ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା କାର୍ଯ୍ୟରୁ ଅନ୍ତର କରି ତାଙ୍କ ସ୍ଥାନରେ ଉପସଭାନେତ୍ରୀ ଓ ଯୁଗ୍ମ ସମ୍ପାଦିକାଙ୍କୁ ଦାୟିତ୍ୱ ଦେଇଛି ବ୍ଲକ ପ୍ରଶାସନ। ଯାହାକୁ ନେଇ ଚାନ୍ଦବାଲି ବ୍ଲକସ୍ତରୀୟ ମହାସଂଘ-୧ର ସଭ୍ୟା ମାନେ ଏକାଠି ହୋଇ ବିରୋଧ କରିବା ସହ ଧାରଣାରେ ବସି ରହିଛନ୍ତି। ମିଶନ ଶକ୍ତି କାଫେରେ କୌଣସି ଆର୍ଥିକ ଅନିୟମିତତା ହୋଇ ନାହିଁ କି ଏ ବାବଦରେ କୌଣସି ସଭ୍ୟା କେଉଁଠି ବି ଅଭିଯୋଗ କରି ନାହାଁନ୍ତି। ତେଣୁ କେଉଁ ଆଧାରରେ ଜିଲ୍ଲା ବା ବ୍ଲକ ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଛି ବୋଲି ପ୍ରଶ୍ନ କରିଛନ୍ତି ମହିଳା ମହାସଂଘର ସଭ୍ୟା ଓ କାର୍ଯ୍ୟକର୍ତ୍ତା ମାନେ। ଆର୍ଥିକ ଅନିୟମିତତା ହେଲେ ବ୍ଲକ ପ୍ରଶାସନ ତଦନ୍ତ କରିପାରିବ ମାତ୍ର ଦାୟିତ୍ୱ କାହାକୁ ଦିଆଯିବ ବା ଦାୟିତ୍ୱରୁ କାହାକୁ ଅନ୍ତର କରାଯିବ ତାହା କେବଳ ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ହୋଇ ଆସିଥିବା ଇସି ମାନେ ସ୍ଥିର କରିବା ନିୟମ ରହିଛି। ହେଲେ ବ୍ଲକ ପ୍ରଶାସନ କାହା ଚାପରେ ନିଜ ଆଡୁ ସବୁ ନିଷ୍ପତ୍ତି ନେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ମହାସଂଘର ସଭାନେତ୍ରୀ ମାନସୀ ପାଢ଼ୀ। ବିଡ଼ିଓ ଯଦି ଏହି ଆଦେଶ ପ୍ରତ୍ୟାହୃତ ନ କରନ୍ତି ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସୂଚାଇ ଦେଇଛନ୍ତି। ଏ ବାବଦରେ ଚାନ୍ଦବାଲି ବିଡ଼ିଓ ସଂଜୀବ ମହାପାତ୍ରଙ୍କୁ ପଚାରିବାରୁ, ଆର୍ଥିକ ଅନିୟମିତତା ହୋଇଛି ବୋଲି କିଛି ଲୋକଙ୍କ ଅଭିଯୋଗ ଭିତ୍ତିରେ ଆମେ ଏପରି ନିଷ୍ପତ୍ତି ନେଇଛୁ ବୋଲି କହିଛନ୍ତି। ତା ସହିତ ମହାସଂଘର ସଭାନେତ୍ରୀ ବା ସମ୍ପାଦିକାଙ୍କ ଦାୟିତ୍ୱ ବଦଳାଇବା ପ୍ରଶ୍ନରେ ମୋ ପାଖରେ ଉଚ୍ଚ ନ୍ୟାୟାଳୟଙ୍କ ଚିଠି ପହଞ୍ଚି ନାହିଁ ବୋଲି କହିଛନ୍ତି।

# ବିଜେପିର ତିରଙ୍ଗା ଶୋଭାଯାତ୍ରା।

ରଘୁନାଥପୁର (ଭାସ୍କର ନ୍ୟୁଜ୍): ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ରଘୁନାଥପୁର ବ୍ଲକ୧ଜୋନର ବିଜେପି ପକ୍ଷରୁ ବିଜେପି ନେତା ଅଶୋକ କୁମାର ମହାରଣା, ସୁବୋଧ କୁମାର ବାରିକ,ଗଗନ ଚରଣ ଦାଶ,ନିର୍ମଳ ମହାପାତ୍ର, ସୁକାନ୍ତ କୁମାର ସ୍ୱାଇଁ ଓ ଆଶିଶ କୁମାର ସାମଲଙ୍କ ନେତୃତ୍ୱରେ ବୁଧବାର ଦିନ ତିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଭେନ୍ଦୁ ଦାସ, ସୁକାନ୍ତ ରାଉତ, ସଂଗ୍ରାମ ଭୋଇ, ଦିପ୍ତି ରଂଜନ ସାହୁ,ବାବୁଲା ଭୋଳ, ବାପି ସିଂ, ସୁଭାଷ ମହାରଣା, ନବକିଶୋର ମଲ୍ଲିକ,ଗଣେଶ୍ୱର ସାହୁ, ପବିତ୍ର ପାଣି,ଲକ୍ଷ୍ମୀଧର ନାୟକ, ଜ୍ଞାନ ରଂଜନ ସ୍ୱାଇଁ, ବିବେକାନନ୍ଦ ପଟ୍ଟନାୟକ, ଅରୁଣ ସ୍ୱାଇଁ,ଅକ୍ଷୟ କୁମାର ରାଉତ, ବିନୋଦ ବିହାରୀ ପଟ୍ଟନାୟକ, ସୌମ୍ୟରଂଜନ ଭୂୟାଁ, ସଞ୍ଜୟ ସ୍ୱାଇଁ, ମନୋଜ ନାୟକ, ଉଲ୍ଲାସ ରାଉତ, ବିନୋଦ ଦାସଙ୍କ ସମେତ ୫୦୦ଶହ ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ଯୋଗ ଦେଇଥିଲେ।

# ୨୦ କେଜି ଓଜନର ପଥର ଭାସୁଥିବା ଦେଖି ଆଶ୍ଚର୍ଯ୍ୟ ଗ୍ରାମବାସୀ



ଗୋପ(ଭାସ୍କର ନ୍ୟୁଜ୍): ପୌରାଣିକ ଗାଥା ଅନୁସାରେ ତ୍ରେତୟା ଯୁଗରେ ମାତା ସୀତାଙ୍କୁ ହରଣ କରିନେଇଥିବା ରାବଣକୁ ବଧକରିବା ପାଇଁ ପ୍ରଭୁ ଶ୍ରୀରାମ ବାନରସେନାଙ୍କ ସହାୟତାରେ ଲଙ୍କାକୁ ରାମ ସେତୁ ନିର୍ମାଣ କରିଥିଲେ। ପ୍ରଭୁ ଶ୍ରୀ ରାମଙ୍କ ପାଦସ୍ପର୍ଶ ପାଇଁ ପଥର ପାଣିରେ ନବୁଡି ଭାସିବା ଦ୍ୱାରା ରାମସେତୁ ନିର୍ମାଣ ହୋଇଥିବା କିମ୍ବଦନ୍ତୀ ରହିଛି। କିନ୍ତୁ ବର୍ତ୍ତମାନ ଯୁଗରେ ପାଣିରେ ପଥର ଭାସିବା ଏକ ପ୍ରକାର ଅସମ୍ଭବ ହୋଇଥିଲେ ସୁଦ୍ଧା ଅନେକ ସମୟରେ ସମ୍ଭବପରି ଦୃଶ୍ୟମାନ ହେଉଛି। ପାଣିରେ ପଥର ଭାସିବାର ଏପରି ଏକ ଘଟଣା ଗୋପ ବ୍ଲକ ବାଲିସାହି କେନାଲରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ସକାଳୁ ବାଲିସାହିର ଶିବ ପ୍ରସାଦ ମୁଦୁଲି ଏବଂ କାଳନ୍ଦୀ ବେହେରା କେନାଲ ବନ୍ଧରେ ଯାଉଥିବା ବେଳେ ଏକ ବଡ଼ ପଥର କେନାଲରେ ଭାସୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ। ଗ୍ରାମର କିଛି ଲୋକଙ୍କୁ କେନାଲ ଭିତରେ ପଥର ଟି ଭାସୁଥିବାର ପ୍ରତ୍ୟେକ୍ଷଦର୍ଶୀ ସୂଚନା ଦେଇଥିଲେ। ପଥରଟି ପାଣିରେ ଭାସୁଥିବାର ଦେଖି ଗ୍ରାମବାସୀଙ୍କ ଦ୍ୱାରା ପାଣିରୁ ପଥର ଟିକୁ ଉପରକୁ ଅଣାଯାଇଥିଲା। କେନାଲରେ ଭାସୁଥିବା ଏହି ପଥରର ଓଜନ ୨୦ କିଲୋ ହୋଇଥିବା ବେଳେ ଏତେ ଓଜନର ପଥରଟି କେମିତି ପାଣିରେ ଭାସୁଥିଲା ତାହା ସାଧାରଣରେ ଏକ ବିଶ୍ୱାସ ଅବିଶ୍ୱାସ ଅନ୍ଧ ବିଶ୍ୱାସ ହୋଇ ରହିଯାଇଛି। ଏହି ପଥରଟିକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଅନେକ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା।


# ‘ହାତୀଙ୍କ ପାଇଁ ତାଳ ଗଛ, ପୃଥିବୀ ପାଇଁ ସୁରକ୍ଷା କବଚ’ ଶୀର୍ଷକ ସଚେତନତା




ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ବିଶ୍ୱ ହସ୍ତୀ ଦିବସ ଅବସରରେ ସବୁଜ ବାହିନୀ ପକ୍ଷରୁ ହାତୀମାନଙ୍କ ସୁରକ୍ଷା ପାଇଁ ବ୍ରହ୍ମପୁର ଉପକଣ୍ଠ ବରପଲ୍ଲୀ ଗ୍ରାମବାସୀ ମାନଙ୍କୁ ନେଇ ‘ହାତୀଙ୍କ ପାଇଁ ତାଳ ଗଛ ପୃଥିବୀ ପାଇଁ ସୁରକ୍ଷା କବଚ’ ନାମକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାମଗୁଡ଼ ସଂରକ୍ଷିତ ଜଙ୍ଗଲ ହେଉଛି ହାତୀମାନଙ୍କ ଚଳପ୍ରଚଳ ସ୍ଥାନ ସେଥିପାଇଁ ଏହି ସ୍ଥାନରେ ତାଳ ଗଛର ଆବଶ୍ୟକତା ଥିବାରୁ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଜଙ୍ଗଲ ଆଖପାଖ ଅଞ୍ଚଳ ତଥା ବିକାଶପୁର ଡ୍ୟାମ୍ ଠାରେ ଦୀର୍ଘ ଦିନ ଧରି ସଂଗଠନ ଦ୍ୱାରା ଚାରି ହଜାରରୁ ଅଧିକ ତାଳ ଗୋଟମା ରୋପଣ କରାଯାଇଛି। ଯାହା ଆଗାମୀ ଦିନରେ ପରିବେଶକୁ ସନ୍ତୁଳନ ରଖିବା ସହିତ ହାତୀ ମାନଙ୍କ ପାଇଁ ଖାଦ୍ୟ ଓ ସୁରକ୍ଷା ଦେଇପାରିବ ବୋଲି ସବୁଜ ବାହିନୀ ସଭାପତି ଆଶାବ୍ୟକ୍ତ କରିଥିବା ବେଳେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବନ ଖଣ୍ଡ ଅଧିକାରୀ ସନ୍ନି ଖୋଖର ଯୋଗଦେଇ ହାତୀର ସୁରକ୍ଷା ଓ ତାଳ ଗଛର ଆବଶ୍ୟକତା ଉପରେ ଲୋକମାନଙ୍କୁ ସୋଚେତନ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ବନ୍ଧୁପଲ୍ଲି ସରପଞ୍ଚ କାମିନୀ ନାୟକ ଯୋଗଦେଇ ସ୍ଥାନୀୟ ଜଙ୍ଗଲରେ ଆଗକୁ କିଭଳି ଆହୁରି ଅଧିକରୁ ଅଧିକ ତାଳ ଗୋଟମା ରୋପଣ କରାଯାଇପାରିବ ସେଥିପାଇଁ ଚେଷ୍ଟା କରାଯିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ତାଳ ଗୋଟମା ଅତିଥିଙ୍କ ଦ୍ୱାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସବୁଜ ବାହିନୀ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳନା କରିଥିବା ବେଳେ ପରିବେଶବିତ୍ ତଥା ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର୍ ପାତ୍ର, ସ୍ଥାନୀୟ ସମାଜସେବୀ ଟୁନା ନାୟକ, ସାମ୍ବାଦିକ ତଥା ଷ୍ଟେପ ଅନ ନେଚର ପ୍ରତିଷ୍ଠାତା ସ୍ୱାଧୀନ ସାହୁ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୁବ ଦିବସ ପାଳିତ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବ୍ଲକ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, କେନ୍ଦୁପଦରରେ ଅଧକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧକ୍ଷତାରେ ଯୁବ ରେଡ଼କ୍ରସ ପକ୍ଷରୁ ଆନ୍ତର୍ଜାତୀୟ ଯୁବ ଦିବସ ଆୟୋଜିତ ହୋଇଯାଇଛି ଓ ଉକ୍ତ କାର୍ଯ୍ୟକ୍ରମକୁ ଯୁବ ରେଡ଼କ୍ରସର ସଂଯୋଜକ ଡ଼କ୍ଟର କୁନା ସୁନା ପରିଚାଳନା କରିଥିଲା ବେଳେ ଅନୁଷ୍ଠାନର ଅଧକ୍ଷ ଶ୍ରୀଯୁକ୍ତ ବିଷୋୟୀ ଉକ୍ତ ଦିବସର ମହତ୍ତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଉପସ୍ଥିତ ଥିବା ଯୁବ ସ୍ୱେଚ୍ଛାସେବୀ, ସ୍ୱେଚ୍ଛାସେବିନୀଙ୍କୁ ଯୁବ ଶକ୍ତି ଓ ସମ୍ଭାବନା ବିଷୟରେ ବାର୍ତ୍ତା ପ୍ରଦାନ କରିଛନ୍ତି ଓ ଉକ୍ତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ନିଜ ନିଜର ଅନୁଚିନ୍ତା ବ୍ୟକ୍ତ କରିଛନ୍ତି ଓ ଏହା ବ୍ୟତୀତ ପରିଶେଷରେ ଶୁଭଶ୍ରୀ ସାହୁ ନିଜର ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଛନ୍ତି ଓ ଏହା କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧାପକ ଅଭିଷେକ ବେହେରା, ଆଲୋକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।





# ସାପ କାମୁଡାରେ ବୃଦ୍ଧ ମୃତ

ଆଳି, (ଭାସ୍କର ନ୍ୟୁଜ ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ଭୂଇଁପୁର ପଞ୍ଚାୟତ ମାନପୁର ଗ୍ରାମ ହରିଜନ ସାହିର ଜଣେ ବୃଦ୍ଧ ଚାଷୀ ଅଲେଖ ଜେନା (୫୫) ଚାଷ କାର୍ଯ୍ୟ ନିମନ୍ତେ ବିଲକୁ ଯାଇଥିବା ବେଳେ ତାଙ୍କୁ ସେଠାରେ ଏକ ବିଷଧର ସାପ କାମୁଡି ଦେଇଥିବା ନେଇ ଅଲେଖଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସାପ କାମୁଡ଼ି ଦେବା ପରେ ତୁରନ୍ତ ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏତଲା ଆଧାରରେ ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା ବେଳେ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଜଣାପଡିଛି।

# ଗ୍ରାମ୍ୟ ବ୍ୟାଙ୍କରେ ଗ୍ରାହକ ସେବା ବିପର୍ଯ୍ୟସ୍ତ

ବୋଲଗଡ, (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳର ଲୋକମାନଙ୍କୁ ସହଜ ଓ ସୁବିଧାରେ ବ୍ୟାଙ୍କ ସେବା ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ଜାତୀୟକରଣ ବ୍ୟାଙ୍କମାନ ସ୍ଥାପନ କରିଛନ୍ତି। ଏହି ବ୍ୟାଙ୍କ ସେବା ଓ ସୁବିଧା ପାଇବା ପାଇଁ ବୋଲଗଡ ବ୍ଲକ ଅନ୍ତର୍ଗତ ପିଚୁକୁଳି ଠାରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ରାଜ୍ୟ ସରକାର ସ୍ଥାପନ କରିଛନ୍ତି। ପିଚୁକୁଳି ଠାରେ ଲୋକମାନଙ୍କର ସହଜ ସୁବିଧା ବ୍ୟାଙ୍କ ସେବା ପାଇଁ କୌଣସି ଜାତୀୟ କରଣ ବ୍ୟାଙ୍କ ସ୍ଥାପନ କରାଯାଇନାହିଁ। ଫଳରେ ଏହି ଓଡିଶା ଗ୍ରାମୀଣ ବ୍ୟାଙ୍କ ଉପରେ ପିଚୁକୁଳି ଗ୍ରାମପଞ୍ଚାୟତ, ଅସରଳା ଗ୍ରାମପଞ୍ଚାୟତ, ସାନପଦର ଗ୍ରାମପଞ୍ଚାୟତ ଓ ମାଣିବନ୍ଧ ଗ୍ରାମପଞ୍ଚାୟତର ବହୁ ରାଜସ୍ୱ ଗ୍ରାମ ଗୁଡିକର ଲୋକମାନେ ସହଜ ସୁବିଧାରେ ବ୍ୟାଙ୍କ ସେବା ପାଇବା ପାଇଁ ପିଚୁକୁଳି ସ୍ଥିତ ଓଡିଶା ଗ୍ରାମୀଣ ବ୍ୟାଙ୍କ ଉପରେ ନିର୍ଭର କରିଛନ୍ତି। କିନ୍ତୁ ସୋମବାରଦିନ ଏହି ଓଡିଶା ଗ୍ରାମୀଣ ବ୍ୟାଙ୍କର କର୍ମଚାରୀ ମାନଙ୍କ ମନମୁଖୀ ଶାସନ ଯୋଗୁଁ ଅପରାହ୍ନ ୩:୫୫ ସମୟରେ ବ୍ୟାଙ୍କ ସେବା ବନ୍ଦ ହୋଇଯାଇ ଫାଟକରେ ତାଲା ଝୁଲିଥିଲା। ଫଳରେ ଅନେକ ବ୍ୟାଙ୍କ ଗ୍ରାହକ ଉତ୍ତମ ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ଫଳରେ ବ୍ୟାଙ୍କ ଗ୍ରାହକମାନଙ୍କ ମନରେ ଜନ ସନ୍ତୋଷ ବୃଦ୍ଧି ପାଇଅଛି। ତେଣୁ ରାଜ୍ୟ ଓଡିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଓ ପରିଚାଳକ ଏଥିପ୍ରତି ଦୃଷ୍ଟି ଦେଇ ପିଚୁକୁଳି ସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀ ଓ ପରିଚାଳକ ପ୍ରମୁଖଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଞ୍ଚଳିକମାନେ ବ୍ୟାଙ୍କ ଗ୍ରାହକ ମାନେ ଅନୁରୋଧ କରିଅଛନ୍ତି।

# ଅଳିଆ ଆବର୍ଜନାରେ ପୋତି ହେଲାଣି କେନାଲ: ବିଭାଗର ନାହିଁ ନିଘା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳସମ୍ପଦ ବିଭାଗର ଦାୟୀତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ନିଶ୍ଚିନ୍ତକୋଇଲି ଅଂଚଳ ଦେଇ ଯାଇଥିବା ଏକ କେନାଲ କେତେକ ମୁଷ୍ଟିମେୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଜବର ଦଖଲ ହୋଇଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ଏହି କେନାଲର ରକ୍ଷଣା ବେକ୍ଷଣା ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। କେନାଲରେ ପାଣି ଯାଉନଥିବା କାରଣରୁ ଚାଷୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ୮ ଇ-୧ କେନାଲ ରହିଛି। ଏହି କେନାଲଟି ନିଶ୍ଚିନ୍ତକୋଇଲି ବଜାର ଦେଇ ବହି ଯାଇଥିବା ୮ନମ୍ବର ଇ କେନାଲରୁ ବାହାରି ଓଥକା କୁମ୍ଭାର ସାହି ପର୍ଯ୍ୟନ୍ତ ଯାଇଛି। ଏହି କେନାଲ ଉପରେ ଜଳସେଚନ ନିମନ୍ତେ ସ୍ଥାନୀୟ ନିଶ୍ଚିନ୍ତକୋଇଲି , ଓଥକା ପ୍ରଭୃତି ଗ୍ରାମର ଶହ ଶହ ଚାଷୀ ନିର୍ଭର କରିଥାନ୍ତି। ତେବେ ଏହି କେନାଲ କେତେକ ପ୍ରଭାବଶାଳୀ ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଜବର ଦଖଲ କରାଯାଇଥିବାର ଅଭିଯୋଗ ହୋଇଛି। ଫଳରେ ଏହି କେନାଲରେ ପାଣି ଯାଇ ପାରୁନାହିଁ। ଦୀର୍ଘ ଦିନ ହେଲା ଏହି କେନାଲଟି ଅଳିଆ ଆବର୍ଜନା ପଚାସଢା ବର୍ଯ୍ୟବସ୍ତୁରେ ପରିପୂର୍ଣ୍ଣ ହୋଇ ରହିଛି। ଏପରିକି ଏହି କେନାଲରେ ପୋକ ଜୋକ ସାଲୁବାଲୁ ହେଉଛନ୍ତି। ପ୍ରତିବର୍ଷ ଏହି କେନାଲ ସଫେଇ ଓ ମରାମତି ନାମରେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ସରକାରୀ କାଗଜକଲମରେ କେନାଲ ସଫେଇ ଓ ମରାମତି କରାଯାଉଥିବା ଦର୍ଶାଯାଇ ଅର୍ଥ ଲୁଟି ନିଆଯାଉଥିବାର ଅଭିଯୋଗ ହୋଇଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ହେଉଥିଲା ବେଳେ ଏହି କେନାଲର ଭାଗ୍ୟ ପରିବର୍ତ୍ତନ ହେଉନଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। କେନାଲରେ ପାଣି ଯାଉନଥିଲା ବେଳେ ହାଟ ଓ ବଜାରର ପଚାସଢା ପାଣି ଜମି ରହିବା କାରଣରୁ ସ୍ଥାନୀୟ ନିଶ୍ଚିନ୍ତ କୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସମେତ ସ୍ଥାନୀୟ ଗ୍ରାମର ଶତାଧିକ ପରିବାର ପଚା ଦୁର୍ଗନ୍ଧରେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି ସ୍ଥାନୀୟ ଅଂଚଳରେ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ସରକାର ଚାଷୀଙ୍କ ଠାରୁ ଜଳକର ଓ ରାଜସ୍ୱ ଆଦାୟ କରୁଥିଲା ବେଳେ ଚାଷୀଙ୍କ ବିଲକୁ ପାଣି ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଫଳରେ ପ୍ରତିବର୍ଷ ଏହି ଅଂଚଳର ଚାଷୀମାନେ ଜଳ ସେଚନର ଉପଯୁକ୍ତ ସୁବିଧା ସୁଯୋଗ ଅଭାବରୁ କ୍ଷତିଗ୍ରସ୍ତ ହେବା ସହ ସେମାନଙ୍କର ଫସଲ ହାନୀ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାନଗଲେ ଆଗାମୀ ଦିନରେ ଚାଷୀମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


# ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ





ଜଗତସିଂହପୁର, (ଭାସ୍କର ନ୍ୟୁଜ) ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଜେ.ସୋନାଲ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀ ଓ ଶିକ୍ଷୟିତ୍ରୀ ମାନଙ୍କୁ ଏ ଦିଗରେ ସଚେତନ କରିବା ନିମନ୍ତେ ସେ କୃମି ନାଶକ ବଟିକା ଆଲବେଣ୍ଡାଜୋଲ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧ ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ ଓ ବଟିକା ସେବନ କରାଇବା ନିମନ୍ତେ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନବାଡି ଦିଦି, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ।ଏହି କାର୍ଯ୍ୟକ୍ରମରେ ଡ଼ା। ରାଜେନ୍ଦ୍ର କୁମାର ପାଣିଗ୍ରାହୀ ଆଜି ଦିବସର ମହତ୍ତ୍ୱ ପ୍ରତିପାଦିତ କରିବାକୁ ଯାଇ କହିଲେ ୨୦୧୫ ମସିହା ଠାରୁ ପ୍ରତିବର୍ଷ ପରି ଏହି ବର୍ଷ ଅଗଷ୍ଟ ୧୨ ରେ ଜାତୀୟ କୃମି ନାଶକ ଦିବସ ପାଳନ କରାଯାଉଛି। ଯାହାର ଉଦ୍ଦେଶ୍ୟ ହେଉଛି ୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ଓ କିଶୋର କିଶୋରୀ ତଥା ୨୦ରୁ ୨୪ ବର୍ଷ ବୟସର ସମସ୍ତ ମହିଳା ଯିଏକି (ଗର୍ଭବତୀ ଓ ପ୍ରସୂତି ହୋଇନଥିବେ)ଙ୍କୁ କୃମିନାଶକ ବଟିକାର ସେବନ କରାଇ ଏହି ଅଭିଯାନକୁ ସଫଳ କରାଇବା। କୃମି ଦ୍ୱାରା ସଂକ୍ରମିତ ହେଲେ ପୁଷ୍ଟିହୀନତା, ରକ୍ତହୀନତା, ବଦହଜମୀ, ଶାରୀରିକ ତଥା ମାନସିକ ଅନଗ୍ରସରତା ଦେଖାଯିବା ସହ କାର୍ଯ୍ୟ ଦକ୍ଷତା କମିଯାଏ। ତେଣୁ କୃମି ସଂକ୍ରମଣରୁ ରକ୍ଷା ପାଇବା ପାଇଁ କୃମିନାଶକ ବଟିକା ସେବନ କରିବା ସାଙ୍ଗେ ପରିଷ୍କାର ପରିଚ୍ଛନ୍ନ ରହିବା, ମଳତ୍ୟାଗ ସମୟରେ ପାଇଖାନାରେ ଚପଲ ବ୍ୟବହାର, ବିଶୁଦ୍ଧ ପାନୀୟ ଜଳ ସେବନ, ଖାଇବା ପୂର୍ବରୁ ହାତ ସଫା କରିବା, ନଖ କାଟିବା ଆଦି ବିଷୟରେ ଉପସ୍ଥିତ ଅତିଥିମାନେ ସମସ୍ତଙ୍କୁ ସଚେତନ କାରାଇଥିଲେ। ଏହି ଅଭିଯାନ ଆଜି ଜିଲ୍ଲାର ୧୩୬୯ ସରକାରୀ, ବେସରକାରୀ ବିଦ୍ୟାଳୟ, ୧୭୪୨ ଅଙ୍ଗନବାଡି କେନ୍ଦ୍ରରେ ଆରମ୍ଭ ହୋଇଛି। ଏହି ସମସ୍ତ ସ୍ଥାନରେ ଆଶା କର୍ମୀ, ଅଙ୍ଗନବାଡି ଦିଦି, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଉପସ୍ଥିତି ରେ ପିଲା ମାନଙ୍କୁ କୃମି ନାଶକ ବଟିକା ଓ ଶିରପ ଆଲବେଣ୍ଡାଜୋଲ ଖାଇବାକୁ ଦିଆଯାଇଛି। ଜିଲ୍ଲାର ୨,୩୭,୬୦୦ ଜଣ ୧ ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର,୨୧୧୭୭ ଜଣ ୨୦ ରୁ ୨୪ ବର୍ଷ ବୟସର ପ୍ରସୂତି ବା ଗର୍ଭବତୀ ହୋଇନଥିବା ପ୍ରଜନନକ୍ଷମ ମହିଳା ମାନଙ୍କୁ ଏହି ବଟିକା ଓ ସିରପ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି । ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଲୋକନାଥ ପାତ୍ର, ଡ଼ା ଶତ୍ରୁଘ୍ନ ଦାସ, ଡା. ସରୋଜ କୁମାର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଡିଏସଡବ୍ଲୁଓ, ବିଷ୍ଣୁ ପ୍ରିୟା ସେଠୀ, ନୋଡାଲ ଅଫିସର ତଥା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ବାସନ୍ତୀ ପାଲି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଡିପିଏମ୍ ସୋନାଲି ସାହୁ, ଡେପୁଟୀ ମ୍ୟାନେଜର ସନ୍ଧ୍ୟାରାଣି ପଣ୍ଡା, ଇତିଶ୍ରୀ ମିଶ୍ର, ଓ ବିଦ୍ୟାଳୟ ର ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଗଣ ଉପସ୍ଥିତ ଥିଲେ । ବିଦ୍ୟାଳୟ ସ୍ତରୀୟ କାର୍ଯ୍ୟକ୍ରମ ରେ ମହିଳା ସ୍ୱାସ୍ଥ୍ୟ କର୍ମୀ, ସହରାଞ୍ଚଳର ଆଶା, ଆଦି ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର ସନ୍ଧ୍ୟା ରାଣୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଶିଫଳ


**ଗୁରୁବାର, ୧୪ ଅଗଷ୍ଟ ୨୦୨୫**



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କପ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।




**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ ।ଅତିଥିମାନେ ଘରେ ପହଞ୍ଚିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ। ଆପଣଙ୍କର ବୁଦ୍ଧି ବ୍ୟବହାର କରନ୍ତୁ। ଲାଭ ବୃଦ୍ଧି ପାଇବ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।




**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ। ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଳାନ୍ତ ଅନୁଭବ କରିବେ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ।




**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ। ବ୍ୟବସାୟରେ ଅନୁକୂଳ ଲାଭ ହେବ। ଉତ୍ସାହ ଏବଂ ସୁଖ ରହିବ ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ ।ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ।




**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ’ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଦୁର୍ନୀତିରୁ ଦୂରେଇ ରୁହନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ଘର ବାହାରେ ସୁଖ ମିଳିବ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ। ଆୟରେ ନିଶ୍ଚିତତା ରହିବ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାକୁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଦୁଇଶହ ଦୁଇ ମିଟର ଲମ୍ବାର ଜାତୀୟ ପତାକାକୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ତରଫରୁ ତିଆରି କରାଯାଇଥିଲା ଏବଂ ସେଥିରେ ମହାବିଦ୍ୟାଳୟର ୬୦୦ ଜଣ ଛାତ୍ର ଛାତ୍ରୀ ଯୋଗଦେଇ ସହର ପରିକ୍ରମା କରିଥିଲେ । ବୌଦ୍ଧ ଜିଲ୍ଲାରେ ପ୍ରଥମ ଥର ପାଇଁ ଏଭଳି ବୃହତ୍ ଜାତୀୟ ପତାକା ନେଇ ଶୋଭାଯାତ୍ରାକୁ ସହରବାସୀ ଉତ୍ସାହର ସହ ସ୍ୱାଗତ କରିଥିଲେ । ଏଥିରେ ବୌଦ୍ଧ ସହରର ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟୁଟୁ ସିଙ୍ଗା ଉଚ୍ଚବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଛାତ୍ରୀମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ଶୋଭାଯାତ୍ରା ଜିଲ୍ଲାପାଳ କାର୍ଯ୍ୟାଳୟରୁ ବାହାରି କୋର୍ଟ ଛକ, ପୋଡାପଡା ଛକ, ଗାନ୍ଧୀ ଛକ, ବାଘଗୁଡା ଛକଦେଇ ଜିଲ୍ଲା ଷ୍ଟାଡିୟମ୍‌ରେ ଶେଷ ହୋଇଥିଲା । ଏହି ଶୋଭାଯାତ୍ରା ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଠାକାନ୍ତି ବଳିୟାର ସିଂହ, ଅଧ୍ୟାପକ ଡ଼ଃ ପ୍ରବୀର କୁମାର ଦାସ, ବୌଦ୍ଧ ଆଇଆଇସି ରଂଜିତ ମୁନୀ, ଅତିରିକ୍ତ ତହସିଲଦାର କୁମୁଦଚନ୍ଦ୍ର ଦଳ ବେହେରା ଓ ଅନ୍ୟ ଅଧିକାରୀ ତଥା ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇ ଶୋଭାଯାତ୍ରାକୁ ସଫଳ କରିଥିଲେ । ଏଥିରେ ଆରକ୍ଷୀ ବାହିନୀଙ୍କ ଦ୍ୱାରା ଟ୍ରାଫିକ ପରିଚାଳନା ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆମ୍ବୁଲାନ୍ସ ସେବା ପ୍ରଦାନ କରାଯାଇଥିଲା ।

# ଜମିହରା ୩ ତହସିଲର କ୍ଷତିଗ୍ରସ୍ତ ପରିବାରଙ୍କ ଜିଲ୍ଲାପାଳଙ୍କୁ ଦାବିପତ୍ର




ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି , ମାଥିଲି ଓ ଖଇରପୁଟ ତହସିଲର ଶତାଧିକ ଲୋକେ ଆଜି ମାଲକାନଗିରି ଜିଲ୍ଲାପାଳଙ୍କୁ ସାକ୍ଷାତକରି ଜିଲ୍ଲାପାଳଙ୍କ ଜରିଆରେ ରେଳବାଇ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି । ଏଥିରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଜମି ହରାଇ ଥିବା ହିତାଧିକାରୀ ଯୋଗଦେଇ ସ୍ଥାନୀୟ ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଞ୍ଚିଥିଲେ । ରେଳପଥ ନିର୍ମାଣ ନିମନ୍ତେ ଲୋକଙ୍କ ଜଙ୍ଗଲ ଜମି ମଧ୍ୟ ଯାଉଛି । ତେଣୁ ସରକାରଙ୍କ ତରଫରୁ ସମସ୍ତ କ୍ଷତିପୂରଣ ଦିଆଯାଉ ବୋଲି ଦାବି ହୋଇଛି । ଅନ୍ୟପକ୍ଷରେ ବର୍ଷବର୍ଷ ଧରି ଏହି ଅଂଚଳରେ ବସବାସ କରିବା ସହ ଜଙ୍ଗଲ ସଫା କରି ଉଚ୍ଚା ଜମିରେ ପୋଡୁଚାଷ କରି ନିଜ ପରିବାର ପ୍ରତିପୋଷଣ କରି ବଞ୍ଚୁଥିବା ଲୋକଙ୍କୁ ମଧ୍ୟ ଜମିପଟ୍ଟା ପ୍ରଦାନ କରାଯିବାକୁ ଦାବି ହୋଇଛି । । ତେଣୁ ଏହା ପ୍ରତି ସରକାର ତଥା ଜିଲ୍ଲା ପ୍ରଶାସନ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ରେଳପଥ ପାଇଁ ଯାଉଥିବା ଜଙ୍ଗଲ ଜମି ସମ୍ବନ୍ଧରେ ବିଚାର କରି ଜଙ୍ଗଲ ଜମି ପଟ୍ଟା ଥିବା ହିତାଧିକାରୀଙ୍କ ଜମି ନିମନ୍ତେ କ୍ଷତିପୂରଣ ପ୍ରଦାନ କରିବା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ତିନି ତହସିଲ୍ ଅଞ୍ଚଳରୁ ଆସିଥିବା ଲୋକେ ଦାବି କରିଛନ୍ତି ।

# ପାଣିକୁଣ୍ଡରେ ପଡି ଶିଶୁର ମୃତ୍ୟୁ

ଉମରକୋଟ(ଭାସ୍କର ନ୍ୟୁଜ): ପାଣି କୁଣ୍ଡରେ ପଡି ଏକ ଶିଶୁର ମୃତ୍ୟୁ ଘଟିଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ । ମୃତ ଶିଶୁ ଜଣକ ହେଲେ ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ପଦିଆଗୁଡା ଗ୍ରାମର ବୀର ଗଣ୍ଡଙ୍କ ଦେଡ ବର୍ଷର ପୁଅ ଦଇନୁ ଗଣ୍ଡ । ମିଳିଥିବା ସୂଚନା ଅନୁସାରେ ଦଇନୁ ଆଜି ସକାଳ ୭ ଘଣ୍ଟା ସମୟରେ ଘର ପାଖରେ ଖେଳୁଥିଲା । ଏହାର କିଛି ସମୟପରେ ପରିବାର ଦେଖିଲେ ଯେ ଦଇନୁ ଖେଳୁଥିବା ଜାଗାରେ ନାହିଁ । ପରିବାର ଲୋକେ ବ୍ୟସ୍ତ ହୋଇ ଏଣେତେଣେ ବହୁ ଖୋଜାଖୋଜି କରିଥିଲେ । କିନ୍ତୁ ଦଇନୁର କୌଣସି ଖୋଜଖବର ପାଇ ନଥିଲେ । ସକାଳ ୮ ଘଣ୍ଟା ସମୟରେ ପରିବାର ଲୋକେ ଜାଣିବାକୁ ପାଇଲେ ଯେ ଦଇନୁ ଘର ପାଖରେ ଥିବା ଗୋଟିଏ ପାଣି କୁଣ୍ଡରେ ପଡିଯାଇଛି । ସଙ୍ଗେ ସଙ୍ଗେ ପରିବାର ଲୋକେ ଦଇନୁକୁ ଉଦ୍ଧାର କରି ବାଇକ୍ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । କିନ୍ତୁ ଡାକ୍ତରଖାନାରେ ଡାକ୍ତର ଦଇନୁକୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ତଦନ୍ତ ଭାର ଏଏସଆଇ ନରେନ୍ଦ୍ର ଗୋଲାପି ସମ୍ଭାଳିଛନ୍ତି ।

# ମାଳୀସାହି ଓ ବଗିଚାସାହି ଅଞ୍ଚଳ ପରିଦର୍ଶନ କଲେ ମନ୍ତ୍ରୀ



ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବୌଦ୍ଧ ସହର ୧ ନଂ ୱାର୍ଡ ମାଳୀସାହି ଏବଂ ୨ ନଂ ୱାର୍ଡ ବଗିଚାସାହି ପରିଦର୍ଶନ କରିଥିଲେ । ମାଳୀସାହି ଏବଂ ବଗିଚାସାହି ଅଞ୍ଚଳର ସ୍ଥାନୀୟ ଜନସାଧାରଣଙ୍କ ସହ ବାର୍ତ୍ତାଳାପ କରିଥିଲେ । ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ସହ ନିୟମିତ ମଶା ତେଲ ପକାଇବା ପାଇଁ ଏନଏ ସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ଗସ୍ତ ସମୟରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ, ବୌଦ୍ଧ ବିନୟ କୁମାର ଭୋଇ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲଙ୍କ ସମେତ ଏନଏସିର କର୍ମଚାରୀ, ଜନସାଧାରଣ ଉପସ୍ଥିତ ଥିଲେ ।

# ସମ୍ବର୍ଦ୍ଧନା ଓ କୃଷକ ସାଂଗଠନିକ ସଭା

ପାରଳାଖେମୁଣ୍ଡି ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଗଜପତି ଜିଲ୍ଲା ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ଜିଲ୍ଲା ସ୍ତରୀୟ ' ସମ୍ବର୍ଦ୍ଧନା ଓ କୃଷକ ସାଂଗଠନିକ ସଭା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଉକ୍ତ ଏହି କାର୍ଯ୍ୟକ୍ରମ ରେ ଓଡ଼ିଶା ର କୃଷକ ସେଲ୍ ସଭାପତି ଅଭୟ ସାହୁ ଏବଂ ତାଙ୍କର ଟିମ୍ ଉପସ୍ଥିତି ରେ ଗଜପତି ଜିଲ୍ଲା ର ସାତଗୋଟି ବ୍ଲକ ର କିଛି କୃଷକ ନେତାଙ୍କ ଉପସ୍ଥିତି ରେ ଶ୍ରୀ ସାହୁ ଆଗାମୀ ପିଢ଼ି ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା ଙ୍କ ନେତୃତ୍ୱରେ ସାରା ଓଡ଼ିଶାରେ ବର୍ତ୍ତମାନ କଂଗ୍ରେସର ସୁଅ ଛୁଟିଛି, ଶ୍ରୀ ଜେନାଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁଁ ଓଡ଼ିଆ ସମସ୍ତ ଜିଲ୍ଲା କୋଣ ଅନୁକୋଣରେ ଚାଷୀମାନେ କିପରି ହୋଇଆସୁଥିବା ସମସ୍ୟା ସମ୍ମୁଖୀନ ସଂପର୍କରେ ଅବଗତ କରାଇବା ସହ ଆସନ୍ତା ନଭେମ୍ବର ମାସରୁ ସାରା ଓଡ଼ିଶାରେ ହଜାର ହଜାର ଚାଷୀ ନେତାଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବେ ଚାଷୀ,ଏ ବିଷୟରେ କିଛି ଗୁରୁ ମନ୍ତ୍ର ଦେଇଥିଲେ ।

# ଚେକ୍ ଡ୍ୟାମ୍‌ରେ ପାଣି ନାହିଁ, ଚିନ୍ତାରେ ଚାଷୀ

ଉମରକୋଟ(ଭାସ୍କର ନ୍ୟୁଜ): ସିଙ୍ଗାରି ନଦୀର ଚେକ ଡ୍ୟାମରେ ପାଣି ନାହିଁ । ଆଖପାଖ ଅଞ୍ଚଳର ପ୍ରାୟ ଦଶଗୋଟି ଗ୍ରାମର ଚାଷୀ ମାନେ ହନ୍ତସନ୍ତ । ବର୍ଷା ଦିନେ ଟୋପାଏ ପାଣି ନଥିବାବେଳେ ଅନ୍ୟ ଋତୁ ରେ ପାଣି ଆସିବ କୁଆଡୁ । ଚାଷୀମାନେ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ କାରାଗାଁ ପଂଚାୟତ ଅଧୀନରେ ଥିବା ସିଙ୍ଗାରି ନଦୀର ଚେକ ଡ୍ୟାମ ନିକଟରେ । ଏହି ଡ୍ୟାମର ପାଣି ଉପରେ ପ୍ରାୟ ଦଶଟି ଗ୍ରାମର ଚାଷୀ ନିର୍ଭର କରୁଥିବାବେଳେ କେନାଲ ଗୁଡିକରେ କେବଳ ଅଳିଆ ଆବର୍ଜନା ଭରି ରହିଛି, ଟୋପାଏ ପାଣି ନାହିଁ । ବର୍ଷା ଦିନରେ ଏଭଳି ଅବସ୍ଥା ତାହାହେଲେ ଅନ୍ୟ ଋତୁ ରେ ଚାଷୀ କିଭଳି ଅସୁବିଧାର ସମ୍ମୁଖୀନ ହେଉଥିବେ ତାହା ଚିନ୍ତାର ବିଷୟ ପାଲଟିଛି ।ସେପଟେ ବିଭାଗୀୟ ଅଧିକାରୀ ଅଞ୍ଚଳର ଚାଷୀଙ୍କ ଠାରୁ ଜଳକର ବାଧ୍ୟତା ମୂଳକ ଭାବେ ଆଦାୟ କରୁଥିବା ଅଭିଯୋଗ ହୋଇଛି । କେନାଲ ମରାମତି ନିମନ୍ତେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଅନୁମୋଦନ ହେଉଥିଲେ ସୁଦ୍ଧା କୌଣସି କାର୍ଯ୍ୟ ହେଉନାହିଁ ବୋଲି ଚାଷୀ କହିଛନ୍ତି ଏବଂ ବିଭାଗୀୟ ଅଧିକାରୀ ଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରୁଥିଲେ ମଧ୍ୟ କେହି ଫୋନ ରିସିଭ କରୁନଥିବା ଅଭିଯୋଗ କରିଛନ୍ତି ଚାଷୀ । ଏବିଷୟରେ ବିଭାଗୀୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ କି ସେମାନେ ସାମ୍ବାଦିକ ପ୍ରତିନିଧିଙ୍କ ଫୋନ ମଧ୍ୟ ରିସିଭ କରୁନାହାନ୍ତି । ଏଥିରୁ ସ୍ପଷ୍ଟ ହେଉଛି ଯେ କିଭଳି ବିଭାଗୀୟ ଅଧିକାରୀ ମନମୁଖୀ କାର୍ଯ୍ୟ କରୁଛନ୍ତି ।

# ଯାନବାଇରୁ ପାଡୁଆ ନୂତନ ବସ୍ ସେବା ଆରମ୍ଭ




ବାଲିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ପାଡୁଆରୁ ଯାନବାଇ ଯିବା ଆସିବା କରିବା କୌଣସି ସୁବିଧା ନଥିବାବେଳେ ଆଜି ବାଲିମେଳା ସହରର ଅଜିତ କୁମାର ମହାନ୍ତିଙ୍କ ଦ୍ୱାରା ଲୋକମାନଙ୍କ ସ୍ୱାର୍ଥ ଓ ଦୁର୍ଗମ ଅଞ୍ଚଳକୁ ଯାତାୟତ ନିମନ୍ତେ ଏକ ବସ୍‌ସେବା ଆରମ୍ଭ କରାଯାଇଛି । ଏହି ବସ୍ ଯାନବାଇରୁ ଭାୟା ବାଲିମେଳା ଦେଇ ପାଡୁଆ ଯିବ । ସକାଳ ୬ ଘଟିକାରୁ ଯାନବାଇରୁ ଆସି ପାଡୁଆକୁ ବାଲିମେଳାରୁ ସକାଳ ୯.୪୫ ସମୟରେ ଛାଡିବ ବୋଲି ସୂଚନା ମିଳିଛି । ସାଧାରଣଲୋକଙ୍କ କହିବା ଅନୁସାରେ ଏହି ବସ୍ ସେବା ଦ୍ୱାରା ବହୁ ଯାତ୍ରୀଙ୍କର ଯାତାୟତ ନିମନ୍ତେ ସୁବିଧା ହେବା ସହିତ ବାଲିମେଳାରୁ ପାଡୁଆ ନିମନ୍ତେ ଏହା ପ୍ରଥମ ବୋଲି ଜଣାପଡିଛି । ଏହି ବସ୍‌ସେବା ଦ୍ୱାରା ସ୍ୱାଭିମାନ ଅଞ୍ଚଳ ସହିତ ସମସ୍ତ ଯାତ୍ରୀ ଖୁସି ବ୍ୟକ୍ତ କରିଛନ୍ତି । ଘରୋଇ ବସ ମାଲିକ ସଂଘ ମାଲକାନଗିରିର ସମ୍ପାଦକ ଅଶୋକ ରାଉତଙ୍କ ଦ୍ୱାରା ରିବନ କଟାଯାଇ ଯାତାୟାତ ନିମନ୍ତେ ଶୁଭାରମ୍ଭ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଛବି ଦାସ, ଅରୁଣ କୁମାର ଦାସ, କ୍ରିଷ୍ଣା ସିଂ,ବାଲିମେଳା ବଣିକ ସଂଘ ସଭାପତି ସଂଜୀବ ଦୋରା, ବିଜେପି ପୂର୍ବତନ ସଭାପତି ଶୁଭାଶିଷ କର,ବି ଅରୁଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ରାମସ୍ଥଳୀ ନିର୍ମାଣ ସହ ଝାଡ଼େଶ୍ୱର ମନ୍ଦିରକୁ ଚାଉଳ ଯୋଗାଇଦେବାକୁ ନିବେଦନ

କୋଷାଗୁମୁଡା (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ର ଉପାନ୍ତ ବାଙ୍କୁଲି ପଞ୍ଚାୟତର ଭୋଣ୍ଡିମାଲ ଗ୍ରାମ ନିକଟସ୍ଥ ସୁଲିଆ ଡ଼ଙ୍ଗରି ପର୍ବତ ଶିଖରରେ ୨୦୨୨ମସିହାରେ ଲଚିମଧର ମାଝୀ ଏବଂ ଡମ୍ବରୁ ପୂଜାରୀ ଙ୍କୁ ସ୍ୱପ୍ନାଦେଶ ହେବା ପରେ ସେମାନେ ପ୍ରଥମେ ସୁଲିଆ ଡଙ୍ଗରୀ ପର୍ବତ ମଧ୍ୟରେ ବାବା ଝାଡେଶ୍ୱରଙ୍କ ଦିବ୍ୟଦର୍ଶନ କରିଥିଲେ । ପରେ ଦୁଇଜଣଙ୍କ କିଛି ସାଙ୍ଗସାଥୀ ମିଶି ପର୍ବତର ପାଦ ଦେଶ ରୁ ବାବାଙ୍କ ମନ୍ଦିର ପର୍ଯ୍ୟନ୍ତ ଏକ ପାଦ ଚଲା ରାସ୍ତା ତିଆରି କରିଥିଲେ । କୋଷାଗୁମୁଡା ଠାରୁ ପ୍ରାୟ ୩୫ କିଲୋମିଟର ଦୂରରେ ଏହି ଶୈବ ପୀଠ ଟି ଅବସ୍ଥିତ । ବାବା ଝାଡେଶ୍ୱର ଙ୍କୁ ଏକ ପତ୍ର ଛାଉଣୀ ଖୋଲା ସ୍ଥାନରେ ପୂଜା କରୁଛନ୍ତି । ତାହା ସହ ପାର୍ଶ୍ୱଦେବା ଦେବୀ ମଧ୍ୟରେ ମା ପାର୍ବତୀ, ନୃସିଂହ, ଗଣେଶ ଙ୍କୁ ମଧ୍ୟ ପୂଜା କରାଯାଉଛି । ଏଠାରେ ଭୋଣ୍ଡିମାଲ ଗ୍ରାମର ଡମ୍ବରୁ ପୂଜାରୀ ପୂଜା କରିଆସୁଛନ୍ତି । ତାଙ୍କ ସହ ଧନୁର୍ଜୟ ମିର୍ଗାନ ସହଯୋଗ କରୁଛନ୍ତି । ବାବା ଝାଡେଶ୍ୱର ଙ୍କ ପୂଜା ଅର୍ଚ୍ଚନା ଦୀର୍ଘ ୪ବର୍ଷ ଧରି ହେବାସହ ଏହି ସ୍ଥାନରେ ବିଭିନ୍ନ ରୋଗ ତଥା ମାନସିକ ରୋଗୀ, ଗଣ୍ଠି ବାତ, ଅର୍ଶ ମଳ କଣ୍ଟକ, ଅସ୍ଥିଶଲ୍ୟ ଭଳି ରୋଗ ଗୁଡ଼ିକ



କୁ ଚେରମୂଳି, ବନ୍ୟଜାତ ,ଜଡ଼ିବୁଟି ପ୍ରୟୋଗ କରି ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା କରି ଭଲ କରୁଥିବା ସ୍ୱୟଂ ଭଲ ହୋଇଥିବା ରୋଗୀ ଓ ତାଙ୍କ ମାତା ପିତା କହିଛନ୍ତି । ଏପଟେ ପ୍ରତ୍ୟେକ ମାସ ସୋମବାର ଦିନ ଦୂର ଦୁରାନ୍ତ ରୁ ତଥା ଛତିଶଗଡ଼ ରାଜ୍ୟ ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଭକ୍ତ ଓ ରୋଗୀ ଆସୁଥିବାବେଳେ ସ୍ଥାନୀୟ ଉମରକୋଟ, ଝରିଗାଁ,ଡ଼ାବୁଗାଁ, କୋଷାଗୁମୁଡା ଅଞ୍ଚଳର ରୋଗୀ ମଧ୍ୟ ଉପକୃତ ହେଉଛନ୍ତି । ପ୍ରତ୍ୟେକ ରୋଗୀ ୧୫ ଦିନ, ୧ ମାସ, ୨ ମାସ ସେହି ଘଞ୍ଚ ଅରଣ୍ୟ ମଧ୍ୟରେ ବାବା ଝାଡେଶ୍ୱର ଙ୍କ ମନ୍ଦିର ପରିସରରେ ପତ୍ର କୁଟୀର ରେ ରହି ଚିକିତ୍ସା ହେଉଥିବା ଜଣାପଡିଛି । ବର୍ତ୍ତମାନ ସେହି ସ୍ଥାନରେ ପିଇବା ପାଣି , ସୋଲାର ଲାଇଟ, ମନ୍ଦିରକୁ ରାସ୍ତା ଓ ଭଗବାନ ଶିବଙ୍କ ମନ୍ଦିରେ ସହ ଯଜ୍ଞ କୁଣ୍ଡ, ଭକ୍ତଙ୍କ ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ସରକାରଙ୍କୁ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ନିବେଦନ କରିଛନ୍ତି । ପ୍ରତ୍ୟେକ ସୋମବାର ଦିନ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିରରେ ପ୍ରସାଦ ସେବନ ବ୍ୟବସ୍ଥା କମିଟି ପ୍ରସ୍ତୁତ କରି ଆସୁଛି । ତେବେ ସ୍ଥାନୀୟ ପଞ୍ଚାୟତ ଓ ବ୍ଲକ ତରଫରୁ ଏହି ମନ୍ଦିର ସକାଶେ ପ୍ରତ୍ୟେକ ମାସ କିଛି ଚାଉଳ ଯୋଗାଣ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବିଡିଓ ଙ୍କୁ ଓ ଯୋଗଣ ଅଧିକାରୀ ଙ୍କୁ ନିବେଦନ କରିଛନ୍ତି ମନ୍ଦିର ପରିଚାଳନା କମିଟିର ସଦସ୍ୟ ଡମ୍ବରୁ ପୂଜାରୀ,ଲଚିମଧର ମାଝୀ, ଚମନ ମାଝୀ, ମୋତିରାମ ଭକ୍ତ, ମୁରା ନାୟକ, ଜଗବନ୍ଧୁ ମାଝୀ, ଗୁରୁବାରୁ ମାଝୀ, ରାଜମନ ଜନୀ,ସମ୍ବାରୁ ଯାନୀ, କୁମର ମାଝୀ, ନକୁଳ ମାଝି, ସୋନୁ ଗୌଡ଼, ଲଳିତ ସାନ୍ତା, ଅସ୍ତୁ ରାମ ଯାନୀ, ଧନୁର୍ଜୟ ମିର୍ଗାନ ସହ ଭୋଣ୍ଡିମାଲ ଗ୍ରାମବାସୀ । ବର୍ତ୍ତମାନ ଶିବ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଧୀରେ ଧୀରେ ବଢୁଥିବା ବେଳେ ମନ୍ଦିର ପରିଚାଳନା ସଦସ୍ୟ ସରକାରଙ୍କ ସହଯୋଗ ଓ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି ।

# ଅନ୍ତର୍ଜାତୀୟ ସାଇବର ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍






ରାଉରକେଲା (ଭାସ୍କର ନ୍ୟୁଜ) ରାଉରକେଲା ପୋଲିସ ରାଉରକେଲା ବାହାରେ ରହି କାର୍ଯ୍ୟ କରୁଥିବା ଏକ ସଂଗଠିତ ଅପରାଧୀ ସିଣ୍ଡିକେଟ୍‌କୁ ଠାବ କରିଛି । ଏହି ଗ୍ୟାଙ୍ଗ୍‌ର ପ୍ରାଥମିକ କାର୍ଯ୍ୟକଳାପ ଥିଲା ମୂଳ ବ୍ୟାଙ୍କ ଆକାଉଣ୍ଟ୍ ସଂଗ୍ରହ ଏବଂ ପରିଚାଳନା । ଏହା ସହ ସ୍ଥାନୀୟ ବାସିନ୍ଦାଙ୍କ ନାମରେ ଖୋଲାଯାଇଥିବା ଆକାଉଣ୍ଟ ଗୁଡ଼ିକ, ମୁଖ୍ୟତଃ ରାଉରକେଲା ଏବଂ ନିକଟସ୍ଥ ଅଞ୍ଚଳରୁ, ଭାରତ ଏବଂ ଭାରତ ବାହାରେ ବଡ଼ ଧରଣର ସାଇବର ଅପରାଧ ଏବଂ ବେଆଇନ ଅର୍ଥ କାରବାର କରିବା କାର୍ଯ୍ୟରେ ବ୍ୟବହାର କରିବା ଅପରାଧୀଙ୍କ ଉଦ୍ଦେଶ୍ୟ ଥିଲା । ଏହି ଗ୍ୟାଙ୍ଗ୍ ଜେଲ୍ ଏବଂ ବାହାରେ ଥିବା ଅନ୍ୟ ଛୋଟ ଅପରାଧୀଙ୍କୁ ନିଯୁକ୍ତି ଦେଇଥିଲା ଏବଂ ସେମାନଙ୍କୁ ସନ୍ଦେହ ନ ଥିବା ବ୍ୟକ୍ତିମାନଙ୍କର ବ୍ୟାଙ୍କ ଆକାଉଣ୍ଟ, ସକ୍ରିୟ ସିମ୍ କାର୍ଡ ଏବଂ ପରିଚୟପତ୍ର ବ୍ୟବସ୍ଥା କରିବାକୁ କହିଥିଲା । ସେମାନେ ପ୍ରାୟତଃ ଜାଲି କାଗଜପତ୍ର ଏବଂ ପରିଚୟପତ୍ର ବ୍ୟବହାର କରୁଥିଲେ । କେୱାଇସି ମାନଦଣ୍ଡକୁ ଏଡାଇ ଦେଇ ଅନେକ ଆକାଉଣ୍ଟ୍ ସହଯୋଗୀ ବ୍ୟାଙ୍କ କର୍ମଚାରୀଙ୍କ ନୀରବ ଅନୁମୋଦନ କିମ୍ବା ଅବହେଳା ସହିତ ଖୋଲାଯାଇଥିଲା । ଏହି ଅଭିଯୁକ୍ତ ଅପରାଧୀମାନେ ରାଉରକେଲା ଏବଂ ଏହାର ଆଖପାଖରେ କାର୍ଯ୍ୟ କରୁଥିଲେ ଏବଂ ତା'ପରେ ଏହି ସକ୍ରିୟ ଆକାଉଣ୍ଟ ଗୁଡ଼ିକୁ ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀ, ବିହାର ଇତ୍ୟାଦି ବିଭିନ୍ନ ରାଜ୍ୟକୁ ପଠାଇଥିଲେ । ଯାହାର କିଛି ଆନ୍ତର୍ଜାତୀୟ ଲିଙ୍କ୍ ଥିଲା । ଏହି ଆକାଉଣ୍ଟ ଗୁଡ଼ିକୁ ଆଠରୁ ୧୦ହଜାର ଟଙ୍କାରେ ଭଡା କିମ୍ବା ବିକ୍ରି କରାଯାଇଥିଲା । ଯାହାକୁ ପରେ ସିଣ୍ଡିକେଟର ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଗୋଟିଏ ସୂଚନା ଆଧାରରେ କାର୍ଯ୍ୟ କରି, ଅତିରିକ୍ତ ଏସପି ଶ୍ରାବଣୀ ନାୟକ ଏବଂ ଡିଏସ୍‌ପି ସେରୋଫିନା ଖେସ୍‌ଙ୍କ ତତ୍ତ୍ୱାବଧାନରେ ଏକ ସମନ୍ୱିତ ଅଭିଯାନ ଆରମ୍ଭ କରାଯାଇଥିଲା । ଏଥିରେ ବିଭିନ୍ନ ପୋଲିସ ଥାନାର ଅଧିକାରୀମାନଙ୍କ ଦଳ ସାମିଲ ହୋଇଥିଲେ । ଏହାପରେ ପ୍ରାରମ୍ଭିକ ଚଢାଉରେ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ପରବର୍ତ୍ତୀ ସମୟରେ,ଆଉ ୯ ଜଣଙ୍କୁ ଗିରଫ କରାଯାଇଥିଲା । ଯାହା ଦ୍ୱାରା ମୋଟ ଗିରଫ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୪ ଜଣଙ୍କୁ ବୃଦ୍ଧି କରାଯାଇଥିଲା । ଏହି ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇଜଣ ବ୍ୟାଙ୍କ କର୍ମଚାରୀ ସମ୍ପୃକ୍ତ ଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି । ଏପର୍ଯ୍ୟନ୍ତ ଗିରଫ ହୋଇଥିବା ଅଭିଯୁକ୍ତ ବ୍ୟକ୍ତିମାନେ ହେଉଛନ୍ତି ରାଜେଶ ନାଗ, ଶତ୍ରୁଘନ ନାଗ, ବିକାଶ କୁମାର ସାହୁ, ଗୁଲସନ କୁମ୍ଭାର ଏବଂଲକ୍ଷ୍ମଣ ରାଓ ସହିତ ଜୟନ୍ତ ପ୍ରଧାନ, ମେହୁଲ ସାହୁ, ସଚିନ ଜେନା ଏବଂ ଆଦିତ୍ୟ ନାଗବଂଶୀ ପ୍ରମୁଖ । ଏହା ସହିତ ଏହି ଘଟଣାରେ ମାମଲା ସହିତ ଜଡ଼ିତ ବିଭିନ୍ନ ବ୍ୟାଙ୍କର ପାସ୍ ବୁକ୍, ଚେକ୍ ବୁକ୍, ଏକ ଧଳା ହୁଣ୍ଡାଇ କାର୍, କଳା ରଙ୍ଗର ବୁଲେଟ , ଗୋଟିଏ ଲାପ୍‌ଟପ୍ ଏବଂ ୧୫ଟି ମୋବାଇଲ ଫୋନ୍ ଆଦି ଜବତ କରାଯାଇ ଉଦ୍ଧାର କରାଯାଇଛି ।

# ବିଶ୍ୱ ହାତୀ ଦିବସ ପାଳିତ




ବେଲପାହାଡ( ଭାସ୍କର ନ୍ୟୁଜ୍ ): ଅଗଷ୍ଟ ୧୨ କୁ ବିଶ୍ୱ ହାତୀ ଦିବସ ରୂପେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ବନଖଣ୍ଡ ବେଲପାହାଡ଼ ବନାଞ୍ଚଳ ଅନ୍ତର୍ଗତ ବେଲପାହାଡ ଇଂଲିଶ ମିଡ଼ିୟମ ବିଦ୍ୟାଳୟରେ ମଙ୍ଗଳବାର ଦିନ ବିଶ୍ୱ ହାତୀ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବେଲପାହାଡ଼ ବନାଞ୍ଚଳ ଓ ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ପଞ୍ଚମ ଓ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଚିତ୍ରାଙ୍କନ ଓ ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀମାନେ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ ।ନବମ ଶ୍ରେଣୀର ଛାତ୍ରଛାତ୍ରୀମାନେ ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଇଏମ ବିଦ୍ୟାଳୟର ଅଧକ୍ଷ ସଞ୍ଜୟ କୁମାର ମିଶ୍ର ଉପସ୍ଥିତ ଥିଲେ । ସମ୍ମାନୀତ ଅତିଥି ଭାବରେ ବେଲପାହାଡ଼ ବନାଞ୍ଚଳର ରେଞ୍ଜ ଅଫିସର ପ୍ରଦୀପ କୁମାର ନାୟକ, ବିଇଏମ ବିଦ୍ୟାଳୟ ର ଡେପୁଟି ଅଧକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ଉପାଧକ୍ଷ ବିଜୟ କୁମାର ଗୌଡ଼, ଦିଲ୍ଲୀପ ପଧାନ ଉପସ୍ଥିତ ଥିଲେ । ଇକୋ କ୍ଲବ ଇନଚାର୍ଜ ଶିକ୍ଷକ ହମିଦ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିଥିମାନେ ନିଜ ଅଭିଭାଷଣରେ ବିଶ୍ୱ ହାତୀ ଦିବସ ପାଳନ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ବିଜୟ କୁମାର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ବନ ବିଭାଗର ଫରେଷ୍ଟର ସୁନିଲ ଭୋଇ, ପ୍ରଦୀପ ବେସନ, ସରୋଜ ଖମାରୀ,ହରେନ୍ଦ୍ର ସାହୁ,ସଙ୍ଗିତା ସାମନ୍ତରାୟ,ମୁନ୍ନି କୁମାରୀ ଦାଶ,ଲଳିତ ଆଡ଼େ, ଫରେଷ୍ଟ ଗାର୍ଡ ତେଜସ୍ୱିନି ସା,ଶିବ ଶଙ୍କର ମୁଣ୍ଡା, ଭାଗିରଥି ପ୍ରଧାନ, ସୁରେନ୍ଦ୍ର ଖାମାରି, ଯୁଧିଷ୍ଠିର ବାରୁ, ସୁଜିତ ବସ୍ତିଆ,ସୁବ୍ରତ କୁମାର ଛନ୍ଦ, ଶକ୍ତିମୟ ପୃଷ୍ଟି, ନିମି ବାରିକ୍ , ଟିକେଶ୍ୱରୀ ପଟେଲ, ସୁମନ ବିଶ୍ୱାଳ ବିଇଏମ ବିଦ୍ୟାଳୟ ର ସୁନନ୍ଦ କୁମାର ପଣ୍ଡା, ପାୟଲ ଚୌଧୁରୀ, ଅନିତା ନାୟକ, ସୀମା ସାହୁ, ଇକୋ ଧର୍ମେନ୍ଦ୍ର ବିଶ୍ୱକର୍ମା , ସୁଶ୍ରୀ ସଙ୍ଗିତା ପ୍ରଧାନ, ଅଶୋକ ରାଉତରାୟ, ଓ ଇକୋ କ୍ଲବର ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ

କୋଷାଗୁମୁଡା(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ , ଓ ରେଡ ରିବନ କ୍ଲବ ତରଫରୁ ଆନ୍ତର୍ଜାତୀୟ ଯୁବ ଦିବସ ଏବଂ ପ୍ରାଥମିକ ଚିକିତ୍ସା ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ପ୍ରଥମ ଅଧିବେଶନରେ ଅନୁଷ୍ଠାନର ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋଡିଙ୍ଗା ତହସିଲଦାର ତୁଳା ମୁଦୁଲି ମୁଖ୍ୟ ଅତିଥି, ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ଉପାଧକ୍ଷ ବିବେକ




କୁମାର ମହାଲିକ,ଅଧ୍ୟାପକ ଦାମୋଦର ସାହୁ, ରବି ନାରାୟଣ ପାଣିଗ୍ରାହୀ , ପଞ୍ଚାନନ ଦୂରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ଅଧକ୍ଷା ଅମିତା ରାୟଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଅନୁଷ୍ଠାନର ରେଡ଼କ୍ରସ କାଉନସିଲର ଅଖିଳ କୁମାର ଭଟ୍ଟ ମଞ୍ଚ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥମାନେ ଯୁବ ଶକ୍ତି ହେଉଅଛନ୍ତି ରାଷ୍ଟ୍ରର ଶକ୍ତି ଆଜିର ଯୁବ ସମାଜ ଅସୀମ ଶକ୍ତି ର ଅଧିକାରୀ ନିଜେ ସଚେତନ ଓ ସଜାଗ ହୋଇ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିଲେ ହିଁ ଏକ ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ଗଠନ ହୋଇପାରିବେ ବୋଲି ମାର୍ଗଦର୍ଶକ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ତଥା ଜାତୀୟ ସ୍ତରୀୟ ପ୍ରାଥମିକ ଚିକିତ୍ସାର ତାଲିମଦାତା ଡ ରଞ୍ଜନ କୁମାର ସ୍ୱାଇଁ ପ୍ରାଥମିକ ଚିକିତ୍ସା କଣ ଓ ବିଭିନ୍ନ ପ୍ରକାର ଚିକିତ୍ସା ପ୍ରଣାଳୀ ସଂମ୍ପର୍କରେ ବିସ୍ତୃତ ଭବେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରିଥିଲେ । ଶେଷରେ ଯୁବ ରେଡ୍‌କ୍ରସ କାଉନସିଲର ଶ୍ରୀ ଭଟ୍ଟ ଯୁବ ରେଡକ୍ରସ୍‌ର ଏଭଳି କାର୍ଯ୍ୟକ୍ରମରେ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ,କର୍ମଚାରୀ, ଛାତ୍ର ଛାତ୍ରୀ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ ।

# ସହିଦ ଦିବସ ପାଇଁ ପ୍ରସ୍ତୁତି ବୈଠକ



ପାପଡାହାଣ୍ଡି (ଭାସ୍କର ନ୍ୟୁଜ୍): ପାପଡାହାଣ୍ଡି ବ୍ଲକ ସମ୍ମିଳନୀ କକ୍ଷ ଠାରେ ୨୪ ଅଗଷ୍ଟ ସହିଦ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୂର୍ବ ବର୍ଷ ମାନଙ୍କରେ କରାଯାଉଥିବା ପ୍ରକାରେ ଚଳିତ ବର୍ଷ ମଧ୍ୟ ପାଳନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଗଲା । ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ପ୍ରଶାସନ ତରଫରୁ ସହିଦମାନଙ୍କ ଜନ୍ମ ସ୍ଥାନକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ସମସ୍ତେ ଏହି ପ୍ରସ୍ତାବକୁ ଗ୍ରହଣ କଲେ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ପାଇଁ ହେବାକୁ ଥିବା ଖର୍ଚ୍ଚ ପାଇଁ ପାଣ୍ଠିର ବ୍ୟବସ୍ଥା କିପରି ହେବ ଆଲୋଚନା ହୋଇଥିଲା । ବ୍ଲକ ଏଇ ଏବଂ ବିଏସଏସଓ ଗତବର୍ଷର ଆୟ ଓ ଖର୍ଚ୍ଚର ହିସାବ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନା କରିଥିଲେ । ଅତିଥି ଚୟନ, ଖାଦ୍ୟ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା, ସର୍ବଧର୍ମ ପ୍ରାଥନା, ପ୍ରତିବର୍ଷ ନବରଙ୍ଗପୁରରୁ ଆସୁଥିବା ମଶାଲ ଶୋଭାଯାତ୍ରାକୁ ସ୍ୱାଗତ କରିବାକୁ ମୁଖ୍ୟତଃ ବୈଠକରେ ଆଲୋଚନା ହୋଇଥିଲା । ଆଜିର ବୈଠକରେ ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ, ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ, ବ୍ଲକ ଅଧକ୍ଷା ହେମଲତା ମାଝୀ, ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ସାଂସଦ ପ୍ରତିନିଧି ସୋମନାଥ ପୁଜାରି, ବିଧାୟକ ପ୍ରତିନିଧି ରାଜିନୀକାନ୍ତ ସାସମଲ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ଅଦକ୍ଷ ଲିଙ୍ଗରାଜ ଭତ୍ରା, କାହ୍ନୁ ଦାସ,ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁ, ତହସିଲଦାର ତପନ କୁମାର ନାୟକ, ଡା. ମନସ୍ମିତା ମହାନ୍ତି,ଜିଲ୍ଲା ସହିଦ କମିଟିର ସଭାପତି ମୁନା ତ୍ରିପାଠୀ, ସମାଜସେବୀ ଜଗନ୍ନାଥ ମହାପାତ୍ର, ସିରାଜୁଦ୍ଦିନ ଅହମଦ, ମଞ୍ଜୁଳା ମାଝୀ, ଏଇ ଦିବ୍ୟରଞ୍ଜନ ମେହେର, ଜିପିଓ ଅକ୍ଷୟ ପଟ୍ଟନାୟକ, ବିଏସଏସଓ ସୁବ୍ରତ କିସାନ, ଏବିଇଓ ସୁଦର୍ଶନ ନାୟକ, ଚନ୍ଦନା ମହାରଣା,ବିଜେପି ମଣ୍ଡଳ ସଭାପତି ମନୋଜ ଅଗ୍ରୱାଲ, ଦୀନବନ୍ଧୁ ବିଶୋଇ,ହରି ପାଣିଗ୍ରାହୀ, ଶ୍ରୀକାନ୍ତ ମିଶ୍ର, ଜି. ଅନନ୍ତ ମୂର୍ତ୍ତି, ମନୋଜ ମହାନ୍ତି, ଆକବର ହୁସେନ, ୱାଜିର ହୁସେନ, ଶିବପ୍ରସାଦ ଅଗ୍ରୱାଲ,ଦାମୋଦର ପ୍ରଧାନଙ୍କ ସମେତ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ, କାର୍ଯ୍ୟକ୍ରମକୁ ବିପିଓ ଶଶିକାନ୍ତ ଦାସ ପରିଚାଳନା କରିଥିଲେ ।

# ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

କନ୍ଧମାଳ(ଭାସ୍କର ନ୍ୟୁଜ): ଫୁଲବାଣୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀ ଠାରେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାର ଉଦ୍ଘାଟନୀ ଉତ୍ସବରେ ସଂକୁଳ ସଂଯୋଜକ ରାଜେନ୍ଦ୍ର କୁମାର ପାଢ଼ୀ, ସଂକୁଳ ପ୍ରମୁଖ ପବିତ୍ର ମୋହନ ସାହୁ ଜିଲ୍ଲା ପ୍ରମୁଖ ଇନ୍ଦ୍ରମଣି ନାୟକ,ଯୋଗ ଦେଇଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟିର ଶୈକ୍ଷିକ ସଦସ୍ୟ ଶିବାଜୀ ଅଧିକାରୀ, ଟିକାବାଲି ଶିଶୁ ମନ୍ଦିରର ଯୁଗ୍ମ ସମ୍ପାଦକ ତଥା ଅବସର ପ୍ରାପ୍ତ ବିଇଓ ଫିରିଙ୍ଗିଆ ଅଶୋକ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମିଶ୍ର, ଶିଶୁମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ମାର୍ଗ ଦର୍ଶନ କରିଥିଲେ । ସେହିପରି ସମାରୋପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ମହାବିଦ୍ୟାଳୟର ଭୂଗୋଳ ପ୍ରାଧ୍ୟାପକ ବିପିନ କୁମାର ବେହେରା ଯୋଗଦେଇ ଥିଲେ । ଏହି ବିଜ୍ଞାନ ମେଳାରେ ମୋଟ ୪୪ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅନୁଷ୍ଠାନର ବିଜ୍ଞାନ ପ୍ରମୁଖ ନିରୁପମା ପଣ୍ଡାଙ୍କ ସଂଯୋଜନା ତଥା ସମସ୍ତ ବିଜ୍ଞାନ ଆଚାର୍ଯ୍ୟ,ଆଚାର୍ଯ୍ୟା ଏବଂ ଅନ୍ୟାନ୍ୟ ଆଚାର୍ଯ୍ୟ, ଆଚାର୍ଯ୍ୟାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ-ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତୀ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ । ବିଜ୍ଞାନ ଆଚାର୍ଯ୍ୟା ପ୍ରତିଭା ଦାଶ ବିଜ୍ଞାନ ପତ୍ର ବାଚନ ପ୍ରତିଯୋଗିତାରେ ପ୍ରଥମ ଏବଂ ସପ୍ତମ ଶ୍ରେଣୀର ସୁଶ୍ରୀ ରୟାଲ ତ୍ରିପାଠୀ କଥା କଥନ ପ୍ରତିଯୋଗିତାରେ କୃତିତ୍ୱର ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତ । ସେହିପରି ବିଭୂସ୍ମିତା ପଣ୍ଡା ବିଜ୍ଞାନ ପ୍ରକଳ୍ପରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏଥି ସହିତ ଅନ୍ୟ ବିଦ୍ୟାଳୟରୁ ଆସିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ଼ ମହୋତ୍ସବ - ୨୦୨୫ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ।ସ୍ଥାନୀୟ ମହୋତ୍ସବ କାର୍ଯ୍ୟାଳୟରେ ଏଥିନେଇ ଆୟୋଜିତ ବୈଠକରେ ପରିଚାଳନା କମିଟି ଅଧ୍ୟକ୍ଷ ବିଧାୟକ ପ୍ରଦୀପ ସାହୁ ପୌରୋହିତ କରିଥିଲା ବେଳେ ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ପରିଡ଼ା, ପ୍ୟାରୀ ମୋହନ ଦାସ ଓ ଲଲାଟେନ୍ଦୁ କେଶରୀ ସିଂହ ଉପସ୍ଥିତ ଥିଲେ ।ବୈଠକ ପ୍ରାରମ୍ଭ ରେ ସାଧାରଣ ସମ୍ପାଦକ ବୀର କିଶୋର ଦାସ ବିଗତ ବୋଲଗଡ଼ ମହୋତ୍ସବ-୨୪ ର ସମ୍ପୂର୍ଣ୍ଣ ବିବରଣୀ ସହ ଆୟର ସ୍ରୋତ ଓ ବ୍ୟୟର ପରିମାଣ ସମ୍ପର୍କରେ ତଥ୍ୟ ରଖି ଥିଲେ ।ପରେ ଆସନ୍ତା ମହୋତ୍ସବ ଆୟୋଜନ ନେଇ ରୂପରେଖ ପ୍ରସ୍ତୁତିରେ ଉପସ୍ଥିତ ସଦସ୍ୟ ପ୍ରଫୁଲ୍ଲ ମହାନ୍ତି, ଭଞ୍ଜକିଶୋର ଯତି,ସନାତନ ପାଟଶାଣୀ, ପାର୍ବତୀକାନ୍ତ ଚମ୍ପତିରାୟ,ଜୟକୃଷ୍ଣ ଦଳବେହେରା, ମନୋଜକୁମାର ପଣ୍ଡା,ଲକ୍ଷ୍ମୀଧର ଚୌଧୁରୀ,ଅବିନାଶ ସୁବୁଦ୍ଧି,ଗଦାଧର ଚଂପତି,ଶଙ୍କର ସିଂହ,ଜିତେନ୍ଦ୍ର ମାର୍ଥା ,ଉମାକାନ୍ତ ପଟ୍ଟନାୟକ ଓ ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉଲ୍ଲେଖ ଯୋଗ୍ୟ ଯେ ପ୍ରତ୍ୟେକ ବର୍ଷ ନିର୍ଦ୍ଧାରିତ ସମୟ ଡିସେମ୍ବର ମାସ ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବ ଅବସରରେ ବିଭିନ୍ନ ବର୍ଗର ସୁନାମଧନ୍ୟ ଅତିଥିଙ୍କ ଆଗମନ ସହ ସ୍ଥାନୀୟ ଲୋକ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ହୋଇଥାଏ ।ରାଜ୍ୟ ଏବଂ ରାଜ୍ୟ ବାହାରୁ ଏକକ ଓ ଦଳଗତ କଳାକାର ମାନେ ଅଂଶଗ୍ରହଣ କରିଥାନ୍ତି ।ସିନେ ଅଭିନେତା,ହାସ୍ୟ କଳାକାର ଓ ନୃତ୍ୟସଙ୍ଗୀତ ଦଳ ମାନେ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରୁଥିବା ବେଳେ ପିଲାଙ୍କ ପାଇଁ କୁଇଜ ଓ ପ୍ରତିଭା ସମ୍ବର୍ଦ୍ଧନା ସହ ପୂଜ୍ୟପୂଜା ବିଭାଗରେ ବିଶିଷ୍ଟବ୍ୟକ୍ତି ମାନଙ୍କୁ ବିଶେଷ ସମ୍ମାନରେ ସମ୍ମାନିତ କରାଯାଇଥାଏ ।

# 'ସାଇତା ସତ' ପୁସ୍ତକ ଓ 'ବେହାଲ ବର୍ଷା' ସଂଗୀତ ଲୋକାର୍ପିତ





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ବୁଧବାର ସନ୍ଧ୍ୟାରେ ସାହିତ୍ୟ ଓ ସଙ୍ଗୀତର ଅନନ୍ୟ ଯୁଗଳବନ୍ଦୀ ଡ଼ ଅରୁଣ କୁମାର ସାହୁଙ୍କ ସଂପାଦିତ 'ସାଇତା ସତ' ପୁସ୍ତକ ଏବଂ 'ବେହାଲ୍ ବର୍ଷା' ସଙ୍ଗୀତର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାହିତ୍ୟର ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଏବଂ କଳା ଓ ସଙ୍ଗୀତର ଅତିଥି ଭାବେ ବର୍ଷୀୟାନ୍ ଅଭିନେତା ଚୌଧୁରୀ ବିକାଶ ଦାସ ଯୋଗ ଦେଇଥିଲେ । ପ୍ରକାଶକ ବିଜୟ ମହାପାତ୍ରଙ୍କ ବି. କେ. ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ପୁସ୍ତକ 'ସାଇତା ସତ'ରେ ଚମତ୍କାର ଭାବେ ସତ ଓ ମିଛର ପରିଭାଷା ବର୍ଣ୍ଣନା ସହ ଦାର୍ଶନିକ ତତ୍ତ୍ୱ ମାଧ୍ୟମରେ ସାରକଥାଟି କିପରି ଶେଷକୁ ସଂରକ୍ଷିତ ହୋଇ ରହି 'ସାଇତା ସତ' ହୋଇଯାଏ, ତାହା ଉପସ୍ଥାପିତ ହୋଇଛି । ସେହିପରି ସଙ୍ଗୀତକାର ଜାପାନୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଯୁବ କଣ୍ଠଶିଳ୍ପୀ ଚିରାଗଦୀପ ଗାଇଥିବା ଡ଼ ଅରୁଣ ସାହୁଙ୍କ ରଚିତ 'ବେହାଲ୍ ବର୍ଷା' ସଙ୍ଗୀତରେ ପ୍ରେମ, ପ୍ରତିଶ୍ରୁତି ଓ ପ୍ରଣୟର ସୁନ୍ଦର ସଙ୍ଗମ ହୋଇଛି । କାର୍ଯ୍ୟକ୍ରମରେ ଅତିଥି ଦର୍ଶକ ଭାବେ ବରିଷ୍ଠ ରାଜନେତା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୀୟ ଦାସବର୍ମା, ସୁଶାନ୍ତ ରାଉତ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଉମାକାନ୍ତ ସାମନ୍ତରାୟ, ବିଶିଷ୍ଟ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ, କଣ୍ଠଶିଳ୍ପୀ ସୁସ୍ମିତା ଦାସ ପ୍ରମୁଖ କଳା, ସାହିତ୍ୟ, ସଙ୍ଗୀତ ଓ ରାଜନୀତି ଦୁନିଆର ପ୍ରଖ୍ୟାତ ବ୍ୟକ୍ତିବିଶେଷମାନେ ଯୋଗ ଦେଇ ଉପଭୋଗ କରିଥିଲେ । ଚିରାଚରିତ କାର୍ଯ୍ୟକ୍ରମ ଶୈଳୀରୁ ବାହାରି ଡ଼ ଅରୁଣ ସାହୁଙ୍କ ପରିକଳ୍ପନାରେ ସାହିତ୍ୟ ଓ ସଙ୍ଗୀତର ଅପୂର୍ବ ସମନ୍ୱୟରେ ଏପରି କାର୍ଯ୍ୟକ୍ରମ ଓଡ଼ିଶାରେ ନିଆରା ବୋଲି ମତ ପ୍ରକାଶ ପାଇବା ସହ କାର୍ଯ୍ୟସୂଚୀ ଅନୁଯାୟୀ ସମାନ୍ ସନ୍ଧ୍ୟା ୬.୧୮ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୭.୩୩ରେ ଶେଷ ହେବାକୁ ଉପସ୍ଥିତ ଦର୍ଶକ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ।

# ପୁଣି ଭିଜିଲାନ୍ସ ଜାଲରେ ପଡିଲେ ସରକାରୀ ବାବୁ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଭିଜିଲାନ୍ସ ଜାଲରେ ପଡିଲେ ସରକାରୀ ବାବୁ । ୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ଗଜପତି ସିଡିଏମଓ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକ । ଜୁନିୟର ଡାକ୍ତର ପୋଷ୍ଟିଂ ପାଇଁ ପିଅନ ନିରଞ୍ଜନଙ୍କ ମାଧ୍ୟମରେ ଜଗଦୀଶ ଲାଞ୍ଚ ନେଉଥିଲେ । ସିଡିଏମଓ କାର୍ଯ୍ୟାଳୟ ସମେତ ଜଗଦୀଶଙ୍କ ସରକାରୀ ବାସଭବନ ଓ ପିଅନ ନିରଞ୍ଜନଙ୍କ ମଣ୍ଡଳଦେବୀ ସ୍ଥିତ ବାସଭବନରେ ଭିଜିଲାନ୍ସର ଚଢାଉ ଜାରି ରଖିଛି । ଡିଏସ୍‌ପି ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରାଜେନ୍ଦ୍ର ନାୟକ,ଡି ବାସୁଦେବ ରାଓ ଇନ୍ସପେକ୍ଟର ସହ ୧୨ ଜଣିଆ ଟିମ୍ ରୋଡରେ ନିୟୋଜିତ ଅଛନ୍ତି । ଉଭୟଙ୍କ ୨ଟି ସ୍ଥାନରେ ରେଡ କରାଯାଇଛି । ଜଗଦୀଶଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରୁ ୫ଲକ୍ଷରୁ ଅଧିକ ନଗଦ ଟଙ୍କା ଓ କିଛି ରୁପା ଗହଣା ମିଳିଛି । ଚଢାଉ ସରିବା ପରେ ପ୍ରକୃତ ସମ୍ପତ୍ତିର ମୂଲ୍ୟ ଜଣାପଡ଼ିବ ବୋଲି ଭିଜିଲାନ୍ସ ଅଧିକାରୀ କହିଛନ୍ତି । ସୁଚନା ଅନୁସାରେ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ନିଯୁକ୍ତି ସମ୍ପର୍କିତ ଚିଠି ଦେବାକୁ ବରିଷ୍ଠ କିରାଣୀ ଓ ପିଅନ ଯୁବ ଡାକ୍ତରଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ । ଏନେଇ ସେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ଏହା ପରେ, ଭିଜିଲାନ୍ସ ଅଧିକାରୀମାନେ ଆଜି ପାରଳାଖେମୁଣ୍ଡି ସିଡିଏମଓ କାର୍ଯ୍ୟାଳୟରେ ପହଞ୍ଚି ଲାଞ୍ଚ ନେଉଥିବା ବେଳେ ବରିଷ୍ଠ କିରାଣୀ ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକଙ୍କୁ ଧରିଥିଲେ ।

# ଅବକାରୀ ଚଢ଼ାଉ,୫ ଗିରଫ



କରଞ୍ଜିଆ(ଭାସ୍କର ନ୍ୟୁଜ): ଅବକାରୀ ବିଭାଗ ପକ୍ଷରୁ ବୁଧବାର ଦିନ କରଞ୍ଜିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ରେ ଚଢ଼ାଉ କରାଯାଇ ମୋଟ ୧୪୦ ଲିଟର ମହୁଲି ଜବତ ହୋଇଛି । କରଞ୍ଜିଆ ବ୍ଲକର ଚିତ୍ରପୋଷି ଗ୍ରାମର ରମେଶ ବେହେରାଙ୍କ ଠାରୁ ୨୫ ଲିଟର ମହୁଲି ମଦ ଜବତ କରିଥିବା ବେଳେ ସାରଙ୍ଗଗଡ ଗ୍ରାମ ର ଆରୋତ ଚମ୍ପିଆଙ୍କ ଠାରୁ ୨୫ ଲିଟର, ମହାଦେବଦେଉଳି ଗ୍ରାମର ମିଥୁନ ବେହେରାଙ୍କ ଠାରୁ ୪୦ ଲିଟର, ଦୟାନିଧି ନାଇକଙ୍କ ଠାରୁ ୨୫ ଲିଟର ଓ ଭୋଳାନାଥ ନାଇକଙ୍କ ଠାରୁ ୨୫ ଲିଟରମହୁଲି ମଦ ଜବତ କରିଛି ଅବକାରୀ ବିଭାଗ। ଅବକାରୀ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ନେତୃତ୍ୱରେ କରଞ୍ଜିଆ ଓଆଇସି ରଶ୍ମିରଞ୍ଜନ ନାୟକ, ଶୁକୁଳି ଓଆଇସି କୃଷ୍ଣଚନ୍ଦ୍ର ବିନ୍ଧାଣି, ଯଶିପୁର ଓଆଇସି ସୂର୍ଯ୍ୟକାନ୍ତି ମଲ୍ଲିକ, ଠାକୁରମୁଣ୍ଡା ଓଆଇସି ଭାରତୀ ନାୟକ ଏବଂ ଅବକାରୀ ବଳ ସାମିଲ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଘନେଇଲା ବଢ଼...

ସୀମାପାର ଆତଙ୍କବାଦୀଙ୍କ ପାଇଁ ଗଳାବାଟ ପାଲଟିଛି ଅନ୍ତରାଷ୍ଟ୍ରୀୟ ସୀମା। ଏହି ବାଟଦେଇ ଆତଙ୍କବାଦୀମାନେ ଭାରତକୁ ପ୍ରବେଶ କରୁଛନ୍ତି। ସେମାନଙ୍କ ଦ୍ୱାରା ଅସ୍ତ୍ରଶସ୍ତ୍ର ଓ ନିଶାଦ୍ରବ୍ୟ ତସ୍କରୀ କରାଯାଉଛି। ଆତଙ୍କବାଦୀଙ୍କ ଯୋଜନାକୁ ପଣ୍ଡ କରିବାପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ସୁରକ୍ଷାବାହିନୀକୁ ସହଯୋଗ କରିବାକୁ ସ୍ଥାନୀୟ ଲୋକଙ୍କୁ ନିବେଦନ କରାଯାଇଛି। ସୀମାରେ ଶାନ୍ତି ସୁରକ୍ଷାପାଇଁ ଏହି ପଦକ୍ଷେପ ନିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ସ୍ୱାଧୀନତା ଦିବସ ଥିବାରୁ ଦେଶରେ ହାଇଆଲର୍ଟ ଜାରି କରାଯାଇଛି। କୌଣସିପ୍ରକାର ଆତଙ୍କୀ ଗତିବିଧିକୁ ସୁରକ୍ଷାବାହିନୀ ପଣ୍ଡ କରିବା ପାଇଁ ପ୍ରସ୍ତୁତ ରହିଛି। ଅନ୍ୟପକ୍ଷରେ ସୀମାରେ ଆତଙ୍କୀ ଅନୁପ୍ରବେଶ ଉପରେ ସେନା କଡ଼ା ନଜର ରଖିଛି। ଜାମ୍ମୁକାଶ୍ମୀରରେ ସର୍ଚ୍ଚ ଅପରେସନକୁ ମଧ୍ୟ ଜୋରଦାର କରାଯାଇଛି।

## ବିମାନସେବା କ୍ଷେତ୍ରରେ...

କରିବାକୁ ସରକାର ଯୋଜନା କରୁଛନ୍ତି। ସେହିପରି ସହରଗୁଡ଼ିକରେ ଏଲଇଡି ଲାଇଟ୍ ଲଗାଯିବ। ନୂଆ ଲାଇଟ୍ ଲାଗିବା ସହ ପୁରୁଣା ଲାଇଟ୍‌ଗୁଡ଼ିକର ମରାମତି କରାଯିବ। ଏଥିପାଇଁ ୩୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ସମ୍ବଲପୁର ସହରରେ ୩୮୨ କୋଟି ଟଙ୍କା ବ୍ୟୟରେ ୨୪ ଘଣ୍ଟିଆ ପାଣି ଯୋଗାଇ ଦିଆଯିବ। ହୀରାକୁଦ ଡ୍ୟାମରୁ ପାଣି ଅଣାଯିବ। ଅନ୍ୟପକ୍ଷରେ ଓଡ଼ିଶା ନର୍ସିଂଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଅଣାଯିବ। ରାଜ୍ୟରେ ୮ଟି ସରକାରୀ ନର୍ସିଂ କଲେଜ ସହ ୨୧ଟି ଏନଏଏମ୍ ସେଣ୍ଟର ରହିଛି ଆଉ ୭ଟି ନୂଆ ନର୍ସିଂ କଲେଜ ଖୋଲାଯିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।

## ୫୦ବର୍ଷ ହେବ...

ଘଟିଛି। ଅର୍ଥାତ ସେପ୍ଟେମ୍ବର ୧୮ରୁ ପ୍ରତ୍ୟାବର୍ତ୍ତନ କରୁଛି। ହେଲେ ସମୟ ସମୟରେ ଏଥିରେ କେତେକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ୨୦୧୯ରେ ଦେଶରୁ ମୌସୁମୀ ବାୟୁ ଅକ୍ଟୋବର ୯ରେ ପ୍ରତ୍ୟାବର୍ତ୍ତନ କରିଥିଲା, ଯାହାକି ଧାର୍ଯ୍ୟ ସମୟର ୨୨ ଦିନ ବିଳମ୍ବରେ। ଠିକ୍ ସେହିଭଳି ୨୦୨୧ରେ ଅକ୍ଟୋବର ୬ ଅର୍ଥାତ୍ ୧୯ଦିନ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିଥିଲା। କିନ୍ତୁ ସମଗ୍ର ଦେଶରୁ ମୌସୁମୀର ପ୍ରତ୍ୟାବର୍ତ୍ତନ ସମୟ ଅକ୍ଟୋବର ୧୫କୁ ସ୍ଥିର ରଖିଥିଲା। ତେବେ ଆଇଏମ୍‌ଡି ୨୦୨୦ରେ ମୌସୁମୀ ପ୍ରତ୍ୟାବର୍ତ୍ତନ ତାରିଖ ବଦଳାଇବାର କାରଣ ଜଳବାୟୁ ପରିବର୍ତ୍ତନ ବୋଲି ଦର୍ଶାଇଥିଲା। ଗତ ୧୦ବର୍ଷ ହେବ ମୌସୁମୀର ପ୍ରତ୍ୟାବର୍ତ୍ତନ ସମୟ ଆଇଏମ୍‌ଡି ଧାର୍ଯ୍ୟ କରିଥିବା ସମୟ ଅକ୍ଟୋବର ୧୫ ପରେ ମଧ୍ୟ ହେଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନର ଏହି ଅଧ୍ୟୟନରେ ମୌସୁମୀ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିବା ଓ ବର୍ଷାର ପରିମାଣ ମଧ୍ୟରେ ସଂପର୍କ ଉପରେ ଧ୍ୟାନ ଦିଆଯାଇଥିଲା। ସେଥିରେ କୁହାଯାଇଥିଲା ଯେ ବିଳମ୍ବ ମୌସୁମୀ ରବି ଫସଲ ପାଇଁ ଉପଯୋଗୀ ସାବ୍ୟସ୍ତ ହେବା ସହ ସୋରିଷ ଫସଲର ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ।

## ପରିବର୍ତ୍ତିତ ନିର୍ଦ୍ଦେଶାବଳୀ...

ପୋର୍ଟାଲ'ରେ ବିଧାୟକ ମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିଶ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ। ଏହି ପୋର୍ଟାଲ ମାଧ୍ୟମରେ ମାନ୍ୟବର ବିଧାୟକମାନେ ସେମାନଙ୍କର ନିର୍ବାଚନ ମଣ୍ଡଳୀରେ ସୁପାରିଶ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ ଓ ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ । ଏହା ସହିତ ବିଧାନସଭା ଅଞ୍ଚଳର ଜନସାଧାରଣ ମଧ୍ୟ ସେମାନଙ୍କ ବିଧାୟକଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ପ୍ରକଳ୍ପଗୁଡିକର ତଥ୍ୟ ଏହି ପୋର୍ଟାଲ ଜରିଆରେ ଅବଗତ ହୋଇପାରିବେ। ସୂଚନାଯୋଗ୍ୟ ଯେ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନା ୧୯୯୭-୯୮ରୁ ଆରମ୍ଭ ହୋଇ ଜନସାଧାରଣଙ୍କ ଛୋଟ ଛୋଟ କିନ୍ତୁ ନିତ୍ୟାନ୍ତ ଆବଶ୍ୟକୀୟ ଭିତ୍ତିଭୂମି ଗଠନ କରିବାରେ ଏକ ମଜବୁତ୍ ମାଧ୍ୟମ ହୋଇପାରିଛି । ପର୍ଯ୍ୟାୟକ୍ରମେ, ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ଏହି ଅନୁଦାନ ୫ ଲକ୍ଷରୁ ୩ କୋଟି ଟଙ୍କାକୁ ବୃଦ୍ଧି ପାଇ, ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ୫ କୋଟି ଟଙ୍କା ହିସାବରେ ବ୍ୟୟ ବରାଦ କରାଯାଇଅଛି। ଏହି ନୂତନ ଗାଇଡଲାଇନ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି । ଏଥିପାଇଁ ବିଧାନସଭା କମିଟି ସଦସ୍ୟ ଓ ମାନ୍ୟବର ବିଧାୟକମାନଙ୍କ ପରାମର୍ଶ ନିଆଯାଇଛି, ପଡୋଶୀ ରାଜ୍ୟ ଗୁଡିକର 'ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀ'ର ଅଧ୍ୟୟନ କରାଯାଇଛି ଏବଂ କ୍ଷେତ୍ରସ୍ତରରେ ଉପୁଜୁଥିବା ସମସ୍ୟାଗୁଡିକର ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ଏହି ପ୍ରକ୍ରିୟାରେ ସଂଶ୍ଳିଷ୍ଟ ସମସ୍ତ ମନ୍ତ୍ରୀ, ବିଧାୟକ ଏବଂ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏହି ନୂତନ ସରଳୀକୃତ ଗାଇଡ ଲାଇନ ଓ ୱେବ୍ ପୋର୍ଟାଲ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ।

## ୧୧ ମୃତ...

ଥିଲା ଯେ ପିକ୍‌ଅପ୍ ଭ୍ୟାନ୍‌ଟି ଖଣ୍ଡଖଣ୍ଡ ହୋଇଯାଇଥିଲା। ପିକ୍‌ଅପ୍ ଭ୍ୟାନରେ ଥିବା ଲୋକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିବା ସହ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରୁ ୧୦ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ଆମ୍ବୁଲାନ୍ସ ସହାୟତାରେ ଆହତ ଓ ଗୁରୁତରଙ୍କୁ ହସ୍ପିଟାଲ ପଠାଯାଇଥିଲା। ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି ଯେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସ୍ଥାନୀୟ ଏସ୍‌ପି ଦୁର୍ଘଟଣା ସଂପର୍କରେ ସୂଚନା ଦେଇ କହିଛନ୍ତି, ମନ୍ଦିରରୁ ଆସୁଥିବା ଭକ୍ତିମାନେ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେହିପରି ସ୍ଥାନୀୟ ଜିଲ୍ଲାପାଳ ଦେବେନ୍ଦ୍ର କୁମାର କହିଛନ୍ତି, ଏହି ଦୁର୍ଘଟଣାରେ ୧୧ଜଣଙ୍କର ମୃତ୍ୟୁ ହୋଇଛି। ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ଶ୍ରୀମନ୍ଦିର ପରିକ୍ରମା...

ଗୋଟିଏ ପାର୍ଶ୍ୱରେ ଲେଖାଯାଇଛି ଯେ, ମନ୍ଦିର ଭାଙ୍ଗିବେ ଆତଙ୍କବାଦୀ । ଆଉ ଏକ ପାର୍ଶ୍ୱରେ କିଛି ଫୋନ ନମ୍ବର ମଧ୍ୟ ଦିଆଯାଇ ଫୋନ କର, ନକଲେ ମହାତାଣ୍ଡବ ହେବ ବୋଲି ଧମକପୂର୍ଣ୍ଣ ବାର୍ତ୍ତା ଲେଖାଯାଇଛି । ଏହା ଭିତରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମ ମଧ୍ୟ ଲେଖାଯାଇଛି । ୨ଟି ସ୍ଥାନରେ ଏପରି ଧମକପୂର୍ଣ୍ଣ ଲେଖା ଦେଖିବାକୁ ମିଳିଛି । ତେବେ କିଏ ଓ କାହିଁକି ଏଭଳି କରିଛି ତାହା ଜଣାପଡ଼ିନାହିଁ । ଏକାଧିକ ସ୍ଥାନରେ ସିସିଟିଭି ଲାଗିଛି । ସିକ୍ୟୁରିଟି ଗାର୍ଡ ମଧ୍ୟ ମୁତୟନ ହୋଇଛନ୍ତି । ଆତଙ୍କବାଦୀଙ୍କ ନାଁ ନେଇ କିଏ ଏପରି ଲେଖିଲା ତା'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେପଟେ ଏହି ଘଟଣାକୁ ନେଇ ପୁରୀ ପୋଲିସର ତଦନ୍ତ ଆରମ୍ଭ କରିଛି ।ଶ୍ରୀମନ୍ଦିରରେ ଆତଙ୍କବାଦୀ ଆକ୍ରମଣ ନେଇ ଧମକ ପୂର୍ଣ୍ଣ ଲେଖା ଘଟଣାରେ ଜଣେ ବ୍ୟକ୍ତିଙ୍କୁ ପୁରୀ ପୋଲିସ୍ ଅଟକ ରଖି ପଚରା ଉଚରା କରୁଛି । ଅଟକ ବ୍ୟକ୍ତି ଜଣକ ହେଉଛନ୍ତି ପୁରୀ ଗଡିଶାଗୋଡା ବାସିନ୍ଦା ରଘୁନାଥ ସାହୁ (୫୫) । ତାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ସେ କିଭଳି କାନ୍ଥରେ ଲେଖିଲେ ଏନେଇ ସିଂହଦ୍ୱାର ଥାନା ଏକ ଡେମୋ ପୋଲିସ ପକ୍ଷରୁ ଅଭିଯୁକ୍ତକୁ ନେଇ କରାଯାଇଛି । ପ୍ରାଥମିକ ତଦନ୍ତରୁ ରଘୁନାଥ ହିଁ ଏଭଳି ଧମକ ପୂର୍ଣ୍ଣ ଲେଖା ବୁଢ଼ୀ ମା' ମନ୍ଦିର କାନ୍ଥରେ ଲେଖିଥିବା ପୁରୀ ଏସପି ସୂଚନା ଦେଇଛନ୍ତି । ତେବେ ଅଟକ ଥିବା ବ୍ୟକ୍ତି ଟିକେ ମାନସିକ ଭିନ୍ନକ୍ଷମ ଥିବା ପୋଲିସ ପକ୍ଷରୁ କୁହାଯାଇଛି । ସେ କିଛି ସ୍ପଷ୍ଟ କହିପାରୁନି । ତେବେ ଅଟକ ବ୍ୟକ୍ତିଙ୍କୁ ମେଡିକାଲ ନିଆଯାଇ ତାଙ୍କ ମାନସିକ ଅବସ୍ଥା କିଭଳି ରହିଚି ସେ ନେଇ ପରୀକ୍ଷା କରାଯିବ । ଏହା ପରେ ଆହୁରି ପଚରା ଉଚରା କରାଯିବ ।ପୁରୀ ଏସପି ପିନାକ ମିଶ୍ର କହିଛନ୍ତି ଆଜି ସକାଳେ ବୁଢ଼ୀ ମା' ମନ୍ଦିର କାନ୍ଥରେ କିଛି ଆପତ୍ତି ଜନକ କଥା ଲେଖାଯାଇଥିଲା । ଏହି ଘଟଣାକୁ ନେଇ ଆମ ପୋଲିସ ଅଧିକାରୀ ଓ ସ୍ପେଶାଲ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ।ତେବେ ଏହି ଘଟଣାକୁ ନେଇ ଆମେ ଜାଣିବାକୁ ପାଇଲୁ ଜଣେ ବ୍ୟକ୍ତି ରଘୁନାଥ ସାହୁ (୫୫)। ପୁରୀର ଗଡିଶାଗୋଡା ବାସିନ୍ଦା। ସେ ଏଠି କିଛିଦିନ ହେବ ରହୁଛନ୍ତି । ତେବେ ପ୍ରାଥମିକ ତଦନ୍ତରୁ ଜଣାପଡୁଛି ସେ ଟିକେ ମାନସିକ ଭିନ୍ନକ୍ଷମ ଅଛନ୍ତି । କିନ୍ତୁ ଏହାକୁ ନେଇ ଆମେ ତାଙ୍କର ମେଡିକାଲ ଚେକଅପ କରିବୁ ।ତେବେ ତାଙ୍କ ସମ୍ପର୍କ ତାଙ୍କ ସ୍ଥାନୀୟ ଥାନାକୁ ପଚାରି ଆମେ ଆମେ ସୂଚନା ନେଇଥିଲୁ ତାଙ୍କର ପାରିବାରିକ ସମସ୍ୟା ରହିଛି । ଏଣୁ ସେ ତାଙ୍କର ମାନସିକ ଦୁଶ୍ଚିନ୍ତାରେ ଥିବା ଯାହା ଜଣାପଡୁଛି । କାରଣ ସେ କିଛି ସେ ସ୍ପଷ୍ଟ କଥା କହି ପାରୁନାହାଁନ୍ତି । ତେବେ ଉକ୍ତ ବ୍ୟକ୍ତିଙ୍କୁ ଆମେ ଅଟକ ରଖିଛୁ । ତାଙ୍କର ସ୍ଥିତି କିଛି ସ୍ୱାଭାବିକ ହେଲେ ପୁଣି ପଚରାଉଚରା କରିବୁ । ସେ ନିଜେ କହିଛନ୍ତି ବୁଢ଼ୀ ମା' ମନ୍ଦିର କାନ୍ଥରେ ଲେଖିଛନ୍ତି । କିନ୍ତୁ ତାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବା ଜଣାପଡୁଛି । ଠିକରେ କିଛି କହି ପାରୁନାହାଁନ୍ତି । ଆମେ ଆଉ କିଛି ସମୟ ନେଇ ପୁଣି ପଚରାଉଚରା କରିବୁ । ତେବେ ସେ ଏକୁଟିଆ ଏହି କାର୍ଯ୍ୟ କରିଥିବା ଜଣାପଡିଛି ।

**AFFIDAVIT**

By virtue of an affidavit sworn before the Executive Magistrate, Chatrapur, Ganjam, dated: 12.08.2025, I Sania Badatya, Address: At-Malada, Po-Malada, Ps-Ganjam, Dist- Ganjam, Odisha, PIN-761027, declare that I have changed my daughter's name from Sadhana Badaatya to Subhasini Badatya. Henceforth, She shall be known as Subhasini Badatya for all purposes.

**Sd/- Sania Badatya**

**AFFIDAVIT**

By virtue of an affidavit No.7700 sworn before the Executive Magistrate, on dated: 06.06.2025, I Radha Saha, W/o- Bholanath Soni, resident of At- Gopalpur, Sampur, Post- gopalpur, Ps-Cuttack Sadar, Dist- Cuttack-753011, declares that my daughter's actual name is Akankshya Soni which is mentioned in her Birth Certificate and HSC Certificate. But wrongly mentioned as Ankakshya Soni in Aadhar Card. Akankshya Soni & Ankakshya Soni is same and one person belongs to daughter of Radha Saha (Mother) & Bholanath Soni(Father). This affidavit is to be produced before concerned authority for Aadhar Card correction as Akankshya Soni.

**Sd/- Radha Saha**

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated: 12.08.2025, I Ditikrushna Pradhan, Address: At- Parapanka, Po- Daringbadi, PS-Daringbadi, Dist-Kandhamal, Odisha, PIN-762104, declare that I have changed my son's name from Kuronandan Pradhan to Kulanandana Pradhan. Henceforth, He shall be known as Kulanandana Pradhan for all purposes.

**Sd/- Ditikrushna Pradhan**

**AFFIDAVIT**

By virtue of an affidavit sworn before the Executive Magistrate, Baramba, dated: 11.08.2025, I Srikanta Muduli, Address: At-Kankadajodi, Po-Kankadajodi, Ps-Maniabandha, Dist-Cuttack, Odisha, PIN-754035, declare that I have changed my name from Sukanta Muduli to Srikanta Muduli. Henceforth, I shall be known as Srikanta Muduli for all purposes.

**Sd/- Srikanta Muduli**

**ଇ-ନିଲାମ ବିଜ୍ଞପ୍ତି**
**ଗ୍ରାଣ୍ଡ ଅଟୋ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ (ଲିକ୍ୟୁଡେସନରେ)**
**ଏମ୍‌ସିଏ ଅନୁଯାୟୀ ପଞ୍ଜିକୃତ କାର୍ଯ୍ୟାଳୟ: ଲିଙ୍କରୋଡ୍, ପୋଷ୍ଟ- ଅରୁଣୋଦୟ ମାର୍କେଟ, କଟକ, ଓଡ଼ିଶା, ଭାରତ, ୭୫୩୦୧୨**
**(ସିଆଇଏନ୍- ୟୁ୫୦୪୦୨ଓଆର୍୨୦୧୧ପିଟିସି୧୩୩୮୯)**

**ଦେବାଳିଆ ଏବଂ ଦେବାଳିଆ ସଂହିତା, ୨୦୧୬ ଅନୁଯାୟୀ ଅପ୍ରଚଳିତ ସମ୍ପତ୍ତି ନ୍ୟସ୍ତ ପାଇଁ ଆଗ୍ରହ ପ୍ରକାଶ (ଇଓଆଇ) ଆମନ୍ତ୍ରଣ**

ଗ୍ରାଣ୍ଡ ଅଟୋ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍-ଇନ୍ ଲିକ୍ୱିଡେସନ୍ ('କର୍ପୋରେଟ୍ ଋଣୀ') ର 'ସହଜରେ ଆଦାୟ ହେଉନଥିବା ସମ୍ପତ୍ତି (ଏନ୍‌ଆରଆର୍‌ଏ)' ହସ୍ତାନ୍ତର କରିବା ସହିତ ଜଡ଼ିତ ଆଗ୍ରହୀ ପକ୍ଷମାନଙ୍କଠାରୁ ଆଗ୍ରହ ପ୍ରକାଶ କରିବାକୁ ଏଠାରେ ସାଧାରଣ ଜନତାଙ୍କୁ ସୂଚନା ଦିଆଯାଇଛି। ମାନ୍ୟବର ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ, କଟକ ବେଞ୍ଚ ଦ୍ୱାରା ପାସ୍ ହୋଇଥିବା ୧୮.୧୦.୨୦୨୪ ତାରିଖର ଆଦେଶ ଅନୁଯାୟୀ କର୍ପୋରେଟ୍ ଋଣୀ ଲିକ୍ୱିଡେସନ୍ ଅଧୀନରେ ଅଛନ୍ତି। କର୍ପୋରେଟ୍ ଋଣୀ ବ୍ରାଣ୍ଡେଡ୍ ଯାନର ଅଟୋମୋବାଇଲ୍ ଡିଲର୍ସଙ୍କ ବ୍ୟବସାୟରେ ଥିଲେ ଏବଂ ଅଟୋମୋବାଇଲ୍ ବ୍ୟବସାୟ ଏବଂ ସେବା ସହିତ ଜଡ଼ିତ ଅନ୍ୟାନ୍ୟ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକଳାପ, ଇନସଲଭେନ୍ସି ଏବଂ ଦେବାଳିଆ କୋଡ୍ ୨୦୧୬ ର ବ୍ୟବସ୍ଥା ସହିତ ପଠିତ, ଇନସଲଭେନ୍ସି ଏବଂ ଦେବାଳିଆ ସଂହିତା ୨୦୧୬ ର ନିୟମ ୩୭ଇ ଅନୁଯାୟୀ ଘଜଜଇ ପ୍ରଦାନ ପାଇଁ ଆଗ୍ରହୀ ପକ୍ଷମାନଙ୍କଠାରୁ ଆମନ୍ତ୍ରିତ।
କର୍ପୋରେଟ୍ ଋଣଗ୍ରହୀତାଙ୍କ ସମ୍ପତ୍ତିକୁ 'ଯେପରି ଅଛି ଯେଉଁଠାରେ ଅଛି', 'ଯେପରି ଅଛି ଯାହା ଅଛି', 'ଯେପରି ଅଛି ସେଠି ଅଛି', 'ଯେଉଁଠି ଅଛି ସେଠି ଅଛି' ଏବଂ 'ସଂଗ୍ରହ ଭିତ୍ତିକ ବିନା' ଉପରେ କଠିନ ଭାବରେ ନ୍ୟସ୍ତ ପାଇଁ ପ୍ରଦାନ କରାଯାଉଛି କାରଣ ଏପରି ନ୍ୟସ୍ତ କୌଣସି ପ୍ରକାରର ୱାରେଣ୍ଟି ଏବଂ କ୍ଷତିପୂରଣ ବିନା।
ସହଜରେ ଅପ୍ରାପ୍ତ ସମ୍ପତ୍ତିର ନ୍ୟସ୍ତ ପାଇଁ ସମ୍ପତ୍ତିର ବିବରଣୀ:

| କ୍ରମିକ.ନଂ. | ବର୍ଣ୍ଣନା | ପରିମାଣ (ଟଙ୍କାରେ) |
|---|---|---|
| ୧. | ଗ୍ରାଣ୍ଡ ଅଟୋ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍-ଇନ୍ ଲିକ୍ୱିଡେସନ୍ ମାମଲାରେ ମାନ୍ୟବର ଏନ୍‌ସିଏଲ୍‌ଟି କଟକ ବେଞ୍ଚ ସମ୍ମୁଖରେ ଆଇବିସି, ୨୦୧୬ର ଧାରା ୬୬ ଅନୁଯାୟୀ ଦାଖଲ ହୋଇଥିବା ପିୟୁଏଫ୍‌ଇ କାରବାର ଆବେଦନରୁ ପୁନରୁଦ୍ଧାର ନ୍ୟସ୍ତ। | ଟ.୨୫,୧୨,୦୭,୩୬୪/- |

ଟିପ୍ପଣୀ: ଏହି ନିମନ୍ତ୍ରଣ ଆଗ୍ରହୀ ପକ୍ଷମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ ଏବଂ ବିକ୍ରୟ କରିବା ପାଇଁ ଲିକ୍ୱିଡେଟର କିମ୍ବା କର୍ପୋରେଟ୍ ଋଣଦାତାଙ୍କ ପକ୍ଷରୁ କୌଣସି ପ୍ରକାରର ବାଧ୍ୟବାଧକତା କିମ୍ବା ବାଧ୍ୟବାଧକତା ସୃଷ୍ଟି କରେ ନାହିଁ। ଲିକ୍ୱିଡେଟର କୌଣସି କାରଣ ଦର୍ଶାଇ ଏବଂ କୌଣସି ଦାୟିତ୍ୱ ବିନା ପ୍ରକ୍ରିୟାକୁ ବାତିଲ କିମ୍ବା ପରିବର୍ତ୍ତନ କରିବାର ଏବଂ/ଅଥବା ଯେକୌଣସି ବିଡର/ପକ୍ଷଙ୍କୁ ଗ୍ରହଣ ଏବଂ/ଅଥବା ଅଯୋଗ୍ୟ ଘୋଷଣା କରିବାର ଅଧିକାର ସଂରକ୍ଷଣ କରନ୍ତି। ଏହା ଏକ ଅଣ-ବାଧ୍ୟକତାମୂଳକ ପ୍ରକ୍ରିୟା ଏବଂ ଏହା ଲିକ୍ୱିଡେଟର/ଭାଗୀ ପରାମର୍ଶ କମିଟିର ବିବେଚନା ଉପରେ ନିର୍ଭର କରିବ। ସଂହିତାର ଧାରା ୩୫ର ଧାରା (ଲ) ର ବ୍ୟବସ୍ଥା ଅନୁଯାୟୀ, ଯଦି ଏହା ଆଇବିସି, ୨୦୧୬ ର ଧାରା ୨୯ଇ ରେ ଉଲ୍ଲେଖିତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବାରେ ବିଫଳ ହୁଏ (ଯେପରି ସମୟ ସମୟରେ ସଂଶୋଧିତ) ତେବେ ଆଗ୍ରହୀ ବିଡରମାନେ ଏକ ବିଡର ଦାଖଲ କରିବାକୁ ଯୋଗ୍ୟ ହେବେ ନାହିଁ। ଇଚ୍ଛୁକ ବିଡର/ପକ୍ଷମାନେ ସେମାନଙ୍କର ନିଜସ୍ୱ ସ୍ୱାଧୀନ ଅନୁସନ୍ଧାନ କରିବା ଉଚିତ।

| | |
|---|---|
| ପ୍ରକାଶନ ତାରିଖ | ୧୪.୦୮.୨୦୨୫ |
| ଦାଖଲ କରିବାର ଶେଷ ତାରିଖ ଯୋଗ୍ୟତା ଡକ୍ୟୁମେଣ୍ଟ | ୨୯.୦୮.୨୦୨୫ |
| ଯୋଗ୍ୟ ଅଂଶଗ୍ରହଣକାରୀଙ୍କ ଘୋଷଣା ତାରିଖ | ୦୨.୦୯.୨୦୨୫ |
| ନିରୀକ୍ଷଣ / ଆବଶ୍ୟକୀୟ ପରିଶୋଧର ଶେଷ ତାରିଖ | ୦୯.୦୯.୨୦୨୫ |
| ସିଲଡ୍ କଭରରେ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାର ଶେଷ ତାରିଖ | ୧୧.୦୯.୨୦୨୫ |

ଟିପ୍ପଣୀ: ଲିକ୍ୱିଡେଟର୍ ଅଂଶୀଦାରଙ୍କ ପରାମର୍ଶ କମିଟି ('ଏସ୍‌ସିସି') ସହିତ ପରାମର୍ଶ କରି ପ୍ରାପ୍ତ ପ୍ରସ୍ତାବଗୁଡ଼ିକର ସମୀକ୍ଷା ଉପରେ ପରବର୍ତ୍ତୀ ପ୍ରକ୍ରିୟା, ନିୟମ ଏବଂ ସର୍ତ୍ତାବଳୀ ଇତ୍ୟାଦି ପରାମର୍ଶ ଦେବେ। ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୂଚନା ପାଇଁ ip.gaupl@gmail.com ରେ ଆପଣଙ୍କର ଅନୁରୋଧକୁ ଇମେଲ୍ କରନ୍ତୁ।

ତାରିଖ: ୧୪.୦୮.୨୦୨୫-
ସ୍ଥାନ : ମୁମ୍ବାଇ

ସ୍ୱା/-
ଗୌରାଙ୍ଗ ଛୋଟଲାଲ ସାହ
ନିଯୁକ୍ତ ନିର୍ଦ୍ଦେଶକ
ଆଇବିବିଆଇ ଆରଇଜି: ଆଇବିବିଆଇ/ଆଇପିଏ-୦୦୨-ଆଇପି-ଏନ୍୦୦୯୪୭/ ୨୦୧୯-୨୦୨୦/୧୩୦୦୨
ଏଏଫ୍‌ଏ: ମେସର୍ସ ୱାଟରଫଲ ଇନସଲଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍/ଏଏ୨/୧୩୦୦୨/୦୨/୩୦୦୬୨୬/ ୨୦୩୯୨୭ ଅବଧି ୩୦.୦୬.୨୦୨୬ ପର୍ଯ୍ୟନ୍ତ।
ଆଇବିବିଆଇ ଆରଇଜି: ଆଇବିବିଆଇ/ଆଇପିଏ-୦୦୨୨-ଆଇପି-୧/୨୦୨୩/୫୦୦୧୬
ଏଫ୍‌ଏ: ଗ୍ରାଣ୍ଡ ଅଟୋ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ ବିଷୟରେ ଲିକ୍ୱିଡେଟର୍ ଏଏ୨/୧୩୦୦୨/୦୨/୩୦୦୬୨୬/ ୨୦୩୯୨୭ ଅବଧି ୩୧.୧୨.୨୦୨୫ ପର୍ଯ୍ୟନ୍ତ।
ip.gaupl@gmail.com (ପ୍ରକ୍ରିୟା ନିର୍ଦ୍ଦିଷ୍ଟ) waterfall0421@gmail.com (ଆଇବିବିଆଇ ସହିତ ପଞ୍ଜୀକୃତ)
ଆଇବିବିଆଇ ସହିତ ପଞ୍ଜୀକୃତ ଲିକ୍ୱିଡେଟରଙ୍କ ଠିକଣା: ୱାଟରଫଲ ଇନସଲଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍, ୧୨୨୧, ମେକର ଚାମ୍ବର ଭି, ନରିମାନ ପଏଣ୍ଟ, ମୁମ୍ବାଇ-୪୦୦୦୨୧

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-AOMC-IGP-25-26-14

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ 100 m3 କ୍ଷମତା ବିଶିଷ୍ଟ ଇନୋକୁଲମ୍ ଜେନେରେସନ କାରଖାନାର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ।
**ବିଜ୍ଞାପିତ ମୂଲ୍ୟ(₹):** 51,67,888.50, EMD (₹) : 1,03,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 5,000.00, ଶେଷ ହେବା ଅବଧି : 24 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.14.08.2025 ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2025 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର,
ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର
PR-467/Q/25-26

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ୍ ନମ୍ବର: ଭାରତର ରାଷ୍ଟ୍ରପତି, ଡିଭିଜନାଲ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ)ଙ୍କ ପାଇଁ ଏବଂ ପକ୍ଷରୁ ଇ-ଟେଣ୍ଡର/୨୦୨୫/୨୭, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ: କ୍ରମିକ ସଂଖ୍ୟା; ଟେଣ୍ଡର ନମ୍ବର; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ସର୍ବଶ୍ରେଷ୍ଠ ମୂଲ୍ୟ; ଖୋଲିବାର ତାରିଖ; କାର୍ଯ୍ୟ ସମାପ୍ତି ଅବଧି। (୧); ଇ-କେଜିପି-ପୂର୍ବ-୫୨-୨୦୨୫; ଡିଇଏନ୍/ପୂର୍ବ/ଖଡ଼ଗପୁରର କ୍ଷେତ୍ରାଧିକାର ଅଧୀନରେ ପଦ୍ମପୁକୁର (ପିଡିପିକେ) ଠାରେ କୋଚିଂ ଟ୍ରେନ ସେବାର ଉନ୍ନତି ପାଇଁ ଗୋଟିଏ ଅତିରିକ୍ତ ଲୁପ୍ ଲାଇନ ନମ୍ବର ୧୦ ସହିତ ୟାର୍ଡ ପରିବର୍ତ୍ତନ କାର୍ଯ୍ୟର କାର୍ଯ୍ୟକାରିତା; ଟ.୭,୫୦,୫୨,୬୩୧.୭୧; ଟ.୫,୨୫,୩୦୦.୦୦; ୨୮.୦୮.୨୦୨୫; ୧୨ ମାସ; (୨); ଇ-କେଜିପି-ପୂର୍ବ-୫୩-୨୦୨୫; ସିନିୟର ଡିଇଏନ୍/ଦକ୍ଷିଣ/ଖଡ଼ଗପୁର ଅଧୀନରେ (କ) ଡିଇଏନ୍/ପୂର୍ବ/କେଜିପି ଅଧୀନରେ ହାଓଡା-ଖଡ଼ଗପୁର ସେକ୍ସନରେ ବ୍ରିଜ୍.ନଂ.୫୧ ଅପ୍, ମିଡ୍ ଏବଂ ଡାଉନ୍ ବ୍ରିଜ୍.ନଂ. ୫୯ ଅପ, ମିଡ୍, ଡାଉନ୍‌ର ଡ୍ରୋନ୍ ଏବଂ ସ୍ଥଳଭାଗ ଲିଡର ଆଧାରିତ ଯାଞ୍ଚ ଏବଂ (ଖ) ଖଡ଼ଗପୁର-ଭଦ୍ରକ ସେକ୍ସନରେ ବ୍ରିଜ୍ ନଂ.୨୩୫ ଅପ୍ ଏବଂ ଡାଉନ୍ ଏବଂ ବ୍ରିଜ୍.ନଂ.୨୬୩ ଅପ୍ ଏବଂ ଡାଉନ୍‌ର ଡ୍ରୋନ୍ ଆଧାରିତ ଦୃଶ୍ୟ ନିରୀକ୍ଷଣ (ସାଧାରଣ) କାର୍ଯ୍ୟ ସମ୍ପାଦନ। ଟ.୩୪,୩୭,୨୬୪.୦୦; ଟ.୬୮,୮୦୦.୦୦; ତା.୦୪.୦୯.୨୦୨୫; ୬ ମାସ; ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ଟ.୦.୦୦ (କ୍ରମିକ.ନଂ. ୧ ଏବଂ ୨ ପାଇଁ); ବିଡିଂ ଆରମ୍ଭ ତାରିଖ: କ୍ରମିକ.ନଂ. ୧ ପାଇଁ ୧୪/୦୮/୨୦୨୫ ରୁ ଏବଂ ୨୮/୦୮/୨୦୨୫ ତାରିଖ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ। କ୍ରମିକ.ନଂ.୨ ପାଇଁ ୨୧/୦୮/୨୦୨୫ ରୁ ଏବଂ ୦୪/୦୯/୨୦୨୫ ତାରିଖ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡିଂକାରୀମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ।

(PR-518)

**जमशेदपुर अधिसूचित क्षेत्र समिति का कार्यालय, जमशेदपुर**
New Kalimati Road, Sakchi-831001,
E-mail ID-jnacjsr@gmail.com

पत्रांक–2267 दिनांक–12.08.2025

**–:शुद्धि पत्र:–**

जमशेदपुर अधिसूचित क्षेत्र समिति के द्वारा आमंत्रित ई0 निविदा आमंत्रण सूचना सं0–11/2025–26 जिसका PR No. 358964 Urban Development (25-26):D में अपरिहार्य तकनीकी कारणों से निम्नवत संशोधित किया जाता है :–

| क्र0 सं0 | विवरणी | पूर्व में प्रकाशित | संशोधित |
|---|---|---|---|
| 1 | Name of the work | Waste Water Management System Drains- Nimbhatta, Baridih Basti and Bihari Basti Under Jamshedpur Notified Area Committee Jamshedpur. (3rd Call) | |
| 2 | Estimated Cost (rs.) | Construction cost with operation & maintenance cost of one year total Rs. 7,32,09,964.00 | Construction cost :- ₹ 6,81,74,316.00 Operation & Maintenance cost :- ₹ 50,35,648.00 Total cost :- ₹ 7,32,09,964.00 |
| 5 (a) | Time of Completion | 1Year | 1 year including one month of trial run. |
| (b) | Defect Liability Period | 1Year | Defect liability period 1 years after satisfactory completion of project. |
| (c) | O&M Period | 1Year | 1 year after satisfactory completion of project. |
| 6 | Date/Time of publication of tender on website | 11.08.2025 at 05:00 Pm | 21.08.2025 at 05:00 Pm |
| 7 | Document downloading Start date | 11.08.2025 at 05:00 Pm | 21.08.2025 at 05:00 Pm |
| 8 | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall | 25.08.2025 at 03:00 Pm, JNAC Conference Hall |
| 9 | Bid Submission Start date | 18.08.2025 at 05:00 Pm | 28.08.2025 at 11:00 Am |
| 10 | Bid Submission end date | 25.08.2025 at 05:00 Pm | 08.09.2025 at 05:00 Pm |
| 11 | Bid Opening date | 26.08.2025 (Online) 03:00PM | 09.09.2025 (Online) 03:00PM |

शेष सभी नियम एवं शर्त्ते यथावत रहेगी।

उप नगर आयुक्त,
जमशेदपुर अधिसूचित क्षेत्र समिति, जमशेदपुर
PR 359494 Urban Development(25-26)#D

**झारखण्ड सरकार**
**कार्यपालक अभियंता का कार्यालय**
**लघु सिंचाई रूपांकण प्रमण्डल, दुमका शिविर देवघर**

**सूचना**

इस कार्यालय द्वारा आमंत्रित निविदा आमंत्रण सूचना संख्या– **W.R.D./M.I.D.D.D.C.DEOGHAR/F₂-02/2025-26 Dated :- 11/06/2025** जिसका Pr.No. 354759 Water Resource (25-26):D द्वारा विभिन्न सामाचार पत्रों में प्रकाशित किया गया था। उक्त निविदा को मुख्य अभियंता, लघु सिंचाई (जल संसाधन), दुमका के पत्रांक–482 दिनांक–07.08.25 एंव अधीक्षण अभियंता, लघु सिंचाई अंचल, देवघर के पत्रांक–126 दिनांक–21.07.25, पत्रांक–138 दिनांक–26.07.25 के आलोक में अपरिहार्य कारणों से रद्द किया जाता है।

कार्यपालक अभियंता
लघु सिंचाई रूपांकण प्रमण्डल,
दुमका शिविर देवघर
PR 359521 (Water Resource) 25-26 (D)

**झारखण्ड सरकार**
**कार्यपालक अभियंता का कार्यालय**
**लघु सिंचाई रूपांकण प्रमण्डल, दुमका शिविर देवघर**
**सूचना**

इस कार्यालय द्वारा आमंत्रित निविदा आमंत्रण सूचना संख्या– **W.R.D./M.I.D.D.D.C.DEOGHAR/F₂-01/2025-26 Dated :- 05/06/2025** जिसका Pr.No. 354290 Water Resource (25-26):D द्वारा विभिन्न सामाचार पत्रों में प्रकाशित किया गया था। उक्त निविदा को मुख्य अभियंता, लघु सिंचाई (जल संसाधन), दुमका के पत्रांक–468 दिनांक–28.07.25, पत्रांक–480 दिनांक– 06.08.25 एंव अधीक्षण अभियंता, लघु सिंचाई अंचल, देवघर के पत्रांक–124 दिनांक–16.07.25 के आलोक में अपरिहार्य कारणों से रद्द किया जाता है।

कार्यपालक अभियंता
लघु सिंचाई रूपांकण प्रमण्डल,
दुमका शिविर देवघर
PR 359517 Water Resource (25-26)D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, पाकुड़**

**ई– अल्पकालीन पुनर्निविदा आमंत्रण सूचना**

ई0–अल्पकालीन पुनर्निविदा संख्या :–02/RI/ 2024-25/RWD/EE/ PAKUR दिनांक–13.08.2025
**कार्य का विवरण– मुख्यमंत्री ग्राम सड़क योजना अन्तर्गत**
कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़ द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| कसं | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि/अवधि | टेंडर कॉल |
|---|---|---|---|---|---|---|
| 1 | RWD/ PAKUR/ 13/ 2024-25/RI | पी0डबलू0डी0 डूगरीटोला से बड़ा घघरी जतरा मंडप तक पथ निर्माण कार्य। (लं0–4.150 कि0मी0, प्रखंड– लिट्टीपाड़ा) | 4,19,68,300.00 | चार करोड उन्नीस लाख अड़सठ हजार तीन सौ मात्र | 18 माह | द्वितीय |

1. बेवसाईट में निविदा प्रकाशन की तिथि :– 19.08.2025
2. ई– निविदा प्राप्ति की अंतिम तिथि एवं समय :– 28.08.2025 अपराह्न 5:00 बजे।
3. निविदा खोलने की तिथि एवं समयः 30.08.2025 अपराह्न 3:30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, पाकुड़।

विस्तृत जानकारी के लिये बेबसाईट **jharkhandtenders.gov.in** में देखा जा सकता है।


कार्यपालक अभियंता
ग्रामीण कार्य विभाग, कार्य प्रमंडल,
पाकुड़
PR.NO.359533 Rural Work Department(25-26):D



ନୂଆଦିଲ୍ଲୀ: ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ୱାଇଏସଆର କଂଗ୍ରେସ ପାର୍ଟି ମୁଖ୍ୟ ଜଗନ ମୋହନ ରେଡ୍ଡୀ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ବିଷୟରେ ଏକ ବଡ଼ ଦାବି କରିଛନ୍ତି। ଜଗନ ମୋହନ ରେଡ୍ଡୀ କହିଛନ୍ତି ଯେ ଚନ୍ଦ୍ରବାବୁ ନାଇଡୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ମାଧ୍ୟମରେ ହଟଲାଇନ୍‌ରେ ରାହୁଲ ଗାନ୍ଧୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ସେ ଏହା ମଧ୍ୟ କହିଛନ୍ତି, 'ଯେତେବେଳେ ରାହୁଲ ଗାନ୍ଧୀ ଭୋଟ ଚୋରି ବିଷୟରେ କଥା ହୁଅନ୍ତି, ସେତେବେଳେ ସେ ଆନ୍ଧ୍ରପ୍ରଦେଶ ବିଷୟରେ କାହିଁକି ବିବୃତ୍ତି ଦିଅନ୍ତି ନାହିଁ, ଯେଉଁଠାରେ ଘୋଷିତ ଫଳାଫଳ ଏବଂ ଗଣତି ଦିନର ଫଳାଫଳ ମଧ୍ୟରେ ସର୍ବାଧିକ ୧୨.୫% ଭୋଟର ପାର୍ଥକ୍ୟ ଅଛି। ସେ ଅରବିନ୍ଦ କେଜ୍ରିୱାଲ ବିଷୟରେ କାହିଁକି କହୁନାହାଁନ୍ତି ଯେତେବେଳେ ଅରବିନ୍ଦ କେଜ୍ରିୱାଲ ନିଜେ ବିଧାୟକ ନିର୍ବାଚନ ହାରିଯାଇଛନ୍ତି।




କଟକରେ ବିଶ୍ୱବିଖ୍ୟାତ ଜୁଏଲର ଜୟଲୁକାସ'ର ନୂତନ ସୋ'ରୁମ୍ ଉଦ୍‌ଘାଟନ କରୁଛନ୍ତି ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ। ଉପସ୍ଥିତ ଅଛନ୍ତି କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ୱାର୍ଡ ନଂ ୨୫ର କର୍ପୋରେଟର ସଥ୍ୟରାମ ସାହୁ, ଅତିଥି ମାଳବିକା ଶର୍ମା, ସିନେ ଅଭିନେତ୍ରୀ ଅନିଶା ଶର୍ମା, ଜୟଲୁକାସର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଥୋମାସ ମାଥ୍ୟୁ, ସିଓଓ ହେନେରୀ ଜଜ, ଡିଜିଏମ୍ ରାଜେଶ କ୍ରିଷ୍ଣନ ଏବଂ ଡିଜିଏମ୍ ମାର୍କେଟିଂ ଅନିଶ ଭର୍ଗିଜ ଓ ଅନ୍ୟମାନେ।









# ବିକାଶର ଅଧୁରା ସ୍ୱପ୍ନ ପୂର୍ଣ୍ଣ ହେବ : ବିଷ୍ଣୁଦେବ




ରାୟପୁର: ବୁଧବାର ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଖୈରାଗଡ-ଛୁଇଁଖଦାନ-ଗଣ୍ଡଇ ଜିଲ୍ଲାର ପିପୋରିଆ ଗ୍ରାମରେ ଆୟୋଜିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଶ୍ରୀ ସାଏ କହିଥିଲେ ବିକାଶ କ୍ଷେତ୍ରରେ ଅଧୁରା ରହିଥିବା ସମସ୍ତ କାର୍ଯ୍ୟକୁ ଖୁବ୍ ଶୀଘ୍ର ପୂରଣ କରାଯିବ। ଏଥିପୂର୍ବରୁ ପୂର୍ବ ସରକାର ବିକାଶ ମୂଳକ କାର୍ଯ୍ୟ ନେଇ କୌଣସ ପଦକ୍ଷେପ ନେଇ ନଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ମୋଟ ୬୧୧.୨୧କୋଟିର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ୪୭୦.୯୮କୋଟି ଟଙ୍କା ବ୍ୟୟରେ ୭୧ଟି ପ୍ରକଳ୍ପର ଭୂମିପୂଜନ କରିଥିବା ବେଳେ ୧୪୦.୨୩କୋଟି ବ୍ୟୟରେ ନିର୍ମାଣ ହୋଇଥିବା ୫୩ଟି ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ ଏହି ଜିଲ୍ଲାର ଲୋକମାନେ ଏବେ ବିକାଶରଧାରାରେ ସାମିଲ ହୋଇପାରିବେ।










ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଗଞ୍ଜାମବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସୁବାଶୀଷ ଦାସ
ଯୁବ ସମାଜସେବୀ, ଗଞ୍ଜାମ ଏନ୍‌ଏସି

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଗଞ୍ଜାମବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସଂଗ୍ରାମ ତରାଇ
ପ୍ରୋପାଇଟର୍ ଅଫ୍ ପ୍ରୋସେସ୍ ଇନ୍‌ଫ୍ରାଟେକ୍, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଗଞ୍ଜାମବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଅସ୍ମିତ ପଣ୍ଡା
ଯୁବ ସମାଜସେବୀ ତଥା ପ୍ରୋପାଇଟର୍ ହେମନ୍ତ ମୋଟର୍ସ, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ନୁଆଗାଁ ବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଯୁବ ସମାଜସେବୀ ତଥା ଅଗଷ୍ଟୀ ନୁଆଗାଁ ସରପଞ୍ଚ ପ୍ରତିନିଧି, ଛତ୍ରପୁର

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଖରଡ଼ା ଗ୍ରାମପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଅଖିଳ ପାତ୍ର
ସରପଞ୍ଚ, ଖରଡ଼ା ଗ୍ରାମପଞ୍ଚାୟତ, କାଶୀନଗର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ କାଶୀନଗରବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ରାମଚନ୍ଦ୍ର ଦଳାଇ
ପ୍ରତିଷ୍ଠାତା ଏବଂ ସଭାପତି, ଜି.ବି କବି ଗୋପାଳକୃଷ୍ଣ କନିଷ୍ଠ ମହାବିଦ୍ୟାଳୟ, ଖରଡ଼ା ଗ୍ରାମପଞ୍ଚାୟତ, କାଶୀନଗର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ କାଶୀନଗରବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବି ଲକ୍ଷ୍ମୀ ଦଳାଇ
ସେକ୍ରେଟାରୀ, ଜି.ବି କବି ଗୋପାଳକୃଷ୍ଣ କନିଷ୍ଠ ମହାବିଦ୍ୟାଳୟ, ଖରଡ଼ା, କାଶୀନଗର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ବାଲସୀ ଗଞ୍ଜାମବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମାନସ ରଞ୍ଜନ ନାହାକ
ପୂର୍ବତନ ସରପଞ୍ଚ ତଥା ଗଞ୍ଜାମ ବ୍ଲକ୍ ବିଧାୟକ ପ୍ରତିନିଧି

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଗଞ୍ଜାମବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରତୀକ ରାଉଳ
ଯୁବ ସମାଜସେବୀ ତଥା ଗୋରକ୍ଷକ ପ୍ରମୁଖ ଗଞ୍ଜାମ ବିଶ୍ୱ ହିନ୍ଦୁ ପରିଷଦ, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଗଞ୍ଜାମବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମଦନ ମୋହନ ପାଢ଼ୀ
ଯୁବ ସଙ୍ଗଠକ ତଥା ଯୁବ ଉଦ୍ୟୋଗପତି, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ କଣମଣା ମଣ୍ଡଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବାଦଲ ବେହେରା
ବିଜେପି ମଣ୍ଡଳ ସଭାପତି, କଣମଣା, ଛତ୍ରପୁର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଏସ୍ ସଞ୍ଜୀବ କୁମାର ରେଡ୍ଡୀ
ସରପଞ୍ଚ, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ, ଛତ୍ରପୁର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଛତ୍ରପୁରବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପି ଧର୍ମା ରେଡ୍ଡୀ
ଆଇନଜୀବୀ, ଛତ୍ରପୁର

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ସିଆଳି ଗ୍ରାମପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ରାମକୃଷ୍ଣ ପଟ୍ଟନାୟକ
ସରପଞ୍ଚ ଏବଂ କଂଗ୍ରେସ ନେତା, ସିଆଳି ଗ୍ରାମପଞ୍ଚାୟତ, କାଶୀନଗର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଗଜପତି ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଜି ତିରୁପତି ଗାରୁ
ଜିଲ୍ଲା ପରିଷଦ ଚେୟାରମ୍ୟାନ, ଗଜପତି ଜିଲ୍ଲା

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ କାଶୀନଗର ବିଜ୍ଞାପିତ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଏମ୍ ସୁଧାରାଣୀ
ଅଧକ୍ଷା, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ବେଲଖଣ୍ଡି ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସୁଶାନ୍ତ ବାଗ
ସରପଞ୍ଚ, ବେଲଖଣ୍ଡି ଗ୍ରାମପଞ୍ଚାୟତ, କେସିଙ୍ଗା

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ତଥା ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।
ଗଜେନ୍ଦ୍ର ସାହୁ
ବରିଷ୍ଠ ସାମ୍ବାଦିକ ତଥା ଜୀବନବୀମା ଅଭିକର୍ତ୍ତା, କେସିଙ୍ଗା, କଳାହାଣ୍ଡି

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ହାତୀଖୋଜ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସୁନିତା କୁମାରୀ
ସରପଞ୍ଚ, ହାତୀଖୋଜ ଗ୍ରାମପଞ୍ଚାୟତ, କେସିଙ୍ଗା, କଳାହାଣ୍ଡି

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ବାଲସୀ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପଦ୍ମନାଭ ସାହୁ
ୱାର୍ଡ଼ମେମ୍ବର, ୱାର୍ଡ଼ ନଂ.୯, ବାଲସୀ ପଞ୍ଚାୟତ, କେସିଙ୍ଗା, କଳାହାଣ୍ଡି

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଲକ୍ଷ୍ମୀପୁର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଝୁଲି ନାହାକ
ସରପଞ୍ଚ, ଲକ୍ଷ୍ମୀପୁର ପଞ୍ଚାୟତ, ଛତ୍ରପୁର ବ୍ଲକ୍

ଶୁଭେଚ୍ଛା ବାର୍ତ୍ତା
'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଗଞ୍ଜାମବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଏନ୍ ଦୁର୍ଯ୍ୟୋଧନ ରେଡ୍ଡୀ
ପୂର୍ବତନ ସମିତି ସଭ୍ୟ ତଥା ଶ୍ରମିକ ନେତା ଓ ଯୁବ ସଙ୍ଗଠକ, ଛତ୍ରପୁର ନିର୍ବାଚନ ମଣ୍ଡଳୀ



ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପରେ ଭାରତୀୟ କ୍ରିକେଟ ଟିମର ଅଧିକାଂଶ ସଦସ୍ୟ ସ୍ୱଦେଶ ପ୍ରତ୍ୟାବର୍ତନ କରିଛନ୍ତି । ଭାରତୀୟ କ୍ରିକେଟ ଟିମର ଓପନର ଯଶସ୍ୱୀ ଜୈସୱାଲ କିନ୍ତୁ ଭାରତ ନ ଫେରି ଫ୍ରାନ୍ସ ବୁଲିବାକୁ ଯାଇଛନ୍ତି । ରିପୋର୍ଟ ମୁତାବକ ମ୍ୟାଡୀ ହେମଲିଟନଙ୍କ ସହ ଯଶସ୍ୱୀ ଫ୍ରାନ୍ସ ଯାଇଛନ୍ତି । ଯଶସ୍ୱୀ ତାଙ୍କ ସୋସିଆଲ ମିଡିଆ ଅକାଂଉଟରେ ଫ୍ରାନ୍ସ ଭ୍ରମଣର କେତେକ ଫଟୋ ଶେୟାର କରିଛନ୍ତି । ଅବଶ୍ୟ ଏହି ଫଟୋରେ ମ୍ୟାଡୀଙ୍କୁ ଦେଖିବାକୁ ମିଳି ନାହିଁ । ମ୍ୟାଡୀ ଓ ଯଶସ୍ୱୀ ଦୀର୍ଘ ଦିନ ହେବ ପରସ୍ପରକୁ ଡେଟ କରୁଛନ୍ତି । ପ୍ରାୟ ୩ ବର୍ଷ ହେବ ଉଭୟ ପରସ୍ପରର ନିକଟତର ହୋଇଛନ୍ତି । ଇଂଲଣ୍ଡରେ ବାସିନ୍ଦା ମ୍ୟାଡୀ ନ୍ୟୁଟ୍ରିଶନ ଏକ୍ସପର୍ଟ ଭାବେ କାର୍ଯ୍ୟ କରନ୍ତି । ମ୍ୟାଡୀଙ୍କ ଭାଇ ହେନେରୀ ଓ ଯଶସ୍ୱୀ ଭଲ ବନ୍ଧୁ । ୨୦୧୮ରେ ହେନେରୀ ପ୍ରଥମ ଥର ଯଶସ୍ୱୀଙ୍କ ସହ ଇନଷ୍ଟାଗ୍ରାମରେ ଫଟୋ ଶେୟାର କରିଥିଲେ । ସେବେଠାରୁ ଉଭୟଙ୍କ ବନ୍ଧୁତା ରହିଛି । ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଯଶସ୍ୱୀ ୧୦ଟି ଇନିଂସରେ ୪୧.୧୦ ଆଭରେଜରେ ୪୧୧ ରନ କରିଥିଲେ । ଏଥିରେ ୨ଟି ଶତକ ଓ ୨ଟି ଅର୍ଦ୍ଧଶତକ ସାମିଲ । ଟେଷ୍ଟ କ୍ରିକେଟରେ ଯଶସ୍ୱୀ ୬ଟି ଶତକ ମାରି ସାରିଛନ୍ତି ।

# ଭାରତ ଆୟୋଜନ କରିବ କମନ୍‌ୱେଲ୍‌ଥ ଗେମ୍



ନୂଆଦିଲ୍ଲୀ: ଭାରତ ପୁଣିଥରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ପ୍ରସ୍ତୁତ । ଭାରତୀୟ ଅଲିମ୍ପିକ୍ ସଂଘ ବୁଧବାର ଏନେଇ ଆନୁଷ୍ଠାନିକ ଭାବରେ ଅନୁମୋଦନ କରିଛି । ୨୦୨୩ରେ ଅହମ୍ମଦାବାଦରେ କମନୱେଲ୍ଥ ଗେମ୍ ଆୟୋଜନ କରିବା ପାଇଁ ଅଲିମ୍ପିକ୍ ସଂଘକୁ ପ୍ରସ୍ତାବ ପଠାଯାଇଥିଲା । ବର୍ତ୍ତମାନ ଭାରତକୁ ୩୧ ଅଗଷ୍ଟ ସୁଦ୍ଧା ଚୂଡ଼ାନ୍ତ ବିଡ୍ ପାଇଁ ପ୍ରସ୍ତାବ ଦାଖଲ କରିବାକୁ ପଡିବ । ଭାରତୀୟ ଅଲିମ୍ପିକ ସଂଘ ବୁଧବାର, ଅଗଷ୍ଟ ୧୩ ତାରିଖରେ ଭାରତକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଆନୁଷ୍ଠାନିକ ଭାବରେ ଅନୁମୋଦନ କରିଛି । ୨୦୨୩ରେ ଅହମଦାବାଦରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ପାଇଁ ଅଲିମ୍ପିକ ସଂଘକୁ ଏକ ପ୍ରସ୍ତାବ ପଠାଯାଇଥିଲା । ଏବେ ଭାରତକୁ ଅଗଷ୍ଟ ୩୧ ସୁଦ୍ଧା ଚୂଡ଼ାନ୍ତ ବିଡ ପାଇଁ ଏକ ପ୍ରସ୍ତାବ ଦାଖଲ କରିବାକୁ ପଡିବ । ଭାରତୀୟ ଅଲିମ୍ପିକ ସଂଘର ଯୁଗ୍ମ ସଚିବ କଲ୍ୟାଣ ଚୌବେ ସ୍ୱତନ୍ତ୍ର ସାଧାରଣ ବୈଠକରେ କହିଛନ୍ତି ଯେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ସର୍ବସମ୍ମତିକ୍ରମେ ଅନୁମୋଦନ ପାଇଛି । ଏବେ ଭାରତ ଏଥିପାଇଁ ପୂର୍ଣ୍ଣ ବଳରେ ପ୍ରସ୍ତୁତି କରିବ । ୨୦୩୦ରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗୁଜରାଟର ରାଜଧାନୀ ଅହମଦାବାଦରେ ଅନୁଷ୍ଠିତ ହେବ । ଭାରତ ସହିତ କାନାଡା ମଧ୍ୟ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଆବେଦନ କରିଥିଲା, କିନ୍ତୁ ଏହି ଦେଶ ବାଦ ପଡ଼ିବା ପରେ, ଭାରତର ନାମ ଏବେ ଅନୁମୋଦନ ପାଇଛି । କାର୍ଯ୍ୟକାରୀ ପରିଷଦ ସଦସ୍ୟ ରୋହିତ ରାଜପାଲ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ରେ ସେହି ସମସ୍ତ କ୍ରୀଡ଼ା ରଖାଯିବ, ଯେଉଁଥିରେ ଆମର ପଦକ ଜିତିବାର ସମ୍ଭାବନା ଅଧିକ । ରୋହିତ ରାଜପାଲ ଆହୁରି କହିଛନ୍ତି ଯେ ୨୦୨୬ ମସିହାରେ ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଥିରେ ହକି, କୁସ୍ତି, ବ୍ୟାଡମିଣ୍ଟନ ଏବଂ ସୁଟିଂକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ ଏବଂ ଏହା ପଛରେ କାରଣ ଦର୍ଶାଯାଇଛି ଯେ ଏଗୁଡ଼ିକର ମୂଲ୍ୟ ଅଧିକ । ରାଜପାଲ କହିଛନ୍ତି ଯେ ଏହି ପ୍ରତିଯୋଗିତାରେ ଖେଳଗୁଡ଼ିକୁ ତିନୋଟି ଗୋଷ୍ଠୀରେ ରଖାଯାଇଛି । ପ୍ରଥମତଃ, ସେହି ଖେଳଗୁଡ଼ିକ ଯାହା ସର୍ବଦା ଅନୁଷ୍ଠିତ ହୋଇଆସୁଛି । ଦ୍ୱିତୀୟତଃ, ଯେଉଁଗୁଡ଼ିକୁ ଆୟୋଜକ ଦେଶ ବାଛିପାରିବ । ତୃତୀୟଟି ଅତିରିକ୍ତ ଖେଳ, ଯେଉଁଥିରେ ପାରମ୍ପରିକ ଏବଂ ସ୍ୱଦେଶୀ ଖେଳ ଅନ୍ତର୍ଭୁକ୍ତ ହୋଇପାରିବ । ଭାରତ ୨୦୧୦ରେ ମଧ୍ୟ କମନୱେଲ୍ଥ ଗେମ୍ ଆୟୋଜନ କରିଥିଲା । ଏହି ଖେଳଗୁଡ଼ିକ ଦେଶର ରାଜଧାନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା । ଏବେ ୨୦ ବର୍ଷ ପରେ ଭାରତରେ ପୁଣି ଥରେ କମନୱେଲ୍ଥ ଗେମ୍ ଆୟୋଜନ ହେବାକୁ ଯାଉଛି । ଭାରତ ୨୦୧୨ ମସିହାରେ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା, ତା'ପରେ ଏହି ଖେଳଗୁଡ଼ିକ ଦେଶର ରାଜଧାନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା । ଏବେ ୨୦ ବର୍ଷ ପରେ, ଭାରତରେ ପୁଣି ଥରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ହେବାକୁ ଯାଉଛି ।

**ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ**

# ଦ୍ୱିତୀୟ ସ୍ଥାନରେ ରୋହିତ



ନୂଆଦିଲ୍ଲୀ: ଭାରତୀୟ ଦିନିକିଆ କ୍ରିକେଟ ଟିମର ଅଧିନାୟକ ରୋହିତ ଶର୍ମା ସଦ୍ୟ ପ୍ରକାଶିତ ଆଇସିସି ର୍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛନ୍ତି । ସେ ପାକିସ୍ତାନର ବାବର ଆଜମଙ୍କୁ ପଛରେ ପକାଇ ଦେଇଛନ୍ତି । ଭାରତୀୟ ଟେଷ୍ଟ ଟିମର ଅଧିନାୟକ ଶୁଭମନ ଗିଲ ଦିନିକିଆରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ପ୍ରଥମ ୫ଜଣ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ତୃତୀୟ ଭାରତୀୟ ଭାବେ ବିରାଟ କୋହଲି ୪ର୍ଥ ସ୍ଥାନରେ ରହିଛନ୍ତି । ରୋହିତଙ୍କ ରେଟିଂ ପଏଣ୍ଟ ୭୫୬ ଓ କୋହଲିଙ୍କ ୭୩୬ ରହିଛି । ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ପାକିସ୍ତାନର ବାବର ଭଲ ପ୍ରଦର୍ଶନ ନ କରିବା ଯୋଗୁ ରୋହିତ ଫାଇଦାରେ ରହିଥିଲେ । ଭାରତୀୟ ଟିମ ଅକ୍ଟୋବରରେ ଅଷ୍ଟ୍ରେଲିଆ ଗସ୍ତରେ ଯିବ । ଉଭୟ ଦେଶ ମଧ୍ୟରେ ୩ଟି ମ୍ୟାଚ ଖେଳାଯିବ । ଦିନିକିଆ ର୍ୟାଙ୍କିଙ୍ଗରେ ପ୍ରଥମ ୧୫ଜଣଙ୍କ ମଧ୍ୟରେ ଶ୍ରେୟାଶ ଆୟାର ଓ କେଏଲ ରାହୁଲ ମଧ୍ୟ ରହିଛନ୍ତି । ଶ୍ରେୟାଶ ୮ମ ଓ ରାହୁଲ ୧୫ତମ ସ୍ଥାନରେ ରହିଛନ୍ତି । ରୋହିତ ଓ କୋହଲି ଟେଷ୍ଟ ଏବଂ ଟି୨୦ରୁ ଅବସର ଘୋଷଣା କରି ସାରିଛନ୍ତି । ଏବେ କେବଳ ଦିନିକିଆ କ୍ରିକେଟରେ ଉଭୟ ଖେଳିବା ଜାରୀ ରଖିଛନ୍ତି । ଗିଲଙ୍କ ନେତୃତ୍ୱରେ ଭାରତୀୟ ଟେଷ୍ଟ ଟିମ ନିକଟରେ ଇଂଲଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ । ଏବେ କୋହଲି ଓ ରୋହିତଙ୍କ ଦିନିକିଆ କ୍ୟାରିୟର ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

**ଆଇସିସି ଟି୨୦ ର୍ୟାଙ୍କିଙ୍ଗ୍**

# ଅଭିଷେକ ଶର୍ମା ନମ୍ବର ୱାନ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳର ଖେଳାଳିମାନେ ର୍ୟାଙ୍କିଂ ଯୋଗୁଁ ଏବେ ଚର୍ଚ୍ଚାରେ ଅଛନ୍ତି । ଯଦି ଆମେ ଆଇସିସି ଟି୨୦ ରାଙ୍କିଂ ବିଷୟରେ କଥା ହେବା, ତେବେ ଅଭିଷେକ ଶର୍ମା ପୂର୍ବରୁ ଏକ ନମ୍ବରରେ ଆସିସାରିଛନ୍ତି । ଏବେ ତିଲକ ବର୍ମା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ତେବେ ତିଲକ ନିକଟ ଅତୀତରେ କୌଣସି ମ୍ୟାଚ୍ ଖେଳି ନାହାଁନ୍ତି । ସଦ୍ୟତମ ଆଇସିସି ରାଙ୍କିଙ୍ଗ ବିଷୟରେ କହିବାକୁ ଗଲେ, ଅଭିଷେକ ଶର୍ମା ନମ୍ବର ଏକରେ ଅଛନ୍ତି । ତାଙ୍କର ରେଟିଂ ୮୨୯ । ଏବେ ତିଲକ ବର୍ମା ଟ୍ରାଭିସ୍ ହେଡ୍‌ଙ୍କୁ ହଟାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ତିଲକ ବର୍ମାଙ୍କ ରେଟିଂ ୮୦୪ । ସେ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି । ଟ୍ରାଭିସ୍ ହେଡ୍ ଦ୍ୱିତୀୟ ସ୍ଥାନରୁ ଖସି ସିଧାସଳଖ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି । ଏବେ ଫିଲ୍ ସଲ୍ଟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଫିଲ୍ ସଲ୍ଟ ମଧ୍ୟ ଗୋଟିଏ ସ୍ଥାନ ବୃଦ୍ଧି ପାଇବା ଦେଖାଯାଉଛି । ତାଙ୍କର ରେଟିଂ ୭୯୧ । ଅଷ୍ଟ୍ରେଲିଆର ଓପନର୍ ଟ୍ରାଭିସ୍ ହେଡ୍ ଏଥର ଏକ ବଡ଼ କ୍ଷତି ସହିଛନ୍ତି । ସେ ଦୁଇଟି ସ୍ଥାନ ହରାଇ ସିଧାସଳଖ ଚତୁର୍ଥ ନମ୍ବରକୁ ଖସି ଯାଇଛନ୍ତି । ହେଡ୍ ?ଙ୍କ ରେଟିଂ ଏବେ ୭୮୨କୁ ଖସି ଆସିଛି । ପ୍ରକୃତରେ, ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ଟି୨୦ ଅନ୍ତର୍ଜାତୀୟ ସିରିଜରେ ହେଡ୍‌ଙ୍କ ବ୍ୟାଟ୍ ସମ୍ପୂର୍ଣ୍ଣ ନୀରବ ଅଛି, ଏଥିପାଇଁ ସେ କ୍ଷତି ସହୁଛନ୍ତି । ଜସ୍ ବଟଲର୍ ଏପର୍ଯ୍ୟନ୍ତ ପଞ୍ଚମ ସ୍ଥାନରେ ଅଛନ୍ତି । ତାଙ୍କର ରେଟିଂ ୭୭୨ । ସୂର୍ଯ୍ୟକୁମାର ଯାଦବ ୭୩୯ ରେଟିଂ ସହିତ ଷଷ୍ଠ ସ୍ଥାନରେ ରହିଛନ୍ତି । ଶ୍ରୀଲଙ୍କାର ପଥୁମ୍ ନିସାଙ୍କା ୭୩୬ ରେଟିଂ ସହିତ ସପ୍ତମ ସ୍ଥାନରେ ରହିଛନ୍ତି ଏବଂ ନ୍ୟୁଜିଲାଣ୍ଡର ଟିମ୍ ସିଫର୍ଟ ୭୨୫ ରେଟିଂ ସହିତ ୮ମ ସ୍ଥାନରେ ରହିଛନ୍ତି । ଜୋଶ୍ ଇଂଗଲିସ୍ ନବମ ସ୍ଥାନରେ ଅଛନ୍ତି । ଏହି ସମୟ ମଧ୍ୟରେ ଘଟିଥିବା ବଡ଼ ପରିବର୍ତ୍ତନ ହେଉଛି ଯେ ଟିମ୍ ଡେଭିଡ୍ ଏକ ଲମ୍ବା ଲମ୍ଫ ମାରିଛନ୍ତି । ସେ ବର୍ତ୍ତମାନ ସିଧାସଳଖ ଦଶମ ସ୍ଥାନରେ ପହଞ୍ଚିଛନ୍ତି । ତାଙ୍କ ରେଟିଂ ଏବେ ୬୮୦କୁ ବୃଦ୍ଧି ପାଇଛି । ଏହି କାରଣରୁ ଭାରତର ଯଶସ୍ୱୀ ଜୟସ୍ୱାଲ୍ ଏବେ ଶ୍ରେଷ୍ଠ ୧୦ ରୁ ବାହାରିଯାଇଛନ୍ତି ।

# ବିବାହ କରିବେ ସଚିନଙ୍କ ପୁଅ



ମୁମ୍ବାଇ: ଭାରତୀୟ କ୍ରିକେଟ୍‌ର ମହାନ ବ୍ୟାଟର ତଥା କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକରଙ୍କ ପୁଆ ଅର୍ଜୁନ ତେନ୍ଦୁଲକରଙ୍କ ନିର୍ବନ୍ଧ ଇତି ମଧ୍ୟରେ ସଂପନ୍ନ ହୋଇଯାଇଛି । ଅର୍ଜୁନଙ୍କ ନିର୍ବନ୍ଧ ସାନିଆ ଚଣ୍ଡୋକଙ୍କ ସହ ହୋଇଛି । ସାନିଆ ରବି ଘାଇଙ୍କ ନାତୁଣୀ । ଘାଇଙ୍କ ପରିବାର ମୁମ୍ବାଇର ଏକ ବଡ଼ ତଥା ପ୍ରସିଦ୍ଧ ବ୍ୟବସାୟୀ ପରିବାର । ତାଙ୍କ ପରିବାର ଇଣ୍ଟରକଣ୍ଟିନେଣ୍ଟାଲ ମେରାଇନ ଡ୍ରାଇଭ ହୋଟେଲ୍ ଓ ବ୍ରୁକଲିନ କ୍ରିମରୀ ଆଇସକ୍ରିମ ବ୍ରାଣ୍ଡର ମାଲିକ । ତେବେ ଏହାକୁ ନେଇ ସଚିନଙ୍କ ପରିବାର ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ । ଆଇପିଏଲ୍ ୨୦୨୫ ଅର୍ଜୁନ ତେନ୍ଦୁଲକରଙ୍କ ପାଇଁ ନିରାଶଜନକ ରହିଥିଲା । କାରଣ ପୂରା ଟୁର୍ଣ୍ଣାମେଣ୍ଟରେ ତାଙ୍କୁ ଗୋଟିଏ ହେଲେ ମ୍ୟାଚ୍‌ରେ ଖେଳିବାର ସୁଯୋଗ ମିଳି ନ ଥିଲା । ମୁମ୍ବାଇ ଇଣ୍ଡିଆନ୍ସ ମେଗା ନିଲାମରେ ତାଙ୍କୁ ୩୦ ଲକ୍ଷ ଟଙ୍କାରେ ନିଜ ଦଳରେ ସାମିଲ୍ କରିଥିଲା । ମାତ୍ର ଦଳ ପ୍ରବନ୍ଧକ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେଇ ନ ଥିଲେ । ଏହି କାରଣରୁ ପୂରା ସିଜନରେ ତାଙ୍କୁ ବେଞ୍ଚରେ ବସିବାକୁ ପଡ଼ିଥିଲା । ଅର୍ଜୁନ ତେନ୍ଦୁଲକର ଏ ପର୍ଯ୍ୟନ୍ତ ୧୭ଟି ପ୍ରଥମ ଶ୍ରେଣୀ, ୧୮ ଲିଷ୍ଟ-ଏ ଏବଂ ୨୪ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ପ୍ରଥମ ଶ୍ରେଣୀ କ୍ରିକେଟ୍ ?ରେ ଅର୍ଜୁନ ୩୩.୫୧ ହାରରେ ୩୭ ୱିକେଟ୍ ହାସଲ କରିଛନ୍ତି ଏବଂ ୨୩.୧୩ ହାରରେ ୫୩୨ ରନ ରହିଛି । ସେହିପରି ଲିଷ୍ଟ ଏ କ୍ରିକେଟ୍‌ରେ ଅର୍ଜୁନଙ୍କ ନାମରେ ୨୫ ୱିକେଟ୍ ଏବଂ ୧୦୨ ରନ କରିଛନ୍ତି । ଟି-୨୦ରେ ୨୫ ବର୍ଷୀୟ ଅର୍ଜୁନ ତେନ୍ଦୁଲକର ୨୫.୦୭ ହାରରେ ୨୭ ୱିକେଟ୍ ନେଇଛନ୍ତି । ଏହା ସହିତ ୧୩.୨୨ ହାରରେ ୧୧୯ ରନ କରିଛନ୍ତି । ଅର୍ଜୁନ ଘରୋଇ କ୍ରିକେଟ୍ ?ରେ ଗୋଆ ପକ୍ଷରୁ ଖେଳୁଛନ୍ତି । ଏହା ପୂର୍ବରୁ ସେ ମୁମ୍ବାଇ ପକ୍ଷରୁ ଖେଳୁଥିଲେ । ଅର୍ଜୁନ ଆଇପିଏଲ୍ ?ରେ ମୁମ୍ବାଇ ପାଇଁ ଏ ପର୍ଯ୍ୟନ୍ତ ୫ଟି ଖେଳି ୩ ୱିକେଟ୍ ନେଇଛନ୍ତି । ସଚିନ ୧୯୯୫ ମେ ୨୪ରେ ଅଞ୍ଜଳି ତେନ୍ଦୁଲକରଙ୍କୁ ବିବାହ କରିଥିଲେ । ଅଞ୍ଜଳି ଜଣେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଭାବେ କାମ କରି ସାରିଛନ୍ତି । ସଚିନ-ଅଞ୍ଜଳିଙ୍କ ଔରସରୁ ୧୯୯୭ ଅକ୍ଟୋବର ୧୨ରେ ଜନ୍ମଗ୍ରହଣ କରିଥିଲେ ସାରା ତେନ୍ଦୁଲକର । ପୁଣି ୧୯୯୯ ସେପ୍ଟେମ୍ବର ୨୪ରେ ଅର୍ଜୁନ ଜନ୍ମ ନେଇଥିଲେ ।


# ବ୍ରିଟିଶ ଚେସ୍ ଚାମ୍ପିଅନ୍‌ସିପ୍ : କନିଷ୍ଠ ଖେଳାଳି ଭାବେ ଇତିହାସ ରଚିଲେ ବୋଧନା ଶିଭନନ୍ଦନ

ମୁମ୍ବାଇ: ଭାରତୀୟ ବଂଶୋଦଭବ ୧୦ ବର୍ଷର ବ୍ରିଟିଶ ବାଳିକା ବୋଧନା ଶିଭନନ୍ଦନ ଗ୍ରାଣ୍ଡ ମାଷ୍ଟର ପିଟର ୱେଲସ୍‌ଙ୍କୁ ହରାଇ ଇତିହାସ ରଚିଛନ୍ତି । ଲିଭରପୁଲରେ ଅନୁଷ୍ଠିତ ବ୍ରିଟିଶ ଚେସ୍ ଚାମ୍ପିୟନସିପର ଶେଷ ରାଉଣ୍ଡରେ ସେ ଏହି ଚମତ୍କାର କରିଛନ୍ତି । କୌଣସି ଗ୍ରାଣ୍ଡ ମାଷ୍ଟରଙ୍କୁ ହରାଇବାରେ ସେ ସବୁଠୁ କମ ବୟଷ୍କା ବାଳିକା ପାଲଟିଛନ୍ତି । ବୋଧନା ୧୦ବର୍ଷ ୫ ମାସ ଓ ୩ ଦିନ ବୟସରେ ଏହି ରେକର୍ଡ କରିଥିବା ବେଳେ ୨୦୧୯ ମସିହାରେ ଆମେରିକାର କ୍ୟାରିସା ୟିପଙ୍କ ରେକର୍ଡ ଭାଙ୍ଗିଛନ୍ତି । କ୍ୟାରିସା ୧୦ବର୍ଷ ୧୧ ମାସ ବୟସରେ ପ୍ରଥମ ଥର କୌଣସି ଗ୍ରାଣ୍ଡ ମାଷ୍ଟରଙ୍କୁ ହରାଇବାର ରେକର୍ଡ ନିଜ ନାମରେ କରିଥିଲେ । ମହିଳା ଏଫଆଇଡିଇ ମାଷ୍ଟର ବୋଧନାଙ୍କ ମୂଳ ତାମିଲନାଡୁର ତ୍ରିଚିରେ ରହିଛି । ତାଙ୍କ ପିତା ଶିଭନନ୍ଦନ ବେଲାୟୁଥମ ଆଇଟି କ୍ଷେତ୍ରରେ କାର୍ଯ୍ୟରତ ଓ ୨୦୦୭ ମସିହାରେ ସେ ପରିବାର ସହ ବ୍ରିଟେନ ଚାଲିଯାଇଛନ୍ତି । ବୋଧନାଙ୍କ ଜନ୍ମ ଓ ଲାଳନ ପାଳନ ଲଣ୍ଡନରେ ହୋଇଛି । ସେ



ସ୍ୱଳ୍ପ ବୟସରେ ବ୍ରିଟିଶ ଚେସ୍‌ର ଆଇକନ ପାଲଟିଛନ୍ତି । ବୋଧନାଙ୍କୁ ଯେତେବେଳେ ୮ ବର୍ଷ ବୟସ ହୋଇଥିଲା ଅଗଷ୍ଟ ୨୦୨୩ରେ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ ବ୍ରିଟିଶ ଚେସ୍ ନିମନ୍ତେ ପ୍ୟାକେଜ ଘୋଷଣା କାଳରେ ତାଙ୍କୁ ୧୦ ଡାଉନିଂ ଷ୍ଟ୍ରିଟ୍‌କୁ ଆମନ୍ତ୍ରଣ କରିଥିଲେ । ଦେଖିବାକୁ ବେଶ୍ ଶାନ୍ତ ଶିଷ୍ଟ ବୋଧନା ମଥାରେ ଗୋଟିଏ ବିନ୍ଦି ଓ ବିଭୂତୀ ଲଗାଇ ଚେସ୍ ବୋର୍ଡରେ ବସନ୍ତି । ଖୁବ୍ ଅଳ୍ପ କଥା କହୁଥିବା ବୋଧନା ମାତ୍ର ଗୋଟିଏ ବାକ୍ୟରେ ତାଙ୍କର ଉତ୍ତର ରଖନ୍ତି । ସେ ପ୍ରାୟତଃ ଏକ ଗଦିବାଲା ଚେୟାରରେ ବସନ୍ତି ଯେପରି ତାଙ୍କ ହାତ ଚେସବୋର୍ଡର ଆରପଟକୁ ପାଇବ । ବୋଧନା ଏକ ସଂଯୋଗରେ ଚେସ୍ ଦୁନିଆକୁ ଆସିଛନ୍ତି । ସେ ମାତ୍ର ୫ ବର୍ଷ ବୟସରୁ ଚେସ୍ ଖେଳିବା ଆରମ୍ଭ କରିଦେଇଥିଲେ । ଘରେ ତାଙ୍କୁ ଗୋଟିଏ ଚେସ୍ ବୋର୍ଡ ମିଳିଯାଇଥିଲା । ସେଥିରେ ସେ ମିଛିମିଛିକା ଖେଳୁ ଖେଳୁ ସତ ସତିକା ଖେଳାଳି ପାଲଟି ଯାଇଛନ୍ତି । ତାଙ୍କ ମାତାପିତାଙ୍କ କହିବା କଥା ହେଲା ଆମେ ତାକୁ ଚେସ୍ ଖେଳାଇବାକୁ ଆମର କୌଣସି ଯୋଜନା ନଥିଲା । ହେଲେ ତାକୁ ଖେଳୁଥିବା ଦେଖି ଇଣ୍ଟରନେଟରୁ ପିତା ତା ପାଇଁ ଚେସ୍ ଡଟକମ ଡାଉନଲୋଡ କରିଦେଇଥିଲେ । ସେତେବେଳେ ସେ ବୋଧନାକୁ ଚେସ୍‌ର ଏକ ଫ୍ରି ସଂସ୍କରଣ ଦେଇଥିଲେ । ହେଲେ ବୋଧନା ଗତ କିଛି ବର୍ଷ ହେଲା ଚେସ୍ ରେ ମାଷ୍ଟର ହୋଇଯାଇଛନ୍ତି ଓ ଲଗାତାର ରେକର୍ଡ ଭାଙ୍ଗିବାରେ ଲାଗିଛନ୍ତି । ଏହି ବୟସରେ ବି ସେ ବିଶ୍ୱର ୩ ଜୁନିୟର ଟାଇଟଲ ନିଜ ନାମରେ କରିସାରିଲେଣି ।

# ସୁଶୀଲ କୁମାରଙ୍କ ଜାମିନ ରଦ୍ଦ



ନୂଆଦିଲ୍ଲୀ: ଅଲମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାରଙ୍କ ବିରୁଦ୍ଧରେ ମଲ୍ଲଯୋଦ୍ଧା ସାଗର ଧନକରଙ୍କୁ ହତ୍ୟା କରିବା ଅଭିଯୋଗରେ ମାମଲା ରୁଜୁ କରାଯାଇଥିଲା । ଯାହାକୁ ନେଇ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଜାମିନ ମଧ୍ୟ ପ୍ରଦାନ କରିଥିଲେ । କିନ୍ତୁ ବର୍ତ୍ତମାନ୍ ସୁପ୍ରିମକୋର୍ଟ ସୁଶୀଲ କୁମାରଙ୍କ ଜାମିନକୁ ବାତିଲ କରିବା ସହ ଏକ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ନେଇ ଅଭିଯୋଗକାରୀଙ୍କ ଓକିଲ କହିଛନ୍ତି ଯେ ପୀଡିତାଙ୍କ ପିତା ଅଶୋକ ଧନକରଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟର ସୁଶିଲଙ୍କ ଜାମିନ ଆଦେଶକୁ ବାତିଲ କରିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ ସୁଶିଲ କୁମାର ସମସ୍ତ ସରକାରୀ ସାକ୍ଷୀ ମାନଙ୍କ ସହ ହେରଫେର କରିଥିଲେ ଓ ଯେଉଁଥିପାଇଁ ସେମାନେ ସମସ୍ତେ ନିମ୍ନ ଅଦାଲତରେ ନିଜର ବୟାନ ପ୍ରତ୍ୟାହାର କରିଥିଲେ । ଏଥିସହିତ ତାଙ୍କୁ ଯେଉଁ ଜାମିନ ମିଳିଥିଲା ତାହା ମଧ୍ୟବର୍ତ୍ତୀକାଳୀନ ଜାମିନ ଥିଲା ଯାହାକି ଆଇନଗତ ନଥିଲା । ସୁଶୀଲ କୁମାରଙ୍କ ୪ ମଇ, ୨୦୨୧ରେ ଏକ ବିବାଦରେ ଦିଲ୍ଲୀର ଛତ୍ରସାଲ ଷ୍ଟାଡିୟମର ପାର୍କିଂ ସ୍ଥାନରେ ଜୁନିଅର ମଲ୍ଲଯୋଦ୍ଧା ସାଗର ଧନଖର ଏବଂ ତାଙ୍କ ବନ୍ଧୁମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ କରାଯାଇଥିଲା । ଏହି ଆକ୍ରମଣରେ ଆହତ ସାଗରଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିବା ବେଳେ ଚାରି ଜଣ ମଲ୍ଲଯୋଦ୍ଧା ମଧ୍ୟ ଆହତ ହୋଇଥିଲେ । ପରେ ଏହି ମାମଲାର ଏକ ଚାର୍ଜସିଟ୍ ଦାଖଲ କରି ପୋଲିସ ସୁଶୀଲ କୁମାରଙ୍କୁ ଗିରଫ କରିଥିଲା । ତେବେ ଚାର୍ଜସିଟରେ ୧୩ ଜଣ ଅଭିଯୁକ୍ତଙ୍କ ନାମ ମଧ୍ୟ ଦିଆଯାଇଥିଲା ।

# ଅଷ୍ଟ୍ରେଲିଆକୁ ୫୩ ରନ୍‌ରେ ହରାଇଲା ଦକ୍ଷିଣ ଆଫ୍ରିକା

ଡରୱିନ୍: ଦେୱାଲ୍ଡ ବ୍ରେଭିସ୍ ରେକର୍ଡଭରା ଶତକ ବଳରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ଘରୋଇ ଅଷ୍ଟ୍ରେଲିଆକୁ ହରାଇ ଦେଇଛି । ୫୩ ରନ୍‌ର ବିଜୟ ସହ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୧-୧ ସ୍ତରକୁ ଆଣିଛି । ବ୍ରେଭିସ୍ (୫୬ ବଲ୍‌ରୁ ୧୨୫, (୧୨ ଚୌକା, ୮ ଛକା)ଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍କୋର ଏବଂ ପ୍ରଥମ ଟ୍ୱେଣ୍ଟି-୨୦ ଶତକ ବଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୨୧୮/୭ କରିଥିଲା । ଦକ୍ଷିଣ ଆଫ୍ରିକା ୫୭/୩ରେ ସଂଘର୍ଷ କରୁଥିଲା ବେଳେ ବ୍ରେଭିସ୍ ଓ ଟ୍ରିଷ୍ଟନ ଷ୍ଟବ୍ସ (୩୧) ଚତୁର୍ଥ ୱିକେଟ୍‌ରେ ୧୨୬ ରନ୍ ଯୋଡ଼ି ଦଳକୁ ବଡ଼ ସ୍କୋର ଦିଗରେ ନେଇଥିଲେ । ଜବାବରେ ଅଷ୍ଟ୍ରେଲିଆ ୧୭.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୫ ରନ୍ କରିପାରିଥିଲା । ଟିମ୍ ଡେଭିଡ୍ ୨୪ ବଲ୍‌ରୁ ୫୦ ରନ୍ କରିଥିଲେ । ଦକ୍ଷିଣ ଆଫ୍ରିକାର କ୍ୱେନା ମାଫାକା ଓ କରବିନ୍ ବୋଚ୍ ୩ ଲେଖାଏଁ ୱିକେଟ୍ ନେଇଥିଲେ । ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ୨୨ ବର୍ଷୀୟ ବ୍ରେଭିସ୍ ନିଜର ଶତକୀୟ ପାଳି ମଧ୍ୟରେ ଅନେକ ନୂଆ ରେକର୍ଡ କରିଥିଲେ । ୪୧ ବଲ୍‌ରେ ଶତକ ଅର୍ଜନ କରିଥିବା ବ୍ରେଭିସ୍ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ଦକ୍ଷିଣ ଆଫ୍ରିକାର ସର୍ବୋଚ୍ଚ ସ୍କୋରର ହେବାରେ ଫାଫ୍ ଡୁ'ପ୍ଲେସିସ୍ ?(୧୧୯)ଙ୍କୁ ଟପିଥିଲେ । ଏଥିସହ ଅଷ୍ଟ୍ରେଲିଆ ମାଟିରେ ଟ୍ୱେଣ୍ଟି-୨୦ ଫର୍ମାଟ୍‌ରେ ମଧ୍ୟ ସର୍ବୋଚ୍ଚ ସ୍କୋରର ହେବାର ଗୌରବ ପାଇଥିଲେ ବ୍ରେଭିସ୍ । ତାଙ୍କ ପୂର୍ବରୁ ଏହି ରେକର୍ଡ ସେନ୍ ୱାଟସନ୍ (୧୨୪)ଙ୍କ ନାଁରେ ଥିଲା । ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ଶତକ ଅର୍ଜନ କରିବାରେ ସେ ଦକ୍ଷିଣ ଆଫ୍ରିକାର ସର୍ବକନିଷ୍ଠ ବ୍ୟାଟର ହୋଇଛନ୍ତି । ସେ ୨୨ ବର୍ଷ ୧୦୫ ଦିନ ବୟସରେ ଏହି ସଫଳତା ପାଇଥିଲେ । ତାଙ୍କ ପୂର୍ବରୁ ରିଚାର୍ଡ ଲେଭି ୨୪ ବର୍ଷ ୩୬ ଦିନ ବୟସରେ ଶତକ ଅର୍ଜନ କରିଥିଲେ । ସେ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବୋଚ୍ଚ ଟ୍ୱେଣ୍ଟି-୨୦ ରନ୍ କରିବାରେ ଭାରତୀୟ ବ୍ୟାଟର ଋତୁରାଜ ଗାଏକ୍ୱାଡ୍ (୧୨୩, ଗୁଆହାଟୀ, ୨୦୨୩)ଙ୍କୁ ପଛରେ ପକାଇଛନ୍ତି ।


## ଉଦ୍ୟାନ କୃଷି ବିଭାଗ, ମୟୂରଭଞ୍ଜ

ଉଦ୍ୟାନ କୃଷି ବିଭାଗ, ମୟୂରଭଞ୍ଜ ଅଧୀନରେ ଜାତୀୟ ଉଦ୍ୟାନ କୃଷି ମିଶନ, ଜାତୀୟ ତେଲ ତାଳ ମିଶନ, ନିର୍ଦ୍ଦିଷ୍ଟ ଉଦ୍ୟାନ ଭିତିକ ଫଳ ଚାଷ, ଇନପୁଟ ସହାୟତା ଆଦି ଯୋଜନାରେ ନୂତନ ଫଳ ବଗିଚା ସୃଷ୍ଟି କରାଯାଇ ପାରୁଅଛି । ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ସିଞ୍ଚନ ଓ ବୁନ୍ଦା ଜଳସେଚନର ବ୍ୟବସ୍ଥା ଅଛି । ରାଜ୍ୟ ଯୋଜନାରେ ମସଲା ଜାତୀୟ ଫସଲ (ଅଦା , ହଳଦୀ, ଲଙ୍କା, ଧନିଆ, ମେଥି, ଗୋଲମରିଚ ଚାଷ ସହ ଆଳୁ, ପିଆଜ ଓ ଶଙ୍କର ଜାତୀୟ ପନିପରିବା ଚାଷ ପାଇଁ ଆର୍ଥିକ ସହାୟତା ଦିଆଯାଉଅଛି । ଜଳ ବାୟୁ ସ୍ଥିର କୃଷି ପାଇଁ ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (OIIPCRA) ଯୋଜନା ମାଧ୍ୟମରେ ୪୦ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନସ୍ଥ ଉଭୟ କମାଣ୍ଡ ଏବଂ ଅଣ କମାଣ୍ଡ ପ୍ରକଳ୍ପ କ୍ଷେତ୍ରର ହିତାଧିକାରୀଙ୍କ ଜୀବିକା ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଅଛି । ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ ସ୍ତରରେ ଥିବା ଉଦ୍ୟାନ କର୍ମଚାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

ଉଦ୍ୟାନ ଉପ ନିର୍ଦ୍ଦେଶକ
ମୟୂରଭଞ୍ଜ


# ଇଡିରେ ହାଜର ହେଲେ ରାଇନା



ନୂଆଦିଲ୍ଲୀ : ଭାରତର ପୂର୍ବତନ କ୍ରିକେଟର ସୁରେଶ ରାଇନା ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହୋଇଛନ୍ତି । ତାଙ୍କୁ ବେଆଇନ ବେଟିଂ ଆପ୍ ସହ ଜଡ଼ିତ ଟଙ୍କା ହେରଫେର ମାମଲାରେ ପଚରାଉଚରା ପାଇଁ ଇଡି ପକ୍ଷରୁ ସମନ ଜାରି କରାଯାଇଥିଲା । ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନିର୍ଦ୍ଦିଷ୍ଟ ବିଜ୍ଞାପନ ମାଧ୍ୟମରେ ବେଟିଂ ଆପ୍ ୧ଏକ୍ସ ବେଟ୍ ସହିତ ତାଙ୍କର ଆର୍ଥିକ କାରବାର ସମ୍ପର୍କରେ ରାଇନାଙ୍କୁ ଇଡି ଅଧିକାରୀ ପଚରାଉଚରା କରୁଛନ୍ତି । ୨୦୨୨ରେ ଅବସର ଘୋଷଣା କରିଥିବା ରାଇନାଙ୍କ ସହ ପୂର୍ବତନ କ୍ରିକେଟର ହରଭଜନ ସିଂ, ଯୁବରାଜ ସିଂ, ଅଭିନେତା ସୋନୁ ସୁଦ୍, ଉର୍ବଶୀ ରାଉଟେଲାଙ୍କ ଭଳି ଅନେକ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର୍ ଉକ୍ତ ଆପ୍‌ର ବିଜ୍ଞାପନ କରିଥିଲେ ।


## ଉଦ୍ୟାନ କୃଷି ବିଭାଗ, ନବରଙ୍ଗପୁର

**ରାଜ୍ୟ ଯୋଜନା:**

୧) ଖରିଫ ପିଆଜ, ରବି ପିଆଜ : ହେକ୍ଟର ପ୍ରତି ଅନୁଦାନ ୫୮,୦୦୦/- ଟଙ୍କା, ୨) ଶଙ୍କର ଜାତୀୟ ପନିପରିବା ଚାଷ : ହେକ୍ଟର ପ୍ରତି ଅନୁଦାନ ୨୦,୦୦୦/- ଟଙ୍କା, ୩) ମେଥି ଚାଷ : ହେକ୍ଟର ପ୍ରତି ଅନୁଦାନ ୨୦,୦୦୦/- ଟଙ୍କା, ୪) ଲଙ୍କା ଚାଷ : ହେକ୍ଟର ପ୍ରତି ଅନୁଦାନ ୨୮,୦୦୦/- ଟଙ୍କା, ୫) ଧନିଆ ଚାଷ : ହେକ୍ଟର ପ୍ରତି ଅନୁଦାନ ୨୦,୦୦୦/- ଟଙ୍କା, ୬) ଅଦା ଚାଷ :ହେକ୍ଟର ପ୍ରତି ଅନୁଦାନ ୧,୪୪,୦୪୭/- ଟଙ୍କା, ୭) ହଳଦୀ ଚାଷ : ହେକ୍ଟର ପ୍ରତି ଅନୁଦାନ ୧,୪୭,୫୧୮/- ଟଙ୍କା, ୮) ଗୋଲମରିଚ ଚାଷ : ହେକ୍ଟର ପ୍ରତି ଅନୁଦାନ ୨୦,୦୦୦/- ଟଙ୍କା, ୯) ରବି ଆଳୁ ଚାଷ:ହେକ୍ଟର ପ୍ରତି ଅନୁଦାନ ୪୨,୭୧୮/- ଟଙ୍କା, ୧୦) ପ୍ଲାଷ୍ଟିକ କ୍ରେଟ : ଗୋଟି ୧ଟି ୪୫୦/- ଟଙ୍କା ରିହାତି

| କ୍ର. ସଂ | ଯୋଜନାର ନାମ | କାର୍ଯ୍ୟକାରୀ ହେଉଥିବା ଜିଲ୍ଲାର ନାମ | କାର୍ଯ୍ୟକ୍ରମ | ସହାୟତା ରାଶିର ପରିମାଣ | ଏକକ | ସହାୟତା ପ୍ରାପ୍ତି ନିମନ୍ତେ ଯୋଗାଯୋଗ |
|---|---|---|---|---|---|---|
| ୧୫ | କୃଷିରେ ମହିଳାମାନଙ୍କର ସଶକ୍ତିକରଣ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ଉଦ୍ୟୋଗରେ ପ୍ରୋତ୍ସାହନ | | | | | |
| | ଛତୁ ଚାଷ ମିଶନ | ସମସ୍ତ ୩୦ ଗୋଟି ଜିଲ୍ଲା | ପାଳ ଛତୁ, ଧିଙ୍ଗିରି ଛତୁରେ କ୍ଷେତ୍ର ବିସ୍ତାର (୧୫୦ ବେଡ଼) | ୭୦୦୦/- | ୮୦୦୦/- | ନିକଟସ୍ଥ ଉଦ୍ୟାନକୃଷି କାର୍ଯ୍ୟାଳୟ |
| | | | ଛତୁ ଉତ୍ପାଦନ ୟୁନିଟ୍ | ୭୦୦୦୦/- | ୮୦୦୦୦/- | |
| | | | ଛତୁ ବିହନ ଉତ୍ପାଦନ ୟୁନିଟ୍ | ୧୦୫୦୦୦୦/- | ୧୨୦୦୦୦୦/- | |
| | | | ବଟନ୍ ଛତୁ ଉତ୍ପାଦନ ୟୁନିଟ୍ | ୨୧୦୦୦୦୦୦/- | ୨୪୦୦୦୦୦/- | |
| | | | ଛତୁ ସଂରକ୍ଷଣ ୟୁନିଟ୍ | ୨୦୦୦୦୦/- | ୨୫୦୦୦୦/- | |
| | ଫୁଲ ଚାଷ ମିଶନ | ସମସ୍ତ ୩୦ ଗୋଟି ଜିଲ୍ଲା | ଝରା ଫୁଲରେ କ୍ଷେତ୍ର ବିସ୍ତାର | ୨୮୦୦୦/- | ୩୨୦୦୦/- | |
| | | | କଟା ଫୁଲରେ କ୍ଷେତ୍ର ବିସ୍ତାର | ୭୦୦୦୦/- | ୭୦୦୦୦/- | |
| | | | ବଲ୍‌ବ୍ ଫୁଲରେ କ୍ଷେତ୍ର ବିସ୍ତାର | ୧୦୫୦୦୦/- | ୧୨୦୦୦୦/- | |
| ୬ | ଜଳବାୟୁ ସ୍ଥିର କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (OIIPCRA) | ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଭଦ୍ରକ, ଗଞ୍ଜାମ, ଗଜପତି, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା ଏବଂ ସୁବର୍ଣ୍ଣପୁର | ସଙ୍କର ଜାତୀୟ ପନିପରିବା ଚାଷ | ୯୫% | ହେକ୍ଟର | ନିକଟସ୍ଥ ଉଦ୍ୟାନକୃଷି କାର୍ଯ୍ୟାଳୟ |
| | | | ଛତୁଚାଷ | ୯୫% | ୟୁନିଟ୍ | |
| | | | ଜିଆ ଖତ ଖୁଣ୍ଡ | ୯୫% | ୟୁନିଟ୍ | |
| | | | ପ୍ୟାକିଂ ଗୃହ | ୯୫% | ୟୁନିଟ୍ | |
| ୧୨ | ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନ (PMKSY) | ସମସ୍ତ ୩୦ ଗୋଟି ଜିଲ୍ଲା | ୧) ୬୦ ରୁ ୮୦ ଭାଗ ରିହାତିରେ ବୁନ୍ଦା ଜଳସେଚନ ୨) ୬୦ ରୁ ୮୦ ଭାଗ ରିହାତିରେ ସିଞ୍ଚନ ଜଳସେଚନ ବ୍ୟବସ୍ଥା | ସର୍ବାଧିକ ୫ ହେକ୍ଟର | ହେକ୍ଟର | ନିକଟସ୍ଥ ଉଦ୍ୟାନକୃଷି କାର୍ଯ୍ୟାଳୟ |



## ଉଦ୍ୟାନକୃଷି ବିଭାଗ, ମାଲକାନଗିରି
## ଉଦ୍ୟାନକୃଷି କାର୍ଯ୍ୟକ୍ରମ

ଉଦ୍ୟାନ କୃଷି ବିଭାଗ ତରଫରୁ ଚାଷୀଙ୍କ ପାଇଁ ଅନେକ ପ୍ରକାର ସୁବିଧା ସୁଯୋଗ ରହିଛି । ଯଥା MIDH, STATE PLAN, , PDMC, NMEO-OP, ଏହାଛଡା ନୂତନ ଭାବରେ ୨୦୨୨-୨୩ ବର୍ଷଠାରୁ ରାଜ୍ୟ ଯୋଜନାରେ ଛତୁ ମିଶନ, ଫୁଲ ମିଶନ, ମସଲା ମିଶନ, ଅମଳ ପରବର୍ତ୍ତୀ ଯନ୍ତ୍ର ଇତ୍ୟାଦି । ଏହାର ସବିଶେଷ ବିବରଣୀ ନିମ୍ନରେ ଦିଆଗଲା ।

୧. ସାଧାରଣ ଦୂରତା ବିଶିଷ୍ଟ ଆମ୍ବଚାଷ - ୨ ବର୍ଷରେ ହେକ୍ଟର ପ୍ରତି ସର୍ବାଧିକ ରିହାତି ୬୨,୫୦୦ /- ଟଙ୍କା ।
୨. ଶଙ୍କର ଜାତୀୟ ଅମୃତଭଣ୍ଡା ଚାଷ - ୨ ବର୍ଷରେ ହେକ୍ଟର ପ୍ରତି ସର୍ବାଧିକ ରିହାତି ୩୭,୫୦୦ /- ଟଙ୍କା ।
୩. ଟିସୁକଲଚର କଦଳୀ ଚାଷ - ୨ ବର୍ଷରେ ହେକ୍ଟର ପ୍ରତି ସର୍ବାଧିକ ରିହାତି ୮୭୫୦୦ / ଟଙ୍କା
୪. ଝୁରା ଫୁଲ ଚାଷ – କ୍ଷୁଦ୍ର ଓ ନାମମାତ୍ର ଏବଂ ବଡ଼ଚାଷୀଙ୍କ ପାଇଁ ଏକ ବର୍ଷରେ ହେକ୍ଟର ପ୍ରତି ସର୍ବାଧିକ ରିହାତି ୨୫୦୦୦/- ଟଙ୍କା
୫. ଶଙ୍କର ଜାତୀୟ ପରିବା ଚାଷ - ହେକ୍ଟର ପ୍ରତି ଏକ ବର୍ଷରେ ସର୍ବାଧିକ ରିହାତି ୩୦୦୦୦/- ଟଙ୍କା ।
୬. ବଗିଚା ଭିତରେ (୯*୬) ବର୍ଗ ମି ଫଳ, ଫୁଲ ଓ ପନିପରିବା ପ୍ୟାକି' ଗୃହ (Farm Gate Pack House) ନିର୍ମାଣ - ପାଇଁ ସର୍ବାଧିକ ରିହାତି ୭୫୦୦୦୦/- ଟଙ୍କା
୭. ରାଜ୍ୟ ମଧ୍ୟରେ ଶିକ୍ଷାମୂଳକ ପ୍ରଶିକ୍ଷଣ - ଚାଷୀଙ୍କ ପ୍ରତି ଟ୧୦୦୦/-ଙ୍କା ।
୮. ରାଜ୍ୟ ବାହାରେ ଶିକ୍ଷାମୂଳକ ଭ୍ରମଣ ଓ ପ୍ରଶିକ୍ଷଣ - ଚାଷୀଙ୍କ ପ୍ରତି ଟ୫, ୦୦୦/-ଙ୍କା ।
୯. ବାଉଁଶ ଛାୟାଗୃହ - ବର୍ଗ ମି ପ୍ରତି ରିହାତି ୨୫୮.୭୫ /- ଟଙ୍କା ହିତାଧିକାରୀଙ୍କ ପ୍ରତି ସର୍ବାଧିକ ୨୦୦ ବର୍ଗ ମିଟର ।
୧୦. ଶୀତଳିକରଣଗୃହ - ସୋଲାର (ଅନୁସୂଚୀତ ଅଞ୍ଚଳ ନିମନ୍ତେ -୧୦୦୦୦୦୦/- ଟଙ୍କାର ରିହାତି ।
୧୧. ଜିଆକୁଣ୍ଡ ହିତାଧିକାରୀ ଙ୍କ ପ୍ରତି - ଟ ୫୦,୦୦୦ଙ୍କା ।
୧୨. ଛତୁ ଉତ୍ପାଦନ କେନ୍ଦ୍ର - ପ୍ରତି ୨୦୦ବର୍ଗ ଫୁଟ ପାଇଁ ସର୍ବାଧିକ – ୧୦୦୦୦୦ /- ଟଙ୍କା ରିହାତି ।
୧୩. PDMC ଯୋଜନାରେ ଅଣୁଜଳସେଚନ ପ୍ରଣାଳୀ ପାଇଁ ସାଧାରଣ ବର୍ଗ (୬୦%), କ୍ଷୁଦ୍ର ଓ ନାମମାତ୍ର ଚାଷୀ (୭୦%) ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଚାଷୀଙ୍କ ପାଇଁ (୮୦%) ରିହାତି ର ବ୍ୟବସ୍ଥା ।
୧୪. ରାଜ୍ୟ ଯୋଜନାରେ କମଳା, ଅମୃତଭଣ୍ଡା, କଦଳୀ, ଷ୍ଟ୍ରୋବେରୀ,ପନିପରିବା ପ୍ରଭୃତି ଚାଷ ପାଇଁ ସହାୟତା କରାଯାଏ ।
୧୫. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY) ମାଧ୍ୟମରେ ଉଦ୍ୟାନ କୃଷି ଭିତ୍ତିକ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସାଧାରଣ ବର୍ଗ ପୁରୁଖା ହିତାଧିକାରିଙ୍କୁ ୪୦% ଏବଂ ମହିଳା ଅନୁସୂଚିତ ଜାତି ଏବଂ ଜନଜାତି ତଥା ଭିନ୍ନକ୍ଷମ ମାନଙ୍କ ପାଇଁ ୫୦% ସ୍ଥାୟୀ ପୁଞ୍ଜି । (Capital Investment) ଉପରେ ରିହାତି ପ୍ରଦାନ କରାଯାଇଥାଏ, ଯାହାର ପରିମାଣ ପରିବାର ପ୍ରତି ସର୍ବାଧିକ ଟ୫୦, ୦୦,୦୦୦ ।
୧୬. ଛତୁ ମିଶନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଛତୁ ଚାଶ ନିମନ୍ତେ ୪୦% ସହାୟତା ।
୧୭. ମସାଲା ମିଶନରେ ଲଙ୍କା, ଧନିଆ,ଅଦା, ହଳଦୀ ଚାଷ କଲେ ମଧ୍ୟ ସର୍ବାଧିକ ୪୦% ସହାୟତା ।

ବି.ଦ୍ର ଅଧିକ ବିବରଣୀ ପାଇଁ ନିକଟସ୍ଥ ଉଦ୍ୟାନକୃଷି କର୍ମଚାରୀଙ୍କ ସହିତ ଯୋଗଯୋଗ କରନ୍ତୁ ।

ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ , ବିଭାଗ
ମାଲକାନାଗିରି



ତ୍ୱଚା ପାଇଁ ଆଜିକାଲିକା ସମୟରେ ଲୋକେ ହଜାର ହଜାର ଟଙ୍କା ବ୍ୟୟ କରୁଛନ୍ତି। ତା'ସତ୍ତ୍ୱେ ବି ଅଧିକାଂଶ ଜିନିଷର କୌଣସି ସୁଫଳ ମିଳୁନାହିଁ। ତ୍ୱଚାରେ କୌଣସି ବି ପରିବର୍ତ୍ତନ ଦେଖିବାକୁ ମିଳିନଥାଏ। ହେଲେ ଏଭଳି ଏକ ସାଧାରଣ ଜିନିଷ ଅଛି, ଯାହା ତ୍ୱଚା ପାଇଁ ଖୁବ୍ ଭଲ। ତାହା ହେଉଛି ନଡ଼ିଆ ତେଲ। ନଡ଼ିଆ ଏକ ଏପରି ଫଳ ଯାହାର ଅନେକ ସୁଫଳ ଅଛି। ନଡ଼ିଆ ଖାଇବା ଯେପରି ଭଲ ତାହା ପାଣି ମଧ୍ୟ ପେଟ ପାଇଁ ଖୁବ୍ ଭଲ। ତା'ଠାରୁ ଆହୁରି ଭଲ ନଡ଼ିଆ ତେଲ। ତ୍ୱଚା ଓ କେଶ ପାଇଁ ଏହା ଔଷଧ ପରି। ନଡ଼ିଆରେ ଭିଟାମିନ୍-ସି, ଭିଟାମିନ୍-ଇ ଏବଂ ଭିଟାମିନ୍-ବି ରହିଛି। ପଟାସିୟମ୍, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଆଇରନ୍, ଜିଙ୍କ୍, କପର, ମ୍ୟାଗାନିଜ୍ ଏବଂ ସେଲେନିୟନ୍ ପରି ପୋଷକ ତତ୍ତ୍ୱ ରହିଛି। ସେଥିପାଇଁ ନଡ଼ିଆ ଓ ନଡ଼ିଆ ପାଣି ପରି ତାହା ତେଲକୁ ଶରୀର ପାଇଁ ଖୁବ୍ ଉପକାରୀ। ନଡ଼ିଆ ତେଲ ଆପଣଙ୍କ ଚେହେରା ପାଇଁ କୌଣସି ବରଦାନ ଠୁ କମ୍ ନୁହେଁ। ଏହା ଚେହେରାର ଚମକ ଆଣିବା ସହ ମୁହଁରେ ଥିବା ବ୍ରଣ ଦାଗକୁ ସଫା କରିବାରେ ସହାୟକ ହୋଇଥାଏ। ନଡ଼ିଆ ତେଲରେ ଭିଟାମିନ୍ ଓ ଏବଂ ଆଣ୍ଟି ଅକ୍ସିଡାଣ୍ଟ୍ ରହିଛି। ଯାହା ଦାଗ ଛଡ଼ାଇବାରେ ସାହାଯ୍ୟ କରେ। ଏହା ତ୍ୱଚାକୁ ଟାଇଟ୍ ମଧ୍ୟ କରେ। ଯୁବା ଦିଶିବାକୁ ଚାହୁଁଥିଲେ ବି ଆପଣ ଏହାକୁ ବ୍ୟବହାର କରିପାରନ୍ତି।

## ରାତିରେ ଏସବୁ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ

ଖାଦ୍ୟ ସମସ୍ତଙ୍କ ଜୀବନର ଆଧାର। ହେଲେ ଜାଣନ୍ତି କି, ଯେକୌଣସି ଖାଦ୍ୟ ପ୍ରତ୍ୟେକ ସମୟରେ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ। କାରଣ ଏମିତି କିଛି ଖାଦ୍ୟ ରହିଛି, ଯାହାକୁ ରାତିରେ ଖାଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ରାତି ଭୋଜନରେ ତେଲ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ସହଜରେ ଖାଦ୍ୟ ହଜମ ହୋଇ ପାରିନଥାଏ। ଯଦ୍ୱାରା ଏସିଡିଟି, ଗ୍ୟାସ୍ ଓ ଛାତି ପୋଡ଼ିବା ଭଳି ସମସ୍ୟା ଉପୁଜିଥାଏ। ଏଣୁ ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଏଭଳି ଖାଦ୍ୟ ରାତିରେ ଆଦୌ ଖାଆନ୍ତୁ ନାହିଁ ଏବଂ ଅନ୍ୟ ସମୟରେ ମଧ୍ୟ କମ୍ ଖାଆନ୍ତୁ। ଏହା ବଦଳରେ ଆପଣ ଅଳ୍ପ ତେଲ ମସଲାଯୁକ୍ତ ସୁଷମ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର। ସେହିପରି ରାତିରେ କଦଳୀ ଖାଇବାକୁ ଅନେକେ ଭଲପାଆନ୍ତି। ଏଥିରେ ଅନେକ ପୋଷକତତ୍ତ୍ୱ ମଧ୍ୟ ଭରି ରହିଛି। ହେଲେ ଏହାକୁ ରାତିରେ ଖାଇଲେ ହଜମ ହେବାରେ କଷ୍ଟ ହୋଇଥାଏ। ତା'ଛଡ଼ା ଏହାଦ୍ୱାରା ଛାତିରେ କଫ ଜମା ହେବାର ବି ଆଶଙ୍କା ଥାଏ। ସକାଳୁ ଉଠିଲେ ଓ ଶୋଇବା ପୂର୍ବରୁ ଚା' କିମ୍ବା କଫି ପିଇବାର ଅନେକଙ୍କର ଅଭ୍ୟାସ ରହିଛି। ହେଲେ ଏକ ଗବେଷଣା ଅନୁଯାୟୀ, ରାତିରେ ଏକ କପ୍ ଷ୍ଟ୍ରଙ୍ଗ୍ କଫି ପିଇବା ଦ୍ୱାରା ଏଥିରେ ଥିବା କ୍ୟାଫିନ୍ ଯୋଗୁଁ ୨ ଘଣ୍ଟାର ନିଦ ନଷ୍ଟ ହୋଇଥାଏ। ତେଣୁ ଭଲ ନିଦ୍ରା ପାଇଁ ରାତିରେ ଏସବୁ ପିଇବା ଆଦୌ ହିତକର ନୁହେଁ। ଖାଇ ସାରିବା ପରେ କିଛି ମିଠା କିମ୍ବା ଚକୋଲେଟ୍ ଖାଇବାକୁ ବହୁତ ଲୋକ ପସନ୍ଦ କରନ୍ତି। ହେଲେ ରାତିରେ ଚକୋଲେଟ୍ ଏବଂ ମିଠା ଖାଇବା ଦ୍ୱାରା ଏଥିରେ ଅଧିକ ମାତ୍ରାରେ ଥିବା ଚିନି ବା ସୁଗାର ମଣିଷ ଠାରେ ମେଦବହୁଳତା ସମସ୍ୟା ସୃଷ୍ଟି କରିଥାଏ।



## ଜବତ ହେଲା ଅକ୍ଷୟଙ୍କ କାର୍

ଜବତ ହେଲା ବଲିଉଡର ଖିଲାଡି କୁମାର ଅକ୍ଷୟଙ୍କ ଦାମୀ ଗାଡ଼ି। ମଙ୍ଗଳବାର ଦିନ ବଲିଉଡ୍ ଷ୍ଟାର ଅକ୍ଷୟ କୁମାରଙ୍କ ଗାଡ଼ିକୁ ଜମ୍ମୁ ଟ୍ରାଫିକ୍ ଅଧିକାରୀମାନେ ଜବତ କରିଥିବା ଜଣାଯାଇଛି। ଆଇନଗତ ସୀମା ଉଲ୍ଲଂଘନ କରିବା ପାଇଁ ତାଙ୍କ କାର୍‌କୁ ଜବତ କରାଯାଇଛି। ଏକ ସାର୍ବଜନୀନ କାର୍ଯ୍ୟକ୍ରମ ପାଇଁ ବ୍ୟବହୃତ ତାଙ୍କ କାର୍‌ରେ ମୋଟରଯାନ ଆଇନର ନିୟମ ଅନୁଯାୟୀ ନିର୍ଦ୍ଧାରିତ ସୀମାଠାରୁ ଅଧିକ କଳା କାଚ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାଯାଇଛି। ସୂଚନା ମୁତାବକ, ଜମ୍ମୁରେ କାର୍ଯ୍ୟକ୍ରମ ପରେ ଅକ୍ଷୟ କୁମାରଙ୍କୁ ଏକ ଏସ୍‌ୟୁଭିରେ ଜମ୍ମୁ ବିମାନବନ୍ଦରକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ମୁମ୍ବାଇ ଯିବାର ଥିଲା। ବିମାନବନ୍ଦରରେ ଅକ୍ଷୟଙ୍କୁ ଛାଡ଼ିବା ପରେ କାର୍ ଫେରୁଥିବା ବେଳେ ପୁଲିସ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଡୋଗରା ଚୌକରେ କାର୍‌କୁ ଅଟକାଇଥିଲା ଏବଂ ଏହାକୁ ଜବତ କରିଥିଲା। ତେବେ ଏହି ଘଟଣାକୁ ନେଇ ଅକ୍ଷୟ କୁମାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଆସିନାହିଁ। ଏହି ସମ୍ପର୍କରେ ଜମ୍ମୁ ସହରର ଏସ୍‌ଏସ୍‌ପି ଟ୍ରାଫିକ୍ ଫାରୁକ କୈସର କହିଛନ୍ତି, 'ଆଇନ ସମସ୍ତଙ୍କ ପାଇଁ ସମାନ। ଆମର ନିୟମିତ ନାକାବନ୍ଦୀ ସମୟରେ, କାର୍‌ରେ ନିର୍ଦ୍ଧାରିତ ସୀମାଠାରୁ ଅଧିକ କଳା କାଚ ଥିବା ଜଣାପଡ଼ିଥିଲା। ଗାଡିଟିକୁ ଜବତ କରାଯାଇଛି ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।' ଦେଶରେ ଗାଡିରେ କଳାକାଚ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ନୁହେଁ। କିନ୍ତୁ ମାନଦଣ୍ଡ ସ୍ଥିର କରାଯାଇଛି, ଯାହା ଅନୁଯାୟୀ ଯେକୌଣସି ଗାଡିର ଆଗ ଏବଂ ପଛ କାଚର ଦୃଶ୍ୟମାନତା ସର୍ବନିମ୍ନ ୭୦% ରହିବା ଉଚିତ। ଯେତେବେଳେ ପାର୍ଶ୍ୱ କାଚ ପାଇଁ, ଏହି ନିୟମ ୫୦% ରହିଛି।



## ବିଶ୍ୱର ଟପ୍-୧୦ ସୁନ୍ଦରୀରେ କ୍ରୀତି


ବିଶ୍ୱର ୧୦ ସୁନ୍ଦରୀ ଅଭିନେତ୍ରୀଙ୍କ ତାଲିକା ପ୍ରକାଶ କଲା ଆଇଏମ୍‌ଡିବି। ଏଥିରେ ପ୍ରତ୍ୟେକ ଦେଶର ଜଣେ ପ୍ରସିଦ୍ଧ ଅଭିନେତ୍ରୀ ସ୍ଥାନ ପାଇଛନ୍ତି। ଯିଏକି କେବଳ ସୁନ୍ଦର ନୁହଁନ୍ତି ବରଂ ତାଙ୍କ କ୍ୟାରିଅରରେ ମଧ୍ୟ ଭଲ ପ୍ରଦର୍ଶନ କରୁଛନ୍ତି। ଆସନ୍ତୁ ଜାଣିବା ଏହି ଲିଷ୍ଟରେ ଭାରତର କେଉଁ ଅଭିନେତ୍ରୀଙ୍କ ନାମ ରହିଛି। ଏହି ତାଲିକାରେ ଭାରତରୁ କେବଳ ଜଣେ ବଲିଉଡ୍ ଅଭିନେତ୍ରୀ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ନାଁ ହେଉଛି କ୍ରୀତି ସାନନ୍। ଏହି ତାଲିକାରେ କ୍ରୀତିଙ୍କ ନାଁ ଚତୁର୍ଥ ସ୍ଥାନରେ ଅଛି। ନିକଟରେ କ୍ରୀତି ସାନନ୍ କମେଡି-ଡ୍ରାମା ଫିଲ୍ମ 'ମିମି'ରେ ସରୋଗେଟ୍ ମଦର ଭୂମିକାରେ ନଜର ଆସିଥିଲେ। ସେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବେଷ୍ଟ ଅଭିନେତ୍ରୀର ନ୍ୟାସନାଲ୍ ଆୱାର୍ଡ ପାଇଛନ୍ତି। ଏହି ଲିଷ୍ଟରେ ପାକିସ୍ତାନୀ ଅଭିନେତ୍ରୀ ହାନିଆ ଆମିରଙ୍କ ନାଁ ସାମିଲ ରହିଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି ତାଙ୍କ ନାଁ କ୍ରୀତିଙ୍କ ପୂର୍ବରୁ ଅଛି। କ୍ରୀତି ଚତୁର୍ଥ ସ୍ଥାନରେ ଥିବା ବେଳେ ହାନିଆ ତୃତୀୟ ସ୍ଥାନରେ ଅଛନ୍ତି। ତେବେ ୨୦୨୫ର ଶ୍ରେଷ୍ଠ ୧୦ ସୁନ୍ଦର ଅଭିନେତ୍ରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ଆମେରିକାର ମୈକେନା ଗ୍ରେସ୍ ରହିଛନ୍ତି। ସେହିପରି ୨ୟ ସ୍ଥାନରେ ଆମେରିକାର ଜୁଲିଆ ବଟର୍ସ, ୩ୟ ସ୍ଥାନରେ ପାକିସ୍ତାନର ହାନିଆ ଆମୀର, ୪ର୍ଥରେ ଭାରତର କ୍ରୀତି ସାନନ୍ ରହିଛନ୍ତି। ସେହିପରି ୫ମରେ ଦକ୍ଷିଣ କୋରିଆର ନାନସୀ ମ୍ୟାକଡୋନ୍, ଷଷ୍ଠରେ ଚୀନର ଦିଲରବା ଦିଲମୁରାତ, ୭ମରେ ଆମେରିକାର ଶୈଲେନ୍ ବୁଡଲି, ୮ମରେ ଅଷ୍ଟ୍ରେଲିଆରେ ମାର୍ଗୋଟ ରୋବି, ୯ମରେ କ୍ୟୁବା ବା ସ୍ପେନର ଏନା ଡେ ଅର୍ମାସ୍ ଏବଂ ୧୦ମରେ ବ୍ରିଟେନର ଏମା ୱାଟସନ ରହିଛନ୍ତି।

## ତେନ୍ତୁଳି ରସମ

ଆଜିକାଲି ନୂଆ ନୂଆ ରୋଗ ବାହାରୁଥିବାରୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି ଲୋକେ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହିତ ସୁଖାଦ୍ୟ ଖାଇବା ହେଉଛି ଅନ୍ୟତମ ଉପାୟ, ଯାହା ଫଳରେ ନିଜକୁ ନିରୋଗ ରଖିହେବ। ଏହି ସମୟରେ ଆପଣ ରସୁଣ ଓ ତେନ୍ତୁଳିରେ ତିଆରି ରସମ କରି ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବେ ସମର୍ଥ ହେବେ। ଏହି ରସମ ବନାଇବା ପାଇଁ ଆପଣଙ୍କୁ ଦରକାର - ଟମାଟୋ: ୧ (କଟା), ଭୃଷଙ୍ଗ ପତ୍ର : ୧୦-୧୨, ମରିଚ ଗୁଣ୍ଡ: ୧-୨ ଚାମଚ, ରସୁଣ: ୪ ପାଖୁଡ଼ା, ହଳଦୀ: ଅଧା ଚାମଚ, ସୋରିଷ: ୧ ଚାମଚ, ଜିରା: ୧ ଚାମଚ, ହେଙ୍ଗୁ: ସାମାନ୍ୟ ପରିମାଣର। **ପ୍ରସ୍ତୁତି ପ୍ରଣାଳୀ :** ଶୁଖିଲା ଲଙ୍କା, ହଳଦୀ, ଜିରା , ରସୁଣ, ମରିଚ ଗୁଣ୍ଡ ଏବଂ କିଛି ଭୃଷଙ୍ଗ ପତ୍ରକୁ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣକୁ ଏକତ୍ର ରଖନ୍ତୁ। ଏକ କଡେଇ ନେଇ ତେଲ ଗରମ କରି କଟା ଟମାଟୋ, ବାକି ଭୃଷଙ୍ଗ ପତ୍ର, ହଳଦୀ ଏବଂ କିଛି ଲୁଣ ପକାଇ ୩-୪ ମିନିଟ୍ ପାଇଁ ରାନ୍ଧନ୍ତୁ। ସେଥିରେ ତେନ୍ତୁଳି ଏବଂ ୨ କପ୍ ପାଣି ମିଶାନ୍ତୁ। ତା'ପରେ ଢାଙ୍କୁଣୀ ବନ୍ଦ କରନ୍ତୁ ଏବଂ ଏହାକୁ ଅତି କମରେ ୧୦ ମିନିଟ୍ ପାଇଁ ଫୁଟାନ୍ତୁ। ଅନ୍ୟ ଏକ ପ୍ୟାନରେ କିଛି ତେଲ (କିମ୍ବା ଘିଅ)ପକାନ୍ତୁ। ତେଲ ଗରମ ହେବା ପରେ ସୋରିଷ, ଲାଲ୍ ଲଙ୍କା ଗୁଣ୍ଡ ଓ ଟିକେ ହେଙ୍ଗୁ ମିଶାନ୍ତୁ। ଏବେ କଡେଇରେ ପୂର୍ବ ପ୍ରସ୍ତୁତ ମସଲା ମିଶାନ୍ତୁ। ନିଆଁକୁ ବନ୍ଦ କରନ୍ତୁ ଏବଂ ସତେଜ କଟା ଧନିଆ ପତ୍ର ପକାଇ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଯିବ ରସମ୍।



## ପ୍ରତିଦିନ ଶଙ୍ଖ ଫୁଙ୍କିଲେ ଭଲ ହୁଏ ଅନେକ ରୋଗ



ଶଙ୍ଖ ଫୁଙ୍କିବା ଦ୍ୱାରା ଭଲ ହୋଇଥାଏ ଅନେକ ରୋଗ। ଘୁଙ୍ଗୁଡ଼ି ମାରିବା ଏବଂ ଅବଷ୍ଟ୍ରକ୍ଟିଭ୍ ସ୍ଲିପ୍ ଆପ୍ନିଆ (OSA) ଭଳି ନିଦ୍ରା ରୋଗର ମଧ୍ୟ ଶଙ୍ଖ ଫୁଙ୍କିବା ଦ୍ୱାରା ଚିକିତ୍ସା କରାଯାଇପାରିବ। ଯାହା ଏକ ପ୍ରାଚୀନ ଭାରତୀୟ ପରମ୍ପରା। ସହରର ଏକ ଘରୋଇ ହସ୍ପିଟାଲ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ବୈଜ୍ଞାନିକ ପ୍ରମାଣ ମିଳିଛି ଯେ ନିୟମିତ ଶଙ୍ଖ ଫୁଙ୍କିବା ଦ୍ୱାରା OSAର ଗମ୍ଭୀରତା ହ୍ରାସ ପାଇପାରେ, ଅନେକ କ୍ଷେତ୍ରରେ ଶ୍ୱାସକ୍ରିୟା ମେସିନ୍ (CPAP)ର ଆବଶ୍ୟକତା ମଧ୍ୟ ଦୂର ହୋଇଯାଏ। ବିଶ୍ୱରେ ପ୍ରଥମ ଥର ପାଇଁ କରାଯାଇଥିବା ଏହି ଅନିୟମିତ ନିୟନ୍ତ୍ରିତ ଗବେଷଣା, ପଲ୍ମୋନାରୀ ମେଡିସିନ୍ ମୁଖ୍ୟ ଡକ୍ଟର କେ.କେ. ଶର୍ମା ଏବଂ ଜୟପୁରର ଇଟର୍ନାଲ୍ ହସ୍ପିଟାଲର ପ୍ରିଭେଣ୍ଟିଭ୍ କାର୍ଡିଓଲୋଜି ଏବଂ ମେଡିସିନ୍ ମୁଖ୍ୟ ଡକ୍ଟର ରାଜୀବ ଗୁପ୍ତା ଙ୍କ ଦ୍ୱାରା କରାଯାଇଛି। ଏହି ଗବେଷଣା ଅଗଷ୍ଟ ୧୧ ତାରିଖରେ ୟୁରୋପୀୟ ରେସ୍ପିରେଟୋରୀ ଜର୍ଣ୍ଣାଲ୍ ଓପନ୍ ରିସର୍ଚ୍ଚରେ ପ୍ରକାଶିତ ହୋଇଛି। ଆୟୁର୍ବେଦରୁ ଆରମ୍ଭ କରି ଆଧୁନିକ ଚିକିତ୍ସାରେ ମଧ୍ୟ ଫୁସଫୁସ କ୍ଷମତା, ମାନସିକ ଏକାଗ୍ରତା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଶଙ୍ଖ ବଜାଇବା ଲାଭଦାୟକ ବୋଲି ବିବେଚନା କରାଯାଏ। ଏହି ପଦ୍ଧତି ମହଙ୍ଗା ଚିକିତ୍ସା କୌଶଳର ଏକ ସୁଲଭ ବିକଳ୍ପ ହୋଇପାରିବ। ବିଶେଷକରି ସେହି ରୋଗୀମାନଙ୍କ ପାଇଁ ଯେଉଁମାନେ ଦୀର୍ଘ ସମୟ ଧରି CPAP ମେସିନ୍ ବ୍ୟବହାର କରିପାରିବେ ନାହିଁ। ଡକ୍ଟରଙ୍କ ଅନୁଯାୟୀ, ଶଙ୍ଖ ବଜାଇବା ଦ୍ୱାରା ଗ୍ରୀବା, ଜିଭ ଏବଂ ଅନ୍ୟାନ୍ୟ ଶ୍ୱାସକ୍ରିୟା ମାଂସପେଶୀ ମଜବୁତ ହୁଏ। ଏହା ଶ୍ୱାସନଳୀକୁ ଖୋଲା ରଖେ, ଘୁଙ୍ଗୁଡ଼ି ମାରିବା ଏବଂ ନିଦ ବନ୍ଦ ହେବାର ସମ୍ଭାବନାକୁ ହ୍ରାସ କରେ। ଏଥିସହ ଅନେକ ସ୍ୱାସ୍ଥ୍ୟ ଲାଭ ମଧ୍ୟ ପ୍ରଦାନ କରିପାରିବ।



## ବିଗ୍‌ବସ୍‌ରେ ରତିଙ୍କ ଏଣ୍ଟ୍ରି !



ଖୁବଶୀଘ୍ର ରିଆଲିଟି ଶୋ ବିଗବସ ଆରମ୍ଭ ହେବାକୁ ଯାଉଛି। ନୂଆ ସିଜିନକୁ ନେଇ ଅଫିସିଆଲି ଘୋଷଣା ପରେ ଏହାର ପ୍ରତିଯୋଗୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଚର୍ଚ୍ଚାରେ ଅନେକଙ୍କ ନାଁ ସାମନାକୁ ଆସୁଛି ଯେଉଁମାନେ ଏଥିରେ ଭାଗନେବେ। ସେହି ନାଁରେ ବର୍ତ୍ତମାନ ଜଣେ ସେଲିବ୍ରିଟି ଯୋଡ଼ି ହୋଇଛନ୍ତି। ଏଥର ସିଜିନରେ ଦର୍ଶକ ପପୁଲାର ଟେଲି ଆକ୍ଟ୍ରେସ ରତି ପାଣ୍ଡେଙ୍କୁ ଦେଖିବାକୁ ପାଇବେ ବୋଲି ଆଲୋଚନା ହେଉଛି। କିଛି ସୂତ୍ର ଅନୁସାରେ ରତି ଏହି ଶୋ ପାଇଁ ନିର୍ଦ୍ଧିଷ୍ଟ ହୋଇ ସାରିଛନ୍ତି। ତେବେ ଏହି ଖବର ଜଣା ପଡିବା ପରେ ରତିଙ୍କ ଫ୍ୟାନଙ୍କ ମଧ୍ୟରେ ଖୁବ ଆଲୋଚନା ଜାରି ରହିଛି। ହେଲେ କିଛି ଗଣ ମାଧ୍ୟମରେ ଏହି ଖବର ମିଛ ବୋଲି ମଧ୍ୟ ଚର୍ଚ୍ଚା ଜାରି ରହିଛି , ଯାହା ରତିଙ୍କ ଫ୍ୟାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ତେବେ ଏନେଇ ଶୋ ଆରମ୍ଭ ହେଲେ ଜଣା ପଡିବ ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧିକାରୀ ବାରିହାପୁର ଉ. ପ୍ରା. ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ସହାୟକ ଉପକରଣ ବଣ୍ଟନ ଓ ଡାକ୍ତରୀ ପରୀକ୍ଷା ଚିହ୍ନଟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବ୍ଲକ ଶିକ୍ଷାଧିକାରିଣୀ ପ୍ରିୟଦର୍ଶିନୀ ନାୟକଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରୀ ଟିମଙ୍କ ସହ ଭୁବନେଶ୍ୱର ଆଲିମିକୋ ସଂସ୍ଥାର ଟିମଙ୍କ ସହଯୋଗରେ ଚିହ୍ନଟ ଓ ବଣ୍ଟନ କରାଯାଇଥିଲା। ଏହି ଶିବର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁଙ୍କ ଦ୍ୱାରା ଉଦଘାଟନ ହୋଇଥିବା ବେଳେ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସାହୁ ସୂଚନା ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ମୋଟ ୯୭ ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିବା ବେଳେ, ଶିକ୍ଷାଧିକାରିଣୀ ନାୟକ ପ୍ରତେକ ଶିବିରକୁ ଯାଇ ପରିଦର୍ଶନ କରି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭ଜଣଙ୍କୁ ସିପି ଚେଆର, ୭ଜଣଙ୍କୁ ହୁଇଲ ଚେଆର, ୭ଜଣଙ୍କୁ ଟିଏଲଏମ କିଟ, ୫ଜଣଙ୍କୁ ଶ୍ରବଣ ଯନ୍ତ୍ର, ପ୍ରଦାନ କରିଥିଲେ। ଏହି ଶିବିରରେ କଙ୍କଡ଼ାହାଡ଼ ବ୍ଲକର ୨ରୁ ଉର୍ଦ୍ଧ ସ୍ୱଳ୍ପ ଦୃଷ୍ଟି ସମ୍ପନ ପିଲା ସାମିଲ ହୋଇଥିବା ବେଳେ, ବିଆରଟି ଅଶୋକ କୁମାର ପଣ୍ଡା, ସ୍ୱୟଂପ୍ରଭା ନାୟକ, ଅନୁଷ୍ଠାନ ର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଭୁତିଆଙ୍କ ସମେତ ଆଇଇଡି ମାନେ ସହଯୋଗ କରିଥିଲେ।

# ବନାଅଞ୍ଚଳରେ ୬୦ ଟିକିଆ ବଣୁଆ ହାତୀ



ମୁରିବାହାଲ, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ତିଖାଳି ସଂରକ୍ଷିତ ମୁରିବାହାଲ ରେଞ୍ଜ ଜଙ୍ଗଲରେ ୬୦ଟିକିଆ ବଣୁଆ ହାତୀ ଚାଷୀ ମାନଙ୍କ ଚାଷ ଉପଦ୍ରବ୍ୟ କରିବା ଦେଖିବାକୁ ମିଳିଛି। ହାତୀ ଦୀର୍ଘ ୧ବର୍ଷରୁ ରହିଆସୁଥିବା ବେଳେ ଅଞ୍ଚଳବାସୀଙ୍କୁ ରହିବା ବସିବା ପାଇଁ କଷ୍ଟ ସାଜିଛି। କେତେବେଳେ ଘର ଦ୍ୱାର ଭାଙ୍ଗୁଛନ୍ତି ତ କେତେବେଳେ ଚାଷୀଙ୍କ ଚାଷ ନଷ୍ଟ କରିବାରେ ଲାଗିଛନ୍ତି। ସନ୍ଧ୍ୟା ହେଲେ ଚାଷ କିଆରୀମାନଙ୍କରେ ପଶି ଚାଷ ନଷ୍ଟ କରୁଥିବାବେଳେ ଅଞ୍ଚଳ ଅନ୍ଧାର ପାଲଟି ଥିବା ଦେଖିବାକୁ ମିଳୁଛି। ହାତୀ ପଲ ମୁରିବାହାଲ ରେଞ୍ଜ ଯଇଁନ୍ତରା, ଗୁଲୁମି, ଗୁଡିଘାଟ, ମୁରିବାହାଲ, ଡଙ୍ଗାବାଞ୍ଜି ସେକ୍ସନ ଅଞ୍ଚଳରେ ବୁଲିବୁଲି ଚାଷ ନଷ୍ଟ କରିବାରେ ଲାଗିଥିବା ବେଳେ ସୋମବାର ଗୁଡିଘାଟ ସ୍ଥିତ ବିଜାମାଲ ଗ୍ରାମର ଘାସିରାମ ସା, ଘନଶ୍ୟାମ ସା, ପୁରୁଷୋତ୍ତମ ସା, ଚିତ୍ରୁ ଯାନୀ, ଧରଣୀଧର ଭୋଇ, ଅହଲ୍ୟା ମୁଦୁଲି, ଟିକନୁ ପ୍ରଧାନ, ବାସୁଦେବ ପ୍ରଧାନ, ଅକ୍ଷ ପ୍ରଧାନ, ମଦନ ପ୍ରଧାନ, ଗିରିଧାରୀ ନାଏକଙ୍କ ଧାନପଲା, ପନି ପରିବା, କପା,କଦଳୀ ତଥା ଅନେକ ଚାଷକୁ ଚୁରମାର କରିଦେଇଥିବା ଦେଖିବାକୁ ମିଳିଛି। ବନବିଭାଗ କିଛି ପଦକ୍ଷେପ ନେଉନଥିବା ଅଞ୍ଚଳରେ ବାସୀ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ବନ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଦୀର୍ଘ ଦିନଧରି ରହିଆସୁଥିବା ହାତୀ ପଲଙ୍କ ପାଇଁ ଅସହାୟ ଅବସ୍ଥାରେ ରହିଛୁ। ଯେଉଁ ଚାଷୀମାନଙ୍କ ଚାଷ କ୍ଷତି ହେଇଚି ସେମାନେ ଆବେଦନ କଲେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ। ହାତୀ ପଲ ଘଉଡ଼ାଇ ହେଉ ନଥିବାରୁ ସେମାନଙ୍କ ଗତିବିଧି ପ୍ରତି ନଜର ରଖାଯାଉଛି ବୋଲି ପ୍ରକାଶ କରିଛନ୍ତି। ସେପଟେ ହାତୀ ପଲଙ୍କ ପାଇଁ ବିଦ୍ୟୁତ ବିଚ୍ଛିନ୍ନ ରହୁଥିବାରୁ ଛାତ୍ର ଛାତ୍ରୀମାନଙ୍କ ବଢ଼ିବାରେ ବ୍ୟାଘାତ ହେଉଛି। ବର୍ଷାଦିନ ଥିବାରୁ ମଶାଙ୍କ ଆକ୍ରାନ୍ତ ବଢ଼ିବାରେ ଲାଗିଛି ଯାହା ଲୋକଙ୍କ ପାଇଁ ରହିବା ବସିବା କଷ୍ଟକର ସାଜିଛି। ଶୀଘ୍ର ପଦକ୍ଷେପ ନେଇ ହାତୀ ପଲଙ୍କୁ ଅନ୍ୟ ପଟେ ଘଉଡ଼ାଇ ଚାଷୀ ମାନଙ୍କ କ୍ଷତି ପୂରଣ ଯଥାଶୀଘ୍ର ଯୋଗାଇ ଦେବା ପାଇଁ ଅଞ୍ଚଳରେ ଦାବି ହେଉଛି।

# ଗୋବରୀରେ ବୁଡ଼ିବ କୋଟି କୋଟି ଟଙ୍କା






କେନ୍ଦ୍ରାପଡ଼ା, (ଓଡ଼ିଶା ଭାସ୍କର): ନଦୀବନ୍ଧ ସୁଦୃଢ଼ିକରଣ ପାଇଁ ଜଳ ସମ୍ପଦ ବିଭାଗ ଦ୍ୱାରା କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀବନ୍ଧରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ କରାଯାଉଛି। ସେହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜଳସେଚନ ବିଭାଗ ଦ୍ୱାରା ଆର୍ଥିକ ବର୍ଷ ୨୦୨୪ -୨୫ରେ ଅନେକଗୁଡ଼ିଏ କାର୍ଯ୍ୟ ଶେଷ କରାଯାଇଛି। ହେଲେ କାର୍ଯ୍ୟ କେଉଁଠି ହୋଇଛି, କେତେ ଟଙ୍କା ଖର୍ଚ୍ଚ କରାଯାଉଛି ବିଭାଗରେ ଯନ୍ତ୍ରୀ ଜାଣୁନାହାନ୍ତି। କେନ୍ଦ୍ରାପଡା ଗୋବରୀ ନଦୀର ଗରାପୁର ଶିବାନନ୍ଦ ଆଶ୍ରମ ନିକଟରେ ବାମ ପାର୍ଶ୍ୱରେ ହୋଇଥିବା ପ୍ରାୟ ୮୦୦ ମିଟର ପଥର ପ୍ୟାକିଂ କାର୍ଯ୍ୟରେ ଅନେକ ଅନିୟମିତତା, ତ୍ରୁଟି ହୋଇଥିଲେ ବି ବିଭାଗୀୟ ଅଧିକାରୀ ପ୍ରମୋଦ କୁମାର ରାୟ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ କୁମାର ଶତପଥୀ ମନୋମୁଖୀ ଭାବେ ବିଲ୍ କରିଛନ୍ତି। ଏବେ ବନ୍ୟା ଜଳ ନିଷ୍କାସିତ ହେଉଥିବା ବେଳେ ନଦୀ ଫୁଲି ବନ୍ଧ ଉପରେ ବିପଦ ସୃଷ୍ଟି କରୁଛି। ସେହିପରି କେନ୍ଦ୍ରାପଡ଼ାର ଗୁଲନଗର ଗୋବରୀ ନଦୀ ବାମ ପାର୍ଶ୍ୱରେ ଆର୍ଥିକ ବର୍ଷ ୨୦୨୪-୨୫ରେ ପଥର ଆଡି ବନ୍ଧ ଭଳି ତିଆରି ହୋଇଛି। ଧିରେଧିରେ ପଥରଗୁଡ଼ିକ ବାହାରିଆସୁଛି, ଯାହା କି ଆଉ କିଛିଦିନ ପରେ ଅବଶିଷ୍ଟ ପଥରଗୁଡ଼ିକ ପାଣିରେ ଭୁଶୁଡ଼ି ପଡିବ। ଏହିଭଳି ଅନେକ କାର୍ଯ୍ୟରେ କାର୍ଯ୍ୟ ନିରୀକ୍ଷଣ ନ କରି ଘରେ ବସି ବିଲ୍ କରିଥିବାର ଅନେକ ଅଭିଯୋଗ ଉଦାହରଣରେ ଅଛି। ଛତା ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଅଧିକାରିଙ୍କ ମନମୁଖୀ କାର୍ଯ୍ୟ ପାଇଁ ବଦନାମ ହେଉଛି ବିଭାଗ। ଜଳସେଚନ ବିଭାଜନ କାର୍ଯ୍ୟାଳୟରେ କିପରି ଏ ଦିଗରେ ଶବୁ ଜାଣି ବି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ତାହାକୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇବାକୁ ଆରମ୍ଭ କଲେଣି। ଏଭଳି କାର୍ଯ୍ୟର ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ପିକ୍ ଅପ୍ ଜବତ୍, ୭ ଗୋରୁ ଉଦ୍ଧାର

ଶୁଳିଆପଦା, (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ୍ କୁଜିଡିହି ପଞ୍ଚାୟତ ଅଧିନ କୁଜିଡିହି ଠାରେ ଆଜି ଭୋର୍ ଭୋର୍ ଏକ ଗୋରୁ ବୋଝେଇ ପିକ୍ ଅପ୍ ଜବତ୍ ହୋଇଥିବା ବେଳେ ୭ ଟି ଗୋରୁ ଉଦ୍ଧାର ହୋଇଛି। ତେବେ ପିକ୍ ଅପ୍ ଚାଳକ କୌଶଳ କ୍ରମେ ଚମ୍ପଟ ମାରିଛି। ସୂଚନା ମୁତାବକ ଶୁଳିଆପଦା ଏଏସଆଇ ନିରଞ୍ଜନ ସୋରେନ୍ ନାଇଟ୍ ପେଟ୍ରୋଲିଂରେ ଥିବା ବେଳେ ଓଡି ୧୧ ଏଏଫ୍ ୬୩୫୭ ନମ୍ବର ଥିବା ଏକ ପିକ୍ ଅପ୍ ଦ୍ରୁତ ଗତିରେ ପଶ୍ଚିମବଙ୍ଗ ଆଡକୁ ଯାଉଥିବା ବେଳେ ଉକ୍ତ ପିକ୍ ଅପ୍‌କୁ ଅଟକାଇ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ୭ ଟି ଗୋରୁକୁ ଉଦ୍ଧାର କରିବା ସହିତ ପିକ୍ ଅପ୍ କୁ ଜବତ୍ କରିଥିବା ବେଳେ ଚାଳକ ଫେରାର୍ ହୋଇ ଯାଇଛି। ଉଦ୍ଧାର ଗୋରୁ ଗୁଡିକୁ ବାଲେଶ୍ୱର ଗୋ ଶାଳା ପଠାଯିବ ବୋଲି ସୂଚନା ମିଳିଛି।

# ୩୧ଟି ହାତୀଙ୍କ ଜୀବନ ବଞ୍ଚାଇଲା ବିଦ୍ୟୁତ ବିଭାଗ



କରଞ୍ଜିଆ, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡରେ ୩୧ ଟିକିଆ ହାତୀ ପଲ ଉତ୍ପାତ ମୋଚାଇ ଥିବା ବେଳେ ଚାଷୀ ହନ୍ତସନ୍ତ ହେଉଛନ୍ତି। ହାତୀପଲ ମାନଙ୍କ ମଧ୍ୟରୁ ଗୋଠଛଡ଼ା ଦନ୍ତା ହାତୀ ବୁଲୁଥିବା ବେଳେ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଗୋଠ ଛଡ଼ା ଦନ୍ତା ଓ ହାତୀ ପୋଲ ଚାଷ ନଷ୍ଟ କରିବା ସହିତ ବିଭିନ୍ନ ସମୟରେ ଘର ମଧ ଭାଙ୍ଗୁଛନ୍ତି। ଗତ ୧୨ ତାରିଖ ମଙ୍ଗଳବାର ରାତ୍ର ପ୍ରାୟ ୧ଟା ସମୟରେ ୩୧ଟିକିଆ ହାତୀପଲ କରଞ୍ଜିଆ ବ୍ଲକ ଦରୀ ପଞ୍ଚାୟତର ଦେଉଳି ଗ୍ରାମରେ ବିଦ୍ୟୁତ ବିଭାଗର ଏକ ସବଷ୍ଟେସନକୁ ଭାଙ୍ଗି ଦେବାରୁ ୪ଟି ଖୁଣ୍ଟ ସହ ତାର ଛିଣ୍ଡି ପଡିଥିଲା। ଏଥିରେ ହାତୀମାନଙ୍କର କୌଣସି କ୍ଷତି ହୋଇନାହିଁ। କାରଣ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ହାତୀପଲ ଥିବାର ସୂଚନା ଥିବାରୁ ରାତି ୧୧ଟାରୁ ବିଦ୍ୟୁତ ସରବରାହ ବନ୍ଦ ଥିଲା। ଏ ବାବଦରେ କରଞ୍ଜିଆ ବିଦ୍ୟୁତ ବିଭାଗର ଅଧିକାରୀ ବୋପାନ୍ନା ପ୍ରସାଦ ରାଓ ଓ ତାଟୋ ଜୁନିୟର ଇଞ୍ଜିନିୟର ଅଜିତ ସାମଲ ସୂଚନା ଦେଇଥିଲେ। ବିଦ୍ୟୁତ ବିଭାଗର ଉଚିତ ପଦକ୍ଷେପ ସହ ପେଟ୍ରୋଲିଂ କରି ହାତୀ ଚଲାପଥରେ ଥିବା ବିଦ୍ୟୁତ ସରାବୋହରକୁ ବନ୍ଦ କରାଯାଉଛି। ବିଦ୍ୟୁତ୍ ବିଭାଗ ଉଚିତ ପଦକ୍ଷେପ ପାଇଁ ହାତୀ ପଲଙ୍କ ଜୀବନ ବଞ୍ଚିଥିବା ବେଳେ ବିଦ୍ୟୁତ ବିଭାଗର ଏପରି ଉଚିତ କାର୍ଯ୍ୟ ପାଇଁ ଆଜି ଏକ ବଡ଼ ଅଘଟଣରୁ ହାତୀପଲଙ୍କ ଜୀବନ ରକ୍ଷା ହୋଇ ପାରିଥିବାରୁ ବିଦ୍ୟୁତବିଭାଗକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

## ଅମଲା ସଂଘର ସମୂହ ଛୁଟି ଆନ୍ଦୋଳନ ନେଇ ତହସିଲ କାର୍ଯ୍ୟାଳୟ ଅଚଳ

ତିହିଡ଼ି, (ଭାସ୍କର ନ୍ୟୁଜ): ଓଡ଼ିଶା ରାଜସ୍ୱ ଅମଲା ସଂଘର ସମୂହ ଛୁଟି ଆନ୍ଦୋଳନ ଚାଲିଛି। ସୋମବାର ଠାରୁ ଅମଲାମାନେ ଛୁଟିରେ ରହି ଆନ୍ଦୋଳନ ଚାଲୁ ରଖିଛନ୍ତି। ଯାହାଫଳରେ ଭଦ୍ରକ ଜିଲା ତିହିଡ଼ି ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। କୌଣସି କାର୍ଯ୍ୟ ହୋଇ ପାରୁନାହିଁ। ଆବଶ୍ୟକ ଥିବା ଜାତି, ଆୟ, ବାସସ୍ଥାନ ଇତ୍ୟାଦି ପ୍ରମାଣପତ୍ର ମିଳି ପାରୁନଥିବା ବେଳେ ଅନ୍ୟାନ୍ୟ ରାଜସ୍ୱ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଯାହାଫଳରେ ଲୋକମାନେ ତହସିଲ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏପରି ଆନ୍ଦୋଳନ ଚାଲୁ ରହିଲେ ଜନସାଧାରଣ ଅସୁବିଧାରେ ସମ୍ମୁଖୀନ ହେବେ ବୋଲି ଆଲୋଚନା ହେଉଛି। ତହସିଲ କାର୍ଯ୍ୟାଳୟର ସେକ୍ସନ ଅଫିସର ବୁଦ୍ଧିରାମ ଟୁଡୁ, ବରିଷ୍ଠ କିରାଣୀ ବାସୁଦେବ ସ, ଆକ୍ରମ ଅଲ୍ଲୀ ଖାନ୍, ମୁକ୍ତିକାନ୍ତ ମଲିକ, ରୀତାରାଣୀ ସିଂ, କନିଷ୍ଠ କିରାଣୀ ମାନସ ରଂଜନ ସାହୁ ଓ ଯମୁନା ମୁର୍ମୁ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ସରକାରୀ ହାଇସ୍କୁଲର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ରାଜ୍ୟ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ତଥା ନୋଡାଲ ଅଫିସର ଏମଡି ସାଦିକ୍ ଆଲାମ। ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳ ଦିଲ୍ଲୀପ ରାଉତରାଏଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମଡି ଆଲାମ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିବା ସହିତ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିବା ବେଳେ ସ୍କୁଲର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ନିଜସ୍ୱ ଉଦ୍ୟମ ଓ କଠିନ ପରିଶ୍ରମ ସଫଳତା ଆଣିପାରେ ବୋଲି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ, ବିଡିଓ ନିରଂଜନ ବାରିକ, ମତ୍ସ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକ..... ନନ୍ଦ, ଅତିରିକ୍ତ ଜିଲା ମଂଗଳ ଅଧିକାରୀ ଉର୍ମିଳା ଗୋଛାୟତ ଓ ଧୀରେନ୍ଦ୍ର ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୌମ୍ୟାସୁଚରିତା ମହାନ୍ତି, ସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. କାଳିପଦ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍କୁଲର ଶଶିକାନ୍ତ ପଣ୍ଡା, କ୍ଷୀରାବ୍ଧୀ ମାଝୀ, ଶାନ୍ତିଲତା ସାମଲ, ସସ୍ମିତା ସାହୁ, ବସନ୍ତ ଗାଗରାଇ, ତୃପ୍ତିମୟୀ ବେହେରା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପ୍ରଥମ ଅଟଳ ଫେଷ୍ଟ୍ ଓ ଅଟଳ ଉତ୍କଳ ଆଇକନିକ୍ ପୁରସ୍କାର- ୨୦୨୫




ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଭାରତର ପୂର୍ବତନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଲୋକପ୍ରିୟ ଜନନାୟକ, ପ୍ରଖ୍ୟାତ ଲେଖକ, କବି, ଗାଳ୍ପିକ, ବିଦ୍ୱାନ ତଥା କୋଟି କୋଟି ଭାରତୀୟଙ୍କ ମଉଡମଣି ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ଏକ ଅନନ୍ୟ କାର୍ଯ୍ୟକ୍ରମ ଅଟଳ ଫେଷ୍ଟ୍ ଓ ଅଟଳ ଉତ୍କଳ ଉତ୍କର୍ଷ ପୁରସ୍କାର- ୨୫, ଆସନ୍ତା ଅଗଷ୍ଟ ୧୬ ଓ ୧୭ ତାରିଖରେ ଆରମ୍ଭ ହୋଇ ଅକ୍ଟୋବର – ତାରିଖରେ ଶେଷ ହେବବୋଲି ଅଟଳ ସ୍ମୃତି କମିଟିର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଚିତ୍ତରଂଜନ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ମତ ପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ହେବ। ଏହି ଅଦ୍ୱିତୀୟ ବରପୁତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଓଡିଶାରେ ପ୍ରଥମଥର ପାଇଁ ଅଟଳ ସ୍ମୃତି କମିଟି ଅନୁକୂଲ୍ୟରେ ପ୍ରତିଭା ଚୟନ, ସମ୍ବର୍ଦ୍ଧନା ଉତ୍ସବ ଅୟୋଜିତ ହେଉଥିବା ବେଳେ ଏହା ସମସ୍ତଙ୍କର ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଆୟୋଜକ ମାନେ ପ୍ରକାଶ କରିଛନ୍ତି। ଅଟଳ ଫେଷ୍ଟ ୨୦୨୫ର ପ୍ରଥମ ସଂସ୍କରଣ ଆସନ୍ତା ଅଗଷ୍ଟ ୧୬ ଓ ୧୭ ତାରିଖରେ ଆୟୋଜିତ ହେବ ଯାହାକି ଅନ୍ତଃବିଦ୍ୟାଳୟ ସ୍ତରରେ ପ୍ରତିଭାମାନଙ୍କ ପ୍ରତିଭା ବିକାଶର ଏକ ନିଆରା ପ୍ରୟାସ। ଐତିହାସିକ କଟକର ଟାଉନହଲ ଠାରେ ୧୬ ତାରିଖ ଦିନ ଚିତ୍ରଙ୍କନ, ବକ୍ତୃତା ପ୍ରତିଯୋଗିତା ଏବଂ ୧୭ ତାରିଖ ଦିନ ସଂଗୀତ, ଓଡିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଚିତ୍ରଙ୍କନ ପ୍ରତିଯୋଗିତାରେ ୫ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଓ ଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ବକ୍ତୃତା ପ୍ରତିଯୋଗିତାରେ ୬ଷ୍ଠରୁ ୧୦ ମ ଏବଂ ଯୁକ୍ତ ଦୁଇରୁ ତଧୁଇଁ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିପାରିବେ। ସେହିପରି ସଂଗୀତ ପ୍ରତିଯୋଗିତାରେ ଷଷ୍ଠ ରୁ ଦଶମ ଏବଂ ଯୁକ୍ତରୁ ତଦୁର୍ଦ୍ଧ ପିଲାମାନେ ଏବଂ ଓଡିଶୀରେ ଷଷ୍ଠରୁ ଦଶମ ଓ ଯୁକ୍ତ ଦୁଇ ତଧୁର୍ଦ୍ଧ ପିଲାମାନେ ଅଂଶଗ୍ରହଣ କରିପାରିବେ। ଏହି ପ୍ରତିଯୋଗିତରେ ପ୍ରତିଯୋଗୀମାନଙ୍କୁ କୌଣସି ପଞ୍ଜୀକୃତ ଅର୍ଥ ଦେବାକୁ ପଡିବ ନାହିଁ। ବିଜେତାମାନଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସନ୍ତା ଅକ୍ଟୋବରରେ ହେବାକୁଥିବା ଅଟଳ ଉତ୍କଳ ଉତ୍କର୍ଷ ପୁରସ୍କାର ସମାରୋହରେ ପୁରସ୍କୃତ କରାଯିବ। ସେହିପରି ଉପରୋକ୍ତ ସମାରୋହରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୮ ଜଣ ଶ୍ରେଷ୍ଠ ଓଡିଆ ଓ ୨ ଜଣ ଶ୍ରେଷ୍ଠ ଭାରତୀୟ ପ୍ରତିଭାଙ୍କୁ ଅଟଳ ଉତ୍କର୍ଷ ସମ୍ମାନରେ ସମ୍ମାନୀତ କରାଯିବ। ପ୍ରତିଭା ମାନଙ୍କୁ ସାହିତ୍ୟ, କ୍ରୀଡା, ସମାଜସେବା ବାଣିଜ୍ୟ, କଳା, ସଂସ୍କୃତି, ସ୍ୱାସ୍ଥ୍ୟସେବା ଓ କୃଷି ଆଦି କ୍ଷେତ୍ରରେ ସମ୍ବଦ୍ଧିତ କରାଯିବାକୁ ସ୍ଥିର କରାଯାଇଥିବା ବେଳେ ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା କଟକର ଇଣ୍ଡୋର ଷ୍ଟାଡିୟମ ଠାରେ ଦେଶାତ୍ମକବୋଧ କାର୍ଯ୍ୟକ୍ରମ ପରିବେଷଣ ମଧ କରାଯିବ। ଏ ସମ୍ପର୍କରେ ପୁନଶ୍ଚ ସର୍ବଶେଷ ତଥ୍ୟ ପ୍ରଦାନ କରାଯିବା ସହ ପ୍ରଚାର ଓ ପ୍ରସାର କରାଯିବ। ବିଦ୍ୟାଳୟ ଓ ମହା ବିଦ୍ୟାଳୟରେ ବହୁ ପ୍ରତିଭାମାନେ ଏଥରେ ଅଂଶଗ୍ରହଣ କରିବାକୁ ଆୟୋଜକ ମାନେ ନିବେଦନ କରିଥିବା ବେଳେ ଏପରି କାର୍ଯ୍ୟକ୍ରମ ଏକ ନିଆରା ପରମ୍ପରା ତିଆରି କରିବ ବୋଲି ପ୍ରକାଶ କରିଥିଲେ। ଏହି ପ୍ରେସ ବିଜ୍ଞପ୍ତି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ଅନୁଷ୍ଠାର ଅଟଳ ସ୍ମୃତି କମିଟିର ସଭାପତି-ପ୍ରହଲ୍ଲାଦ ଖଣ୍ଡେଲୱାଲ, ସାଧାରଣ ସମ୍ପାଦକ - କିଶୋର ମହାନ୍ତି, ରଶ୍ମିତା ମିଶ୍ର, ଗୀତା ଦାଶ, ଗୀତାଞ୍ଜଳୀ ବେହୁରା, ଚନ୍ଦ୍ର ଶେଖର ବିଶ୍ୱାଳ, ସ୍କନ୍ଦନ ମହାନ୍ତି, ବିଜୟ ମହାରଣା, ସୁମନ୍ତ ସାହୁ, ପୁଷ୍ପତା ମହାପାତ୍ର, ସଦାନନ୍ଦ ବିଶ୍ୱାଳ, ଜଗଦାନନ୍ଦ ତ୍ରିପାଠୀ ଉପସ୍ଥିତ ଥିଲେ। ଆମେ ସମସ୍ତେ ମିଶି ଏହି କାର୍ଯ୍ୟକ୍ରମକୁ ସୁଫଳ କରିବା ପାଇଁ ଅଟଳ ସ୍ମୃତି କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା ଆହ୍ୱାନ ଦେଇଛନ୍ତି।

# ଧଉଳିରେ 'ହର ଘର ତ୍ରିରଙ୍ଗା' ଚିତ୍ରକଳା ଶିବିର



ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଧଉଳି ଚାରୁକଳା ମହାବିଦ୍ୟାଳୟ ଏବଂ ରାଷ୍ଟ୍ରୀୟ ଲଳିତକଳା କେନ୍ଦ୍ର, ଭୁବନେଶ୍ୱର ମିଳିତ ସହଯୋଗରେ ଧଉଳି ଠାରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏକାଡେମୀ କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା ଓ ମହା ବିଦ୍ୟାଳୟର ଅଧ୍ୟକ୍ଷ, ଚିତ୍ରଶିଳ୍ପୀ ଡ.ପଞ୍ଚାନନ ସାମଲ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହା ବିଦ୍ୟାଳୟର ୬୦ ଜଣ ଯୁବ ଶିଳ୍ପୀଙ୍କୁ ନେଇ 'ଭାରତ ସ୍ୱାଧୀନତା' ଶୀର୍ଷକ ଏକ ଜଳରଙ୍ଗ ଚିତ୍ରକଳା ଶିବିର ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ସାମଲ ଶିଳ୍ପୀମାନଙ୍କୁ ନିଜ ଚିତ୍ରରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଚିତ୍ର ସହ ଭାରତ ସ୍ୱାଧିନତାର ମହାନ୍ ନେତାମାନଙ୍କ ଚିତ୍ର ସ୍ଥାନ ଦେବାକୁ ଉତ୍ସାହିତ କରିଥିଲେ। ଏକାଡେମୀ ସଚିବ ବେଦାଲା ଶିଳ୍ପୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ଶିଳ୍ପୀଙ୍କ ତୂଳୀରେ ସୁବାସ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ଚାଖି ଖୁଣ୍ଟିଆ, ଜୟୀ ରାଜଗୁରୁ, ଭଗତ ସିଂହ, ଝାଂଶି ରାଣୀ ଲକ୍ଷ୍ମିବାଇ ପ୍ରମୁଖଙ୍କ ତ୍ୟାଗ ଓ ଭାରତ ସ୍ୱାଧିନତାର ନିଛକ ପ୍ରତିଫଳନ ସୁନ୍ଦର ଭାବେ ଚିତ୍ରିତ ହୋଇଥିଲା। ପରେ ପରେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାମାନେ ହାତରେ ତ୍ରିରଙ୍ଗା ପତାକା ଧରି ଭାରତ ମାତାଙ୍କ ଜୟଗାନ କରି ଶାନ୍ତିସ୍ତୁପରୁ ଦୟାନଦୀ ଘାଟ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ଭୂପତି ଭୂଷଣ ପଣ୍ଡା ଓ ସୋଫିଆ ୟାସ୍ମୀନ୍ ପରିଚାଳନା କରିଥିଲେ ଏବଂ କେଦାର ନାୟକ, ସରୋଜ କୁମାର ରାଉତ, ରଶ୍ମିରଞ୍ଜନ ପଟ୍ଟନାୟକ, ଯାନିତା ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ।

# ଦୁଇ ଛାତ୍ରୀ ମୃତ୍ୟୁ ମାମଲା ନେଇ ପ୍ରେସମିଟ୍



ମାଲକାନଗିରି/କାଲିମେଳା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବହୁ ଚର୍ଚ୍ଚିତ ଏମଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇ ସପ୍ତମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ମାମଲାର ଓଡ଼ିଶା ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଯୁବ ପରିଷଦର ସଭାପତି ତଥା ହାଇକୋର୍ଟ ଓକିଲ ହଳଧର ସେଠୀ ଆଜି ମାଲକାନଗିରି ସ୍ଥିତ ସ୍ୱାଗତ ହୋଟେଲ ରେ ପ୍ରେସ ମିଟ୍ କରିଛନ୍ତି। ଗତ ୬ ଫେବୃୟାରୀରେ ଦୁଇ ନାବାଳିକା ଅନୁସୂଚିତ ଜାତି ର ଛାତ୍ରୀ ମନ୍ଦିରା ସୋଡି ଓ ଅନୁସୂଚିତ ଜନଜାତି ର ଛାତ୍ରୀ ଜ୍ୟୋତି ହାଲଦାରଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଛି। ସେଦିନ ଠାରୁ ଆଜି ପର୍ଯ୍ୟନ୍ତ ମାଲକାନଗିରି ପୁଲିସ ନିଷ୍କ୍ରିୟ ରହିଛି। ପୁଲିସ ଆସାମି ମାନଙ୍କୁ ଥାନାରେ ଡାକି, ପରେ ଛାଡି ଦେଇଛନ୍ତି। ଏବଂ ପିଡ଼ିତା ପରିବାରଙ୍କୁ କୌଣସି ସୁରକ୍ଷା ଦିଆଯାଉ ନାହିଁ ବୋଲି ସେଠୀ ଏହି ପ୍ରେସ ମିଟ୍ ମାଧ୍ୟମରେ ଜଣାଇଛନ୍ତି। ମାଲକାନଗିରି ପୁଲିସ ମାମଲାର ଅନୁସନ୍ଧାନ ନକରିବାରୁ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ, ନୂଆ ଦିଲ୍ଲୀଙ୍କୁ ଅଭିଯୋଗ କରାଯାଇଥିଲା। ଦୁଇ ନାବାଳିକା ଅନୁସୂଚିତ ଜାତିର ଛାତ୍ରୀ ମନ୍ଦିରା ସୋଡି ଏବଂ ଅନୁସୂଚିତ ଜନଜାତିର ଛାତ୍ରୀ ଜ୍ୟୋତି ହାଲଦାରଙ୍କୁ ଘୃଣ୍ୟ ବଳାତ୍କାର ଓ ହତ୍ୟା ଘଟଣାରେ ପୁଲିସର ନିଷ୍କ୍ରିୟତା ସହିତ ଜଡ଼ିତ ଏହି ଅଭିଯୋଗଟି ଗମ୍ଭୀର ମନେ ହେଉଥିବାରୁ ଏ ମାମଲା ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ବିଚାରକୁ ନେଇଥିଲେ। ପରେ ଭାରତୀୟ ସମ୍ବିଧାନର ଧାରା ୩୩୮ କ ଅନୁଯାୟୀ ଜାଟୋଥୁ ହୁସେନ, ମାନ୍ୟବର ସଦସ୍ୟ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଏ ମାମଲାର ତଦନ୍ତ କରିବାକୁ ନିଷ୍ପତି ନେଇଥିଲେ। ସେଥିପାଇଁ ପାଇଁ ଜୁଲାଇ ୨୫ରେ ନୂଆ ଦିଲ୍ଲୀ ସ୍ଥିତ କୋର୍ଟ ରୁମରେ ଏକ ବୈଠକ ସ୍ଥିର କରାଯାଇଥିଲା। ଏ ମାମଲ ସହିତ ଜଡ଼ିତ ସମସ୍ତ ପ୍ରାସଙ୍ଗିକ ମୂଳ ରେକର୍ଡ ସହିତ ବୈଠକରେ ଯୋଗଦେବାକୁ ଅତିରିକ୍ତ ମୁଖ୍ୟ ସଚିବ, ଓଡ଼ିଶା ସରକାର , ଗୃହ ବିଭାଗ ଏବଂ ପୁଲିସ ମହାନିର୍ଦ୍ଦେଶକ, ଓଡ଼ିଶା ସରକାରଙ୍କୁ ଆୟୋଗ ନୋଟିସ କରିଥିଲେ। ତେଣୁ ଏହାର ଶୁଣାଣିରେ ଆୟୋଗ ଏ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିବା ସେଠୀ ଜଣାଇଛନ୍ତି। ତେବେ ସନ୍ଦେହ ଘେରରେ ରହିଥିବା ଏ ମାମଲାର ଖୁବ ଶୀଘ୍ର ସତ୍ୟତା ପ୍ରକାଶ ପାଇବ ବୋଲି ଆଶା କରାଯାଇଅଛି।

## ଲାୟନ୍ସ କ୍ଲବ୍ ଆନୁକୁଲ୍ୟରେ ସ୍ୱାସ୍ଥ୍ୟ ପରିକ୍ଷଣ ଶିବିର

ରାୟଗଡ଼ା, (ଭାସ୍କର ନ୍ୟୁଜ): ରାୟଗଡ଼ା ଲାୟନ୍ସ କ୍ଲବ୍ ପକ୍ଷରୁ ଲାୟନ୍ସ ବିଲଡିଙ୍ଗ ପରିସରରେ ଏକ ସ୍ୱାସ୍ଥ୍ୟ ପରିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ସ୍ଥିତ ମଣି ପାଲ୍ ହସ୍ପିଟାଲ ରୁ ଡ଼ଃ.ଜିତେନ୍ଦ୍ର ପଟ୍ଟନାୟକ, ହୃଦ୍ ରୋଗ ବିଶେଷଜ୍ଞ, ଡ଼ଃ. ରିତେଶ କୁମାର, ସ୍ନାୟୁ ରୋଗ ବିଶେଷଜ୍ଞ ଏବଂ ତାଙ୍କରି ଟିମ୍ ଯୋଗ ଦେଇଥିଲେ ଏଂ ଇ.ସିଂ.ଜି, ରକ୍ତ ପରୀକ୍ଷା କରି, ୭୦ ଜଣ ରୋଗୀଙ୍କୁ ଦରକାରୀ ଉପଦେଶ ଦେଇଥିଲେ। ଏହି ପରିକ୍ଷଣ ଶିବିରରେ ଭି.ଡି.ଜି.ଲାୟନ୍. ଅଶ୍ୱିନୀ କୁମାର ଦାସ, ଜି.ଏଲ୍.ଟି. କୋଅର୍ଡିନେଟର୍ ଲାୟନ୍ ସୁଶ୍ରିତା ଦାସ, କ୍ୟେଷ୍ଟ ଚେୟାର ପର୍ସନ୍ ଲାୟନ୍ ଟି.ଜୟରାମ, ଜେଡସି ଲାୟନ୍ ଡ଼ଃ ପ୍ରସନ୍ନ କୁମାର ଗନ୍ତାୟତ, ଉପ ସଭାପତି ଲାୟନ୍. ପ୍ରତାପ ଚନ୍ଦ୍ର ବାଉରି, ଡ଼ଃ.ବାବୁରାମ ମହାନ୍ତି, ଉପଦେଷ୍ଟା ଲାୟନ୍. ସତ୍ୟବାଦୀ ପତି, ଡ଼ଃ.ଦୁଃଖି ଶ୍ୟାମ ଦାସ, ଡ଼ଃ.ଲକ୍ଷ୍ମୀ ନାରାୟଣ ସାହୁ, ରମେଶ ଗୋଲାନି, ଭି. ମୁରଲି କ୍ରିଷ୍ଣା, ଦାସରଥି ରାଜଗୁରୁ, ଉଦୟ ଚନ୍ଦ୍ର ପଣ୍ଡା, କସ୍ତୁରୀ ସାହୁ, ରିନା ରାଣି ଲେଙ୍କା, ଅଞ୍ଜଳି ସତପଥି, କସ୍ତୁରୀ ମହାନ୍ତି, ଏବଂ କ୍ଲବର ଅନ୍ୟାନ୍ୟ ସଭ୍ୟ ଯୋଗଦାନ କରି ଶିବିର ସଫଳ କରିବାରେ ସହଯୋଗ କରିଥିଲେ। ସଭାପତି ଲାୟନ୍. ଲାଲ୍ ବିହାରି ଲେଙ୍କା, ସମ୍ପାଦକ ଲାୟନ୍. କେ.ଶ୍ରୀନିବାସ ରାଓ, କୋଷାଧ୍ୟକ୍ଷ ଲାୟନ୍. କେ.ବଂଶି କିରୀଟି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

# ଫାଇଲେରିଆ ନିରାକରଣ ନିମନ୍ତେ ଔଷଧ ବିତରଣ କାର୍ଯ୍ୟକ୍ରମ




ଆସିକା, (ଭାସ୍କର ନ୍ୟୁଜ): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏବଂ ଜାତୀୟ ସେବା ଯୋଜନା ତଥା ଯୁବ ରେଡକ୍ରସ ଶାଖାର ମିଳିତ ଆନୁକୂଲ୍ୟରେ ଫାଇଲେରିଆ ନିରାକରଣ ନିମନ୍ତେ ଔଷଧ ବିତରଣ କାର୍ଯ୍ୟକ୍ରମ ହୋଇଯାଇଛି। ୧୭୬ ଜଣ ଛାତ୍ରଛାତ୍ରୀ ଏବଂ କଲେଜ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ମଧ୍ୟରେ ଫାଇଲେରିଆ ଔଷଧ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସ୍ୱାସ୍ଥ୍ୟ କେନ୍ଦ୍ର, ବାଲିସିରା (ଆସିକା)ର ମୋବାଇଲ ଟିମ ସିଏଚ୍ଓ ଅଫିସର ଚ୍ନ୍ଦନ କୁମାର ହୋତା, ଆୟୁସ୍ ମେଡିକାଲ ଅଫିସର ଡକ୍ଟର ସୁବ୍ରତ ପଣ୍ଡା, ସମାଜସେବୀ ମନୋଜ କୁମାର ମହାନ୍ତି, ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଛାତ୍ର ଚନ୍ଦନ କୁମାର ଗୌଡ଼, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ପୂର୍ବରୁ ଫାଇଲେରିଆ ନିରାକରଣ ଓ ସଚ୍ଚେତନତା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ବିଭୁତି ଭୂଷଣ ବେବର୍ତ୍ତାଙ୍କ ପୌରହିତ୍ୟରେ ଏକ ସଚ୍ଚେତନତା ପାଠଚ୍କ୍ର ହୋଇଥିଲା। ଏହାର ମୂଳ ଲକ୍ଷ ଥିଲା – ସାମୂହିକ ଔଷଧ ସେବନ ଦ୍ୱାରା ପ୍ରକାରନ୍ତରେ ଫାଇଲେରିଆ ରୋଗକୁ କିପରି ମୂଳପ୍ତାଟନ କରିବା। ସହ ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ମଧ ଛାତ୍ରଛାତ୍ରୀଙ୍କ ପାଇଁ ଫାଇଲେରିଆରୁ ବିମୁକ୍ତ ହେବାକୁ ହେଲେ ଆରୋଗ୍ୟ ଅପେକ୍ଷା ଔଷଧ ସେବନ ଦ୍ୱାରା ପ୍ରତିରୋଧ ଶକ୍ତିକୁ ସୁଦୃଢ଼ କରିବା। ବାଲିସିରା ସିଏଚସିର ମୋବାଇଲ୍ ଟିମ ମୁଖ୍ୟ ବଂଶୀଧର ଗୌଡ଼ ମଧ ଫାଇଲେରିଆ ରୋଗର ଲକ୍ଷଣ ବିଷୟରେ ସଚ୍ଚେତନତା କରାଇଥିଲେ। ସେବା ଯୋଜନା ଅଧିକାରୀ ଚିତ୍ରସେନ ବେହେରା, ସୁଶ୍ରୀ ଯୋଗେଶ୍ୱରୀ ଧାରୁଆ, ପବିତ୍ର ଧଙ୍ଗଡାମାଝୀ, ଯୁବ ରେଡକ୍ରସ ଶାଖାର ଉପଦେଷ୍ଟା ରାଜେଶ କୁମାର ସାହୁ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ। ଏହି ପାଠଚକ୍ରରେ ପ୍ରାୟ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ଆମ କଳାହାଣ୍ଡି







## ମାଗଣା ଶିଶୁ ହୃଦରୋଗ ଚିକିତ୍ସା ଶିବିର

# ୪୨ ଗୁରୁତର ଶିଶୁ ଚିକିତ୍ସା ପାଇଁ ଯିବେ ଭୁବନେଶ୍ୱର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ମଙ୍ଗଳବାର ଦିନ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଯୋଜନା ମାଧ୍ୟମରେ ଜନ୍ମରୁ ଅଠର ବର୍ଷ ଶିଶୁଙ୍କ ପାଇଁ ମାଗଣା ହୃଦରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଳାହାଣ୍ଡି ଜିଲ୍ଲା ତଥା ଏହାର ଆଖପାଖ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୮୪ ଜଣ ପିଲା ଚିକିତ୍ସା ପାଇଁ ଆସିଥିଲେ ଓ ଆରବିଏସ୍‌କେ କାର୍ଯ୍ୟକ୍ରମ ଦ୍ୱାରା ଅନୁବନ୍ଧିତ ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲର ଅଭିଜ୍ଞ ହୃଦରୋଗ ବିଶେଷଜ୍ଞ ଡ.ପଙ୍କଜ କୁମାର ମିଶ୍ର, ଡ. ମନ୍ମୟ ପାଢ଼ୀ ଓ ତାଙ୍କ ଟିମ୍‌ଙ୍କ ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିରଟି ଆୟୋଜିତ ହୋଇଥିଲା ଓ ଆରବିଏସ୍‌କେ କଳାହାଣ୍ଡି ଜିଲ୍ଲାରେ ପ୍ରତିବର୍ଷ ଏପରି ଶିବିରର ଆୟୋଜନ କରି ଏ ପର୍ଯ୍ୟନ୍ତ ମୋଟ ୫୦୫ ଜଣ ଶିଶୁଙ୍କୁ ସଫଳ ଚିକିତ୍ସା ଯୋଗାଇ ଦେଇପାରିଛି। ଜନ୍ମଗତ ହୃଦ୍‌ରୋଗ ହେଉଛି ଏକ ଅବସ୍ଥା ଯାହା ହୃଦୟର ଗଠନ ଏବଂ କାର୍ଯ୍ୟକୁ ପ୍ରଭାବିତ କରିଥାଏ ଏବଂ ଏହା ଜନ୍ମ ସମୟରୁ ମଧ୍ୟ ହୋଇ ଥାଇପାରେ। ଏହା ସାମାନ୍ୟରୁ ଗମ୍ଭୀର ପର୍ଯ୍ୟନ୍ତ ହୋଇପାରେ। ଯଦି ଏହାର ଚିକିତ୍ସା କରା ନ ଯାଏ ତେବେ ଏହା ସ୍ୱାସ୍ଥ୍ୟଗତ ଜଟିଳତା ସୃଷ୍ଟି କରିଥାଏ ଓ ଏଥିରେ ମୃତ୍ୟୁ ମଧ୍ୟ ହୋଇପାରେ। ତଥାପି, ଶୀଘ୍ର ଚିହ୍ନଟ ଏବଂ ଠିକ୍ ସମୟରେ ଚିକିତ୍ସା ଦ୍ୱାରା ଜନ୍ମଗତ ହୃଦ୍‌ରୋଗରେ ପୀଡିତ ଅନେକ ପିଲା ସାଧାରଣ ଓ ସୁସ୍ଥ ଜୀବନଯାପନ କରିପାରନ୍ତି। ଭବାନୀପାଟଣାରେ ଅନୁଷ୍ଠିତ ଏହି କ୍ୟାମ୍ପରେ ପଞ୍ଜିକୃତ ୮୪ ଜଣଙ୍କ ମଧ୍ୟରୁ ୪୨ ଜଣ ଗୁରୁତର ଶିଶୁଙ୍କୁ ଚିହ୍ନଟ କରାଯାଇ ଅଧିକ ଚିକିତ୍ସା ବା ଅସ୍ତ୍ରୋପଚାର ପାଇଁ କଳିଙ୍ଗ ହସ୍ପିଟାଲ ଭୁବନେଶ୍ୱରକୁ ପଠାଇବା ପାଇଁ ନିଶ୍ଚିତ କରାଯାଇଛି। ଏପରିକି ରୋଗୀ ଏବଂ ସେମାନଙ୍କ ସେବାକାରୀଙ୍କ ପରିବହନ ଠାରୁ ଆରମ୍ଭ କରି ସମସ୍ତ ଚିକିତ୍ସା ଖର୍ଚ୍ଚ ଆରବିଏସ୍‌କେ ବହନ କରେ। ପଶ୍ଚିମ ଓଡ଼ିଶାରେ ହୃଦରୋଗ ବିଶେଷଜ୍ଞଙ୍କ ଅଭାବରୁ ଅନେକ ଶିଶୁ ହୃଦରୋଗୀ ଚିହ୍ନଟ ହୋଇ ପାରୁନଥିଲେ। କିନ୍ତୁ ଆରବିଏସ୍‌କେ ମାଧ୍ୟମରେ ହେଉଥିବା ସ୍ୱାସ୍ଥ୍ୟ ଶିବିର ଏହି ଅଭାବକୁ ଦୂରୀଭୂତ କରି ଉତ୍ତମ ଚିକିତ୍ସା ଦେବାରେ ସହାୟକ ହୋଇପାରିଛି। ହୃଦରୋଗୀ ଶିଶୁଙ୍କ ପାଇଁ ଏହା ବରଦାନ ସାଜିଛି। ଆଜିର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଉପ ମୁଖ୍ୟ ଚିକିତ୍ସାଧିକାରୀ ଡ. ଦେବୀ ପ୍ରସାଦ ମହାପାତ୍ର, ଡିପିଏମ୍ ଦିଲୀପ କୁମାର ଦୁବେ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ କୃଷ୍ଣ ଚନ୍ଦ୍ର ପ୍ରଧାନ, ତଥା କଳିଙ୍ଗ ହସ୍ପିଟାଲ କର୍ମକର୍ତ୍ତାଙ୍କ ସହ ଡ଼ିଏଆଇସିର ସମସ୍ତ କର୍ମକର୍ତ୍ତା ଓ ମୋବାଇଲ ହେଲଥ୍ ଟିମର ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ପ୍ରକୃତରେ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜନ୍ମଗତ ହୃଦ୍‌ରୋଗରେ ପୀଡିତ ପିଲାମାନଙ୍କ ପାଇଁ ଏକ ବରଦାନ। କାରଣ ଏହା କେବଳ ଏହି ପିଲାମାନଙ୍କର ସ୍ୱାସ୍ଥ୍ୟ ଏବଂ ଜୀବନଶୈଳୀରେ ଉନ୍ନତି ଆଣେ ନାହିଁ ବରଂ ଦେଶରେ ଜନ୍ମଗତ ହୃଦ୍‌ରୋଗର ସାମଗ୍ରୀକ ଭାର ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

# ସ୍ୱାଧୀନତା ଦିବସ ପାଇଁ ଡିଲେଶ୍ୱର ଓ ସାଧୁରାମଙ୍କୁ ଦିଲ୍ଲୀରୁ ନିମନ୍ତ୍ରଣ





ଭବାନୀପାଟଣା/ଜୟପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ପ୍ରତିଭାବାନ ଯୁବ ଲେଖକ ଡିଲେଶ୍ୱର ରଣାଙ୍କୁ ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାରେ ଆୟୋଜିତ ୭୯ ତମ ସ୍ୱାଧୀନତା ଦିବସରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବା ପାଇଁ ନିମନ୍ତ୍ରଣ ମିଳିଛି। ଭାରତ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରିତ ହୋଇ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପତାକା ଉତ୍ତୋଳନ ଓ ଦେଶକୁ ସମ୍ବୋଧନ ପର୍ବରେ ଉପସ୍ଥିତ ହେବା ସହ ସେ ଅନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଧଅଁରାମାଲ ଗାଁରେ ଜନ୍ମିତ ଡିଲେଶ୍ୱରଙ୍କର ଗଳ୍ପ, କବିତା, ଫିଚର ଓ ଗୀତ ରଚନା, ଅଭିନୟ ଓ ଉପସ୍ଥାପନାରେ ବେଶ୍ ରୁଚି ରହିଛି। ତାଙ୍କର ଟାଇମପାସ୍ ପ୍ରକାଶିତ ଗଳ୍ପ ସଂକଳନ 'ସେଁରରା' ଓ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ ପ୍ରକାଶିତ ଉପନ୍ୟାସ 'ମେଲିଭୂଇଁ' ବିପୁଳ ପାଠକୀୟତା ସୁନାମ ଲାଭ କରିଛି। 'ସେଁରରା' ସଂକଳନର ଶୀର୍ଷକ ଗଳ୍ପକୁ ନେଇ ପ୍ରସ୍ତୁତ ଟେଲିଫିଲ୍ମ ଦୂରଦର୍ଶନରେ ପ୍ରସାରିତ ହୋଇ ବେଶ୍ ଆଦୃତ ହୋଇଛି। ସାରସ୍ୱତ ସାଧନା ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର, ପ୍ରଧାନମନ୍ତ୍ରୀ ଯୁବା ମେଣ୍ଟରସିପ୍, କଥା ନବପ୍ରତିଭା ପୁରସ୍କାର, କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର, ତପସ୍ୟା ସମ୍ଭାବନା ପୁରସ୍କାର, ପଲ୍ଲବନ ଶବ୍ଦ ସମ୍ମାନ, ଦେବଗିରି ଯୁବ ସମ୍ମାନ, କଳାହାଣ୍ଡି ଯୁବ ପ୍ରତିଭା ପୁରସ୍କାର ପାଇବା ସହ କେନ୍ଦ୍ର ସାହିତ୍ୟ ଅକାଦେମୀର ଯୁବସଂହତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିସାରିଛନ୍ତି। ସେହିପରି ଦେଶର ବିଭିନ୍ନ ମଞ୍ଚରେ ଅଭିନୟ କରିବା ସହ ବଲିଉଡ ଫିଲ୍ମ 'ଏ ରେଡ୍ ଶାର୍ଟ'ରେ ଅଭିନେତା ରଘୁବୀର ଯାଦବଙ୍କ ସହ ଅଭିନୟ କରିଛନ୍ତି। ଜଣେ ଲେଖକ ଭାବେ କଳାହାଣ୍ଡିରୁ ସେ ଜାତୀୟ ସ୍ୱାଧୀନତା ଦିବସ ଉତ୍ସବରେ ସାମିଲ ହେଉଥିବାରୁ ଅନେକ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍‌ର ଏକ ଛୋଟିଆ ଗାଁ ସୁନ୍ଦରୀଜୋର୍‌ର ସାଧୁରାମ ଛତ୍ରିଆଙ୍କୁ ମଧ୍ୟ ଭାରତ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ ମିଳିଛି। ସେ ଏକ ସଫ୍ଟୱେର କମ୍ପାନୀର ମାଲିକ। ସେ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ସେବା ଯୋଗାଇବା ସହ ଅନେକ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାରେ ତାଙ୍କ ଅବଦାନ ରହିଛି। ଜଣେ ଯୁବ ଉଦ୍ୟୋଗୀ ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତାଙ୍କୁ ଡାକରା ଆସିଛି। ୧୪ ତାରିଖ ଦିନ ବିଭିନ୍ନ ବିଭାଗ ସହ ଆଲୋଚନାରେ ସେ ଭାଗ ନେବେ। ୧୫ ତାରିଖ ଲାଲକିଲ୍ଲାରେ ସ୍ୱତନ୍ତ୍ର ଅତିଥି ଭାବରେ ଉପସ୍ଥିତ ରହିବେ। ଶ୍ରୀ ଛତ୍ରିଆ ୨୦୧୦ରେ ଜୟପୁରର ବାଙ୍କବିଜାରେ ତାଙ୍କର ସଫ୍ଟୱେର କମ୍ପାନୀ ଆରମ୍ଭ କରିଥିଲେ ଓ ୨୦୧୬ରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରିଛନ୍ତି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ସଫ୍ଟୱେର ସେବା ଯୋଗାଇ ଆସୁଛନ୍ତି ଅନେକ ଯୁବକ ଯୁବତୀ ନିଯୁକ୍ତି ଦେଇଛନ୍ତି ଏହି ଉପଲବ୍ଧି ଯୋଗୁଁ ଗତ ଏପ୍ରିଲ ଆୟୋଜିତ ଏକ କାର୍ଯକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରିଛନ୍ତି। ଦିଲ୍ଲୀରେ ଏମ୍‌ଏସ୍‌ଏମ୍‌ଇ ଅନୁଷ୍ଠାନ ଓ ଅନ୍ୟାନ୍ୟ ବିଭାଗ ବାଣିଜ୍ୟ ବିକାଶ ସମ୍ପର୍କରେ ଭାଗନେବେ। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ଏକ ମଫସଲ ଗାଁ ସୁନ୍ଦରୀ ଜୋର୍‌ରୁ ଯାଇ ଜଣେ ଉଦ୍ୟୋଗୀ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବ ଗାଁ ଓ ଜିଲ୍ଲା କଳାହାଣ୍ଡି ପାଇଁ ଗୌରବର କଥା। ପିତା ନିଳାଞ୍ଚଳ ଛତ୍ରିଆ, ଜଣେ ଚତୁର୍ଥ ଶ୍ରେଣୀ ରେଲୱେ କର୍ମଚାରୀ ଅଟନ୍ତି। ତାଙ୍କ ପାଇଁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିବା ସହିତ ଜିଲ୍ଲା ପାଇଁ ଆହୁରି ଅଧିକ ସୁନାମ ଆଣନ୍ତୁ ବୋଲି ଶୁଭେଚ୍ଛା ଜଣାଇଛନ୍ତି।

# ପର୍ଲା ଗ୍ରାମ ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ ବ୍ଲକ ପର୍ଲା ଗ୍ରାମ ପଞ୍ଚାୟତ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବ୍ରିଜଲାଲ ନାଏକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବିହାରୀ ପରିଚାଳନା କରିଥିଲେ। ସର୍ବ ପ୍ରଥମେ ଏକ ଶପଥ ପାଠ କାର୍ଯ୍ୟନିର୍ବାହୀ ଅଧିକାରୀ କରାଇଥିଲେ। ଗାଁ ତଥା ପଞ୍ଚାୟତ ସ୍ୱଚ୍ଛ ରଖିବା ସମେତ ପରିବେଶକୁ ସୁନ୍ଦର୍ଯ୍ୟ ଓ ପରିଚ୍ଛନ୍ନତା ପ୍ରତି ଯତ୍ନବାନ ନେବାକୁ ଶପଥ ପାଠରେ ଉଲ୍ଲେଖ କରିଥିଲେ। ସୁସ୍ଥ ଓ ସୁନ୍ଦର ପରିବେଶ ଗଠନ କରି ପଞ୍ଚାୟତକୁ ଏକ ଉଦାହରଣ ସୃଷ୍ଟି କରିବାକୁ ସରପଞ୍ଚ ବ୍ରିଜଲାଲ ନାଏକ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଏଡିପିଓ ବିଶ୍ୱ ପ୍ରଦୀପ ପାଣିଗ୍ରାହୀ ସମେତ ଜିଓ ଟେକର ସ୍ୱରୂପ କୁମାର ପୁରୋହିତ, ଗଜପତି ଗୋପାଳ, ସମସ୍ତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଏସ୍‌ଏସ୍‌ଜି ମହିଳା ଓ ଏମ୍‌ବିକେ, ସିଆର୍‌ପି ପ୍ରମୁଖ ଉପସ୍ଥିତ ରହିଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

# ମୃତ ବ୍ୟକ୍ତିଙ୍କ ନାଁରେ ଚାଉଳ ଉଠୁଥିବା ଅଭିଯୋଗ



ଜୁନାଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର କାଲୋପଲା ପଞ୍ଚାୟତରେ ପିଡିଏସ୍ ଚାଉଳରେ ଅନିୟମିତତା ହେଉଥିବା ଏହି ପଞ୍ଚାୟତ ଅଧୀନରେ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାଲୋପଲା ପଞ୍ଚାୟତର କାଲୋପଲା ଓ ଦେଉଣ୍ଡି ଗ୍ରାମବାସୀ ପିଡିଏସ୍ ଚାଉଳ ବଣ୍ଟନକୁ ନେଇ ଅନିୟମିତତାର ଅଭିଯୋଗ କରିଛନ୍ତି। ଏ ନେଇ କାଲୋପଲା ପଞ୍ଚାୟତର ଯୋଗାଣ ସହାୟକ ରାଜେଶ ବେହେରାଙ୍କୁ ପଚାରି ବୁଝିବାରୁ ସଠିକ ରୂପରେ ସରକାରଙ୍କ ନିୟମାନୁଯାୟୀ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରୁଛି ବୋଲି ପ୍ରକାଶ କରିଥିଲେ। ଯୋଗାଣ ସହାୟକ ରାଜେଶ ବେହେରାଙ୍କ ନାମରେ ଗତ କିଛି ବର୍ଷ ତଳେ ମଧ୍ୟ ପିଡିଏସ ଚାଉଳ ଅନିୟମିତତା ନେଇ ଅଭିଯୋଗ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଯୋଗାଣ ସହାୟକଙ୍କ ନାମରେ ଅଭିଯୋଗର ଫର୍ଦ୍ଦ ଲମ୍ବା ଥିଲେ ମଧ୍ୟ ତାଙ୍କ ଉପରେ କୌଣସି ପ୍ରକାର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଚାଉଳ ବଣ୍ଟନ ସମୟରେ ଗୋଟିଏ ନୂଆ ଓ ଅନ୍ୟଟି ପୁରୁଣା ଓଜନ ମାପ ଯନ୍ତ୍ର ଥିବା ବେଳେ ନୂତନ ମେସିନରେ ହିତାଧିକାରୀଙ୍କ ଅନଲାଇନ କରାଯାଇ ନୂଆ ମେସିନ୍ ଦେବାର ନିୟମ ରହିଥିବା ବେଳେ କିନ୍ତୁ ଅଧିକାରୀ ଜଣକ ନୂତନ ମେସିନ୍‌ରେ ନ ଦେଇ ପୁରୁଣା ମେଶିନରେ ଓଜନ କରି ଦେଉଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ଚାଉଳ ସଙ୍ଗେ ତା ସହିତ ସଂଲଗ୍ନ କରି ରସିଦ୍ ଦେବାର ନିୟମ ଥିଲେ ମଧ୍ୟ ରସିଦ୍ ଦେଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହିତାଧିକାରୀଙ୍କ ଚାଉଳ ଓଜନ କଲା ବେଳେ ଏହି ଅଧିକାରୀ ଜଣକ ମେସିନ୍‌ରେ କିଛି ପଥର ରଖି ଓଜନ୍ କରୁଥିବା ଦେଖିବାକୁ ମିଳିଛି। ଚାଉଳକୁ ବାଟ ମାରଣା କରିବା ପାଇଁ ଚାଉଳ ବସ୍ତା ସହିତ କିଛି ଓଜନିଆ ପଥର ମେସିନ୍‌ରେ ରଖି ଓଜନ କରୁଥିବା ଜଣାପଡ଼ିଛି। ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ ନାମରେ ମଧ୍ୟ ଚାଉଳ ଉଠାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାଲୋପଲା ପଞ୍ଚାୟତରେ ଏ ଭଳି ସଙ୍ଗୀନ ଅଭିଯୋଗକୁ ନେଇ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ପ୍ରଶାସନର କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# 'ହର ଘର ତ୍ରିରଙ୍ଗା ଘର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ

ଧର୍ମଗଡ(ଭାସ୍କର ନ୍ୟୁଜ୍) : ଭାରତ ବର୍ଷର ୭୯ ତମ ସ୍ୱାଧୀନତା ଦିବସ ପୂର୍ତ୍ତୀ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ହର ଘର ତ୍ରିରଙ୍ଗା ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ରହିଥିବା ବେଳେ ସାରା ଦେଶରେ ଏହାକୁ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରିଯାଇଛି। ମଙ୍ଗଳବାର ଧର୍ମଗଡରେ ଏନଏସି ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ମହା ଆଡମ୍ବରରେ ପାଳନ କରିଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ବିଶମ୍ଭର ମିଶ୍ର ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଯୋଗଦେଇ ତ୍ରିରଙ୍ଗା ଯାତ୍ରା ଆମ ଭାରତୀୟଙ୍କ ବିକଶିତ ଭାରତର ଅସ୍ମିତାକୁ ବିଶ୍ୱ ଦରବାରରେ ଗୌରାବାନ୍ୱିତ କରିବା ସହ ଆମ ଦେଶବାସୀଙ୍କ ଏକତାର ପ୍ରତୀକ ହେବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ମିଶନ ଶକ୍ତି ମହିଳା ଓ ଅଙ୍ଗନବାଡି କର୍ମି, ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ସମେତ ଧର୍ମଗଡର ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନର ହଜାର ହଜାର ଛାତ୍ରଛାତ୍ରୀ ମାନେ ତ୍ରିରଙ୍ଗା ଯାତ୍ରାରେ ଏକ ବିରାଟ ଶୋଭାଯାତ୍ରାରେ ଧର୍ମଗଡ ସହର ପରିକ୍ରମା କରିଥିଲେ।



# କେବେ ସୁଧୁରିବ କୁହୁରା ଭୁର୍ଷାଗୁଡା ସୀମାନ୍ତ ରାସ୍ତା ?



## ତୁରନ୍ତ ମରାମତି କରିବାକୁ ଦାବି

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରୁ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାକୁ ସଂଯୋଗ କରୁଥିବା ସୀମାନ୍ତ ମୁଖ୍ୟ ରାସ୍ତା ଦିର୍ଘ ଦିନ ଖାଲଖମାରେ ଭର୍ତ୍ତି ହୋଇ ଅତି ଶୋଚନୀୟ ହୋଇ ପଡିଥିଲେ ମଧ୍ୟ ଏଥିପ୍ରତି କାହାର ନଜର ପଡୁନଥିବାରୁ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ଦିନକୁ ଦିନ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକକୁ ବଲାଙ୍ଗିର ଜିଲ୍ଲା ସହିତ ସଂଯୋଗ କରୁଛି କୁହୁରା ଭୁର୍ଷାଗୁଡା ରାସ୍ତା। ଦିର୍ଘ ୪ କିମି ବିଶିଷ୍ଟ ଏହି ରାସ୍ତା ଦିର୍ଘ ଦିନ ଧରି କଚ୍ଚା ସଡକ ଥିଲା। ଗତ ୧୦ ବର୍ଷ ତଳେ ସରକାର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ପକ୍କା ସଡକ ନିର୍ମାଣ କରିଥିଲେ। କିନ୍ତୁ ୫ ବର୍ଷ ହେଲା ଏହି ରାସ୍ତା ଉପରେ ସଂପୃକ୍ତ ବିଭାଗର ଅନ୍ତରିକତା ନଥିବା ଓ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ୪ କିମି ବିଶିଷ୍ଟ ଏହି ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇ ରାସ୍ତା ପାରି ହେବାକୁ ହେଲେ ଅଧିକ ସମୟ ଲାଗିଯାଉଛି। ବଡ ବଡ ଗାଡି ବହୁ କଷ୍ଟରେ ରାସ୍ତା ପାର ହେଉଥିବା ବେଳେ ଛୋଟ ଛୋଟ ଗାଡି ଏହି ରାସ୍ତାରେ ଯିବା ବହୁତ ମୁସ୍କିଲ ହୋଇପଡିଛି। ଏହି ରାସ୍ତା ଉପରେ ଗୋଲାମୁଣ୍ଡା ବ୍ଲକର ୨୦ ଗୋଟି ଗ୍ରାମପଞ୍ଚାୟତ ତଥା ଧର୍ମଗଡ, କୋକସରା ବ୍ଲକ ଅଞ୍ଚଳର ଲୋକେ ବଲାଙ୍ଗିର ଜିଲ୍ଲାର ସିନ୍ଧେକେଲା, କଣ୍ଟାବାଞ୍ଜି ଓ ଟିଟିଲାଗଡକୁ ସହଜରେ ଯିବା ଆସିବା କରିବାକ ପାଇଁ ନିର୍ଭର କରିଥାନ୍ତି। ଦିର୍ଘ ବର୍ଷ ହେଲା ଏହି ରାସ୍ତା ଶୋଚନୀୟ ହୋଇ ପଡିଥିବାରୁ ଲୋକେ ଏହି ରାସ୍ତାରେ ଯିବାକୁ ସୁରକ୍ଷିତ ମଣୁନଥିବାରୁ ବାଧ୍ୟ ହୋଇ କଣ୍ଟାମାଳ କୁରୁସୁଡ ଦେଇ ଯିବାକୁ ପଡୁଛି। ଯାହା ଫଳରେ ଲୋକଙ୍କୁ ଅଧିକ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ସମୟ ମଧ୍ୟ ଅପଚୟ ହେଉଛି। ପୂର୍ବରୁ ଏହି ରାସ୍ତା ଗ୍ରାମ ଉନ୍ନୟନ ବିଭାଗ ପକ୍କା ସଡ଼କ ନିର୍ମାଣ କରିଥିବାରୁ ଧର୍ମଗଡ଼ ଗ୍ରାମ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଅଶିଷ କୁମାର ସେଠୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇ ସାରିଛି ବୋଲି କହିଥିଲେ। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ମାଝୀ ଓ ସହକାରୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ଉଭୟେ ଫୋନ ନ ଉଠାଇବାରୁ ତାଙ୍କର ମତାମତ ମିଳି ପାରିନାହିଁ। ଏଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯଥାଶିଘ୍ର ଏହି ରାସ୍ତାକୁ ମରାମତି କରି ଗମନାଗମନର ଉପଯୋଗୀ କରିବାକୁ ଅଞ୍ଚଳର ଲୋକେ ଦାବି କରିଛନ୍ତି।


# ତୃତୀୟ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ





ଧର୍ମଗଡ (ଭାସ୍କର ନ୍ୟୁଜ) : ବିଭିନ୍ନ ଦାବି ନେଇ ସମୂହ ଛୁଟି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ରାଜ୍ୟ ଅମଲା ସଙ୍ଘ। ଦାବିପୂରଣ ନେଇ ପୂର୍ବରୁ ଅନେକ ଥର ସରକାରଙ୍କୁ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ନ ହେବାରୁ ସୋମବାର ଠାରୁ କଳାହାଣ୍ଡି ଜିଲ୍ଲାର ସମସ୍ତ ଅମଲା ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାରରୁ ଧର୍ମଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ମଧ୍ୟ ଅମଲା ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଧର୍ମଗଡ ଉପଖଣ୍ଡରେ ପ୍ରାୟ ୧୫୦ ଅମଲା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଆନ୍ଦୋଳନ ଯୋଗୁଁ ଧର୍ମଗଡର ତହସିଲଦାର କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ଭଳି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଚୌକି ଅଛି କିନ୍ତୁ ଅମଲା ନାହାନ୍ତି। ଯାହା ଫଳରେ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେମାନଙ୍କ ଦାବି ଗୁଡିକ ମଧ୍ୟରେ ଅମଲା ମାନଙ୍କ ମୂଳ ଦରମା ଓଆରଏସପି ୨୦୧୭ ଅନୁସାରେ ଲେଭେଲ ୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି ସହିତ ପଦବୀ ପୁନର୍ଗଠନ, ରେସିଡେନ୍ସି ପିରିଅଡ ୬ ବର୍ଷ ବଦଳରେ ୪ ବର୍ଷ, ନୂତନ ପେନସନ ଯୋଜନାକୁ ରଦ୍ଦ କରି ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ, ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ୨୦ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ମଞ୍ଜୁର କରିବା ସମେତ ଅନେକ ଗୁଡ଼ାଏ ଦାବି ରହିଛି। ଏହି ଆନ୍ଦୋଳନରେ ସଙ୍ଘର ସମସ୍ତ ଅମଲା ମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ମାନେ ନିଜ ନିଜ ଅଧିକାରୀ ମାନଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ ନ କରି ବିଜ୍ଞପ୍ତି ପ୍ରକାଶ ନ କରନ୍ତି ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି କହିବା ସହିତ ଏହି ଆନ୍ଦୋଳନ ସମୟରେ ଜନସାଧାରଣଙ୍କ ଯାହା ସବୁ ଅସୁବିଧା ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

# ରାଶିଫଳ


**ଗୁରୁବାର, ୧୪ ଅଗଷ୍ଟ ୨୦୨୫**



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କପ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।




**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ । ଅତିଥିମାନେ ଘରେ ପହଞ୍ଚିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ। ଆପଣଙ୍କର ବୁଦ୍ଧି ବ୍ୟବହାର କରନ୍ତୁ। ଲାଭ ବୃଦ୍ଧି ପାଇବ।




**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।




**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ। ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଲାନ୍ତ ଅନୁଭବ କରିବେ।




**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ।




**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ। ବ୍ୟବସାୟରେ ଅନୁକୂଳ ଲାଭ ହେବ। ଉତ୍ସାହ ଏବଂ ସୁଖ ରହିବ ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ । ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ।




**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଦୁର୍ନିତିରୁ ଦୂରେଇ ରୁହନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ଘର ବାହାରେ ସୁଖ ମିଳିବ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ। ଆୟରେ ନିଶ୍ଚିତତା ରହିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯